# ଧରିତ୍ରୀ DHARITRI

52 Years

ପୃଷ୍ଠା–୮+୮

ଭୁବନେଶ୍ୱର, ରବିବାର, ଏପ୍ରିଲ ୧୯/୨୦୨୬ (୮+୮=୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, April 19/2026 | Page 16 | ₹ 7.00

୫୨ଶ ଭାଗ ୧୪୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 144 | ମୂଲ୍ୟ₹୭/-





ଆସାମର ଗୁଆହାଟୀଠାରେ ଶନିବାର ସେନା, ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍ ଏବଂ ଏସ୍‌ଏସ୍‌ବି ପକ୍ଷରୁ ମିଳିତ ବନ୍ୟା ସହାୟତା ଅଭିଯାନ 'ଜଳ ରାହତ'ରେ କର୍ମଚାରୀମାନେ ଭାଗ ନେଇଛନ୍ତି।

# ପିଏମ୍‌ଜିଏସ୍‌ୱାଇ-୩ ଯୋଜନା ୨୦୨୮ ମାର୍ଚ୍ଚ ଯାଏ ବଢ଼ିଲା

## କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀ,୧୮।୪

କେନ୍ଦ୍ର କ୍ୟାବିନେଟ୍ ଶନିବାର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ତୃତୀୟ ପର୍ଯ୍ୟାୟ (ପିଏମ୍‌ଜିଏସ୍‌ୱାଇ) ସମୟସୀମାକୁ ୨୦୨୫ ମାର୍ଚ୍ଚରୁ ୨୦୨୮ ମାର୍ଚ୍ଚ ପର୍ଯ୍ୟନ୍ତ ବୃଦ୍ଧି କରିଛି। ଏହି ଯୋଜନା ପାଇଁ ସଂଶୋଧିତ ବ୍ୟୟବରାଦ ୮୩,୯୭୭ କୋଟି ଟଙ୍କା ରଖାଯାଇଛି। ପୂର୍ବରୁ ୮୦,୨୫୦ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଏହି ବର୍ଦ୍ଧିତ ସମୟସୀମା ମଧ୍ୟରେ ସମତଳ ଅଞ୍ଚଳରେ ସଡ଼କ ଓ ପୋଲ ନିର୍ମାଣ ସମେତ ପାହାଡ଼ିଆ ଅଞ୍ଚଳରେ ରାସ୍ତା ନିର୍ମାଣ କରାଯିବ ।

୯୬୧ କୋଟି ଟଙ୍କା ବ୍ୟୟରେ ୧୬୧ଟି ବଡ଼ ପୋଲ ନିର୍ମାଣକୁ ମଧ୍ୟ କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛି, ଯାହା ପୂର୍ବରୁ ଅନୁମୋଦିତ ରାସ୍ତାଗୁଡ଼ିକର ଅଂଶବିଶେଷ। ଏଥିପାଇଁ ୨୦୨୫ ମାର୍ଚ୍ଚ ୩୧ରେ କାର୍ଯ୍ୟ ମଞ୍ଜୁରୀ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଟେଣ୍ଡର ହୋଇ ନ ଥିବାରୁ ସେଗୁଡ଼ିକୁ ପୁନର୍ବାର କାର୍ଯ୍ୟକାରୀ କରାଯିବ। ପିଏମ୍‌ଜିଏସ୍‌ୱାଇ-୩ ୨୦୧୯ରେ ଆରମ୍ଭ ହୋଇଥିଲା। ଏହି ଯୋଜନାରେ ୧,୨୫,୦୦୦ କି.ମି. ଦୀର୍ଘ ରାସ୍ତା ଓ ଗୁରୁତ୍ୱପୂର୍ଣ୍ଣ ଗ୍ରାମୀଣ ସଂଯୋଗକୁ ଉନ୍ନତ କରିବା ଉପରେ ଧ୍ୟାନ ଦେଉଛି। ଏହା ଗ୍ରାମାଞ୍ଚଳ କୃଷି ବଜାର, ଉଚ୍ଚ ମାଧ୍ୟମିକ ସ୍କୁଲ୍ ଏବଂ ହସ୍ପିଟାଲଗୁଡ଼ିକୁ ସଂଯୋଗ କରିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ରାସ୍ତାଘାଟ ସୁବିଧା ନ ଥିବା ଗ୍ରାମଗୁଡ଼ିକୁ ନୂଆ ରାସ୍ତା ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଉଥିଲା। ତୃତୀୟ ପର୍ଯ୍ୟାୟରେ ପୂର୍ବରୁ ଥିବା ରାସ୍ତାର ଉନ୍ନତୀକରଣକୁ ଗୁରୁତ୍ୱ ପ୍ରଦାନ କରାଯାଉଛି। ୨୦୨୫ ଡିସେମ୍ବର ସୁଦ୍ଧା ୧,୨୨,୩୯୩ କି.ମି. ରାସ୍ତାକୁ ମଞ୍ଜୁରୀ ମିଳିଥିବାବେଳେ ସେଥିରୁ ୮୩ ପ୍ରତିଶତ ବା ୧,୦୧,୬୨୩ କି.ମି. ରାସ୍ତା ନିର୍ମାଣ ସରିଛି। ଅବଶିଷ୍ଟ ୧୭ ପ୍ରତିଶତ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରିବା ଲାଗି ରାଜ୍ୟଗୁଡ଼ିକୁ ବର୍ଦ୍ଧିତ ୩ ବର୍ଷ ଦିଆଯାଉଛି।

ସୂଚନାଯୋଗ୍ୟ, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସମୟ ୨୦୦୦ ଡିସେମ୍ବର ୨୫ରେ ପିଏମ୍‌ଜିଏସ୍‌ୱାଇ ଶୁଭାରମ୍ଭ ହୋଇଥିଲା। ଭାରତର ରାସ୍ତାଘାଟ ନ ଥିବା ଗ୍ରାମାଞ୍ଚଳକୁ ସବୁଦିନିଆ ସଡ଼କ ସଂଯୋଗ ଯୋଗାଇଦେବା ଏହାର ଲକ୍ଷ୍ୟ ଥିଲା।

# ଶେଷହେଲା ବଜେଟ ଅଧିବେଶନ

## ପାର୍ଲାମେଣ୍ଟ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ

ନୂଆଦିଲ୍ଲୀ,୧୮।୪

ଜାନୁଆରୀ ୨୮ରୁ ଆରମ୍ଭ ହୋଇଥିବା ପାର୍ଲାମେଣ୍ଟର ବଜେଟ ଅଧିବେଶନ ଶନିବାର ଶେଷ ହୋଇଛି। ଏଥିସହିତ ରାଜ୍ୟ ସଭା ଓ ଲୋକ ସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି। ରାଜ୍ୟ ସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ୍ କହିଛନ୍ତି, ଉକ୍ତ ସଦନ ମୋଟ ୧୫୭ ଘଣ୍ଟା ୪୦ ମିନିଟ୍ କାର୍ଯ୍ୟ କରିଥିଲା ଏବଂ ୧୧୦ ପ୍ରତିଶତ ଫଳପ୍ରଦ ହୋଇଛି। ବର୍ଷକୁ ପାର୍ଲାମେଣ୍ଟର ୩ଟି ଅଧିବେଶନ ବସୁଥିବାବେଳେ ଦେଶର ନୀତି ନିର୍ଦ୍ଧାରଣ ଦେବା ଓ ଅଭିବୃଦ୍ଧି ହାର ରୂପରେଖ ଦେବାରେ ବଜେଟ ଅଧିବେଶନ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଗତ ୧୬ରୁ ୧୮ ତିନିଦିନିଆ ସ୍ୱତନ୍ତ୍ର ଅଧିବେଶନରେ ହରିବଂଶ ନାରାୟଣ ସିଂଙ୍କୁ ତୃତୀୟ ଥର ପାଇଁ ରାଜ୍ୟ ସଭା ଉପାଧ୍ୟକ୍ଷ ନିର୍ବାଚିତ କରାଯାଇଥିଲା। ଏହି ଅଧିବେଶନରେ ରାଜ୍ୟ ସଭାରେ ୧୧୭ଟି ପ୍ରଶ୍ନ, ୪୪୬ଟି ଶୂନ୍ୟକାଳ ପ୍ରସ୍ତାବ ଏବଂ ୨୦୭ଟି ସ୍ୱତନ୍ତ୍ର ପ୍ରସ୍ତାବ ରେକର୍ଡ ହେବା ସହ ସଫଳତାର ସହ କାର୍ଯ୍ୟ କରିଥିବାରୁ ଅଧ୍ୟକ୍ଷ ସବୁ ଦଳର ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ପୂର୍ବାହ୍ନ ୧୧ଟାରେ ଗୃହକୁ ସାଇନ୍ ଡାଏ ଘୋଷଣା କରିଥିଲେ। ଲୋକ ସଭାରେ ମହିଳା ସ୍ଥାନ ସଂରକ୍ଷଣ ସମ୍ବିଧାନ ସଂଶୋଧନ ବିଲ୍ ନାକଚ ହୋଇଯିବାର ଦିନକ ପରେ ଅଧିବେଶନ ଶେଷ ହୋଇଛି। ବିଲ୍‌ରେ ଲୋକ ସଭା ଆସନ ସଂଖ୍ୟା ୫୪୩ରୁ ୮୧୬କୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ରହିଥିଲା।

# ଅସ୍ତ୍ରବିରତି ସତ୍ତ୍ୱେ ଲେବାନନ୍‌ରେ ଇସ୍ରାଏଲ୍‌ର ଆକ୍ରମଣ

ନବାତିହ,୧୮।୪

ଇସ୍ରାଏଲୀ ସେନା ଶନିବାର ସକାଳେ ଦକ୍ଷିଣ ଲେବାନନ୍‌ର ମେଫାଡାଉନ୍ ଗ୍ରାମ ବାହାରେ ୨ଟି ଆମ୍ବୁଲାନ୍ସ ଉପରେ ଆକ୍ରମଣ କରିଛି। ବୁଧବାର ମଧ୍ୟ ଇସ୍ରାଏଲ୍ ଅନ୍ୟ ୨ଟି ଆମ୍ବୁଲାନ୍ସ ଉପରେ ଆକ୍ରମଣ କରିଥିଲା। ପ୍ରଥମ ୨ଟି ଆମ୍ବୁଲାନ୍ସ ଧ୍ୱଂସ ହୋଇଯାଇଥିବାବେଳେ ସେଥିରେ ଥିବା ୮ କର୍ମଚାରୀଙ୍କ ମଧ୍ୟରୁ ୬ ଜଣ ଗୁରୁତର ଆହତ ହୋଇ ରାସ୍ତାରେ ପଡ଼ିଥିଲେ। ୩ଟି ଆକ୍ରମଣରେ ୪ ଜଣ ମେଡିକାଲ କର୍ମଚାରୀଙ୍କ ମୃତ୍ୟୁ ଘଟିବା ସହ ୬ ଜଣ ଆହତ ହେଲେଣି। ଲେବାନନ୍‌ର ସ୍ୱାସ୍ଥ୍ୟସେବା ସେକ୍ଟରକୁ ଇରାନ୍ ଟାର୍ଗେଟ କରୁଥିବାର ଏହା ସଦ୍ୟତମ ଉଦାହରଣ। ଗାଜାରେ ହମାସ୍ ବିରୋଧରେ ଆକ୍ରମଣ ବେଳେ ମଧ୍ୟ ଇସ୍ରାଏଲ୍ ହସ୍ପିଟାଲଗୁଡ଼ିକୁ ଟାର୍ଗେଟ କରୁଥିଲା। ସେହିପରି ୨୦୨୪ ଇସ୍ରାଏଲ୍-ହେଜ୍‌ବୋଲ୍ଲା ଯୁଦ୍ଧରେ ଅନୁରୂପ ଆକ୍ରମଣ ହେଉଥିଲା।

# ରାଜପଥରେ ଭାରିଯାନ ପାର୍କିଂ ମନା

ନୂଆଦିଲ୍ଲୀ,୧୮।୪

- କଟକଣା ଲଗାଇଲେ ସୁପ୍ରିମକୋର୍ଟ
- ଢାବା, ହୋଟେଲ ହଟାଇବାକୁ ନିର୍ଦ୍ଦେଶ



ସାରା ଦେଶର ଜାତୀୟ ରାଜପଥଗୁଡ଼ିକରେ ବ୍ୟବସାୟିକ ଭାରିଯାନ ପାର୍କିଂ କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ନିର୍ଦ୍ଦେଶ ଦେଇଛନ୍ତି। କେବଳ ନିର୍ଦ୍ଧାରିତ ବେ' ବ୍ୟତୀତ ରାଜପଥର ଅନ୍ୟ ସ୍ଥାନରେ ଗାଡ଼ି ରଖାଯାଇପାରିବ ନାହିଁ। ସମ୍ବିଧାନର ଅନୁଚ୍ଛେଦ ୨୧ ଅନୁଯାୟୀ, ଯାତ୍ରୀମାନଙ୍କ ସୁରକ୍ଷା ଜୀବନ ଧାରଣ ଅଧିକାରର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଜଷ୍ଟିସ୍ ଜେ.କେ. ମାହେଶ୍ୱରୀ ଏବଂ ଏ.ଏସ୍. ଚନ୍ଦୁରକରଙ୍କ ଖଣ୍ଡପୀଠ କହିଛନ୍ତି। ଏଥିସହିତ ରାଜପଥ ପରିସର ମଧ୍ୟରେ ବେଆଇନ ଭାବେ ଖୋଲିଥିବା ଢାବା, ହୋଟେଲ, ରେଷ୍ଟୁରାଣ୍ଟ, ବ୍ୟବସାୟିକ ନିର୍ମାଣ ଆଦି ୬୦ ଦିନ ମଧ୍ୟରେ ହଟାଇବାକୁ ସୁପ୍ରିମକୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ୭୫ କିଲୋମିଟର ବ୍ୟବଧାନ ମଧ୍ୟରେ ଜୀବନରକ୍ଷାକାରୀ ଆମ୍ବୁଲାନସ ଏବଂ ରିକଭରି କ୍ରେନ୍ ରଖାଯିବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଛନ୍ତି। ଜାତୀୟ ରାଜପଥ ଯାଇଥିବା ଜିଲ୍ଲାଗୁଡ଼ିକରେ ଜିଲ୍ଲା ରାଜପଥ ସୁରକ୍ଷା ଟାସ୍କଫୋର୍ସ ଗଠନ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ପୂର୍ବରୁ ଅଦାଲତଙ୍କ ଅନୁରୋଧକ୍ରମେ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଏବଂ ଆମିକସ୍ କ୍ୟୁରି ଏ.ଏନ୍.ଏସ୍. ନାଦକର୍ନି ମିଳିତ ଭାବେ କେତେକ ମତାମତ ଦେଇଥିଲେ, ଯେଉଁଥିରେ ମାମଲା ବିଚାରାଧୀନ ଥିବା ସମୟରେ କେଉଁ ପ୍ରକାରର ଅନ୍ତରୀଣ ନିର୍ଦ୍ଦେଶ ଜାରି କରାଯାଇପାରିବ, ତାହା ଉଲ୍ଲେଖ ଥିଲା। ସେଗୁଡ଼ିକୁ ବିଚାରକୁ ନେଇ ଖଣ୍ଡପୀଠ ୧୧ ପୃଷ୍ଠାର ରାୟରେ କେତେଗୁଡ଼ିଏ ନିର୍ଦ୍ଦେଶ ଦେଇଛନ୍ତି। ରାଜସ୍ଥାନର ଫାଲୋଡି ସମେତ ୨ଟି ଭୟଙ୍କର ରାଜପଥ ଦୁର୍ଘଟଣାକୁ ସୁପ୍ରିମକୋର୍ଟ ନିଜଆଡୁ ବିଚାର ପାଇଁ ଗ୍ରହଣ କରି ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି।

# ସେନା ଷ୍ଟୋରରୁ ମଦ ଚୋରାଚାଲାଣ ର୍ୟାକେଟ ପର୍ଦ୍ଦାଫାଶ: ୫ ଗିରଫ

ଗୁଆହାଟୀ,୧୮।୪

ଆସାମରେ ଶୁକ୍ରବାର ଏକ ମଦ ଚୋରା କାରବାର ର୍ୟାକେଟ୍‌ର ପର୍ଦ୍ଦାଫାଶ ହୋଇଛି। ସେନା ଯବାନଙ୍କ ପାଇଁ କ୍ୟାଣ୍ଟିନ୍ ଷ୍ଟୋର୍ ବିଭାଗ (ସିଏସ୍‌ଡି) ଆଉଟ୍‌ଲେଟ୍‌ରେ ବିକ୍ରି ପାଇଁ ଉଦ୍ଦିଷ୍ଟ ମଦକୁ ଚୋରାଚାଲାଣ କରାଯାଉଥିଲା। ମିସାମାରି ରେଳଷ୍ଟେଶନ ନିକଟରେ ୧୫୦ ବୋତଲ ମଦ ଜବତ ହେବା ସହ ୫ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ମିସାମାରିସ୍ଥିତ କ୍ୟାଣ୍ଟିନ ଡିପୋରେ କାର୍ଯ୍ୟ କରୁଥିଲେ। ସେମାନଙ୍କ ବିରୋଧରେ ସ୍ଥାନୀୟ ଥାନାରେ ମାମଲା ରୁଜୁ ହୋଇଛି। ଆସାମ ପୋଲିସ୍, ସେନା ଗୋଇନ୍ଦା ସଂସ୍ଥା ଏବଂ ସ୍ଥାନୀୟ ସେନା ଅଧିକାରୀମାନେ ମିଳିତ ଭାବେ ଅଭିଯାନ ଆରମ୍ଭ କରିଥିଲେ। ଯବାନଙ୍କ ପାଇଁ ଉଦ୍ଦିଷ୍ଟ ମଦକୁ ଅନୁମୋଦିତ ହୋଇ ନ ଥିବା ଏକ ସ୍ଥାନକୁ ପଠାଇବା ପଛରେ ଏକ ସୁସଂଗଠିତ ଉଦ୍ୟମର ପର୍ଦ୍ଦାଫାଶ କରାଯାଇଛି। ସେନା କ୍ୟାଣ୍ଟିନ୍ ଡିପୋରୁ ମଦ ବାହାରକୁ ଯିବା ପରେ ଗୋଇନ୍ଦା ସୂଚନା ପାଇଁ ପୋଲିସ୍ ଓ ସେନାର ମିଳିତ ଟିମ୍ ଏହାର ପିଛା କରିଥିଲା।

# ଉଗ୍ରପନ୍ଥୀଙ୍କ ଗୁଳିରେ ୨ ନିହତ

ଇମ୍ଫାଲ,୧୮।୪(ପି.ଟି.)

ମଣିପୁରର ଉଖ୍ରୁଲ୍ ଜିଲାରେ ଶନିବାର ଅପରାହ୍ନରେ ସନ୍ଦିଗ୍ଧ ଉଗ୍ରପନ୍ଥୀଙ୍କ ଅଚାନକ ଗୁଳିମାଡ଼ରେ ଜଣେ ଅବସରପ୍ରାପ୍ତ ସେନ ଯବାନଙ୍କ ସମେତ ୨ ଜଣଙ୍କ ମୃତ୍ୟୁ ଘଟିଛି। ଗୁଳିକାଣ୍ଡ ଘଟଣାର ତଦନ୍ତ ଦାୟିତ୍ୱ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ହସ୍ତାନ୍ତର କରିଯିବ ବୋଲି ମଣିପୁର ମୁଖ୍ୟମନ୍ତ୍ରୀ ୱାଇ ଖେମଚାନ୍ଦ ସିଂ ଘୋଷଣା କରିଛନ୍ତି। ଲିଟନ ଥାନ ଅନ୍ତର୍ଗତ ଟି.ଏମ୍. କସୋମ୍ ଗ୍ରାମରେ ଏହି ଗୁଳିକାଣ୍ଡ ଘଟିଛି। ଇମ୍ଫାଲରୁ ସାଧାରଣ ନାଗରିକଙ୍କୁ ନେଇ ଉଖ୍ରୁଲ ଅଭିମୁଖେ ଯାଉଥିବା ଗାଡ଼ି ଉପରକୁ ସନ୍ଦିଗ୍ଧ ଉଗ୍ରପନ୍ଥୀ ଗୁଳି ଚଳାଇଥିଲେ। ଆଗ ସିଟ୍‌ରେ ବସିଥିବା ଜଣକ ମୁଣ୍ଡରେ ଗୁଳି ବାଜିବାରୁ ଘଟଣାସ୍ଥଳରେତାଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଜଣକ ଗୁରୁତର ଆହତ ହୋଇଥିବାବେଳେ ଚିକିତ୍ସା ସମୟରେ ତାଙ୍କ ଜୀବନ ଯାଇଛି।

ଶୁକ୍ରବାର ମୁଖ୍ୟମନ୍ତ୍ରୀ ତଙ୍ଗଖୁଲ୍ ନାଗା ବହୁଳ ପାର୍ବତ୍ୟାଞ୍ଚଳ ଜିଲା ଗସ୍ତ କରିବା ଅବସରରେ କୁକି ଓ ନାଗା ବାସିନ୍ଦାଙ୍କ ସହ କଥା ହୋଇ ଶାନ୍ତି ଓ ଆଲୋଚନା ପାଇଁ ନିବେଦନ କରିଥିଲେ। ବାତାବରଣକୁ ବିଗାଡ଼ିବା ଉଦ୍ଦେଶ୍ୟରେ ଉସୁକାଯାଉଥିବା ବାର୍ତ୍ତାର ଶିକାର ନ ହେବାକୁ ସେ ସବୁ ସମ୍ପ୍ରଦାୟକୁ ପରାମର୍ଶ ଦେଇଥିଲେ। ଉଗ୍ରପନ୍ଥୀଙ୍କ ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁକୁ ନେଇ ମୁଖ୍ୟମନ୍ତ୍ରୀ ଶୋକବ୍ୟକ୍ତ କରିଛନ୍ତି।

# ସ୍ମାର୍ଟଫୋନ୍‌ରେ ଆଧାର ଆପ୍ ବାଧ୍ୟତାମୂଳକ ନିୟମ ପ୍ରତ୍ୟାହୃତ

ନୂଆଦିଲ୍ଲୀ,୧୮।୪




ଆପଲ୍, ସାମ୍‌ସଙ୍ଗ ଓ ଅନ୍ୟାନ୍ୟ ସ୍ମାର୍ଟଫୋନ୍ ନିର୍ମାଣକାରୀ କମ୍ପାନୀର ବିରୋଧ ପରେ ଭାରତ ସରକାର ସମସ୍ତ ସ୍ମାର୍ଟଫୋନ୍‌ରେ ଆଧାର ଆପ୍ ସଂଯୋଗ କରିବା ଯୋଜନାରୁ ଓହରିଯାଇଛନ୍ତି। ଭାରତର ବିଶିଷ୍ଟ ପରିଚୟ କର୍ତ୍ତୃପକ୍ଷ (ୟୁଆଇଡିଏଆଇ) ଶୁକ୍ରବାର ଏହା ସ୍ପଷ୍ଟ କରିଛି।

ଭାରତରେ ବିକ୍ରି ହେଉଥିବା ସମସ୍ତ ନୂଆ ସ୍ମାର୍ଟଫୋନ୍‌ରେ ଆଧାର ଆପ୍ ପୂର୍ବରୁ ସଂଯୋଗ କରିବା ଚିନ୍ତାଧାରା ଉପରେ ଆପଲ୍, ଗୁଗଲ ଆଦି ସ୍ମାର୍ଟଫୋନ୍ ନିର୍ମାତାଙ୍କ ସହ ଆଲୋଚନା କରିବାକୁ ୟୁଆଇଡିଏଆଇ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟକୁ କହିଥିଲା। ଅଙ୍ଗୁଳି ଛାପ ଓ ଆଖି ସ୍କାନ୍ ଥାଇ ୧୨ ଅଙ୍କ ବିଶିଷ୍ଟ ଆଧାର ନମ୍ବର ଭାରତର ୧୩୪ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କର ଏକ ଡିଜିଟାଲ ପରିଚୟ, ଯାହାକୁ ବ୍ୟାଙ୍କିଙ୍ଗ୍, ଟେଲିକମ୍ ଯାଞ୍ଚ ଆଦି ବହୁ ସେବାରେ ବ୍ୟବହାର କରାଯାଇଥାଏ। ତେବେ ଉକ୍ତ ପ୍ରସ୍ତାବ ଉପରେ ସମୀକ୍ଷା କରିବା ପରେ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ଆପ୍‌କୁ ବାଧ୍ୟତାମୂଳକ କରିବା ଯୋଜନାରେ ଆଗକୁ ନ ବଢ଼ିବାକୁ ନିଷ୍ପତ୍ତି ନେଇଛି। ଯୋଜନାକୁ ବାଦ୍ ଦେବାର ପ୍ରକୃତ କାରଣ ସମ୍ପର୍କରେ ୟୁଆଇଡିଏଆଇ ଜଣାଇନାହିଁ। ତେବେ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ଶିଳ୍ପର ଷ୍ଟେକ୍‌ହୋଲ୍ଡରମାନଙ୍କ ସହ ବିଚାର ବିମର୍ଶ ପରେ ଏଭଳି ନିଷ୍ପତ୍ତି ନିଆଯାଇଛି।

# କିଭ୍ ସୁପରମାର୍କେଟରେ ଗୁଳିମାଡ଼: ୬ ମୃତ

କିଭ୍,୧୮।୪

ୟୁକ୍ରେନ୍ ରାଜଧାନୀ କିଭ୍‌ର ଏକ ସୁପର ମାର୍କେଟରେ ଶନିବାର ଜଣେ ବନ୍ଧୁକଧାରୀଙ୍କ ଆଖିବୁଜା ଗୁଳିମାଡ଼ରେ ଅନ୍ୟୂନ ୬ ଜଣଙ୍କ ମୃତ୍ୟୁ ଘଟିଛି। ପୋଲିସ ଗୁଳିରେ ବନ୍ଧୁକଧାରୀ ନିହତ ହୋଇଛନ୍ତି। ସୋସିଆଲ ମିଡିଆରେ ଏକ ବିବୃତି ଦେଇ ୟୁକ୍ରେନ୍ ଅନ୍ତରୀଣ ମନ୍ତ୍ରଣାଳୟ ମୁଖ୍ୟ ଇହୋର କ୍ଲିମେଙ୍କୋ କହିଛନ୍ତି, ଜଣେ ମଧ୍ୟସ୍ଥଙ୍କ ଜରିଆରେ ବନ୍ଧୁକଧାରୀଙ୍କ ସହ ଯୋଗାଯୋଗ ଉଦ୍ୟମ ବିଫଳ ହେବା ପରେ ସ୍ୱତନ୍ତ୍ର ପୋଲିସ ୟୁନିଟ୍ ଷ୍ଟୋର ମଧ୍ୟରେ ପ୍ରବେଶ କରିଥିଲା। ବନ୍ଧୁକଧାରୀ ଗିରଫଦାରିରୁ ବର୍ତ୍ତିବା ପାଇଁ ଉଦ୍ୟମ କରୁଥିବାବେଳେ ପୋଲିସ ଗୁଳିରେ ନିହତ ହୋଇଛନ୍ତି।

# ଆଗୁଆ ଜାମିନ ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହେଲେ ଅଭିଯୁକ୍ତ ନିଡ଼ା ଖାନ୍

## ନାଶିକ୍ ଟିସିଏସ୍‌ରେ ଯୌନ ନିର୍ଯାତନା, ଧର୍ମ ପରିବର୍ତ୍ତନ ମାମଲା

ମୁମ୍ବାଇ,୧୮।୪


ନିଡ଼ା ଖାନ୍

ମହାରାଷ୍ଟ୍ରର ନାଶିକ୍‌ସ୍ଥିତ ଟାଟା କନ୍‌ସଲ୍ଟାନ୍ସି ସର୍ଭିସେସ୍ (ଟିସିଏସ୍)ରେ ଯୌନ ନିର୍ଯାତନା ଓ ଧର୍ମ ପରିବର୍ତ୍ତନ ପାଇଁ ବାଧ୍ୟ କରିବା ମାମଲାର ଅଭିଯୁକ୍ତ ନିଡ଼ା ଖାନ୍ ଏବେ ମୁମ୍ବାଇରେ ରହୁଥିବାବେଳେ ଗର୍ଭବତୀ ଥିବା ତାଙ୍କ ପରିବାର ପକ୍ଷରୁ କୁହାଯାଇଛି। ଆଗୁଆ ଜାମିନ ପାଇଁ ନାଶିକ୍‌ର ଏକ ସ୍ଥାନୀୟ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଗିରଫଦାରିରୁ ବର୍ତ୍ତିବା ପାଇଁ ସେ ଉଦ୍ୟମ ଚଳାଇଛନ୍ତି। ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ତାଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଚଳାଇଥିବାବେଳେ ମେଡିକାଲ ପ୍ୟାନେଲ୍ ଜରିଆରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯାଇପାରେ। ୨୫ ବର୍ଷୀୟା ନିଡ଼ା ୨୦୨୧ରେ ଟିସିଏସ୍‌ର ନାଶିକ୍ ବିପିଓ ୟୁନିଟ୍‌ରେ ଯୋଗଦେଇଥିଲେ। ଯୌନ ନିର୍ଯାତନା ଓ ଧର୍ମାନ୍ତରୀକରଣ ଅଭିଯୋଗ ଆସିବା ପରେ ଗତ ସପ୍ତାହରେ କମ୍ପାନୀ ତାଙ୍କ ସମେତ ଅନ୍ୟ କେତେଜଣଙ୍କୁ ନିଲମ୍ବନ କରିଥିଲା। କମ୍ପାନୀର ୮ ଜଣ ମହିଳା କର୍ମଚାରୀଙ୍କ ଅଭିଯୋଗ ପରେ ଘଟଣାର ତଦନ୍ତ ପାଇଁ ପୋଲିସ ଏସ୍‌ଆଇଟି ଗଠନ କରିଥିଲା। ଅଭିଯୋଗ ଅନୁଯାୟୀ ବରିଷ୍ଠ ସହକର୍ମୀମାନେ ସେମାନଙ୍କୁ ମାନସିକ ଓ ଯୌନ ନିର୍ଯାତନା ଦେଉଥିବାବେଳେ ଏଚ୍‌ଆର୍ ବିଭାଗ ସେମାନଙ୍କ ଅଭିଯୋଗକୁ ଅଣଦେଖା କରୁଥିଲା।

# ମହିଳା ସଂରକ୍ଷଣ ବିଲ୍ ନାକଚ ହେବା ଗଣତନ୍ତ୍ରର ବିଜୟ: ପ୍ରିୟଙ୍କା

ନୂଆଦିଲ୍ଲୀ,୧୮।୪


ଏଆଇସିସି ମୁଖ୍ୟାଳୟରେ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରୁଛନ୍ତି।

ଲୋକ ସଭାରେ ମହିଳା ସ୍ଥାନ ସଂରକ୍ଷଣ ବିଲ୍ ଗୃହୀତ ହୋଇ ନ ପାରିବା ଗଣତନ୍ତ୍ରର ବିଜୟ ଏବଂ କେନ୍ଦ୍ର ପାଇଁ କଳା ଦିବସ ବୋଲି କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଶନିବାର କହିଛନ୍ତି। ମହିଳା ସଂରକ୍ଷଣ ନାମରେ ସରକାର ସଂଘୀୟ ବ୍ୟବସ୍ଥା ବଦଳାଇବାକୁ ଉଦ୍ୟମ କରୁଥିଲେ ବୋଲି ସେ ଅଭିଯୋଗ କରିଛନ୍ତି।

ଏକ ଖବରଦାତା ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ପ୍ରିୟଙ୍କା କହିଛନ୍ତି, ସରକାର ଆଣିଥିବା ସମ୍ବିଧାନ ସଂଶୋଧନ ବିଧେୟକ ନାକଚ ହୋଇଯିବା ବିରୋଧୀ ଏକତା ଶକ୍ତିର ପ୍ରତିଫଳନ କରିବା ସହ ସାମ୍ବିଧାନିକ ସିଦ୍ଧାନ୍ତକୁ ବଜାୟ ରଖିଛି। ଶୁକ୍ରବାର ଯାହା ଘଟିଲା, ତାହା ଗଣତନ୍ତ୍ର ପାଇଁ ଏକ ବଡ଼ ବିଜୟ। ସଂଘୀୟ ଢାଞ୍ଚା ବଦଳାଇବାର ଷଡ଼ଯନ୍ତ୍ର ପରାଜିତ ହୋଇଛି। ଏହା ସମ୍ବିଧାନ, ବିରୋଧୀ ଏକତା ଏବଂ ଦେଶ ପାଇଁ ବିଜୟ ବୋଲି ପ୍ରିୟଙ୍କା କହିଛନ୍ତି। ମହିଳା ସଂରକ୍ଷଣ ପ୍ରସଙ୍ଗକୁ ବ୍ୟବହାର କରି ସରକାର ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ସହ ସମ୍ପୃକ୍ତ ଏକ ବୃହତ୍ ରାଜନୈତିକ ଏଜେଣ୍ଡାକୁ ଆଗେଇ ନେବାକୁ ଚାହୁଁଥିଲେ। କ୍ଷମତାରେ ରହିବା ପାଇଁ ଏହା ଏକ ଷଡ଼ଯନ୍ତ୍ର ଥିଲା। ସେମାନଙ୍କ ବିଶ୍ୱାସ ଯେ, ଯଦି ଡିଲିମିଟେଶନ (ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ) ବର୍ତ୍ତମାନ ନ ହୁଏ, ତେବେ ୨୦୨୯ ପୂର୍ବରୁ କରାଯାଇପାରିବ ନାହିଁ। ସେମାନଙ୍କ ନିଜସ୍ୱ ଇଚ୍ଛା ଅନୁଯାୟୀ ପ୍ରକ୍ରିୟା କାର୍ଯ୍ୟକାରୀ ହେବା ସେମାନେ ଚାହୁଁଥିଲେ ବୋଲି କଂଗ୍ରେସ ନେତ୍ରୀ କହିଛନ୍ତି।

ସମ୍ବିଧାନ ସଂଶୋଧନ ବିଲ୍ ମହିଳା ସ୍ଥାନ ସଂରକ୍ଷଣ ପାଇଁ ଉଦ୍ଦିଷ୍ଟ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଦେଶକୁ ମିଛ କହୁଥିବା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶନିବାର ଅଭିଯୋଗ କରିଛନ୍ତି। ତାମିଲନାଡୁର ରାନିପେଟ୍‌ଠାରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧନ କରି ରାହୁଲ କହିଛନ୍ତି, ମହିଳା ସ୍ଥାନ ସଂରକ୍ଷଣ ପଛରେ ଦେଶର ନିର୍ବାଚନ ମାନଚିତ୍ରକୁ ବଦଳାଇଦେବା ଏବଂ ରାଜ୍ୟଗୁଡ଼ିକୁ ଦୁର୍ବଳ କରିଦେବାର ଭୟଙ୍କର ଚିନ୍ତାଧାରା ଲୁଚି ରହିଥିଲା।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଏପ୍ରିଲ ୧୯/୨୦୨୬ | Bhubaneswar, Sunday, April 19/2026




ଶୀତଳା ପୂଜା ଅବସରରେ ଶନିବାର ଦୋଣ୍ଡି ରୀତିନୀତି ପାଳନ କରିବାକୁ ଯାଇ ଶ୍ରଦ୍ଧାଳୁମାନେ କୋଲକାତାର କାଳିଘାଟ ଆଡ଼େ ରାସ୍ତା ଉପରେ ସାଷ୍ଟାଙ୍ଗ ପ୍ରଣାମ କରି ଯାଉଛନ୍ତି।

# ଚଢ଼ାଉ ବେଳେ ଟ୍ରାକ୍ଟର ଚଢ଼ାଇ ଦେଲେ: ତହସିଲଦାର ଗୁରୁତର

## ମାଟି ଚୋରାଚାଲାଣକାରୀଙ୍କ ଦୌରାତ୍ମ୍ୟ

ମାଟି ଚୋରାଚାଲାଣ ଖବର ପାଇ ଚଢ଼ାଉ କରିବାକୁ ଯାଇଥିବା ଯାଜପୁର ଜିଲା ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡାଙ୍କ ଉପରକୁ ଟ୍ରାକ୍ଟର ଚଢ଼ାଇ ଦିଆଯାଇଛି। କୋରେଇ ଥାନା ଅନ୍ତର୍ଗତ ମୀନାବଜାର ଛକ ନିକଟରେ ଶନିବାର ପୂର୍ବାହ୍ନ ସାଢ଼େ ୧୧ଟାରେ ଏହି ଘଟଣା ଘଟିଛି। ତହସିଲଦାର ପଣ୍ଡାଙ୍କୁ ମାରିଦେବାକୁ ମାଫିଆମାନେ ଉଦ୍ୟମ କରିଛନ୍ତି। ତେବେ ଟ୍ରାକ୍ଟରଟି ଗୋଡ଼ ଉପରେ ଚଢ଼ିଯାଇଥିବାରୁ ତହସିଲଦାର ପଣ୍ଡା ଗୁରୁତର ହୋଇପଡ଼ିଛନ୍ତି। ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣା ଯାଜପୁର ଜିଲାରେ ମାଟି, ବାଲି, ମୋରମ୍ ଆଦି ଲଘୁ ଖଣିଜ ପଦାର୍ଥର ଚୋରାଚାଲାଣ କରିଆସୁଥିବା ମାଫିଆଙ୍କ ଦୌରାତ୍ମ୍ୟକୁ ପ୍ରମାଣିତ କରିଛି। ଏହି ମାଫିଆମାନଙ୍କ ପଛରେ ପ୍ରଭାବଶାଳୀ ଲୋକଙ୍କ ସମେତ କେତେଜଣ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଆସୁଛି। ତେବେ ଯେଉଁମାନେ ଏହି କାରବାରକୁ ରୋକିବାକୁ ଚେଷ୍ଟା କରୁଛନ୍ତି କିମ୍ବା ବିରୋଧ କରୁଛନ୍ତି, ସେମାନଙ୍କୁ ହତ୍ୟା କରିବାକୁ ମାଫିଆମାନେ ପଛଘୁଞ୍ଚା ଦେଉନାହାନ୍ତି। ୨୦୧୮ ଫେବୃଆରୀ ୪ ମଧରାତ୍ରରେ କୋରେଇ ଥାନା ଅନ୍ତର୍ଗତ ବେଣାପୁର ଛକରେ ଓଭରଲୋଡିଂ ଓ ଟ୍ରାଞ୍ଜିଟ୍ ପାସ୍ ଯାଞ୍ଚ କରୁଥିବା ଯାଜପୁର ଆର୍‌ଟିଓ ମନୋଜ କୁମାର ବେହେରାଙ୍କ ଉପରକୁ ଏକ ଟିପ୍ପ ବୋଝେଇ ହାଇୱା ଚଢ଼ାଇ ଦିଆଯାଇଥିଲା। ସେଥିରେ ଆର୍‌ଟିଓଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଗତ ୧୬ ତାରିଖ ବିଳମ୍ବିତ ରାତିରେ ଯାଜପୁର ଜୁନିୟର ଖଣି ଅଧିକାରୀ ବିଶ୍ୱଜିତ୍ ସ୍ୱାଇଁ ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ଛକ ନିକଟରେ ବାଲି ବୋଝେଇ ଗାଡ଼ି ଯାଞ୍ଚ କରୁଥିବା ସମୟରେ ତାଙ୍କୁ ମାଫିଆମାନେ ଆକ୍ରମଣ କରିଥିଲେ। ଏହି ଘଟଣାରେ ୩ ଜଣ ଗିରଫ ହୋଇଛନ୍ତି।



ପ୍ରଶାନ୍ତ କୁମାର ପଣ୍ଡା

**ଯାଜପୁର/ବ୍ୟାସନଗର (ହର୍ଷବର୍ଦ୍ଧନ ବେହେରା/ ପବିତ୍ର ରଞ୍ଜନ ମହାନ୍ତି), ୧୮।୪**

କୋରେଇ ଥାନାଠାରୁ ପ୍ରାୟ ୧ କିଲୋମିଟର ଦୂର ମୀନାବଜାର ଛକ ନିକଟରୁ ବେଆଇନ ମାଟି ଓ ବାଲି ଚୋରାଚାଲାଣ ହେଉଥିବା ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡା ଖବର ପାଇଥିଲେ। ଏହାପରେ ସେ ଟିମ୍ ସହ ଚଢ଼ାଉ କରିବାକୁ ଶନିବାର ପୂର୍ବାହ୍ନରେ ସେଠାକୁ ଯାଇଥିଲେ। ଏହି ସମୟରେ ମାଟି (ପର ପୃଷ୍ଠାରେ)

# ଯୋଜନା ବୋର୍ଡ ସ୍ଥାନରେ ଏସ୍‌ଆଇଟିଆଇ-ଓଡ଼ିଶା

**ଭୁବନେଶ୍ୱର, ୧୮।୪(ସୁନିତ୍ ମିଶ୍ର)**

- ମୁଖ୍ୟମନ୍ତ୍ରୀ ଏହାର ଅଧ୍ୟକ୍ଷ ରହିବେ
- ଜଣଙ୍କୁ ଉପାଧ୍ୟକ୍ଷ ଭାବେ ନିଯୁକ୍ତ କରିବେ ମୁଖ୍ୟମନ୍ତ୍ରୀ
- ଉନ୍ନୟନ କମିଶନର ରହିବେ ଅତିରିକ୍ତ ସଦସ୍ୟ ସଚିବ
- ୪ ବିଶିଷ୍ଟ ବ୍ୟକ୍ତିଙ୍କୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟାରେ ମିଳିବ ନିଯୁକ୍ତି
- ୬ ବିଷୟ ଉପରେ କାର୍ଯ୍ୟ କରିବ ଏସ୍‌ଆଇଟିଆଇ-ଓଡ଼ିଶା

ରାଜ୍ୟ ସରକାର ଖୁବ୍‌ଶୀଘ୍ର ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ ଫର୍ ଟ୍ରାନ୍ସଫର୍ମେଟିଭ ଇନିସିଏଟିଭସ୍ (ଏସ୍‌ଆଇଟିଆଇ-ଓଡ଼ିଶା) ପ୍ରତିଷ୍ଠା କରିବେ। ରାଜ୍ୟ ଯୋଜନା ବୋର୍ଡକୁ ଭାଙ୍ଗି ସାରିଥିବାବେଳେ ସେହି ସ୍ଥାନରେ ଏସ୍‌ଆଇଟିଆଇ-ଓଡ଼ିଶା ପ୍ରତିଷ୍ଠା ହେବ। ଏନେଇ ସରକାର ଆଣିଥିବା ସଂକଳ୍ପରେ



ମୋହନ ଚରଣ ମାଝୀ

ଉଲ୍ଲେଖ କରାଯାଇ ନାହିଁ। ମାତ୍ର ତାହା ହିଁ ହେବାକୁ ଯାଉଛି। ଏହା ରାଜ୍ୟ ସରକାରଙ୍କ ଏକ ଥିଙ୍କ୍ ଟ୍ୟାଙ୍କ୍ ବା ଏକ ରାଜ୍ୟ ଯୋଜନା ବୋର୍ଡ ସ୍ଥାନରେ (ପର ପୃଷ୍ଠାରେ)

**ଆଜିର ସମ୍ପାଦକୀୟ**

**ଆମେ ନୀରବ**










# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ମୋଟର ଚାଳକ ସଂଘ ଫରେଷ୍ଟପାର୍କ ଶାଖାର ୫ମ ବାର୍ଷିକ ଉତ୍ସବ ଓ ବନ୍ଧୁମିଳନ, ସ୍ଥାନ: ଲୋହିଆ ଏକାଡେମୀ ୟୁନିଟ୍ ୯, ସମୟ: ସକାଳ ୯ଟା।
- ହେଟେରୋଜେନସ ଇଣ୍ଟିଗ୍ରେସନ ପ୍ୟାକେଜିଂ ସଲ୍ୟୁସନ୍ସର ଶିଳାନ୍ୟାସ ଉତ୍ସବ, ସ୍ଥାନ: ଇନ୍‌ଫୋଭ୍ୟାଲି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରତାପ ଚନ୍ଦ୍ର ଦାଶ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ବାର୍ଷିକ ଉତ୍ସବ, ସ୍ଥାନ: ରେଡ୍‌କ୍ରସ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଇଟିକିଲି ମିଟିକିଲି ପକ୍ଷରୁ ବନ୍ଦେ ମାତରମ୍ ଚିତ୍ରାଙ୍କନ ଉତ୍ସବ, ସ୍ଥାନ: ପଠାଣି ସାମନ୍ତ ପ୍ଲାନେଟାରିୟମ୍, ସମୟ: ସକାଳ ୯ଟା।

## କଟକ

- କଟକ ମାରୱାଡି ସମାଜ, ୱେଲବିଙ୍ଗ ଆଣ୍ଡ ଟିମ୍ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ମାରୱାଡି କ୍ଲବ ପରିସର, ମାଣିକଘୋଷ ବଜାର, ସମୟ: ସକାଳ ୮ଟା।
- ରାଜ୍ୟସ୍ତରୀୟ ସର୍ବୋଦୟ ସମାଜ ସମ୍ମିଳନୀ, ସ୍ଥାନ: ଗାନ୍ଧୀ ଭବନ, ବାଖରାବାଦ, ସମୟ: ପୂର୍ବାହ୍ନ ୧୧ଟା।
- କୈବଲ୍ୟ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅକ୍ଷୟ ଅମୃତ ମହୋତ୍ସବ, ସ୍ଥାନ: ଝିଙ୍କିରିଆ ସେବାଶ୍ରମ, ୪୨ ମୌଜା, ସମୟ: ଅପରାହ୍ନ ୩ଟା।
- ସୁନ୍ଦରଗ୍ରାମ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବିଲି, ସ୍ଥାନ: ବିଦ୍ୟାଳୟ ପରିସର, ସୁନ୍ଦରଗ୍ରାମ, ସମୟ: ଅପରାହ୍ନ ୫ଟା।
- ଆମେ କଳାକାର ପକ୍ଷରୁ ରଜନୀକାନ୍ତ ନାୟକ ସଙ୍ଗୀତ ସନ୍ଧ୍ୟା, ସ୍ଥାନ: ଶହୀଦ ଭବନ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ମା' ସମ୍ପର୍କିତ କବିତା ଆସର ଓ ସତ୍ୟଭାମା ଶବ୍ଦରାଗ- ୨୦୨୬, ପତ୍ରିକା ଉନ୍ମୋଚନ ଉତ୍ସବ, ସ୍ଥାନ: ବରାଳ ବାଲୁଙ୍କେଶ୍ୱର ମନ୍ଦିର, ସାକ୍ଷୀଗୋପାଳ, ସମୟ: ସକାଳ ୮ଟା।
- ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ବାର୍ଷିକ ଉତ୍ସବ, ସ୍ଥାନ: ସାଇ ମଣ୍ଡପ, ସର୍ବୋଦୟନଗର, ସମୟ: ପୂର୍ବାହ୍ନ ୧୧ଟା।
- ଏକଲବ୍ୟ ପାଠଶାଳାର ବାର୍ଷିକ ଉତ୍ସବ, ସ୍ଥାନ: ଭାରତ ଯୋଗ କେନ୍ଦ୍ର, ବଳିଆପଣ୍ଡା, ସମୟ: ସନ୍ଧ୍ୟା ୬ଟା।
- ଭାରତ ବିକାଶ ପରିଷଦର ବାର୍ଷିକ ଉତ୍ସବ, ସ୍ଥାନ: ହଲିଡେ ରିସର୍ଟ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ଜିଲା ପ୍ରେସ୍ କ୍ଲବର ସାଧାରଣ ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ଟିଏଲ୍‌ସି ରୋଡ, ସମୟ: ସକାଳ ୮ଟା।

- ଶ୍ରୀରାମଚରିତ ମାନସ ପାରାୟଣ, ପ୍ରବଚନ ଓ ମହାଯଜ୍ଞ, ସ୍ଥାନ: ତନ୍ତମୁଣ୍ଡିଆ ଜରିପୁଟ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ଭାଗବତ ସପ୍ତାହର ଚତୁର୍ଥ ଦିବସ, ସ୍ଥାନ : ଧର୍ମଦ୍ୱାର, ଘଣ୍ଟୁଆ, ବାଲିଆପାଳ, ସମୟ : ସକାଳ ୬ଟା।
- ସାର୍ବଜନୀନ ଚଉଦ ମାଦଳ ମହୋତ୍ସବ ତୃତୀୟ ଦିବସ, ସ୍ଥାନ : ଜହତା ଚଉଦମାଦଳ ପଡ଼ିଆ, ରୂପ୍‌ସା, ସମୟ : ସକାଳ ୭ଟା।
- ଭ୍ରାମ୍ୟମାଣ ବ୍ରହ୍ମଯାଜ୍ଞ୍ୟ, ସ୍ଥାନ: ଟେକ ଚନ୍ଦନପୁର, ମାଣିତ୍ରୀ, ଖଇରା, ସମୟ: ସକାଳ ୮ଟା
- ବିଶାଳ ରକ୍ତଦାନ ଶିବିର, ସ୍ଥାନ : ଶମ୍ଭୁନାଥ ହାଇସ୍କୁଲ, ବସ୍ତା, ସମୟ : ସକାଳ ୯ଟା।
- ସିଏମ୍ ଟ୍ରଫି କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ : ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ : ପୂର୍ବାହ୍ନ ୧୦ଟା।
- ମିଳିତ ନିଶା ନିବାରଣ ଅଭିଯାନର ୧୦ମ ବାର୍ଷିକ ସମ୍ମିଳନୀ ଓ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ : ଏସିପିଏଲ୍ ସଭାଗୃହ, ଭାସ୍କରଗଞ୍ଜ, ବଲେଶ୍ୱର, ସମୟ : ପୂର୍ବାହ୍ନ ୧୦ଟା।
- ବାଲେଶ୍ୱର ବୈଶାଖୀ ମହୋତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ : ଆଇଟିଆଇ ପଡିଆ, ବାଲେଶ୍ୱର, ସମୟ : ଅପରାହ୍ନ ୪ଟା।
- ପାରୁଳିଆ ଶିବଙ୍କ ପାଟ ଉତ୍ସବ, ସ୍ଥାନ : ପାରୁଳିଆ ଶିବ ମନ୍ଦିର, ବାଲିଆପାଳ, ସମୟ : ଅପରାହ୍ନ ୫ଟା।

## ଭଦ୍ରକ

- ମା' କାଳୁଣୀ ଠାକୁରାଣୀ ପୀଠର ପ୍ରଥମ ବାର୍ଷିକ ଉତ୍ସବ, ସ୍ଥାନ: ପଦ୍ମପୋଖରୀ ଡିଗିପାର୍କ, ଧାମନଗର, ସମୟ: ସକାଳ ୭ଟା।
- ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଭେଙ୍କଟେଶ୍ୱର ସ୍କୁଲ ପରିସର, ଚାନ୍ଦବାଲି, ସମୟ: ସକାଳ ୯ଟା।

## କେନ୍ଦୁଝର

- ଶାସ୍ତ୍ରୀ ନଗର ସ୍ଥିତ ଶ୍ରୀ ତ୍ରିନାଥ ଦେବ ଓ ବାବା ଶନି ଦେବ ଓ ଶ୍ରୀ ଶ୍ରୀ ପଞ୍ଚ ମୁଖୀ ହନୁମାନ ଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ଯୋଡ଼ା, ସମୟ: ସକାଳ ୭ ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ, ସଙ୍କୀର୍ତ୍ତନ, ସ୍ଥାନ: ଷ୍ଟେଶନ ରୋଡ୍, ବଡ଼ବିଲ, ସମୟ: ସନ୍ଧ୍ୟା ୭ଟା।
- ହରି ହାଟ ସଙ୍କୀର୍ତ୍ତନ , ସ୍ଥାନ: ଘଟଗାଁ ବ୍ଲକ୍ ବସନ୍ତପୁର, ସମୟ : ସକାଳ ୯ଟା

## ମୟୂରଭଞ୍ଜ

- ବାସ୍ତବ ପକ୍ଷରୁ ଆନ୍ତଃ ଜିଲା ସ୍ତରୀୟ ଆର୍ଟ ପ୍ରତିଯୋଗିତା, ସ୍ଥାନ: ଷ୍ଟାଡିୟମ ସମ୍ମିଳନୀ କକ୍ଷ ବାରିପଦା, ସମୟ: ସକାଳ ୮ଟା।
- ଆମେ ଓଡ଼ିଆ ଆମ ଅସ୍ମିତା ଆଲୋଚନା ଚକ୍ର, ସ୍ଥାନ: ଉଦଳା ବରିଷ୍ଠ ନାଗରିକ ସଭାଗୃହ, ସମୟ: ସକାଳ ୯ ଟା।
- ଆମେ ୮୦ପକ୍ଷରୁ ଜଳଛତ୍ର, ସ୍ଥାନ: ପୂର୍ତ୍ତ ବିଭାଗ ଅଫିସ ସମ୍ମୁଖ କଚେରୀ ରୋଡ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ବଳାଙ୍ଗୀ ମହୋତ୍ସବରେ ମୁଣ୍ଡାରୀ ଷ୍ଟାର ନାଇଟ୍ସ, ସ୍ଥାନ: ବୁଢ଼ାବଳଙ୍ଗ, ଚିପଟ ଓ ଇଟାଯୋଡି ନଦୀ ସଙ୍ଗମ ସ୍ଥଳ ବାରିପଦା, ସମୟ: ଅପରାହ୍ନ ୫ଟା।

## ଢେଙ୍କାନାଳ

- ଐତିହ୍ୟ ପଦଯାତ୍ରାର ତୃତୀୟ ବାର୍ଷିକ ଉତ୍ସବ, ସ୍ଥାନ: ସୂର୍ଯ୍ୟ ମଣ୍ଡପ, ସମୟ: ସକାଳ ସାଢେ ୯ଟା।

## ଅନୁଗୋଳ

- ଶ୍ରୀମଦ୍ ଭାଗବତ ସପ୍ତାହରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକ ମା' ମାହେଶ୍ୱରୀ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ଜଗତସିଂହପୁର କରାଟେ ଆସୋସିଏଶନ ପକ୍ଷରୁ ଦିନିକିଆ କରାଟେ ଚାମ୍ପିୟନଶିପ କାର୍ଯ୍ୟକ୍ରମ, ସ୍ଥାନ: ପୌର କଲ୍ୟାଣ ମଣ୍ଡପ, ମଧୁବନ, ପାରାଦୀପ, ସମୟ: ସକାଳ ୮ଟା।
- ଓଡିଶା ସାହିତ୍ୟ ଏକାଡେମୀ ଓ ପ୍ରିୟବନ୍ଧୁ ସାହିତ୍ୟ ଏକାଡେମୀ ମିଳିତ ଆନୁକୂଲ୍ୟରେ ସାହିତ୍ୟ ପର୍ବ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, କୁଜଙ୍ଗ, ସମୟ: ପୂର୍ବାହ୍ନ ୧୧ଟା।
- ମୋନାଲିସା ସାହିତ୍ୟ ସଂସଦ ପକ୍ଷରୁ ପଣା ଆସର, ସ୍ଥାନ: ନୁଆବଜାର, ପାରାଦୀପ ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- ଶ୍ରୀଜଗନ୍ନାଥ, ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ସାହାଡାସୁନ୍ଦରୀ ମନ୍ଦିର ପରିସର, ନୂଆଗାଁ, ଡେରାବିଶ, ସମୟ: ସକାଳ ୬ଟା।
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ଗିରିଗୋବର୍ଦ୍ଧନଧାରୀ ଯାଦବ ସଂଘ ପକ୍ଷରୁ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଜିଗରଣ, ପଞ୍ଚାମୁଣ୍ଡାଇ, ସମୟ: ସକାଳ ୬ଟା।
- ସ୍ୱାସ୍ଥ୍ୟ କ୍ଲିନିକ ଆଣ୍ଡ ଡାଇଗ୍ନୋଷ୍ଟିକ ପକ୍ଷରୁ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ବଉଳବିହାର ନିକଟ, ଗରାପୁର, କେନ୍ଦ୍ରାପଡ଼ାସହର, ସମୟ: ସକାଳ ୯ଟା।
- କେନ୍ଦ୍ରାପଡ଼ା ଜିଲା ବ୍ରାହ୍ମଣ ସଭା ନିର୍ବାଚନ, ସ୍ଥାନ: ଶିବାନନ୍ଦ ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ଜମ୍ବୁ ଦ୍ୱୀପ ମହୋତ୍ସବ, ସ୍ଥାନ: ମା' ରାମଚଣ୍ଡୀ ପୀଠ, ରାମନଗର, ମହାକାଳପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଶ୍ରୀରାମ ଚରିତ ମାନସ କାର୍ଯ୍ୟକ୍ରମର ୫ମ ସନ୍ଧ୍ୟା, ସ୍ଥାନ: ବ୍ୟାସନଗର ଗୋଶାଳା ଦେବେଶ୍ୱର ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀରାମ ଚରିତ ମାନସ ପାଠ ୬ଷ୍ଠ ଦିବସ, ସ୍ଥାନ: ବ୍ୟାସନଗର ଗୋପବନ୍ଧୁ ଛକ ହନୁମାନ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୪୭ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ପ୍ରାତଃ ୫ଟା ।
- ମା' ଦକ୍ଷିଣକାଳୀଙ୍କ ପଣାଯାତ୍ରାର ଷଷ୍ଠ ଦିବସରେ ନୀତିକାନ୍ତି ସହ ବିଭିନ୍ନ କାର୍ଯ୍ୟକ୍ରମ, ସ୍ଥାନ:ନୟାଗଡ଼ ପୁରୁଣା ସହରର ମା' ଦକ୍ଷିଣକାଳୀ ମନ୍ଦିର, ସମୟ: ଭୋର ୫ଟା୩୦ରୁ ରାତ୍ର ୧୧ ।
- ନିଖିଳ ଉତ୍କଳ ବାରିକ ସମିତର ବାର୍ଷିକ ଅଧିବେଶନ, ସ୍ଥାନ: ଖଣ୍ଡପଡା ଉମାଦେଇ ଠାକୁରାଣୀଙ୍କ ପୀଠ, ସମୟ: ପୂର୍ବାହ୍ନ ୯ଟା ।

## କୋରାପୁଟ

- ଅକ୍ଷୟ ତୃତୀୟା(କୃଷକ ଦିବସ) ପାଳିତ, ସ୍ଥାନ: ସରକାରୀ କୃଷି ଫାର୍ମ, କୋଟପାଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଆଞ୍ଚଳିକ ବିକାଶ ପରିଷଦ ବୈଠକ, ସ୍ଥାନ: ଓଡ଼ିଆ ପେଣ୍ଠ ପଞ୍ଚାୟତ, ଲକ୍ଷ୍ମୀପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସମ୍ବଲପୁର

- ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୮ଟା।
- ଭଗବାନ ପର୍ଶୁରାମ ଉତ୍ସବ ଅବସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ବୈଦ୍ୟନାଥ ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ : ସକାଳ ୮ଟା।
- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର, ସ୍ଥାନ : ପବ୍ଲିକ ଲାଇବ୍ରେରୀ ସ୍ଥିତ ପ୍ରେକ୍ଷାଳୟ, ସମୟ : ସକାଳ ୯ଟା।
- ସମ୍ବଲପୁର କବାଡି ପ୍ରିମିୟର ଲିଗ୍-୨୦୨୬ର ପ୍ରସ୍ତୁତି ବୈଠକ, ସ୍ଥାନ : ଅଇଁଠାପାଲି ନିକଟସ୍ଥ ଡଲଫିନ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦ଟା ୩୦।

## ବଲାଙ୍ଗୀର

- ଭଗବାନ ପର୍ଶୁରାମ ଜନ୍ମୋତ୍ସବ ଓ ଯଜ୍ଞାରମ୍ଭ, ସ୍ଥାନ: ନୃସିଂହ ମନ୍ଦିର, ବଲାଙ୍ଗୀର, ସମୟ: ସକାଳ ୭ଟା ୧୫।
- ରାଜ୍ୟ ଓବିସି-ଏସ୍‌ଟି-ଏସ୍‌ସି ସମନ୍ୱୟ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ,ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର,ସମୟ: ପୂର୍ବାହ୍ନ ୧୦ଟା ୩୦।
- ପର୍ଶୁରାମ ଜନ୍ମୋତ୍ସବ ଉପଲକ୍ଷେ ବିଶାଳ ଶୋଭାଯାତ୍ରା, ସ୍ଥାନ: ନୃସିଂହ ମନ୍ଦିର,ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା

- ୟଙ୍ଗ୍ ଟ୍ୟାଲେଣ୍ଟ ଅଫ୍ ରାଉରକେଲା ପ୍ରତିଯୋଗିତା, ସ୍ଥାନ: ସେକ୍ଟର-୨ ସାହାନାଇ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ରାହ୍ମଣ ମହାସଭା ପକ୍ଷରୁ ଜଳ ବିତରଣ, ସ୍ଥାନ: ୭-୧୭ ଛକ, ସମୟ: ସକାଳ ୧୦ଟା।
- ସାଇବାବା ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ଓଏସ୍‌ଆର୍‌ଟିସି କଲୋନୀ, ସମୟ: ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼

- ନବଜୀବନ ଅନୁଷ୍ଠାନର ବସନ୍ତ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା,ସ୍ଥାନ:ସଂସ୍କୃତି ଭବନ,ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ମହାଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ:କଲେଜ ରୋଡ, ବରଗଡ଼,ସମୟ:ସକାଳ ୭ଟା।
- ସି.ଏମ୍ ଟ୍ରଫି ଜୁନିୟର ଫୁଟବଲ ପ୍ରତିଯୋଗିତା, ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼,ସମୟ:ସକାଳ ୭ଟା।
- ପର୍ଶୁରାମ ଜୟନ୍ତୀ ଉପଲକ୍ଷେ ବାଇକ୍ ଶୋଭାଯାତ୍ରା,ସ୍ଥାନ: ୟୁଥ କ୍ଲବ, ଗାଇସିଲେଟ, ସମୟ:ସକାଳ ୯ଟା।

## କଳାହାଣ୍ଡି

- ପର୍ଶୁରାମ ଜୟନ୍ତୀ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ: ଭବାନୀପାଟଣାସ୍ଥିତ ହିଲ ଟାଉନ, ଜୁନାଗଡ଼ ଫତେନଗର ପଡା, ସମୟ: ଅପରାହ୍ନ ୪ଟା।
- ଆମ୍ବେଡକରଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଜୁନାଗଡ଼ ବ୍ଲକ ଆଟିଗାଁ ବିଶାଳପଡା, ସମୟ: ଅପରାହ୍ନ ୪ଟା।

## ଦେବଗଡ଼

- ଅଷ୍ଟପ୍ରହର ନାମଯଜ୍ଞ ପାଇଁ ଅଧିବାସ ଓ କଳସ ଯାତ୍ରା, ସ୍ଥାନ : ରିଆମାଳ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା (ଏମ୍‌କେବିୱାଇ) ୨୦୨୬ ଅନ୍ତର୍ଗତ ଗଣବିବାହ କାର୍ଯ୍ୟକ୍ରମ, ସ୍ଥାନ : ଦେବଗଡ ଇଣ୍ଡୋର ଷ୍ଟାଡିୟମ, ସମୟ: ସକାଳ ୮ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ : ତିଲେଇବଣି ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ : ଦେବଗଡ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ : ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ତରଭା ସହର ଅନ୍ତର୍ଗତ ତ୍ରିନାଥ ମନ୍ଦିରରେ ପୁରାଣ ପଠନ ଓ ତ୍ରିନାଥ ମେଳା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।

## ନୂଆପଡ଼ା

- ମା' ସମଲେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ସେମି ଫାଇନାଲ, ସ୍ଥାନ: କୋମନା ବ୍ଲକ କୋନାବିରା ଗାଁ, ସମୟ: ସକାଳ ୯ଟା ଓ ଅପରାହ୍ନ ୩ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମାରମ୍ଭ, ସ୍ଥାନ: କୋମନା ବ୍ଲକ ଟିକ୍ରାପଡା ପଞ୍ଚାୟତ ଜେଠୁପାଲି ଗାଁ, ସମୟ: ସକାଳ ୯ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: ଖଡିଆଳ ବ୍ଲକ ଡୁଆଝର (ସାଲେପଡା), ସମୟ: ପ୍ରାତଃ ୪ଟା ୩୦।

## ଝାରସୁଗୁଡ଼ା

- ମୁଖ୍ୟମନ୍ତ୍ରୀ କପ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ:୨ୟ ଓଏସ୍‌ଏପି ପଡ଼ିଆ, ଝାରସୁଗୁଡ଼ା, ସମୟ:ସକାଳ ୮ଟା
- ଆଧାତ୍ମିକ ଉପନିଷଦ ଜ୍ଞାନମୃତ କାର୍ଯ୍ୟକ୍ରମ, ସ୍ଥାନ: ମନମୋହନ ପଡ଼ିଆ, ଝାରସୁଗୁଡ଼ା, ସମୟ:ସନ୍ଧ୍ୟା ୬ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠେକିରେ ଭାଜିଲି ଚଣା,**
**ଗୁଡ଼ ଗୋଳିଦେଲି ପଣା,**
**କିଏ ସିଙ୍ଗିଟାଳି କିଏ ମଗର,**
**ଏଇଠାରେ ଯିବ ଜଣା।**

ପରୀକ୍ଷା ନିରୀକ୍ଷା କରି ସତ୍ୟାସତ୍ୟ ଜାଣିବା ବା ବାହାର କରିବା ବୁଦ୍ଧିମାନର କାର୍ଯ୍ୟ ହୋଇଥାଏ। ଅସଲି ଏବଂ ନକଲି ତଥା ସାଧୁ ଓ ଠକଙ୍କୁ ପରୀକ୍ଷା କରିବାର କାଇଦା ପ୍ରତି ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଠକ ମଲାବେଳେ ମାଳା ଜପିଲା**
**ସନ୍ଥ ମଲାବେଳେ ଗୁଣ ଗାଇଲା।**

ମୃତ୍ୟୁ ସନ୍ନିକଟ ହେଲେ ଲୋକଙ୍କ ମନରେ ଏକପ୍ରକାର ଭାବାନ୍ତର ସୃଷ୍ଟି ହୋଇଥାଏ। ହନୁ ମଲା ବେଳେ ସତ କହିଲା ଭଳି ମୃତ୍ୟୁ ବେଳାରେ ଲୋକର ଅସଲ ଚରିତ୍ର ଜଣାପଡ଼ି ଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ

### ଚଢ଼ାଉ ବେଳେ ଟ୍ରାକ୍ଟର ...

ଲୋଡ୍ କରୁଥିବା ମାଫିଆମାନେ ଛତ୍ରଭଙ୍ଗ ଦେଇଥିଲେ। ସେହିପରି ମାଟି ବୋଝେଇ ଟ୍ରାକ୍ଟର ଓ ଜେସିବି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହି ସମୟରେ ତହସିଲଦାର ପଣ୍ଡା ମୀନାବଜାର ଛକ ନିକଟରେ ଉକ୍ତ ଟ୍ରାକ୍ଟରକୁ ଅଟକାଇଥିଲେ। ଏହି ଅତର୍କିତ ଚଢ଼ାଉର ଜବାବ ଦେବାକୁ ଯାଇ ସମ୍ପୃକ୍ତ ଡ୍ରାଇଭର ତହସିଲଦାରଙ୍କ ଉପରେ ଟ୍ରାକ୍ଟର ଚଢ଼ାଇ ଦେଇଥିଲେ। ଏହି ସମୟରେ ତହସିଲଦାର ତଳେ ପଡିଯିବାରୁ ତାଙ୍କ ଗୋଡ଼ ଉପରେ ଟ୍ରାକ୍ଟର ପଛ ଚକା ଚଢ଼ିଯାଇଥିଲା। ଏହାପରେ ଟ୍ରାକ୍ଟରଟି ସେଠାରୁ ଫେରାର ହୋଇଯାଇଥିଲା, ଯାହାର ନମ୍ବର ଜଣାପଡ଼ିନାହିଁ। ତହସିଲଦାର ପଣ୍ଡାଙ୍କୁ ଗୁରୁତର ଅବସ୍ଥାରେ ତୁରନ୍ତ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ଏନେଇ ଘଟଣାସ୍ଥଳରେ ଥିବା ତହସିଲଦାରଙ୍କ ସହକର୍ମୀ ଇତିଶ୍ରୀ ସେନାପତି କୋରେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି କୋରେଇ ଥାନାରେ ୧୫୧/୨୦୨୬ ନମ୍ବର ଏକ ମାମଲା ରୁଜୁ ହୋଇଛି। ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ଉକ୍ତ ଟ୍ରାକ୍ଟର ସମ୍ପର୍କରେ ପୋଲିସ ଟେର୍ ପାଇ ନ ଥିଲାବେଳେ ସନ୍ଦେହରେ ୪ଟି ଟ୍ରାକ୍ଟର ଓ ଗୋଟିଏ ଜେସିବି ମେଶିନକୁ ଜବତ କରାଯାଇଛି। ଏହାସହ ୪ଜଣ ଟ୍ରାକ୍ଟର ଡ୍ରାଇଭରଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଥାନା ଅଧିକାରୀ ରାକେଶ ତ୍ରିପାଠୀ କହିଛନ୍ତି ଯେ, ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ।

ଯାଜପୁର ରୋଡ୍ ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ଉକ୍ତ ଘଟଣାରେ ତହସିଲଦାର ପଣ୍ଡାଙ୍କ ଗୋଡ଼ ଫ୍ୟାକ୍ଚର ହୋଇଛି। ଏଥିରେ ସମ୍ପୃକ୍ତ ସମସ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି। ଘଟଣାକୁ ନେଇ ସାଧାରଣରେ ଆଲୋଡ଼ନ ସୃଷ୍ଟି ହୋଇଛି। ଯାଜପୁର ଜିଲାରେ ବେଆଇନ ଭାବେ ବାଲି, ମାଟି, ମୋରମ ଉତ୍ତୋଳନ ଓ ଚାଲାଣ ସୀମା ଲଂଘିଛି। ଏଥିରେ ଯିଏ ପ୍ରତିବାଦ କରିବ ତାଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିବା ଏବଂ ଧମକଦେବା ନିତିଦିନିଆ ଘଟଣା ହେବାକୁ ଯାଉଛି। ଉଦାହରଣ ଭାବେ ଯାଜପୁର ଜିଲା ବିଞ୍ଝାରପୁର ଥାନା ଫତେପୁର ପଞ୍ଚାୟତ ଅଧୀନ ଖରସ୍ରୋତା ନଦୀର ମନେଇ ସରକାରୀ ବାଲିଘାଟରେ ୨୪।୩।୨୦୨୨ରେ ବୋମାମାଡ଼ ହୋଇଥିଲା। ଏଥିରେ ସେହି ଥାନା ଅନ୍ତର୍ଗତ କଲ୍ୟାଣପୁର ଗ୍ରାମର ସୁରେନ୍ଦ୍ର କୁମାର ଦାଶଙ୍କ ମୃତ୍ୟୁ ହୋଇଥିଲା। ଏବେ ଯେଭଳି ମାଜିଷ୍ଟ୍ରେଟ୍ କ୍ଷମତାଧାରୀ ତହସିଲଦାରଙ୍କୁ ଆକ୍ରମଣ ହେଉଛି, ସେଥିରୁ ସାଧାରଣ ଲୋକ କେତେ ସୁରକ୍ଷିତ ତାହା ସ୍ପଷ୍ଟ ବୁଝାପଡୁଛି ।

### ଏସ୍‌ସିବିରେ ୨ ଘଣ୍ଟା ପଡ଼ିରହିଲେ ତହସିଲଦାର

କଟକ,୧୮।୪(ଶିଳ୍ପା ପ୍ରିୟଦର୍ଶିନୀ)

ମାଫିଆ ଆକ୍ରମଣରେ ଗୁରୁତର ହୋଇଥିବା ଯାଜପୁର ଜିଲା ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡାଙ୍କୁ ଶନିବାର ଅପରାହ୍ନ ୧ଟା ବେଳେ ଏସ୍‌ସିବି ମେଡିକାଲ କାଜୁଆଲ୍‌ଟିରେ ଭର୍ତ୍ତି କରାଯାଇଥିଲା। ପ୍ରାୟ ୨ ଘଣ୍ଟା ପଡ଼ିରହିବା ପରେ ବି ତାଙ୍କୁ ଆବଶ୍ୟକ ଚିକିତ୍ସା କରାଯାଇ ନ ଥିଲା। ଫଳରେ ଅପରାହ୍ନ ୩ଟା ୩୦ରେ ପରିବାର ଲୋକ ତହସିଲଦାରଙ୍କୁ ଏସ୍‌ସିବିରୁ ଘରୋଇ ହସ୍ପିଟାଲକୁ ଚିକିତ୍ସା ପାଇଁ ନେଇଥିବା ଜଣାପଡ଼ିଛି। ତେବେ ଏସ୍‌ସିବି ମେଡିକାଲକୁ ଜଣେ ସରକାରୀ ଅଫିସର ଗୁରୁତର ଅବସ୍ଥାରେ ଆସିଥିବାବେଳେ ତାଙ୍କୁ ଏଭଳି ଅବହେଳା କରାଯାଉଥିବାବେଳେ ସାଧାରଣ ଲୋକ କିଭଳି ହଟହଟା ହେଉଥିବେ ତାହା ଏହି ଘଟଣାରୁ ସ୍ପଷ୍ଟ ଭାବେ ବାରି ହୋଇପଡୁଛି। ଅନ୍ୟପଟେ ଏସମ୍ପର୍କରେ ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ଜ୍ୟୋତିଷ ଚନ୍ଦ୍ର ଚୌଧୁରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### ରାଜ୍ୟ ଯୋଜନା ବୋର୍ଡ ....

ଏସ୍‌ଆଇଟିଆଇ-ଓଡ଼ିଶା ଶୀର୍ଷସ୍ତରୀୟ ରଣନୈତିକ ପରାମର୍ଶଦାତା ସଂସ୍ଥା ଭାବେ କାର୍ଯ୍ୟ କରିବ। ସମୃଦ୍ଧ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ହାସଲ ଦିଗରେ ଏହା ରାଜ୍ୟ ସରକାରଙ୍କ ମାର୍ଗଦର୍ଶନ କରିବ। ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଏ ସମ୍ପର୍କିତ ଏକ ସଂକଳ୍ପ ପ୍ରକାଶ ପାଇଛି।

ରାଜ୍ୟ ସରକାର ୨୦୨୪ ଜୁଲାଇ ୧୮ରେ ରାଜ୍ୟ ଯୋଜନା ବୋର୍ଡକୁ ଭାଙ୍ଗିଦେଇଥିଲେ। ଯେହେତୁ ପାରମ୍ପରିକ ଯୋଜନା ପ୍ରଣାଳୀ ବର୍ତ୍ତମାନ ସମୟରେ ଅପ୍ରାସଙ୍ଗିକ ହୋଇପଡ଼ିଛି, ଏସ୍‌ଆଇଟିଆଇ ଓଡ଼ିଶା ବର୍ତ୍ତମାନ ସମୟରେ ଏକ ଦୂରଦୃଷ୍ଟିସମ୍ପନ୍ନ ବିକଳ୍ପ ବ୍ୟବସ୍ଥା ପ୍ରଦାନ କରିବ। ବିକାଶ ଲକ୍ଷ୍ୟ ହାସଲ ଲାଗି ନୀତି ପ୍ରସ୍ତୁତ କରିବା ପାଇଁ ଆଧୁନିକ ଚିନ୍ତାଧାରା ସହ ଇନୋଭେଶନ, କୋ-ଅପରେଟିଭ୍ ଫେଡେରାଲାଜମ୍ ଏବଂ ମାପଯୋଗ୍ୟ ଫଳାଫଳ ସମ୍ପର୍କରେ ପରାମର୍ଶ ଯୋଗାଇ ଦେବ। ଏହା ସର୍ବୋଚ୍ଚସ୍ତରରେ ସରକାରଙ୍କୁ ରଣନୈତିକ ଦିଗ୍‌ଦର୍ଶନ ପ୍ରଦାନ କରିବ। ଏସ୍‌ଆଇଟିଆଇ ଓଡ଼ିଶା ମୁଖ୍ୟତଃ ୬ଟି ବିଷୟ ଉପରେ ରାଜ୍ୟ ସରକାରଙ୍କ ମାର୍ଗଦର୍ଶନ କରିବ। ସେଗୁଡ଼ିକ ହେଲେ ଅର୍ଥନୀତି ଓ ଅର୍ଥ, ଗ୍ରାମୀଣ ଅର୍ଥନୀତି ଓ ଜୀବିକା, ନିଯୁକ୍ତି ଓ ସହରୀ ବିକାଶ, ନୂଆ ଚିନ୍ତାଧାରା ଓ ଇନୋଭେଶନ, ଶକ୍ତି ପରିବର୍ତ୍ତନ, ପରିବେଶ ଓ ଜଙ୍ଗଲ ଏବଂ ଖଣି ଓ ପ୍ରାକୃତିକ ସମ୍ପଦ।

ଏସ୍‌ଆଇଟିଆଇ-ଓଡ଼ିଶାର ଏକ ଗଭର୍ଣ୍ଣିଂ କାଉନସିଲ ରହିବ। ମୁଖ୍ୟମନ୍ତ୍ରୀ ଏହାର ଅଧ୍ୟକ୍ଷ ରହିବେ। ଏହାସହ ଜଣେ ଉପାଧ୍ୟକ୍ଷ ଓ ୪ ଜଣ ପୂର୍ଣ୍ଣକାଳୀନ ସଦସ୍ୟ ରହିବେ। ୯ ଜଣ ଏକ୍ସ-ଅଫିସିଓ ସଦସ୍ୟ, ୨ ଜଣ ସ୍ପେଶାଲ ଇନ୍‌ଭାଇଟି ରହିବେ। ଏହି ପରିଷଦ ବର୍ଷକୁ ଅତିକମ୍‌ରେ ଥରେ ବୈଠକ କରିବେ। ଏସ୍‌ଆଇଟିଆଇ ଓଡ଼ିଶାର ଉପାଧ୍ୟକ୍ଷ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିଯୁକ୍ତ ହେବେ। ତାଙ୍କୁ କ୍ୟାବିନେଟ୍ ପାହ୍ୟା ମିଳିବ। ବିଭିନ୍ନ କ୍ଷେତ୍ରର ୪ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ପୂର୍ଣ୍ଣକାଳୀନ ସଦସ୍ୟ ଭାବେ ନିଯୁକ୍ତ କରିବେ। ସେମାନଙ୍କୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ମିଳିବ। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏହାର ଅତିରିକ୍ତ ସଦସ୍ୟ ସଚିବ ଭାବେ ଦାୟିତ୍ୱ ତୁଲାଇବେ। ମୁଖ୍ୟମନ୍ତ୍ରୀ ଜଣଙ୍କୁ ଚିଫ୍ ଏକ୍‌ଜିକ୍ୟୁଟିଭ ଅଫିସର(ସିଇଓ) ଭାବେ ନିଯୁକ୍ତ କରିବେ। ଆଇଏଏସ୍ କ୍ୟାଡରର ଜଣେ ପ୍ରମୁଖ ସଚିବ କିମ୍ବା କମିଶନର-ତଥା- ସଚିବ ପାହ୍ୟାର ଅଧିକାରୀ ସିଇଓ ଭାବେ ନିଯୁକ୍ତ ହେବେ। ଏହାସହ ସମ୍ପୃକ୍ତ ବିଷୟବସ୍ତୁ ଉପରେ ଜ୍ଞାନ ଓ ଅଭିଜ୍ଞତା ଥିବା ଜଣେ ପ୍ରୋଗ୍ରାମ ଡାଇରେକ୍ଟର, ଏକ ବହୁମୁଖୀ ପ୍ରୋଜେକ୍ଟ ଇମ୍ପ୍ଲିମେଣ୍ଟେଶନ ୟୁନିଟ୍(ପିଆଇୟୁ) ଏବଂ ଦୈନନ୍ଦିନ କାର୍ଯ୍ୟ ପାଇଁ ଏକ ପ୍ରଶାସନିକ ୟୁନିଟ୍ ରହିବ। ଏସ୍‌ଆଇଟିଆଇ ଓଡ଼ିଶା ଅଧୀନରେ ଷ୍ଟେଟ୍ ମନିଟରିଂ ଆଣ୍ଡ୍ ଇଭାଲ୍ୟୁଏଶନ ଅଫିସ୍ ମଧ୍ୟ ରହିବ। ଏହା ଏଭିଡେନ୍ସ ଡ୍ରିଭେନ ଗଭର୍ନାନ୍ସ ପାଇଁ ଏକ ନୋଡାଲ ସଂସ୍ଥା ଭାବେ କାର୍ଯ୍ୟ କରିବ। ଏସ୍‌ଆଇଟିଆଇ ଓଡ଼ିଶା ସମ୍ପୂର୍ଣ୍ଣ ଭାବେ ଯୋଜନା ଓ ସଂଯୋଜନ ବିଭାଗର ପ୍ରଶାସନିକ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ରାଜ୍ୟ ଯୋଜନା ବୋର୍ଡ ସରକାରଙ୍କ ପକ୍ଷରୁ ଭାଙ୍ଗି ତା' ବଦଳରେ ଏସ୍‌ଆଇଟିଆଇ-ଓଡ଼ିଶା ପ୍ରତିଷ୍ଠା କରିବାକୁ ଯାଉଛନ୍ତି। ରାଜ୍ୟ ଯୋଜନା ବୋର୍ଡ ଅଧ୍ୟକ୍ଷ ରାଜ୍ୟର ମୁଖ୍ୟମନ୍ତ୍ରୀ ହିଁ ରହିପାରିବେ। ଉପାଧ୍ୟକ୍ଷ ପଦରେ ସରକାରଙ୍କ ପକ୍ଷରୁ ନିଯୁକ୍ତି ଦିଆଯାଉଥିଲା। ବର୍ତ୍ତମାନ ମଧ୍ୟ ସେହି ଢାଞ୍ଚା ରହିଛି। ହେଲେ ନାମ ଓ ପଦପଦବୀର ଅନେକ ପରିବର୍ତ୍ତନ କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜିର ଶ୍ରୀଚନ୍ଦ୍ର କାରଣରୁ ବନ୍ଧୁମିଳନ, ଆନୁଷ୍ଠାନିକ କର୍ମ ଓ ସଭାସମିତି କ୍ଷେତ୍ରରୁ ପ୍ରଶଂସା ମିଳିବ। ଉଚ୍ଚସ୍ତରରେ ସମ୍ପର୍କ ସ୍ଥାପନ ହେବା ସାଙ୍ଗକୁ ବିଶିଷ୍ଟ ବ୍ୟକ୍ତିଙ୍କ ଶୁଭେଚ୍ଛା ଲାଭ କରିବେ। ଅର୍ଥନୈତିକ ସ୍ଥିତିର ଅଭିବୃଦ୍ଧି, ସାହିତ୍ୟ, ସଙ୍ଗୀତରେ ଉନ୍ନତି, ଯାନ୍ତ୍ରିକ ଦ୍ରବ୍ୟଲାଭରୁ ଖୁସି ହେବେ। ବ୍ୟବସାୟିକ ସ୍ଥିତି ଏବଂ ପାରିବାରିକ ପରିସ୍ଥିତିରେ ବ୍ୟତିକ୍ରମର ସୂଚନା ରହିଛି।

**ବୃଷ** – ନୂତନ ସ୍ଥାନ ପରିଦର୍ଶନ ସାଙ୍ଗକୁ ମିତ୍ରତାର ସମ୍ପର୍କ ଯୋଡ଼ି ହୋଇଯିବ। କର୍ମକ୍ଷେତ୍ରରେ ସମସ୍ୟା ରହିଥିଲେ ମଧ୍ୟ ଉପସ୍ଥିତ ବୁଦ୍ଧି ଖଟାଇ କାମ ହାସଲ କରିନେବେ। ବାଣିଜ୍ୟରେ ଉନ୍ନତି କରିବେ, କିନ୍ତୁ ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପରିବହନରେ କିଛି ଝଟକା ଲାଗିପାରେ। କ୍ରନିକ୍ ରୋଗପୀଡ଼ାରେ ସାମାନ୍ୟ ଉପଶମ ଯୋଗୁ ଆଶ୍ୱସ୍ତି ଲାଭ କରିବେ।

**ମିଥୁନ** – ଆଜି ବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷା କରି ଆନୁଷ୍ଠାନିକ କାମରେ ଯୋଗ ଦେଇପାରନ୍ତି। ବୁଧଙ୍କ ଦୁର୍ବଳତା ପରିପ୍ରେକ୍ଷୀରେ ପରିଶ୍ରମଜନିତ ଦେହଟା ଟିକିଏ ଭଲ ଲାଗି ନପାରେ। ବ୍ୟବସାୟ କ୍ଷେତ୍ରରେ କୌଶଳ ଖଟାଇ କାର୍ଯ୍ୟ ହାସଲ ପାଇଁ ଚେଷ୍ଟିତ ହେବେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ସାମାନ୍ୟ ବ୍ୟସ୍ତତା ଅନୁଭବ କରିବେ।

**କର୍କଟ** – କର୍ମକ୍ଷେତ୍ରରୁ ଅର୍ଥ ଓ ସମ୍ମାନ ପାଇବା ସାଙ୍ଗକୁ ବ୍ୟସ୍ତତା ମଧ୍ୟ ବୃଦ୍ଧି ପାଇପାରେ। ସମ୍ପର୍କୀୟଙ୍କ ସହଯୋଗୀ ମନୋଭାବ କାମକୁ ଆଗକୁ ବଢ଼ାଇ ନେବାରେ ସାହାଯ୍ୟ କରିବ। ଅଟକି ରହିଥିବା ନିର୍ମାଣାଧୀନ କାମଟିକୁ ଆରମ୍ଭ କରିବାକୁ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ କ୍ଷତିରେ ପଡ଼ିବାର ଆଶଙ୍କା ରହିଛି।

**ସିଂହ** – ଆଜି ଯେତେ ପ୍ରତିବନ୍ଧକ ଆସୁନା କାହିଁକି, ତାହାର ସାମ୍ନା କରି ପ୍ରତିକାରମୂଳକ ପଦକ୍ଷେପ ନେବେ। ପାରିବାରିକ ସମସ୍ୟା ବିଜଡ଼ିତ ମନ ହେତୁ ଅଫିସରେ କାହାକୁ କିଛି ନ କହି ମନ କଥା ମନରେ ମାରି ରହିପାରନ୍ତି। ବାଣିଜ୍ୟ, ନିର୍ମାଣ, ପରିବହନରେ ସମସ୍ୟା ରହିବ ନାହିଁ। ଶିକ୍ଷା, ସନ୍ତାନ, ସମ୍ପର୍କ କ୍ଷେତ୍ରରେ ଗଡ଼ବଡ଼ ରହିପାରେ।

**କନ୍ୟା** – ଆଜି ସକାଳର ବ୍ୟସ୍ତତା କେତେ ସମୟ ପରେ ଦୂର ହୋଇଯିବ। ଏ ଦିଗରେ ଆତ୍ମୀୟ ସ୍ୱଜନ ଓ ହିତୈଷୀଙ୍କ ପ୍ରତ୍ୟକ୍ଷ ମନ୍ତ୍ରଣା କାମ କରିବ। ଆର୍ଥିକ ସ୍ଥିତି ଓ ବୈଷୟିକ ସମୃଦ୍ଧିର ଅଭାବ ନ ଥିଲେ ମଧ୍ୟ ମାନସିକ ସ୍ଥିରତା ରହିନପାରେ। ଲେଖାପଢ଼ା, ପ୍ରକାଶନ, ପ୍ରଶାସନ, ମାଲି ମକଦ୍ଦମା ଓ ସଭାସମିତି କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା** – ଉଚ୍ଚ ସ୍ଥାନରେ ରବି ଓ ରାଶ୍ୟାଧିପ ଶୁକ୍ର ଆପଣଙ୍କ ଆଶା ଓ ଭରସାକୁ ଋଦ୍ଧିମନ୍ତ କରିବେ। ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ସହଯୋଗର ଅବାରିତ ଧାରା ମନକୁ ଉତ୍ସାହିତ କରିବ। ବାଧିଲାଭଳି କଥା କହିବା ଦ୍ୱାରା ଘରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇ ବନ୍ଧୁ ଗହଣରେ ଅଧିକାଂଶ ସମୟ କଟିବ।

**ବିଛା** – ଦୈହିକ ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ ମାନସିକ ଅସ୍ଥିରତା ଯୋଗୁ ଆପଣଙ୍କ କୌଣସି କାମ ଶୃଙ୍ଖଳିତ ରହିବ ନାହିଁ। ଆଦୌ ଭଲ ସମ୍ପର୍କ ନଥିବା ବ୍ୟକ୍ତିମାନେ ସମ୍ମୁଖରେ କିଛି ନ କହି ପଶ୍ଚାତେ ସମାଲୋଚନା ମୂଳକ କଥା କହିପାରନ୍ତି। ରାଜନୈତିକ, ପ୍ରଶାସନିକ, ରଚନାତ୍ମକ ତଥା ସାମାଜିକ କ୍ଷେତ୍ରରେ ଉନ୍ନତ ମାନର ସୁଫଳ ମିଳିବ।

**ଧନୁ** – ଆଜି ଦିନଟି ଆର୍ଥିକ ଦୃଷ୍ଟିରୁ ଉତ୍ତମ ରହିପାରେ। ବନ୍ଧୁ ସାହାଯ୍ୟରୁ ବିବାଦର ସମାଧାନ କରିବାରେ ସଫଳ ହେବେ। ପଢ଼ା ପ୍ରତି ପିଲାଙ୍କ ବିମୁଖତାରୁ ଚିନ୍ତିତ ରହିବେ। ପାରିବାରିକ ଅଶାନ୍ତି ଦେଖାଦେଇପାରେ। ବକେୟା ଅର୍ଥ ଆଦାୟ କରିପାରିବେ। ବାଣିଜ୍ୟ, ବ୍ୟବସାୟ, କ୍ରୀଡ଼ା, ସାହିତ୍ୟ, ମନୋରଞ୍ଜନ ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ହାସଲ କରିବେ।

**ମକର** – ସମ୍ପର୍କୀୟଙ୍କ ସହାୟତାରେ ଚେଷ୍ଟା ଫଳବତୀ ହେବ। ତୃତୀୟସ୍ଥ ଗ୍ରହ ପ୍ରଭାବରେ ନିଜ କାମ ଛାଡ଼ି ପରକାର୍ଯ୍ୟରେ ତତ୍ପରତା ପ୍ରକାଶ କରିପାରନ୍ତି। କୌଣସି ଆଳ ଦେଖାଇ ଆତ୍ମୀୟସ୍ୱଜନ ଦୂରେଇ ଯିବା ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ଅନ୍ୟମାନଙ୍କ କଥାରେ ଭାସି ନଯାଇ ବିଚାରପୂର୍ବକ କାମ ନକଲେ ହଇରାଣ ହେବାକୁ ପଡ଼ିପାରେ।

**କୁମ୍ଭ** – ଆଜି ଆପଣ ଯେମିତି ଚିନ୍ତା କରୁଛନ୍ତି, ସେହିପରି କାର୍ଯ୍ୟ ସାଧନ କରିବାରେ କୌଣସି ଅସୁବିଧା ରହିବ ନାହିଁ। ଶୁକ୍ରଙ୍କ ପ୍ରଭାବରେ ପାରିବାରିକ ସ୍ଥିତି ବିଶେଷ ପ୍ରୀତିଦାୟକ ରହିବ ଏବଂ ବନ୍ଧୁମିଳନ ଜନିତ ଆନନ୍ଦ ଅନୁଭବ କରିପାରନ୍ତି। ବନ୍ଧୁଗୃହକୁ ଯାତ୍ରା, ପ୍ରଶାସନିକ କାର୍ଯ୍ୟ, ଆଇନ ସହାୟତା, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ମୀନ** – ଯଥାସାଧ୍ୟ ପ୍ରତିବନ୍ଧକର ସାମ୍ନା କରି ଆପଣଙ୍କ କାର୍ଯ୍ୟ ସମୂହ ସମ୍ପନ୍ନ କରିବେ। ଆତ୍ମସଂଯମ ପରିପ୍ରେକ୍ଷୀରେ ଦୈହିକ ଓ ମାନସିକ ଭାବାବେଗକୁ ଉତ୍ଫୁଲ୍ଲିତ ରଖିପାରନ୍ତି। ପରକଥାରେ ପଡ଼ି ଘର ଲୋକଙ୍କୁ ଅବିଶ୍ୱାସ କଲେ ଓଲଟାଫଳ ମିଳିବ। ଆପଣଙ୍କ ସଂଯମିତ କଥାବାର୍ତ୍ତା ସମସ୍ୟା ସମାଧାନ କ୍ଷେତ୍ରରେ ସାହାଯ୍ୟ କରିବ।

ଆଜି ଏପ୍ରିଲ ୧୯ ତାରିଖ, ବୈଶାଖ ଶୁକ୍ଳ ଦ୍ୱିତୀୟାଯୁକ୍ତ ତୃତୀୟା ରବିବାର, ରାଶିନକ୍ଷତ୍ର-କୃତ୍ତିକା/ମେଷ, ଦିବା ଘ.୧୨।୩୧ମି. ଗତେ, ବୃଷଚନ୍ଦ୍ର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଏବଂ ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୨୯ମି. ଗତେ ଘ.୦୯।୪୦ ମଧ୍ୟେ, ଘ.୦୧।୨୦ ଗତେ ଘ.୦୧।୫୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୪।୨୮ ଗତେ ଘ.୦୬।୦୨ ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ଧରିତ୍ରୀ 52 Years
ଭୁବନେଶ୍ୱର, ରବିବାର, ଏପ୍ରିଲ ୧୯/୨୦୨୬ | Bhubaneswar, Sunday, April 19/2026


# ଓଡ଼ିଶାରେ ଆରମ୍ଭ ହୋଇଛି ଦ୍ୱିତୀୟ ଶିଳ୍ପ ବିପ୍ଳବ

### ୱେ-ଟ୍ରାକ୍ ଇଣ୍ଡିଆର ନୂତନ ମାନୁଫାକ୍ଚରିଙ୍ଗ ୟୁନିଟ୍ ଉଦ୍‌ଘାଟିତ

ଭୁବନେଶ୍ୱର,୧୮।୪(ସୁନିତ୍ ମିଶ୍ର)

ଖୋର୍ଦ୍ଧା ସ୍ଥିତ ଇନ୍‌ଫୋଭାଲିଠାରେ ୱେ-ଟ୍ରାକ୍ ଇଣ୍ଡିଆ ପ୍ରାଇଭେଟ୍ ଲିଃର ଅତ୍ୟାଧୁନିକ ମାନୁଫାକ୍ଚରିଙ୍ଗ ୟୁନିଟ୍‌କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି। ଓଡ଼ିଶା ମାଟିରୁ ଓଡ଼ିଆ ଉଦ୍ୟୋଗୀଙ୍କ ଦ୍ୱାରା ଆରମ୍ଭ ଏହି ବ୍ରାଣ୍ଡ ଆଜି ସ୍ମାର୍ଟ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ଓ ଏଆଇ କ୍ଷେତ୍ରରେ ଦେଶର ଏକ ପ୍ରମୁଖ ସଂସ୍ଥା ଭାବେ ଉଭା ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ସରକାର ଆସିବା ପରେ ଓଡ଼ିଶାରେ ଶିଳ୍ପ ବିପ୍ଳବ ଜାରି ରହିଛି। ପୂର୍ବରୁ କେବଳ ଖଣି ଭିତ୍ତିକ ଶିଳ୍ପ ଉପରେ ଗୁରୁତ୍ୱ ଦିଆଯାଉଥିଲା। ଆମ ସରକାର, ଏଆଇ, ସେମିକଣ୍ଡକ୍ଟର, ଟେକ୍ସଟାଇଲ ଓ ଫାର୍ମାସ୍ୟୁଟିକାଲ ଭଳି ନୂତନ କ୍ଷେତ୍ରରେ ପୁଞ୍ଜି ନିବେଶରେ ସକ୍ଷମ ହୋଇଛି। ଏହି ସମୟ ମଧ୍ୟରେ ପ୍ରାୟ ୨.୮୦ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ଗ୍ରାଉଣ୍ଡିଂ ହୋଇଛି, ଯାହା ଆଗାମୀ ଦିନରେ ୨ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଆମର ଲକ୍ଷ୍ୟ ହେଉଛି ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିଅନ ଡଲାର ଏବଂ ୨୦୪୭ ସୁଦ୍ଧା ୧୫୦୦ ବିଲିଅନ ଡଲାର ଅର୍ଥନୀତିରେ ପରିଣତ କରିବା ବୋଲି ସେ କହିଛନ୍ତି। ଓଡ଼ିଶାର ଏହି ବିକାଶ ଯାତ୍ରାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପୂର୍ବୋଦୟ' ପରିକଳ୍ପନା ଏକ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଶିଳ୍ପ ପ୍ରତିଷ୍ଠା ପାଇଁ ଆମ ସରକାର ପ୍ଲଗ୍ ଆଣ୍ଡ ପେ ସୁବିଧା ଯୋଗାଇ ଦେଉଛନ୍ତି ଏବଂ ଜିଲାପାଳଙ୍କୁ ଶିଳ୍ପ ସମ୍ବନ୍ଧୀୟ ନିଷ୍ପତ୍ତି ନେବା ପାଇଁ ଅଧିକ କ୍ଷମତା ପ୍ରଦାନ କରାଯାଉଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ସଂସଦ ଓ ବିଧାନସଭାରେ ମହିଳାଙ୍କୁ ଏକ ତୃତୀୟାଂଶ ସଂରକ୍ଷଣ ପାଇଁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଅଣାଯାଇଥିବା 'ନାରୀ ଶକ୍ତି ବନ୍ଦନ ଅଧିନିୟମ'କୁ କଂଗ୍ରେସ ଓ ସହଯୋଗୀ ଦଳ ଲୋକସଭାରେ ପାରିତ କରାଇ ନ ଦେବା ଦୁର୍ଭାଗ୍ୟଜନକ । ଏହା ନାରୀ ସମାଜ ପ୍ରତି ଏକ ଅପରାଧ ଏବଂ ଏଥିପାଇଁ ଓଡ଼ିଶାର ନାରୀଶକ୍ତି ସେମାନଙ୍କୁ କ୍ଷମା ଦେବେ ନାହିଁ। ଅନ୍ୟତମ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ୱେ-ଟ୍ରାକ୍‌ର ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ନାୟକ, ବରିଷ୍ଠ ସଂଘ ଚାଳକ ସମୀର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଫେମିନା ମିସ୍ ଇଣ୍ଡିଆ ୨୦୨୬ ମୁକୁଟ ବିଜୟିନୀ ଗୋଆର ସାଧ୍ଭୀ ସୈଲ୍ (ମଝି) , ମହାରାଷ୍ଟ୍ରର ରାଜନନ୍ଦିନୀ ପାୱାର ପ୍ରଥମ ରନର୍ ଅପ(ଡାହାଣ) ଏବଂ ଶ୍ରୀ ଅଦ୍ୱୈତା ଜି. ଦ୍ୱିତୀୟ ରନର୍ ଅପ୍ ଟାଇଟଲ ଜିତିଛନ୍ତି। (ଫଟୋ: ବିକାଶ ନାୟକ)

# 'ଫେମିନା ମିସ୍ ଇଣ୍ଡିଆ' ମୁକୁଟ ପିନ୍ଧିଲେ ସାଧ୍ଭୀ ସୈଲ୍

- ରାଜନନ୍ଦିନୀ ପାୱାର ପ୍ରଥମ ରନର ଅପ୍, ଶ୍ରୀ ଅଦ୍ୱୈତା ଜି. ଦ୍ୱିତୀୟ ରନର ଅପ୍
- ଶ୍ରେଷ୍ଠ ୧୫ଜଣଙ୍କ ମଧ୍ୟରେ ରହିଲେ ଓଡ଼ିଆ ଝିଅ ଆୟୁଷୀ

ଭୁବନେଶ୍ୱର,୧୮।୪ (ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟରେ ଶନିବାର 'ଫେମିନା ମିସ୍ ଇଣ୍ଡିଆ ୨୦୨୬'ର ୬୧ତମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାରେ ପ୍ରଥମଥର ପାଇଁ ଆୟୋଜିତ ଏହି ପ୍ରତିଷ୍ଠିତ ଜାତୀୟ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ଗୋଆର ସାଧ୍ଭୀ ସୈଲ୍ 'ଫେମିନା ମିସ୍ ଇଣ୍ଡିଆ' ମୁକୁଟ ପିନ୍ଧିଥିବାବେଳେ ମିସ୍ ୱାର୍ଲ୍ଡ ପ୍ୟାଜେଣ୍ଟରେ ଭାରତକୁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିଭଳି ମହାରାଷ୍ଟ୍ରର ରାଜନନ୍ଦିନୀ ପାୱାର ପ୍ରଥମ ରନର ଅପ୍ ଏବଂ ଶ୍ରୀ ଅଦ୍ୱୈତା ଜି. ଦ୍ୱିତୀୟ ରନର ଅପ୍ ଟାଇଟଲ ଜିତିଛନ୍ତି।

କିଟ୍ କ୍ୟାମ୍ପସ୍ ୧୩ କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ଏହି ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ କେନ୍ଦ୍ର ବୟନ ମନ୍ତ୍ରଣାଳୟର ପ୍ରତିନିଧି ଏମ୍ ବୀନା, ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମେୟର ସୁଲୋଚନା ଦାସ, ବିନୀତ ଜୈନ୍ ଏବଂ କିଟ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଲୋକପ୍ରିୟ ଉପସ୍ଥାପକ ମନୀଷ ପଲ୍ ଓ ସାରା ଜୈନ୍ ମଞ୍ଚ ଉପସ୍ଥାପନ କରିଥିଲେ। ଭୁବନେଶ୍ୱର ପ୍ରଥମଥର ପାଇଁ ଫେମିନା ମିସ୍ ଇଣ୍ଡିଆ ଆୟୋଜନ କରି ଗର୍ବିତ ହୋଇଛି ବୋଲି ଅଚ୍ୟୁତ ସାମନ୍ତ କହିଛନ୍ତି। ନିକିତା ପୋଡ୍‌ୱାଲ୍ 'ଡଟର୍ ଅଫ୍ ଦ ଲ୍ୟାଣ୍ଡ' ଥିମ୍ ଉପରେ ଭାଷଣ ଦେଇ ଭାରତର ମହିଳାଙ୍କ ଶକ୍ତି, ଆକାଂକ୍ଷା ଓ ସଫଳତାକୁ ଉପସ୍ଥାପିତ କରିଥିଲେ। ବିଭିନ୍ନ ରାଜ୍ୟରୁ ଆସିଥିବା ୩୦ଜଣ ପ୍ରତିଭାବାନ୍ ଫାଇନାଲିଷ୍ଟ କ୍ଲାସିକାଲ୍ ପରିବେଷଣ ଓ ସଙ୍ଗୀତ ମଧ୍ୟରେ ରାମ୍ପରେ ଚାଲି ଦର୍ଶକ ଓ ବିଚାରକଙ୍କୁ ପ୍ରଭାବିତ କରିଥିଲେ। ଓଡ଼ିଶାର ପ୍ରତିଯୋଗୀ ଆୟୁଷୀ ପଣ୍ଡା ଶ୍ରେଷ୍ଠ ୧୫ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିଲେ। ଷ୍ଟାର୍-ଷ୍ଟଡେଡ୍ ଜୁରି ପ୍ୟାନେଲ୍‌ରେ ଅଭିନେତ୍ରୀ ଜୀନତ ଅମନ୍, କୋରିଓଗ୍ରାଫର୍ ଟେରେନ୍ସ ଲୁଇସ୍, ଗାୟକ ଆମାଲ୍ ମଲ୍ଲିକ୍, ଅଭିନେତ୍ରୀ ସିମରନ୍, ସେଲିନା ଜେଟ୍‌ଲି, ନିର୍ଦ୍ଦେଶକ ମଧୁର୍ ଭଣ୍ଡାରକର୍, ଅଭିନେତ୍ରୀ ନେହା ଧୁପିଆ, ଅଲିମ୍ପିଆନ୍ ଦୂତୀ ଚାନ୍ଦ୍ ଓ ମିସ୍ ଡିଭା ୨୦୧୯ ବର୍ତ୍ତିକା ସିଂହ ଥିଲେ। ନୃତ୍ୟାଙ୍ଗନା ଲରେନ୍ ଗଟଲିବ୍, ଅଭିନେତା ଇଶାନ୍ ଖଟ୍ଟର୍ ଓ ଗାୟକ ଜୁବିନ୍ ନୌଟିଆଲଙ୍କ ମନଛୁଆଁ ପରିବେଷଣ ଦର୍ଶକଙ୍କ ବେଶ୍ ମନୋରଞ୍ଜନ କରିଥିଲା।

# ୨୪ରେ ପାଳନ ହେବ ପଞ୍ଚାୟତିରାଜ ଦିବସ

### ବଲାଙ୍ଗୀରରେ ହେବ ରାଜ୍ୟସ୍ତରୀୟ ମୁଖ୍ୟ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୮।୪(ସୁନିତ୍ ମିଶ୍ର)

ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଆସନ୍ତା ୨୪ ତାରିଖରେ ସାରା ରାଜ୍ୟରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଚଳିତ ବର୍ଷ ରାଜ୍ୟସ୍ତରୀୟ ମୁଖ୍ୟ କାର୍ଯ୍ୟକ୍ରମ ବଲାଙ୍ଗୀର ଜିଲ୍ଲାରେ ଅନୁଷ୍ଠିତ ହେବ, ଯେଉଁଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯିବ ଏବଂ ଜିଲା ଓ ବ୍ଲକ ସ୍ତରରେ ମଧ୍ୟ ସମାନ ଭାବରେ ଏହିଦିବସ ପାଳନ କରିବା ପାଇଁ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସ୍ଥାନୀୟ କାର୍ଯ୍ୟକ୍ରମଗୁଡ଼ିକରେ ମନ୍ତ୍ରୀ, ଏମ୍‌ପି, ବିଧାୟକ ଏବଂ ଅନ୍ୟାନ୍ୟ ଜନପ୍ରତିନିଧିମାନଙ୍କୁ ନିମନ୍ତ୍ରଣ କରାଯିବା ସହ ଜନସାଧାରଣ ଯେପରି ଜାତୀୟ ସ୍ତରରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ଦେଖିପାରିବେ, ସେଥିପାଇଁ ଆବଶ୍ୟକ ବ୍ୟବସ୍ଥା କରାଯିବ। କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ଜିଲା ସ୍ତରରେ ୩ ଲକ୍ଷ ଟଙ୍କା ଏବଂ ବ୍ଲକ ସ୍ତରରେ ୨ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ଯୋଗାଇ ଦିଆଯାଇଛି। ଏହି ଅର୍ଥ କାର୍ଯ୍ୟକ୍ରମର ପରିଚାଳନା, ସଚେତନତା ଅଭିଯାନ ଏବଂ ସରକାରୀ ଯୋଜନାଗୁଡ଼ିକର ପ୍ରଦର୍ଶନ ପାଇଁ ଉପଯୋଗ କରାଯିବ।

# ମାସ ଶେଷ ସୁଦ୍ଧା ସିବିଏସ୍‌ଇ ଦ୍ୱାଦଶ ରେଜଲ୍ଟ

ଭୁବନେଶ୍ୱର,୧୮।୪ (ସୁଚିସ୍ମିତା ସାହୁ)

ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ (ସିବିଏସଇ) ପକ୍ଷରୁ ୨୦୨୬ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ଚଳିତ ମାସ ଶେଷ ସୁଦ୍ଧା ପ୍ରକାଶ ପାଇପାରେ। ଏ ସମ୍ପର୍କରେ ସୂଚନା ଦେଇ ସିବିଏସ୍‌ଇ କହିଛି, ମୂଲ୍ୟାଙ୍କନ ପ୍ରକ୍ରିୟାକୁ ଶୀଘ୍ର ଓ ସଠିକ କରିବା ପାଇଁ ଅନ୍-ସ୍କ୍ରିନ ମାର୍କିଂ ପ୍ରଣାଳୀକୁ ବ୍ୟବହାର କରାଯାଇଛି। ଉତ୍ତର ଖାତାଗୁଡିକୁ ଡିଜିଟାଲ ଭାବେ ଯାଞ୍ଚ କରାଯାଇଛି। ଛାତ୍ରୀଛାତ୍ର ନିଜ ଫଳାଫଳ results.cbse.nic.in ଓ cbse.gov.in. ୱେବ୍‌ସାଇଟରେ ଦେଖିପାରିବେ। ଏହାସହ ଡିଜିଲକର, ଏସ୍‌ଏମ୍‌ଏସ୍ ଓ ଉମଙ୍ଗ ଆପ୍ ମାଧ୍ୟମରେ ମଧ୍ୟ ରେଜଲ୍ଟ ଉପଲବ୍ଧ ହେବ। ଏହି ବିକଳ୍ପଗୁଡ଼ିକ ରେଜଲ୍ଟ ପ୍ରକାଶ ସମୟରେ ୱେବ୍‌ସାଇଟର ଭିଡ଼ କମାଇବାରେ ସାହାଯ୍ୟ କରିବ। ଡିଜିଲକର ମାଧ୍ୟମରେ ଡିଜିଟାଲ ମାର୍କଶିଟ୍ ମଧ୍ୟ ମିଳିବ। ସେଥିରେ ଛାତ୍ରୀଛାତ୍ରଙ୍କ ବିବରଣୀ, ମାର୍କ, ଗ୍ରେଡ୍ ରହିବ। ରେଜଲ୍ଟ ବାହାରିବା ପରେ ସେଥିରେ ଟପ୍ପର ତାଲିକା ପ୍ରକାଶ କରାଯିବ ନାହିଁ। ପରୀକ୍ଷାରେ ପାସ୍ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ୩୩% ନମ୍ବର ରଖିବାକୁ ପଡ଼ିବ। ଯେଉଁ ଛାତ୍ରୀଛାତ୍ର ଏକ କିମ୍ବା ଅଧିକ ବିଷୟରେ ଅସଫଳ ହୋଇଥିବେ, ସେମାନେ କମ୍ପାର୍ଟମେଣ୍ଟ ପରୀକ୍ଷା ଦେଇପାରିବେ। ଏହି ପରୀକ୍ଷା ଜୁଲାଇ ୨୦୨୬ରେ ହେବାର ସମ୍ଭାବନା ରହିଛି ବୋଲି ସୂଚନା ଦିଆଯାଇଛି।







### ସୁବର୍ଣ୍ଣପୁର ଜିଲା ଚିକିତ୍ସାଳୟରେ ନବଜାତ ଶିଶୁ ମୃତ୍ୟୁ ଘଟଣା

# ୨୦ ସୁଦ୍ଧା ତଦନ୍ତ ରିପୋର୍ଟ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୮।୪ (ବନ୍ଦନା ସେଠୀ)

ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ନବଜାତ ଶିଶୁ ମୃତ୍ୟୁ ଘଟଣାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଶିଶୁ ମୃତ୍ୟୁର ଠିକ୍ କାରଣ ଜଣାଇବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏପ୍ରିଲ ୨୦ ସୁଦ୍ଧା ତଦନ୍ତ ଶେଷ କରି ରିପୋର୍ଟ ଦେବାକୁ କୁହାଯାଇଛି। ବିଶେଷଜ୍ଞମାନଙ୍କୁ ନେଇ ଗଠିତ ତଦନ୍ତକାରୀ କମିଟି ତଦନ୍ତ ଚଳାଇଛି। ବୌଦ୍ଧ ଜିଲା ପତ୍ରାପାଲି ଗ୍ରାମ ନିବାସୀ ସୁରେନ୍ଦ୍ର ନାଏକଙ୍କ ସ୍ତ୍ରୀ ଜୟନ୍ତୀ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ଶିଶୁକୁ ଜନ୍ମ ଦେଇଥିଲେ। ଜନ୍ମ ସମୟରେ ପିଲାଟିର ଓଜନ ପ୍ରାୟ ୧.୮ କେ.ଜି ରହିଥିଲା। ତେବେ ଜନ୍ମ ହେବାର ଦିନକ ପରେ ହଠାତ୍ ଶିଶୁଟି ବାନ୍ତି କରିବା ସହ ଅସୁସ୍ଥ ହୋଇପଡିଥିଲେ। ପରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଡାକ୍ତରଙ୍କ ଅବହେଳାରୁ ଶିଶୁଟିର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ଘଟଣା ଦୃଷ୍ଟିକୁ ଆସିବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହାକୁ ଗୁରୁତ୍ୱର ସହ ନିଆଯାଇ ଜିଲାପାଳଙ୍କୁ ରିପୋର୍ଟ ତଲବ କରାଯାଇଛି।

# ପତ୍ର ପ୍ଲେଟ ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ

### ଜଳିଗଲା ୫ କୋଟିର ମେଶିନ, ସାମଗ୍ରୀ

ରେମୁଣା (ରବୀନ୍ଦ୍ର ମହାକୁଡ଼)/ରସାଳପୁର (ଶରତ ସାମଲ), ୧୮।୪

ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ କେନ୍ଦ୍ରୀୟ ବିଦ୍ୟାଳୟ-୨ ନିକଟବର୍ତ୍ତୀ ଛଣପୁର ମୁଖ୍ୟରାସ୍ତା ପାର୍ଶ୍ୱରେ ଅବସ୍ଥିତ ପତ୍ର ପ୍ଲେଟ ଫ୍ୟାକ୍ଟ୍ରିରେ ଶନିବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଫ୍ୟାକ୍ଟ୍ରିରେ ନିଆଁ ଲାଗି ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ମେଶିନ ଓ ସାମଗ୍ରୀ ପୋଡ଼ି ଭସ୍ମୀଭୂତ ହୋଇଯାଇଛି। ଖବର ପାଇ ଅଗ୍ନିଶମ ବାହିନୀର ୩ଟି ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ସର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଫ୍ୟାକ୍ଟ୍ରି ପାଖକୁ ଲାଗି ଫ୍ୟାକ୍ଟ୍ରି ମାଲିକଙ୍କ ଦୁଇ ମହଲା କୋଠା ନିଆଁରୁ ଅଳ୍ପକେ ବର୍ତ୍ତିଯାଇଛି।



ତେବେ ଫ୍ୟାକ୍ଟ୍ରିରେ ଅଧିକ ମହିଳା ଶ୍ରମିକ କାମ କରନ୍ତି। ଶ୍ରମିକମାନେ ୫ଟାରେ ଛୁଟି ହୋଇ ପଳାଇଯିବା ପରେ ନିଆଁ ଲାଗିଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ବିଳମ୍ବରେ ଅଗ୍ନିଶମ ବିଭାଗ ପହଞ୍ଚିବାରୁ ଅସନ୍ତୋଷ ଦେଖାଦେଇଥିଲା। ଅପରପକ୍ଷରେ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତଙ୍କ ସମେତ ଶିଳ୍ପାଞ୍ଚଳ ଥାନା ପୋଲିସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଅଗ୍ନିଶମ କର୍ମଚାରୀଙ୍କ ନିଆଁ ଲିଭା କାର୍ଯ୍ୟ ଜାରି ରହିଛି।

# ଜଣେ ହେଲେ ଭାଜପା ଏମ୍‌ପି ସ୍ୱର ଉତ୍ତୋଳନ କଲେନି: ନବୀନ

ଭୁବନେଶ୍ୱର,୧୮।୪(ସୁନିତ୍ ମିଶ୍ର)

ବିଜେଡି ସବୁବେଳେ ପଞ୍ଚାୟତରୁ ପାର୍ଲାମେଣ୍ଟ ଯାଏ ମହିଳାଙ୍କ ବିକାଶ ପାଇଁ ନିଜର ଆଭିମୁଖ୍ୟ ସ୍ପଷ୍ଟ ରଖିଛି। ସୀମା ପୁନଃ ନିର୍ଦ୍ଧାରଣ ଦ୍ୱାରା ଓଡ଼ିଶାର ରାଜନୈତିକ ଅଧିକାର କ୍ଷୁଣ୍ଣକୁ ଆମେ ବିରୋଧ କରୁଛୁ ବୋଲି ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଛନ୍ତି। ମହିଳା ସଂରକ୍ଷଣ ବିଲ୍ ପାର୍ଲାମେଣ୍ଟରେ ପାରିତ ନ ହୋଇପାରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ନବୀନ କହିଛନ୍ତି, ଓଡ଼ିଶା ଲୋକ ଦେଖୁଛନ୍ତି, କିଏ ରାଜ୍ୟର ସ୍ୱାର୍ଥ ପାଇଁ ଲଢୁଛି। ଓଡ଼ିଶାର ଅଧିକାରକୁ ନେଇ ଭାଜପା କିପରି ଅଣଦେଖା କରୁଛି ତାହା ମଧ୍ୟ ସମସ୍ତେ ଦେଖୁଛନ୍ତି। ଲୋକମାନେ ଆଶ୍ଚର୍ଯ୍ୟ ରାଜ୍ୟବିରୋଧୀ କଥାରେ ଜଣେ ହେଲେ ଭାଜପା ଏମ୍‌ପି ତାଙ୍କର ଆଭିମୁଖ୍ୟ ରଖିଲେନାହିଁ।

❝ ପକ୍ଷପାତିତା ହେଲା ପୂର୍ଣ୍ଣ ଆନ୍ତରିକତାର ପରମ ଶତ୍ରୁ। ସେ ପକ୍ଷପାତିତା ଦେହର ହେଉ ବା ପ୍ରାଣର ହେଉ ବା ମନର ହେଉ। ଆଉ ମଧ୍ୟ ତୁମ ମନରେ ଥିବା ପୂର୍ବ କଳ୍ପିତ ଧାରଣା ଉପରେ ପୂର୍ଣ୍ଣ ନିର୍ଭର କରିବା ଅନୁଚିତ। ତୁମକୁ ଏସବୁ ଅତିକ୍ରମ କରିବାକୁ ହେବ।–ଶ୍ରୀମା



# ଆମେ ନୀରବ



ଆକାର ପଟେଲ

ଇରାନ ଉପରେ ଆମେରିକା-ଇସ୍ରାଏଲ ଆକ୍ରମଣ କରିଛନ୍ତି। ଏହି ଯୁଦ୍ଧରେ ବିଶ୍ୱର ଅନ୍ୟ ଦେଶ ପରି ଭାରତ ମଧ୍ୟ ନକାରାତ୍ମକ ଭାବରେ ପ୍ରଭାବିତ ହୋଇଛି। ପ୍ରକୃତରେ ଇରାନୀୟଙ୍କୁ ଛାଡ଼ି ଭାରତୀୟମାନେ ଅନ୍ୟ ଯେକୌଣସି ରାଷ୍ଟ୍ର ତୁଳନାରେ ଅଧିକ କଷ୍ଟ ଭୋଗିସାରିଲେଣି ଏବଂ ଭୋଗୁଛନ୍ତି ମଧ୍ୟ। ଉପସାଗରୀୟ ଅଞ୍ଚଳରେ ପ୍ରାୟ ଏକ କୋଟି ଭାରତୀୟ ଅଛନ୍ତି, ଯାହା ଛଅଟି ଗଲ୍ଫ କୋଅପରେଶନ କାଉନ୍‌ସିଲ( ଜିସିସି) ଦେଶ ମଧ୍ୟରୁ ପାଞ୍ଚଟି ଦେଶର ମୋଟ ଜନସଂଖ୍ୟାଠାରୁ ଅଧିକ। ହିଂସା ଯୋଗୁ ଏହି ଭାରତୀୟଙ୍କ ଜୀବନ ଏବଂ ଜୀବିକା ଏବେ ବିପଦରେ । ଅନିଶ୍ଚିତତା ସେମାନଙ୍କୁ ସମସ୍ୟାରେ ପକାଇଛି ଏବଂ ବିଶେଷକରି ଭଲରେ ଜୀବନଯାପନ କରୁ ନ ଥିବା ଲୋକଙ୍କ ପାଇଁ ଜିଇବା କଷ୍ଟକର ହୋଇଯାଇଛି। ଏହି ସଂଖ୍ୟାଗରିଷ୍ଠମାନେ ହେଉଛନ୍ତି ଉପସାଗରୀୟ ଅଞ୍ଚଳରେ ସେବା କିମ୍ବା ଶିଳ୍ପ କ୍ଷେତ୍ରରେ କାର୍ଯ୍ୟକରୁଥିବା ପ୍ରବାସୀ ଭାରତୀୟ ଶ୍ରମିକ ଶ୍ରେଣୀର ଲୋକେ। ଏହି କ୍ଷେତ୍ରରେ ଅନେକ ଲକ୍ଷ ଭାରତୀୟଙ୍କ ସକ୍ରିୟ ଯୋଗଦାନ ଥିବାରୁ ଯୁଦ୍ଧ ପରେ ଜିସିସି ରାଷ୍ଟ୍ରଗୁଡ଼ିକର ଭବିଷ୍ୟତ ଏବଂ ଅର୍ଥନୀତି ପ୍ରଭାବିତ ହୋଇପାରେ। ଯେଉଁ ରାଷ୍ଟ୍ରରୁ ଆମେ ଇନ୍ଧନ ଏବଂ ଗ୍ୟାସ ଆଣୁଛୁ ସେମାନଙ୍କ ତୁଳନାରେ ବି ଭାରତ ଅଧିକ ଅକଳରେ ପଡ଼ିଛି ଏବଂ କଷ୍ଟ ପାଉଛି। ଏଥିପାଇଁ ଏହି ପ୍ରଶ୍ନ ପଚାରିବା ଜରୁରୀ- ଯୁଦ୍ଧରତ ରାଷ୍ଟ୍ର ଆମେରିକା ଏବଂ ଇସ୍ରାଏଲର କାର୍ଯ୍ୟକଳାପକୁ ପ୍ରଭାବିତ କରିବାରେ କିମ୍ବା ପ୍ରଭାବିତ କରିବାକୁ ଚେଷ୍ଟା କରିବାରେ ଆମେ ଅସମର୍ଥ କାହିଁକି? ଆମ ସରକାର କେବଳ କହିଛନ୍ତି, ଶିପିଂ ପୁନର୍ବାର ଆରମ୍ଭ କରିବାକୁ ଅନୁମତି ଦିଆଯାଉ। ଏଭଳି କହିବା ବ୍ୟତୀତ ସରକାର ଅନ୍ୟ ସମସ୍ୟା ସହିତ ଜଡିତ ହୋଇନାହାନ୍ତି। କାହିଁକି ଜାହାଜଗୁଡ଼ିକ ଅଟକି ରହିଛନ୍ତି? ଆମେ ସେ ବିଷୟରେ କୌଣସି ଟିପ୍ପଣୀ ଦେଉନାହୁଁ। ଏହାକୁ ପୁନର୍ବାର କିପରି ଆରମ୍ଭ କରାଯିବ? ଏ ବିଷୟରେ ଆମକୁ ଜଣାନାହିଁ। କେବଳ ଆବେଦନ କିମ୍ବା ଦାବି କିମ୍ବା ଅନୁରୋଧ କରୁଛୁ ଯେ, ଶିପିଂ ଆରମ୍ଭ କରିବାକୁ ଅନୁମତି ଦିଆଯାଉ। ଉଲ୍ଲେଖନୀୟ ଯେ, ଭାରତ ତ୍ରୁଟିପୂର୍ଣ୍ଣ ଭାବରେ ୟୁରୋପର ଉପନିବେଶବାଦୀ ରାଷ୍ଟ୍ରଗୁଡ଼ିକର ଦୃଷ୍ଟିକୋଣକୁ ସମର୍ଥନ କରିଚାଲିଛି, ଯେଉଁମାନେ ଯୁଦ୍ଧରେ ଜଡ଼ିତ ହେବାକୁ ଚାହାନ୍ତି ନାହିଁ। ସେମାନେ କେବଳ ଚାହାନ୍ତି ସେମାନଙ୍କ ସାମଗ୍ରୀ ସୁରୁଖୁରୁରେ ଆସିଯାଉ। ଆସନ୍ତୁ ପ୍ରଶ୍ନର ଉତ୍ତର ଦେବା ପାଇଁ ଚେଷ୍ଟା କରିବା। ଏହା ମଧ୍ୟ ସମ୍ଭବ । ଏସବୁ ପଛରେ ସମ୍ଭବତଃ କୌଣସି ଗୋଟିଏ କାରଣ ନାହିଁ ବରଂ ଏପରି କେତୋଟି କାରଣ ରହିଛି, ଯାହା ପଦକ୍ଷେପ ନେବା ଅପେକ୍ଷା ଆମକୁ ନୀରବ ରହିବାକୁ ପ୍ରେରିତ କରିଛି। ଆସନ୍ତୁ ସେଗୁଡ଼ିକୁ ଗୋଟିଏ ପରେ ଗୋଟିଏ ଆଲୋଚନା କରିବା।

ଭାରତୀୟ ବୈଦେଶିକ ନୀତିରେ ଏକ ଅସଙ୍ଗତି ଅଛି ଏବଂ ଏହାର ଚେର ଜାତୀୟ ସୁରକ୍ଷା ଯାଏ ଲମ୍ବିଛି। ଉଦାହରଣ ସ୍ୱରୂପ, ଚାଇନା ଭାରତର ବନ୍ଧୁ କିମ୍ବା ଶତ୍ରୁ; ତାହା ସହ ବାଣିଜ୍ୟ କରାଯିବା ଉଚିତ ନା ବିଚ୍ଛିନ୍ନ ହେବା ଦରକାର, ସେ ସମ୍ପର୍କରେ ଆମେ ସ୍ପଷ୍ଟ ନୋହୁଁ। ନୀତି ତଥା ବିଶ୍ୱାସ ଅଭାବରୁ ହିଁ ସମନ୍ୱୟ ରହେ ନାହିଁ। ଆମର ଅଧିକାଂଶ ବୈଦେଶିକ ନୀତି ଭାରତୀୟଙ୍କ ପାଇଁ ଉଦ୍ଦିଷ୍ଟ ଏବଂ ଏବେ ଏହି ଯୁଦ୍ଧ ସ୍ଥିତିରେ ସେପରି ହୋଇଛି। ଏହା ସ୍ପଷ୍ଟ ଯେ, ବିଶ୍ୱନେତା ହେବାର ଦାବି ଫମ୍ପା ଥିଲା, ଆମେ ଲଜ୍ଜିତ ହୋଇ ଦୂରେଇ ରହିଗଲୁ। ଜାତୀୟ ସ୍ୱାର୍ଥର ଧାରଣାକୁ ପରିତ୍ୟାଗ କରି ଆମେ ବ୍ୟକ୍ତିଗତ ସ୍ୱାର୍ଥ ସହିତ ଜଡ଼ିତ ବ୍ୟକ୍ତିଗତ କୂଟନୀତିକୁ ଆଦରି ନେଇଛୁ ଏବଂ ଧରି ନେଉଛୁ ଘନିଷ୍ଠତା ହେଉଛି ବୈଦେଶିକ ନୀତି ପାଇଁ ଏକ ଦୃଢ଼ ଭିତ୍ତିଭୂମି। ଗଭୀର ବନ୍ଧୁତ୍ୱ ରଖିବା ପ୍ରୟାସରେ (ଟ୍ରମ୍ପଙ୍କ ଦ୍ୱାରା) ଆମକୁ ବିଶ୍ୱାସଘାତ କରାଯାଇଛି କିମ୍ବା ବିପରୀତ ପକ୍ଷ (ନେତନ୍ୟାହୁ)ଙ୍କ ଦ୍ୱାରା ଆମକୁ ବ୍ୟବହାର କରାଯାଇଛି। ଦ୍ୱନ୍ଦ୍ୱ ହେଉଛି, ଆମର ବନ୍ଧୁମାନେ ଭାରତୀୟଙ୍କୁ ଦୁଃଖ ଦେଲେ ମଧ୍ୟ ସେମାନଙ୍କୁ ଯୁଦ୍ଧ ବନ୍ଦ କରିବାକୁ କହିବାର କ୍ଷମତା ଆମ ପାଖରେ ନାହିଁ ବୋଲି ଆମେ ମନେକରୁଛୁ।

ଆଉ ଏକ କାରଣ ହେଉଛି ଯେ ଅନ୍ୟମାନଙ୍କ କୂଟନୈତିକ ପ୍ରୟାସ ଆମକୁ ଚିନ୍ତିତ କରିଛି। ଆମେ ଯେଉଁମାନଙ୍କୁ ଘୃଣା କରୁ ସେମାନଙ୍କ ପ୍ରୟାସରେ ଯୁଦ୍ଧ ଶେଷ ହେବାକୁ ଯାଉଛି। ହେଲେ ଆମେ ତାହା ନ କରି ଭାରତୀୟମାନେ କଷ୍ଟ ପାଆନ୍ତୁ ବୋଲି ପସନ୍ଦ କରୁଛୁ, ଯାହା ଅଯୌକ୍ତିକ । ଏହା ସେହି ଲୋକମାନଙ୍କର କାର୍ଯ୍ୟ, ଯେଉଁମାନେ ନେତୃତ୍ୱରେ ରହି 'ବିଶ୍ୱ ଏକ ପରିବାର' ବୋଲି ଆମକୁ ଉଚ୍ଚସ୍ୱରରେ କହୁଛନ୍ତି। ଅନ୍ୟ ଏକ କାରଣ ଅଛି ଏବଂ ଏହାକୁ ଲୋକକଥା-ମୁଲ୍ଲେ କି ଦୌଡ଼ ମସଜିଦ୍ ତକ୍- ସହିତ ବର୍ଣ୍ଣନା କରାଯାଇପାରେ। ଇଣ୍ଟରନେଟ ଏହି କଥାକୁ ବ୍ୟାଖ୍ୟା କରେ ଯେ,''ଯେଉଁ ବ୍ୟକ୍ତି କେବଳ ନିଜର ଜ୍ଞାନ, ସମ୍ବଳ କିମ୍ବା ଆଗ୍ରହ ଭିତରେ ସୀମିତ ରହନ୍ତି'' । ନୂତନ ଭାରତ ଏକ ଉଗ୍ର ଆଭ୍ୟନ୍ତରୀଣ ଜାତୀୟତାବାଦ ସହ ଜଡ଼ିତ। ଯଦି ଏ କ୍ଷେତ୍ରରେ ଆପଣ ନୂଆ କରି ଜାଣିବାକୁ ଚାହୁଁଛନ୍ତି, ତେବେ ଖବରକାଗଜ ଖୋଲନ୍ତୁ ଏବଂ ଟେଲିଭିଜନ ଚାଲୁ କରନ୍ତୁ ଜାଣିବେ ଏହା ଆମର ମୂଳମନ୍ତ୍ର ଏବଂ କୋରସ୍ ପାଲଟିଯାଇଛି। ମନେକରୁଛୁ, ଅତୀତ ପାଇଁ ସଂଖ୍ୟାଲଘୁମାନେ ଦାୟୀ, ଉଦାରବାଦୀମାନେ ଆମର ଗୌରବମୟ ଭବିଷ୍ୟତର ଏବର ପଥ ଅବରୋଧକ। ଆଗକୁ ବଢ଼ିବା ପୂର୍ବରୁ ସେସବୁକୁ ପ୍ରଥମେ ସମାଧାନ କରିବା ଜରୁରୀ। ଏହା ଆମର ପ୍ରାଥମିକ ଦାୟିତ୍ୱ ହେବା ଦରକାର ଏବଂ ଏହାକୁ ଜାରି ରଖିବା ଉଚିତ। ଯେତେବେଳେ ରାଷ୍ଟ୍ର ବିଷୟରେ ଏହି ପ୍ରକାରର ସ୍ପଷ୍ଟତା ରହିବ, ବାହ୍ୟ ଜଗତ ପ୍ରତି ଧ୍ୟାନ ରହିବ ନାହିଁ। ଏବଂ ଯଦି ଆମେ ଏହାକୁ ଅଣଦେଖା କରୁ, ତେବେ ଆଶା ରଖିବା ଯେ ଏହା ଆପେ ଆପେ ଠିକ୍ ହୋଇଯିବ, ଯାହା ଏବେ ଏପରି ହେଉଛି। ଶୁକ୍ରବାର ଦିନ ଏକ ସାମ୍ବାଦିକ ସମ୍ମିଳନୀରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ରଙ୍କୁ ପଚରାଯାଇଥିଲା, ''ଟ୍ରମ୍ପ ଅସୀମ ମୁନିରଙ୍କୁ ପ୍ରଶଂସା କରୁଛନ୍ତି ଏବଂ ପାକିସ୍ତାନ ଯାତ୍ରା କରିପାରନ୍ତି। ଭାରତ ପାକିସ୍ତାନର ଅସ୍ତ୍ରବିରତି ଭୂମିକାକୁ କିପରି ଦେଖେ? ଯଦି ଟ୍ରମ୍ପ ଗୋଟିଏ ଯାତ୍ରାରେ ଭାରତ ଏବଂ ପାକିସ୍ତାନକୁ ଆସନ୍ତି ତେବେ ଭାରତ କ'ଣ ଏଥିରେ ରାଜି ହେବ?'' ମୁଖପାତ୍ର ଉତ୍ତର ଦେଲେ, '' ଏହା ଉପରେ ମୋର ଏକ ସରଳ ଉତ୍ତର ଅଛି। ଭାରତ ପଶ୍ଚିମ ଏସିଆରେ ଘଟୁଥିବା ଘଟଣାକ୍ରମ ଉପରେ ନିକଟରୁ ନଜର ରଖିଛି।'' କିନ୍ତୁ ତାହା ଉପଯୁକ୍ତ ଏବଂ ସ୍ପଷ୍ଟ ଭାବେ ପାଳନ କରାଯାଉନାହିଁ।

Email:aakar.patel@gmail.com

# ଅହଙ୍କାରର ଅନ୍ଧକାର



ଡ. ପବିତ୍ର ସୁବୁଦ୍ଧି

କେହି ଜଣେ ମାଟିର କଳସୀକୁ ଦିନେ ପଚାରିଲେ ତୁମେ ସବୁବେଳେ ଏମିତି ଥଣ୍ଡା ଥାଅ କେମିତି ? ମାଟି କଳସୀ ହସି ଦେଇ କହିଲା-ଯାହାର ଅତୀତ ମାଟି ଓ ଭବିଷ୍ୟତ ବି ମାଟି, ସେ ଗରମ କ'ଣ ପାଇଁ ହେବ ? ମାଟିରେ ଗଢା ମୋ ଶରୀର, ଦିନେ ସେଇ ମାଟିରେ ହିଁ ମିଶିଯିବ। ଏଣୁ ଅହଙ୍କାର କ'ଣ ପାଇଁ କରିବି ? ଅହଙ୍କାର ହେଉଛି ଛୋଟ ଗୋଟିଏ ଶବ୍ଦ, କିନ୍ତୁ ସେହି ଶବ୍ଦ ଭିତରେ ଲୁଚି ରହିଥାଏ ମଣିଷର ପତନର ଅନ୍ୟତମ କାରଣ। ପୁରାଣରୁ ଆରମ୍ଭ କରି ଇତିହାସ ଯାଏ, କଥାରୁ କାହାଣୀ ଯାଏ ସବୁଠି ସ୍ପଷ୍ଟ ଯେ, ଅହଙ୍କାର ମଣିଷକୁ ଅନ୍ଧକରି ରଖେ। ସେହି ଅହଂ ଅନ୍ଧକାର ଯୋଗୁ ରାବଣ, କଂସ ଓ ଦୁର୍ଯ୍ୟୋଧନମାନଙ୍କୁ ଯେଉଁ ମୂଲ୍ୟ ଦେବାକୁ ପଡିଲା, ତାହା ଏଯାବତ୍ ମାନବ ସମାଜ ପାଇଁ ଏକ ଚେତାବନୀ ହୋଇ ରହିଛି। ଏସବୁ ସତ୍ତ୍ୱେ ଆଜିର ମଣିଷ ଧନସମ୍ପତ୍ତି, ବଂଶ, ବୁନିଆଦି, ଶକ୍ତି-ସାମର୍ଥ୍ୟ, ପଦପଦବୀ, ବୁଦ୍ଧି-ସିଦ୍ଧିକୁ ନେଇ ଅହଙ୍କାରୀ ହୋଇଉଠେ। ସେ ଭାବେ ସାରା ସଂସାରରେ ସେ ହିଁ ଶ୍ରେଷ୍ଠ, ସେ ହିଁ ଜ୍ଞାନୀ। ମୁଁ ହିଁ ଶୀର୍ଷ ବୋଲି ଭାବିବା ଅର୍ଥ ଆପଣ ଶେଷରେ ପହଞ୍ଚି ଯାଉଛନ୍ତି। ତେଣିକି ପତନର ଆରମ୍ଭ।

କୁହାଯାଏ- ଅଜ୍ଞତା ହିଁ ଅହଙ୍କାରର ଜନନୀ। ବିନମ୍ରତା ବ୍ୟକ୍ତି ଜୀବନର ଏକ ଅମୂଲ୍ୟ ଅଳଙ୍କାର। କେହି ଜଣେ ଏକଦା ଦାର୍ଶନିକ ସକ୍ରେଟିସଙ୍କୁ ପଚାରିଲେ- ଆପଣ କ'ଣ ଏଥେନ୍ସ ନଗରୀର ସର୍ବଶ୍ରେଷ୍ଠ ଜ୍ଞାନୀ ? ହସି ହସି ସକ୍ରେଟିସ କହିଲେ- ମୁଁ ତ କିଛି ଜାଣେ ନାହିଁ, ଜ୍ଞାନୀ ହେବି କେମିତି ? ମଣିଷ ମାତ୍ରେ ଅଜ୍ଞ। ନିଜ ଅଜ୍ଞତାକୁ ଜାଣିବା ମଣିଷର ସବୁଠାରୁ ବଡ ବିଜ୍ଞତା। ବିଡମ୍ବନା ଏହା ଯେ, ଅହଙ୍କାରୀ ନିଜକୁ ସବୁଠାରୁ ଜ୍ଞାନୀ ମନେ କରିଥାଏ। ରାବଣ ଥିଲା ପ୍ରଚଣ୍ଡ ଜ୍ଞାନୀ। ମାତ୍ର ଅହଙ୍କାରର ବଶବର୍ତ୍ତୀ ହୋଇ ସେ ନିଜ ବଂଶନାଶର କାରଣ ସାଜିଥିଲା। ସେହିପରି ଅହଙ୍କାରୀ ଦୁର୍ଯ୍ୟୋଧନ ଜ୍ଞାନୀଙ୍କୁ ହେୟଜ୍ଞାନ କରିବା ଯୋଗୁ ମହାଭାରତ ଯୁଦ୍ଧର ସୂତ୍ରପାତ ହୋଇଥିଲା। ଅହଙ୍କାର ଆମ ପ୍ରତିପାଳିତ ଏକ ରାକ୍ଷସ। ଯେଉଁ ମଦ-ମତ୍ତ ମଣିଷ ଏ ରାକ୍ଷସର କବଳିତ ହୁଏ, ସିଏ ନିଜ ସର୍ବନାଶକୁ ଡାକିଆଣେ। ନଈ ବଢିଲେ ଦୁଇ କୂଳ ଖାଏ। ଅନ୍ୟର କ୍ଷତି ଚାହୁଁଥିବା ବ୍ୟକ୍ତି ନିଜେ ବି କ୍ଷତିଗ୍ରସ୍ତ ହୁଏ।

ବିଶ୍ୱାସ ଗୋଟିଏ ଛୋଟ ଶବ୍ଦ। ଯାହା ଉପରେ ସବୁ ସମ୍ପର୍କ ବସା ବାନ୍ଧେ। ସମ୍ପର୍କର କେବେ ସ୍ୱାଭାବିକ ମୃତ୍ୟୁ ହୁଏନା। ମଣିଷର ସ୍ୱଭାବ, ବ୍ୟବହାର ଓ ଅହଙ୍କାର ଇଚ୍ଛାକୃତ ଭାବେ ଏହାକୁ ମାରିଦିଅନ୍ତି। ଯଦି



ଆପଣ ସମ୍ପର୍କକୁ ବଞ୍ଚେଇ ରଖିବାକୁ ଚାହାନ୍ତି, ତେବେ ଜୀବନରେ ଏହି ଚାରିଟି ଜିନିଷକୁ କେବେ ବି ଭାଙ୍ଗନ୍ତୁ ନାହିଁ। ସେଗୁଡିକ ହେଲା- ବିଶ୍ୱାସ, ହୃଦୟ, ପ୍ରେମ ଓ ପ୍ରତିଶ୍ରୁତି। ଏଗୁଡିକ ଭାଙ୍ଗିଲା ବେଳେ ଶବ୍ଦ ହୁଏନି ସତ, କିନ୍ତୁ ବହୁତ ଯନ୍ତ୍ରଣା ହୁଏ। ପାଣି ଯଦି ମର୍ଯ୍ୟାଦା ଭାଙ୍ଗେ 'ବିନାଶ' ଆସେ। ଆଉ ବାଣୀ ଯଦି ମର୍ଯ୍ୟାଦା ଭାଙ୍ଗେ 'ସର୍ବନାଶ' ଆସେ। ଏଣୁ ବାଣୀ ଉପରେ ସର୍ବଦା ସଂଯମତା ରଖିବା ଉଚିତ। ବାଣୀକୁ 'ବାଣ' ନୁହେଁ 'ବୀଣା' କରିଦିଅନ୍ତୁ। ବାଣୀ ଯଦି ବୀଣା ହୋଇଯାଏ ଜୀବନ ସଙ୍ଗୀତମୟ ହୋଇଉଠେ, ଆଉ ଯେବେ ବାଣୀ 'ବାଣ' ହୋଇଯାଏ, ସେତେବେଳେ ଜୀବନରେ ମହାଭାରତ ଆରମ୍ଭ ହୋଇଯାଏ। ନିଷ୍ପତ୍ତି ଆପଣଙ୍କର।

ଆମେ ଜାଣୁ ତାଙ୍କ ଗତି ଅତି ବିଚିତ୍ର। କ୍ଷଣକରେ ସେ ଅମିରକୁ ଫକିରରେ, ରାଜାକୁ ରଙ୍କରେ ପରିଣତ କରିପାରେ। ଏହାସତ୍ତ୍ୱେ ମଣିଷ ମିଛ ଅହମିକାରେ ବାଟ ଚାଲେ। ମାତ୍ରାଧିକ 'ମୁଁ' 'ମୁଁ'ରେ ପ୍ରମତ୍ତ ହୁଏ । ଇନ୍ଦ୍ରଚନ୍ଦ୍ର ମାନେନା, ସେ ସମ୍ପର୍କରେ ପ୍ରସଙ୍ଗଟିଏ-ଛୋଟ ମନ୍ଦିରଟିଏ। ରାତିରେ ଠାକୁରଙ୍କ ଆଳତି ପରେ ପୂଜାରୀ ମନ୍ଦିର ଦ୍ୱାର ବନ୍ଦକରି ଘରକୁ ଫେରିଗଲେ। ମନ୍ଦିର ଭିତରେ ଗୋଟିଏ କୋଣରେ ମହମବତିଟିଏ ଜଳୁଥିଲା। ଠାକୁରଙ୍କ ସାମ୍ନାରେ ଧୂପବତିଟିଏ ବି ମିଞ୍ଜି ମିଞ୍ଜି ହୋଇ ଜଳୁଥିଲା। ଏଥର ମହମବତି ଅତ୍ୟନ୍ତ ଦର୍ପରେ ଧୂପବତିକୁ କହିଲା- ମୁଁ କେତେ ଭାଗ୍ୟବାନ୍! ମୋର ଧୋବ ଫରଫର ରୂପ ମଧ୍ୟ କେତେ ସୁନ୍ଦର! ମନୁଷ୍ୟ ମୋତେ କେତେ ରଙ୍ଗରେ, କେତେ ଢଙ୍ଗରେ ପ୍ରସ୍ତୁତ କରେ। ମୋର ସୁନ୍ଦରତାକୁ ବହୁଗୁଣିତ କରିଦିଏ। ସେଇଥିପାଇଁ ସମସ୍ତଙ୍କ ନଜର ମୋ ପାଖରେ ଅଟକିଯାଏ। ହେଲେ ତମେ କେତେ କଳା, କେତେ ଅପରିଚ୍ଛନ୍ନ। ତମକୁ ତ ଆଡ଼ ଆଖିରେ କେହି ଚାହାନ୍ତି ନାହିଁ। ମହମବତି କଥା ଶୁଣି ଧୂପବତି କିଛି ବି କହିଲା ନାହିଁ।

ଅଳ୍ପ ସମୟ ପରେ ପୁଣି ମହମବତି କହିଲା- ମୁଁ ନ ଥିଲେ ଏ କକ୍ଷରେ ଅନ୍ଧକାର ଛାଇ ଯାଇଥାନ୍ତା। କେବଳ ମୋର ଆଲୋକରେ ତ ଏ ସ୍ଥାନ ଆଲୋକିତ ହୋଇଛି। ତୁମେ ବି ଜଳୁଛ। ହେଲେ ମିଞ୍ଜି ମିଞ୍ଜି ହୋଇ ଜଳୁଛ। ତୁମ ଆଲୋକ କେବଳ ତୁମ ପାଖରେ ହିଁ ସୀମିତ । ତା' ଛଡ଼ା ତୁମ ଆଲୋକ ଏତେ କ୍ଷୀଣ ଯେ ସେଥିରେ ଅନ୍ୟର କିଛି ବି ଲାଭ ହେଉନାହିଁ।

ଏହାଶୁଣି ଧୂପବତି କହିଲା- ଭଉଣୀ ! ତୁମ କଥା ଠିକ୍। ତୁମ ଆଲୋକରେ ଏ କକ୍ଷ ଆଲୋକିତ ହେଉଛି ଓ ମୋ ଜଳିବାରେ କିଛି ବି ଲାଭ ନାହିଁ। କିନ୍ତୁ ମୋ ଜଳିବାର କାରଣ ଭିନ୍ନ ଓ ତୁମ ଜଳିବାର କାରଣ ବି ଭିନ୍ନ। ତୁମେ ସ୍ୱୟଂ ଜଳି ଜଳି ଆଲୋକ ପ୍ରଦାନ କରୁଛ ଏବଂ ମୁଁ ଜଳି ଜଳି ପରିବେଶକୁ ସୁଗନ୍ଧମୟ କରୁଛି। ତୁମେ ଆଲୋକ ପ୍ରଦାନ କରୁଛ ତାହା ଭଲ କଥା, କିନ୍ତୁ ପରୀକ୍ଷାର କଠିନ ସମୟରେ ଧୈର୍ଯ୍ୟ ଓ ସାହସର ସହ ନିଜ ସ୍ଥାନରେ ଅଟଳ ରହିବାରେ ହିଁ ତୁମ ଚମକର ସାର୍ଥକତା ନିହିତ।

ମହମବତି ଧୂପବତିର କଥାକୁ ହେୟମନେ କଲା। ହଠାତ୍ ଏହି ସମୟରେ ମନ୍ଦିରର ଝରକା ଦେଇ ଦଲକାଏ ଶୀତଳ ପବନ କକ୍ଷ ମଧ୍ୟକୁ ପଶି ଆସିଲା। ଫଳରେ ମହମବତି ଲିଭିଗଲା। କିନ୍ତୁ ପବନର ତୀବ୍ର ପ୍ରବାହରେ ଧୂପବତି ସୁଗନ୍ଧ ଆହୁରି ଦ୍ରୁତଗତିରେ କକ୍ଷରେ ଖେଳିଗଲା। ଏହି ସମୟରେ ଲିଭିଯାଇଥିବା ମହମବତିକୁ ଧୂପବତି କହିଲା- ଭଉଣୀ! ସେ ଚମକ କେଉଁ କାମର, ଯାହା ଦଲକାଏ ପବନର ବି ସାମ୍ନା କରିପାରେନା। ଶୁଣ ଭଉଣୀ! ନିଜର କ୍ଷୁଦ୍ର କ୍ଷମତା ଉପରେ ଅହଙ୍କାର ବ୍ୟର୍ଥ ଅଟେ। ଏ ଜୀବନ ଦି' ଦିନର, କ'ଣ ପାଇଁ ଏତେ ଅହଙ୍କାର ? କିଏ ଜାଣେ କାହାର ଦୀପ କେତେବେଳେ ଲିଭିଯିବ ? ପାଠକେ; ଯେତେବେଳେ ମନରେ ଅହଙ୍କାର ଆସୁଛି ସେତେବେଳେ ଟିକେ ଶ୍ମଶାନକୁ ଯାଇ ବୁଲି ଆସନ୍ତୁ । ଦେଖିବେ କେତେ ଯେ ଦର୍ପ, ଅହଙ୍କାର ଓ ଅହମିକା ସେଠି ପାଉଁଶ ହୋଇଯାଇଛି। ସେଥିପାଇଁ କୁହାଯାଇଛି – Starve you Ego and feed your Soul. ଆପଣ ଆତ୍ମାର ଆଲୋକରେ ବାଟ ଚାଲିବେ ନା ଅହଙ୍କାରର ଅନ୍ଧାରରେ ବାଟ ହୁଡ଼ିବେ, ସେ ବିଚାର ଆପଣଙ୍କର। କିନ୍ତୁ ଏ କଥା ଚନ୍ଦ୍ର ସୂର୍ଯ୍ୟ ଭଳି ସତ୍ୟ ଯେ ଏ ଦୁନିଆରେ କେହି କାହାର ନୁହନ୍ତି। ମୃତଦେହକୁ ଶ୍ମଶାନରେ ପହଞ୍ଚାଇ ଦେଇ ନିଜ ଲୋକମାନେ ବି ପ୍ରଶ୍ନ କରନ୍ତି – ଆଉ କେତେ ସମୟ ଲାଗିବ ଲାସ୍ ପୋଡ଼ିବାକୁ ? ଆମକୁ ଭଲ ଲାଗୁ ବା ନ ଲାଗୁ, ଏହା ହିଁ ଜୀବନର ଅସଲ ବାସ୍ତବତା।

ମୋ: ୬୩୭୦୬୪୫୭୮୯

# ଏକ ପାଶ୍ଚାତ୍ୟ ଗାଁର କାହାଣୀ



ଅଲେଖ ଚନ୍ଦ୍ର ମିଶ୍ର

ପାଶ୍ଚାତ୍ୟ ଜଗତର ଗ୍ରାମ୍ୟ ଜୀବନ ଓ ସଂସ୍କୃତିର ବାସ୍ତବ ଚିତ୍ର ଏବେ ଆଉ ନାହିଁ। କିନ୍ତୁ ଆଗେ ତା'ର ରୂପରେଖ ଯେପରି ଥିଲା ଜାଣିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ। ପ୍ରାୟ ୩୦୦ ବର୍ଷ ପୂର୍ବେ ସେଠାକାର ଗାଆଁ ଗଣ୍ଡାର ଚଳଣି ଓ ପରମ୍ପରା ଭାରତୀୟ ଜନ ଜୀବନ ଭଳି ତତ୍କାଳୀନ ଲୋକଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା, ଯାହାକୁ ଆଧାର କରି ଅନେକ ସାହିତ୍ୟକୃତି ଗଢ଼ି ଉଠିଥିଲା। ସେ ସବୁର କେତୋଟି ଦୃଷ୍ଟାନ୍ତ ହେଉଛି 'ଟୋରି' ସାହିତ୍ୟ, ଭର୍ଗୀଲଙ୍କର 'ଏକ୍ଲଗ' ଏବଂ ଜୁଭେ-ନାଲ ଓ ପ୍ଲିନି, ସାମୁଏଲ ଓ କାନା ହଲ୍‌ଙ୍କ ଭଳି ସାହିତ୍ୟିକ। କିନ୍ତୁ ସେ କ୍ଷେତ୍ରରେ ସବୁଠାରୁ ଲୋକପ୍ରିୟ ଏବଂ ବର୍ଣ୍ଣିଳ ହେଉଛି ପ୍ରଖ୍ୟାତ ଆଇରିସ୍ କବି ଅଲିଭର୍ ଗୋଲ୍ଡସ୍ମିଥ୍‌ଙ୍କ ୪୩୦ ପଂକ୍ତି ବିଶିଷ୍ଟ କାଳଜୟୀ ଖଣ୍ଡକାବ୍ୟ 'ଦ ଡେଜର୍ଟେଡ ଭିଲେଜ' (୧୭୭୦)। ଗୋଲ୍ଡସ୍ମିଥ ପାଲାସ ନାମକ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ ବି ତାଙ୍କ ପିତା ଅବର୍ନ ଗ୍ରାମରେ ଚାକିରି କରୁଥିବାରୁ ପିଲାବେଳୁ ସେ ପରିବାର ସହିତ ସେହି ଗ୍ରାମରେ ରହୁଥିଲେ। ଆୟର୍ଲାଣ୍ଡ ଓ ଇଂଲଣ୍ଡର ଅନେକ ସ୍ଥାନରେ ଭ୍ରମଣ କରି ନିଜର ପ୍ରତ୍ୟକ୍ଷ ଅନୁଭୂତିକୁ ସେ ଉଲ୍ଲିଖିତ କବିତାରେ ଏପରି ଚମତ୍କାର ଭାବରେ ବର୍ଣ୍ଣନା କରିଛନ୍ତି ଯେ, ତତ୍କାଳୀନ ଗ୍ରାମ୍ୟ ଜୀବନର ଏହା ଏକ ଦର୍ପଣ ସଦୃଶ।

କାବ୍ୟଟିର କେନ୍ଦ୍ରବିନ୍ଦୁ ଥିଲା ଆୟର୍ଲାଣ୍ଡର ଆଥ୍‌ଲୋନ ଅନ୍ତର୍ଗତ ମୋଟ ରେଲ୍‌ୱେ ଷ୍ଟେସନଠାରୁ ୬ ମାଇଲ ଦୂରରେ ଅବସ୍ଥିତ ସୁଖ ସମୃଦ୍ଧିଭରା ସୁନ୍ଦର ଅବର୍ନ ଗ୍ରାମ, ଯେଉଁଠି କବିଙ୍କ ଭାଷାରେ ବସନ୍ତ ଋତୁ ଶୀଘ୍ର ଆସିଯାଏ ଏବଂ ଗ୍ରୀଷ୍ମଋତୁ ଡେରିରେ ଛାଡ଼େ। ଗ୍ରାମଟି ତାଙ୍କର ପ୍ରିୟ ଥିଲା ଏବଂ ତାକୁ ସେ ପ୍ରଥମେ 'ସୁଇଟ୍ ଅବର୍ନ' ବୋଲି ସମ୍ବୋଧନ କରି କବିତା ଆରମ୍ଭ କରିଛନ୍ତି। ତା'ପରେ ଗ୍ରାମର ଅପୂର୍ବ ଶୋଭାରାଶିକୁ ବର୍ଣ୍ଣନା କରିବାକୁ ଯାଇ ତା'ର ସବୁଜିମା, ବିସ୍ତୃତ ଶସ୍ୟକ୍ଷେତ୍ର, ଫୁଲଫଳଭରା ପରିବେଶ, ଚଲାପଥକୁ ମାଡ଼ି ଯାଇଥିବା ଅନାବନା ଘାସ, ଗାଁ ଲୋକଙ୍କର ପରସ୍ପର ପ୍ରତି ଥିବା ସ୍ନେହ, ଶ୍ରଦ୍ଧା, ମମତା, ସହଯୋଗ ଆଦିର ସୂଚନା ଦେବା ସହିତ ପ୍ରାୟ ପ୍ରତ୍ୟେକ ପ୍ରକାର ଚରିତ୍ରର ଅବତାରଣା କରିଛନ୍ତି। ଗାଁର ମୁଖ୍ୟ ଚରିତ୍ର ଥିଲେ ଗାଁ ଚାଟଶାଳୀର ଅବଧାନ (ଭିଲେଜ ସ୍କୁଲ ମାଷ୍ଟର୍), ଯିଏ କୋଳାହଳମୟ ଛୋଟ ବିଦ୍ୟାଳୟଟିରେ (ନଏଜି ମାନ୍ସନ, ଲିଟିଲ ସ୍କୁଲ)ର ଦକ୍ଷ ଅନୁଶାସକ (ସ୍କିଲ୍ଡ ଟୁ ରୁଲ) ଥିଲେ। ତାଙ୍କର ଭୟ ଉଦ୍ରେକକାରୀ ଚେହେରା ଦେଖିଲେ ଚାଟମାନେ ପ୍ରମାଦ ଗଣୁଥିଲେ ଏବଂ ସକାଳୁ ତାଙ୍କ ମୁହଁରୁ ଦିନଟି କେମିତି କଟିବ ଜାଣିବା ପାଇଁ ଶଙ୍କାକୁଳ ହୋଇ ପଡୁଥିଲେ। ପାଠପଢ଼ା ପାଇଁ ତାଙ୍କର ପ୍ରବଳ ଆଗ୍ରହ ଥିଲେ ବି ଅନେକେ ତା'ର ମୂଲ୍ୟ ବୁଝୁ ନଥିଲେ। ସେ ଏକାଧାରରେ ଜଣେ ଜ୍ୟୋତିଷ, ଗଣକ ଓ ଭବିଷ୍ୟବକ୍ତା ଥିଲେ; ଯିଏ ବର୍ଷା, ଜୁଆର, ବାତ୍ୟା ଆଦିର ପ୍ରାକ୍ ସୂଚନା ଦେଇ ପାରୁଥିଲେ ଏବଂ ଜମିବାଡ଼ିର ମାପଚୁପ ବି କରୁଥିଲେ। ଏପରିକି ଜାଣି ନଥିବା କଥାକୁ ଠାସକ ମାରି ଚଳେଇ ନେଉଥିଲେ। ଗାଁର ପୂଜକ ପଣ୍ଡିତଙ୍କ ସହିତ ଯୁକ୍ତିତର୍କରେ ହାରିଲେ ବି କେବେ ହାର୍ ମାନୁ ନଥିଲେ। ତାଙ୍କର ଛୋଟିଆ ମୁଣ୍ଡରେ ଥିବା ଜ୍ଞାନଗରିମା ଦେଖି ଗ୍ରାମବାସୀଙ୍କର ଆଶ୍ଚର୍ଯ୍ୟର ସୀମା ରହୁ ନଥିଲା (ୱାନ୍ ସ୍ମଲ୍ ହେଡ୍



କୁଡ୍ କ୍ୟାରି ଅଲ୍ ହି ନିଉ)। ଗାଁର ନାପିତ କ୍ଷୌରାଦି କର୍ମ କରୁଥିବା ବେଳେ କ'ଣ କେତେ କଥା ଗପୁଥିବ (ବାର୍ବର୍ସ ଟେଲ)। କୃଷକମାନେ ପରସ୍ପର ମଧ୍ୟରେ ଚାଷବାସ ଓ ଫସଲର ଭଲମନ୍ଦ ବିଷୟରେ ଘଣ୍ଟା ଘଣ୍ଟା ଧରି ଆଲୋଚନା କରୁଥିବେ (ଫାର୍ମର୍ସ ନିଉଜ୍)। ଶାଳଘରେ କାର୍ଯ୍ୟବ୍ୟସ୍ତ କମାର ବାପୁଡ଼ା ମୁଣ୍ଡରୁ ଝାଳ ପୋଛୁପୋଛୁ କାମରେ ଲାଗିଥିବ (ଦ ସେୱଟ ଅଫ୍ ଦି ବ୍ଲାକସ୍ମିଥ), ବିଲବାଡ଼ି ବା ବଣରେ ଜାଳେଣି ସଂଗ୍ରହ କରୁଥିବା ବେଳେ ଲୋକଟିଏ ଅନାବନା ଗୀତ ଗାଉଥିବ (ଉଡ୍ ମ୍ୟାନ୍ସ ବାଲାଡ୍)। ଏହିପରି ଅନେକ ସମ୍ବେଦନଶୀଳ ଘଟଣାର ବର୍ଣ୍ଣନା ଶୈଳୀ ମଧ୍ୟରେ ଗତିଶୀଳ ହୋଇଥିବା କାବ୍ୟଟି ପାଠକଙ୍କୁ ଆନମନା କରି ଦେଉଥିବା ବେଳେ ପରବର୍ତ୍ତୀ କାଳର ସହରୀକରଣ ପ୍ରଭାବରେ ଗ୍ରାମ୍ୟ ଜୀବନ ବିପର୍ଯ୍ୟୟର ଶିକାର ହୋଇ କିପରି ଶ୍ରୀହୀନ ହୋଇପଡ଼ିଲା, ସେ ଘଟଣା ବର୍ଣ୍ଣନା କରି କବି ପାଠକଙ୍କ ଚକ୍ଷୁରେ ଅଶ୍ରୁ ଭରି ଦେଇଛନ୍ତି। କବିଙ୍କ ଭାଷାରେ ଗାଁକୁ କୃତ୍ରିମ ପ୍ରଗତି, ନିରର୍ଥକ ପ୍ରାଚୁର୍ଯ୍ୟ ଓ ତଥାକଥିତ ଆତ୍ମତୃପ୍ତି ପ୍ରବେଶ କରି ତା'ର ନୈସର୍ଗିକ ମୌଳିକତାକୁ ଅପହରଣ କରିନେଲା। ଫଳରେ ନିଜର ଅନିଚ୍ଛା ସତ୍ତ୍ୱେ ଗାଁର ବାସିନ୍ଦାମାନେ ସେମାନଙ୍କର ଭିଟାମାଟି ଛାଡ଼ିବାକୁ ବାଧ୍ୟ ହୋଇଥିଲେ। ଗାଁରେ ଧନ, ସମ୍ପଦ, ଐଶ୍ୱର୍ଯ୍ୟ ପରିପୂର୍ଣ୍ଣ ହୋଇ ଉଠୁଥିଲା, ହେଲେ ତାକୁ ଭୋଗ କରିବାକୁ ଲୋକ ନଥିଲେ (ହୋୟାର୍ ୱେଲ୍‌ଥ ଆକୁମୁଲେଟ୍ସ ଆଣ୍ଡ ମେନ ଡିକେ)। ସହରାଭିମୁଖୀ ହୋଇ ସେମାନେ ଗାଁକୁ ଛାଡ଼ିଚାଲିଗଲେ ଆଉ ଅଲୋଡ଼ା ହୋଇ ପଡ଼ିରହିଲା ତାଙ୍କର ପ୍ରିୟ ଗ୍ରାମ। କବିତାଟିର ଶେଷଭାଗରେ କବି ଆଶାବାଦୀ ହୋଇ ଭବିଷ୍ୟବାଣୀ କରିଥିଲେ ଯେ, ଦିନ ଆସିବ ଯେତେବେଳେ ସେଭଳି ବାହ୍ୟାଡ଼ମ୍ବର ବି ରହିବ ନାହିଁ ଏବଂ ଲୋକେ ପୁରୁଣା ଗ୍ରାମର ଲୁପ୍ତ ଗୌରବକୁ ଝୁରି ହେଉଥିବେ (ଦ୍ୟାଟ୍ ପ୍ରାଉଡ୍ ଏମ୍ପାୟାର୍ ହେଷ୍ଟସ୍ ଟୁ ସୁଇଫ୍ଟ ଡିକେ)। କାଳକ୍ରମେ ସେ ଯା ହିଁ ହେଲା। ପରବର୍ତ୍ତୀ କାଳରେ ସେହି ସ୍ମରଣୀୟ ଗ୍ରାମଟି ଏକ ଐତିହ୍ୟ ସମ୍ପନ୍ନ ତୀର୍ଥଭୂମି ପାଲଟି ଯାଇ ଅନେକ ଭାବପ୍ରବଣତାର କେନ୍ଦ୍ରବିନ୍ଦୁ ହୋଇଗଲା, ଯାହାର ନିଦର୍ଶନ ପର ପିଢ଼ିର ସାହିତ୍ୟ ସମ୍ଭାର ଓ ସାମାଜିକ ଚେତନାକୁ ବ୍ୟାପକ ଭାବରେ ପ୍ରଭାବିତ କରିଥିଲା। ସାମୁଏଲ କାର୍ଟର୍ ହଲ ଓ ଆନ୍ନା ହଲ୍‌ଙ୍କ ଦ୍ୱାରା ସମ୍ପାଦିତ 'ହ୍ୟାଣ୍ଡ ବୁକ୍ ଅଫ୍ ଆୟର୍ଲାଣ୍ଡ' (୧୮୫୩)ରେ ପ୍ରକାଶ ପାଇଥିଲା, ବ୍ରିଟେନକୁ ଆସୁଥିବା ପର୍ଯ୍ୟଟକମାନେ ମୋଟ ଷ୍ଟେସନରେ ଓହ୍ଲେଇ ଅଳ୍ପ ଦୂରରେ ଥିବା ସୁପ୍ରସିଦ୍ଧ ଅବର୍ନ ଗ୍ରାମକୁ ତୀର୍ଥଯାତ୍ରା କରିଯିବା ଉଚିତ। ଜେ ଷ୍ଟର୍ଲିଙ୍ଗ କୋଏନ ଏବଂ ଏନ ପି ୱିଲଙ୍କ ପୁସ୍ତକ, 'ଦି ସିନେରି ଆଣ୍ଡ ଆଣ୍ଟିକ୍ୱିଟିସ ଅଫ୍ ଆୟର୍ଲାଣ୍ଡ' (୧୮୪୧)ର ତଥ୍ୟ ଅନୁସାରେ ଗୋଲ୍ଡସ୍ମିଥଙ୍କ ଡେଜର୍ଟେଡ୍ ଭିଲେଜ ସାରା ୟୁରୋପର କାହାଣୀ। ଅକ୍ସଫୋର୍ଡସାୟାର୍ ପ୍ରକାଶିତ 'ରିଭୋଲିଉସନ ଇନ୍ ଲୋ ଲାଇଫ' ପୁସ୍ତକରେ ଲଣ୍ଡନଠାରୁ ମାତ୍ର ୫୦ ମାଇଲ ଦୂରରେ ଅବସ୍ଥିତ ନୁହ୍ୟାମ୍ନ ନାମକ ଗ୍ରାମ ସହ ଅନ୍ୟ ଅନେକ ସମଦଶାପନ୍ନ ଗ୍ରାମର ବର୍ଣ୍ଣନା କରାଯାଇଛି, ଯାହାକୁ ଗୋଲ୍ଡସ୍ମିଥ ୧୭୬୧ରେ ଦେଖି ଦୁଃଖ ପ୍ରକାଶ କରିଥିଲେ, 'ଆଇ ସି ଦ ରୁରାଲ ଭର୍ଚୁଜ ଲିଭ ଦି ଲ୍ୟାଣ୍ଡ'।

ପାଶ୍ଚାତ୍ୟ ଜଗତରେ ଯାହା ଗତକାଲି ଘଟେ, ଭାରତରେ ତାହା ଆଗାମୀ କାଲି ଘଟେ। ପରିତାପର କଥା ଯେ ଆମେ ଏବେ ସେହି ପଥର ଯାତ୍ରୀ ହୋଇ ଆମ ଗ୍ରାମ୍ୟ ଜୀବନର ଯେଉଁ ଅମୂଲ୍ୟ ପରମ୍ପରାକୁ ହଜେଇ ଦେଉଛୁ ତାହା ଆଉ ମିଳିବନି, ଯାହା ଚାଲିଯାଉଛି ଆଉ ଫେରିବନି।

ମୋ: ୯୪୩୮୬୭୩୮୯୮

## ଏଇ ଭାରତରେ

କଶ୍ମୀର ସାଫ୍ରୋନ ବା କେଶରର ଚାହିଦା ଆଜିକା ବଜାରରେ ଆକାଶଛୁଆଁ। ମୂଲ୍ୟ ବି କାହିଁରେ କ'ଣ। ସାଫ୍ରୋନ ଚାଷ କେବଳ କଶ୍ମୀର ଜଳବାୟୁରେ ସୀମିତ ଥିଲା। ଏହାକୁ ବି 'ରେଡ୍ ଗୋଲ୍ଡ' କୁହାଯାଏ। ହେଲେ ଏବେ କଶ୍ମୀର ବାହାରେ ଏହା ଚାଷ କରାଯାଉଛି। ପଞ୍ଜାବ ଲୁଧିଆନାର ଭଉଣୀ -ଭାଇ ଅସ୍ତିକା ଓ ଶଙ୍କର ନାରୁଲା ଘରେ ଏରୋପୋନିକ୍ସ (ବିନା ମାଟିରେ କେବଳ ପାଣିରେ ହେଉଥିବା ଚାଷ) ମାଧ୍ୟମରେ ଆଧୁନିକ ପଦ୍ଧତିରେ କଶ୍ମୀର ସାଫ୍ରୋନ ଚାଷ କରୁଛନ୍ତି। ଚାଷ ଜମିର ଆବଶ୍ୟକତା ନାହିଁ କିମ୍ବା ବର୍ଷାକୁ ବି ଅପେକ୍ଷା କରିବାକୁ ପଡୁନାହିଁ, କେବଳ ତାପମାତ୍ରା ନିୟନ୍ତ୍ରିତ ଗୃହରେ ଦରକାର ପଡୁଛି ର୍ୟାକ ଓ ସେନ୍‌ସର। ଏବେ ସେମାନେ ଏହି ଚାଷରୁ ଦୁଇଟି ସିଜନରେ ୨୬ ଲକ୍ଷ ଟଙ୍କା ରୋଜଗାର କରିଛନ୍ତି। ଅସ୍ତିକାଙ୍କ ବୟସ ୨୫ ଓ ସେ ରାଜନୀତି ବିଜ୍ଞାନରେ ଡିଗ୍ରୀ କରିଛନ୍ତି । ଶଙ୍କରଙ୍କୁ ଏବେ ବୟସ ୨୩ ବର୍ଷ ଏବଂ ସେ କମ୍ପ୍ୟୁଟର ଆପ୍ଲିକେସନର ଛାତ୍ର। ଏହି ଚାଷରେ ସେମାନଙ୍କ ପିତା ବିକାଶ ନରୁଲା ସହଯୋଗ କରିଆସୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୯ ଏପ୍ରିଲ ୧୯୭୬

- ଜାତୀୟ କମିଟିରେ ରାଜନୈତିକ ଶକ୍ତିଗୁଡ଼ିକର ଏକତ୍ରୀକରଣ ନିମନ୍ତେ ସ୍ୱତନ୍ତ୍ର ଦଳ ଜନତା ଦଳରେ ମିଶିଯିବା ଲାଗି ଦଳର ସଭାପତି ଜି.କେ. ସୁନ୍ଦରମ ନିଷ୍ପତ୍ତି ଗ୍ରହଣ କରିଛନ୍ତି।
- ନିରୁଦ୍ଦିଷ୍ଟ ଛାତ୍ର ରାଜନଙ୍କ ମାମଲାରେ ହାଇକୋର୍ଟର ରାୟ ଓ ଜନମତର ଚାପରେ କେରଳର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ଲାଗି କରୁଣା କରନ୍‌ଙ୍କ ନିଷ୍ପତ୍ତି।

## ଚିରନ୍ତନୀ

ନୟନର ଜଳ ପୋଛ ଗୋ ନୟନୁ
ବଦନେ ବିକାଶେ ହାସ
ଭୁବନ ଡାକିଛି ପବନ ଡାକିଛି
ଚଳିବି ପରବାସ ।

–(ବିଶ୍ୱର ଆହ୍ୱାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | | | | 7 | |
| | | | 9 | | | | | 3 |
| | | 5 | | | | 8 | 4 | 6 |
| | 8 | 4 | | 6 | 2 | | | |
| | | 6 | 3 | 8 | | | | |
| | 5 | | | | | | | |
| | | 1 | | 3 | 6 | | 5 | 7 |
| | | | 8 | | | 1 | 6 | 9 |
| | | | 7 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 1 | 6 | 5 | 9 | 2 | 8 | 4 |
| 9 | 6 | 4 | 7 | 8 | 2 | 3 | 1 | 5 |
| 5 | 8 | 2 | 1 | 3 | 4 | 6 | 7 | 9 |
| 1 | 2 | 3 | 5 | 6 | 8 | 9 | 4 | 7 |
| 6 | 9 | 8 | 4 | 7 | 3 | 5 | 2 | 1 |
| 4 | 5 | 7 | 2 | 9 | 1 | 8 | 6 | 3 |
| 2 | 3 | 5 | 8 | 4 | 7 | 1 | 9 | 6 |
| 7 | 1 | 9 | 3 | 2 | 6 | 4 | 5 | 8 |
| 8 | 4 | 6 | 9 | 1 | 5 | 7 | 3 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପିଲାଙ୍କ ମନକୁ ବୁଝନ୍ତୁ

**ମହାଶୟ,**

ପିଲାମାନେ କେବଳ ଦେଖିବାକୁ ସାନ। ମନ କିନ୍ତୁ ବିଶାଳ। ହୃଦୟ ଦିଗନ୍ତ ବ୍ୟାପି ପରିବ୍ୟାପ୍ତ। ପିଲାଙ୍କ ଛୋଟ ଶରୀର ଦେଖି ପ୍ରାୟତଃ ବଡ଼ ଲୋକଙ୍କ କେବଳ ତାଗିଦ ରହେ ସିନା କିନ୍ତୁ ମନ, ହୃଦୟକୁ ବୁଝି ପିଲାଙ୍କ ସହିତ ମେଳ ଖୁଆଇବା କମ ଲୋକଙ୍କ ଭାଗ୍ୟରେ ଥାଏ। ପିଲାଙ୍କ ମନ ଅତ୍ୟନ୍ତ ସମ୍ବେଦନଶୀଳ ଓ ସୃଜନଶୀଳ। ସେମାନଙ୍କ ମନକୁ ବୁଝିବା ମାନେ ତାଙ୍କ ଭବିଷ୍ୟତକୁ ଗଢ଼ିବା ସହିତ ସମାନ। ଏହାକୁ କିନ୍ତୁ ଅଧିକାଂଶ ସ୍ଥାନରେ ଅଣଦେଖା କରାଯାଇଥାଏ। ଯେଉଁ ଅଭିଭାବକ ପିଲାଙ୍କ କୌଣସି ପ୍ରକାର ଯତ୍ନ ଓ ଆବଶ୍ୟକତା ପ୍ରତି ଅବହେଳା କରି ନ ଥାନ୍ତି ସେହି ପିଲା ଦିନେ ପରିବାର କାହିଁକି ଦେଶ ଓ ସମାଜ ପାଇଁ ମେରୁଦଣ୍ଡ ହୋଇ ଠିଆ ହୁଅନ୍ତି। ପିଲାମାନେ ସ୍ନେହ, ସୁରକ୍ଷା ଓ ପ୍ରୋତ୍ସାହନ ଚାହାନ୍ତି। ବଡ଼ମାନଙ୍କର କଥା, ବ୍ୟବହାର ଓ ପରିବେଶ ପିଲାଙ୍କ ମନରେ ଗଭୀର ପ୍ରଭାବ ପକାଏ। ଏହାର ଅଭାବ ପିଲାଙ୍କଠାରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ଯଦି ସେମାନେ ସବୁବେଳେ ଅବହେଳାର ଶିକାର ହୁଅନ୍ତି, ତେବେ ସେମାନଙ୍କ ଆତ୍ମବିଶ୍ୱାସ କମିଯାଏ। ଫଳରେ ସେମାନେ ଲକ୍ଷ୍ୟ ବିଚ୍ୟୁତ ହୋଇଯାନ୍ତି। ତେଣୁ ପିଲାଙ୍କ ମନ ସହିତ ଗୁରୁ ଓ ଅଭିଭାବକଙ୍କ ମନ ମଧ୍ୟ ନିର୍ମଳ ହେବା ଆବଶ୍ୟକ। ପିଲାଙ୍କ ସୃଜନାତ୍ମକ ଆଗ୍ରହ ପ୍ରତି ସକାରାତ୍ମକ ମନୋଭାବ ପୋଷଣ କରିବା ଉଚିତ। ପିଲାଙ୍କ ପ୍ରଶ୍ନର ଉତ୍ତର ଦେବା, ମତାମତ ଶୁଣିବା ଓ ସେମାନଙ୍କୁ ଖେଳିବାକୁ ସମୟ ଦେବା ଆବଶ୍ୟକ। ଏହାଦ୍ୱାରା ପିଲାଙ୍କ ସୃଜନଶୀଳତା ସହିତ ବୌଦ୍ଧିକ ଜ୍ଞାନର ପରିପ୍ରକାଶ ଘଟିଥାଏ। ପିଲାଙ୍କୁ ଭଲ ପରିବେଶ ଦେବା ଦରକାର। ସ୍ୱଚ୍ଛ ଓ ନିର୍ମଳ ପରିବେଶ ସେମାନଙ୍କୁ ସୁନ୍ଦର ମଣିଷ ଭାବେ ଗଢ଼ିତୋଳିବାରେ ସହାୟକ ହୋଇଥାଏ। ତେଣୁ ପିଲାଙ୍କ ମନ ସହିତ ଅଭିଭାବକଙ୍କ ଧ୍ୟାନ ଜୀବନ ଜିଇବାର ଏକ ବଡ଼ ଆକର୍ଷଣ ଭାବେ ଧରାଯିବ।

–ଡା. ରାଜାରାମ ଷଡ଼ଙ୍ଗୀ, ସମ୍ବଲପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com
(Use only for letters to Editor, news & news photos)



ବିଏସ୍‌ଇ ସେନ୍‌ସେକ୍ସ
୭୮,୪୯୩ (+୫୦୪.୮୬)



୧ ଡଲାର = ୯୨.୬୦ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍ (ପ୍ରତି ବ୍ୟାରେଲ୍) ୮୩.୮୫ ଡଲାର

# ଅନିଲ ଅଗ୍ରୱାଲଙ୍କ ବିରୋଧରେ ଏଫ୍‌ଆଇଆର୍‌କୁ ନବୀନ ଜିନ୍ଦଲଙ୍କ ନିନ୍ଦା



## ଛତିଶଗଡ଼ର ବଏଲର ବିସ୍ଫୋରଣ ମାମଲା

ଭୁବନେଶ୍ୱର,୧୮।୪(ଅନୁରାଧା ମହାରଣା)

ଛତିଶଗଡ଼ର ସିଙ୍ଘିତାରାଇରେ ସମ୍ପ୍ରତି ଘଟିଥିବା ବଏଲର ବିସ୍ଫୋରଣ ଦୁର୍ଘଟଣାରେ ଜିନ୍ଦଲ ଷ୍ଟିଲ୍‌ର ଅଧ୍ୟକ୍ଷ ନବୀନ ଜିନ୍ଦଲ ବେଦାନ୍ତ ଗ୍ରୁପ୍‌ର ଅଧ୍ୟକ୍ଷ ଅନିଲ ଅଗ୍ରୱାଲଙ୍କୁ ବିରୋଧରେ ଏଫ୍‌ଆଇଆର୍‌କୁ ନିନ୍ଦା କରିଛନ୍ତି। ଏ ନେଇ ଜିନ୍ଦଲ କହିଛନ୍ତି, ଛତିଶଗଡ଼ର ଦୁଃଖଦ ଘଟଣା ଅତ୍ୟନ୍ତ ଯନ୍ତ୍ରଣାଦାୟକ। ୨୦ ପରିବାର ସବୁକିଛି ହରାଇଛନ୍ତି। ଉପଯୁକ୍ତ କ୍ଷତିପୂରଣ, ପରିବାର ପାଇଁ ଜୀବିକା ସହାୟତା ଏବଂ ଏକ ସମ୍ପୂର୍ଣ୍ଣ ତଦନ୍ତ ଆଲୋଚନା କରାଯାଇପାରିବ ନାହିଁ। ସେହି ସମୟରେ ତଥ୍ୟ ପ୍ରମାଣିତ ହେବା ପୂର୍ବର ଅଗ୍ରୱାଲଙ୍କ ନାମ ଏଫ୍‌ଆଇଆର୍‌ରେ ରଖିବା ନିଷ୍ପତ୍ତି ଉପରେ ସେ ପ୍ରଶ୍ନ ଉଠାଇଥିଲେ। ମାତ୍ର କୌଣସି ତଦନ୍ତ ପୂର୍ବରୁ ଅନିଲ ଅଗ୍ରୱାଲଙ୍କ ନାମ ଏଫ୍‌ଆଇଆର୍‌ରେ ରଖିବା ଗୁରୁତର ଚିନ୍ତା ସୃଷ୍ଟି କରୁଥିବା ସେ କହିଛନ୍ତି। ସେ କହିଛନ୍ତି, ସେହି ପ୍ଲାଣ୍ଟର କାର୍ଯ୍ୟରେ ତାଙ୍କର କୌଣସି ଭୂମିକା ନ ଥିଲା। ଯେତେବେଳେ ପିଏସ୍‌ୟୁ ପ୍ଲାଣ୍ଟ କିମ୍ବା ରେଳପଥରେ ଦୁର୍ଘଟଣା ଘଟେ, ଆମେ ଅଧ୍ୟକ୍ଷଙ୍କ ନାମ ନେଉ ନ ଥିବାବେଳେ ଘରୋଇ କ୍ଷେତ୍ରରେ ମଧ୍ୟ ସମାନ ନିୟମ ରହିବା ଦରକାର ବୋଲି ଜିନ୍ଦଲ କହିଛନ୍ତି। ଅନିଲ ଅଗ୍ରୱାଲଙ୍କ ବିରୋଧରେ ଦାଏର ହୋଇଥିବା ମାମଲା ଭିତ୍ତିହୀନ ବୋଲି ସେ କହିଛନ୍ତି।

# ସଦିଚ୍ଛା ଥିଲେ ସଫଳତା ନିଶ୍ଚୟ ମିଳେ



ପ୍ରୀତି ପଲ୍ଲବୀ ପଟ୍ଟନାୟକ




**ଓସିରିସ୍ ଏଗ୍ରିଟେଲ୍ ପ୍ରାଇଭେଟ୍ ଲିମିଟେଡ୍ ଅଧୀନ 'ଓଡ଼ିଶା କଫି'ର ପ୍ରତିଷ୍ଠାତା ହେଉଛନ୍ତି ପ୍ରୀତି ପଲ୍ଲବୀ ପଟ୍ଟନାୟକ। କୋରାପୁଟ କଫିର ପ୍ରଚାରପ୍ରସାର କ୍ଷେତ୍ରରେ 'ଓଡ଼ିଶା କଫି'ର ଯଥେଷ୍ଟ ଅବଦାନ ରହିଥିବାବେଳେ ପ୍ରୀତି ପଲ୍ଲବୀ ସର୍ବଦା ଓଡ଼ିଶାର ଚାଷୀଙ୍କୁ ଗୁରୁତ୍ୱ ଦେଇଆସିଛନ୍ତି। ଏହି ଆଉଟଲେଟ୍ ମାଧ୍ୟମରେ ଓଡ଼ିଶାର ସଂସ୍କୃତିର ପ୍ରଚାରପ୍ରସାରକୁ ମଧ୍ୟ ପ୍ରାଧାନ୍ୟ ଦେଉଥିବା ପ୍ରୀତି ପଲ୍ଲବୀଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ୍‌କାର...**

**ପ୍ର-କୋରାପୁଟରେ ଚାଷ କରାଯାଉଥିବା 'ଆରାବିକା କଫି'ର ପ୍ରଚାର ପାଇଁ 'ଓଡ଼ିଶା କଫି' କିପରି ଅନୁପ୍ରାଣିତ ହେଲା?**

ଉ- ଓଡ଼ିଶା କଫି ଆମର ସାମାଜିକ ସଂଗଠନ କଳିଙ୍ଗ ଦେଶୀଏଗ୍ରୋ ଫାଉଣ୍ଡେଶନ (କେଡିଏଫ୍)ର ଏକ ସମ୍ପ୍ରସାରଣ। କୋରାପୁଟର କଫି ସହିତ କାମ କରୁଥିବା ସମୟରେ ଆମ ବନ୍ଧୁ ଓ ପରିବାର ଲୋକେ ଉତ୍ତମମାନର କଫି (ରୋଷ୍ଟେଡ୍ ବିନ୍ସ) ଖୋଜୁଥିଲେ। ପ୍ରଥମେ ଆମେ ସେମାନଙ୍କୁ ଛୋଟ ଛୋଟ ବ୍ୟାଚ୍ ଦେଉଥିଲୁ। ପରେ ଭୁବନେଶ୍ୱରରେ କଫି ପପ୍-ଅପ୍ ଆୟୋଜନ କରି ଲୋକଙ୍କୁ କୋରାପୁଟ କଫି ଚଖାଇଲୁ। କୋରାପୁଟର ଉଚ୍ଚ ମାନର କଫିକୁ ସତେଜ ଭାବେ ରୋଷ୍ଟ କରି ଲୋକଙ୍କ ପାଖରେ ପହଞ୍ଚାଇବା ଏବଂ ଏକ ସ୍ୱତନ୍ତ୍ର ଗ୍ରାହକ ଗୋଷ୍ଠୀ ତିଆରି କରିବା ପାଇଁ 'ଓଡ଼ିଶା କଫି' ବ୍ରାଣ୍ଡର ଜନ୍ମ ହେଲା।

**ପ୍ର-କଳିଙ୍ଗ ଦେଶୀଏଗ୍ରୋ ଫାଉଣ୍ଡେଶନ (କେଡିଏଫ୍) କୃଷକଙ୍କୁ କିପରି ସହାୟତା ପ୍ରଦାନ କରୁଛି?**

ଉ-କେଡିଏଫ୍ ମାଧ୍ୟମରେ ଆମେ କୋରାପୁଟର ଚାଷୀଙ୍କ ସହ ସିଧାସଳଖ କାମ କରୁ, ଯାହା ଫଳରେ ଚାଷଠାରୁ ଆରମ୍ଭ କରି ଅମଳ ପର୍ଯ୍ୟନ୍ତ ସବୁ ପ୍ରକ୍ରିୟା ଉପରେ ଆମର ନଜର ରହିଥାଏ। କେଡିଏଫ୍‌ର କଫି ପ୍ରକ୍ରିୟାକରଣ ୟୁନିଟ୍ ଚାଷଜମିରୁ ଚୂଡ଼ାନ୍ତ ଉତ୍ପାଦ ପର୍ଯ୍ୟନ୍ତ ଗୁଣବତ୍ତା ବଜାୟ ରଖିବାରେ ସାହାଯ୍ୟ କରେ। ମଧ୍ୟସ୍ଥମାନଙ୍କୁ ବାଦ୍ ଦେଇ ଆମେ ସିଧାସଳଖ ଚାଷୀଙ୍କଠାରୁ କଫି ସଂଗ୍ରହ କରୁ, ଯାହାଦ୍ୱାରା ସେମାନେ ବଜାର ଦରଠାରୁ ଅଧିକ ମୂଲ୍ୟ ପାଇପାରୁଛନ୍ତି। ଏହା ଚାଷୀଙ୍କ ସହ ଆମର ଏକ ଦୀର୍ଘକାଳୀନ ସମ୍ପର୍କ ସ୍ଥାପନ କରିବା ସହ କଫିର ମାନ ବୃଦ୍ଧି କରିବାରେ ସହାୟକ ହେଉଛି।

**ପ୍ର- ବର୍ତ୍ତମାନ ପର୍ଯ୍ୟନ୍ତ ଆପଣଙ୍କ ଯାତ୍ରା କିପରି ରହିଛି? କଫି କାଫେରେ କେଉଁ ନୂଆ ଜିନିଷ କରୁଛନ୍ତି?**

ଉ- ଆମର ଯାତ୍ରା ସ୍ୱାଭାବିକ ଏବଂ ପରିବର୍ତ୍ତନଶୀଳ ରହିଛି। ପ୍ରଥମେ ଆମେ କେବଳ ଅନ୍‌ଲାଇନ (ଡି୨ସି) ମାଧ୍ୟମରେ କଫି ବିକ୍ରି କରିବାକୁ ଚାହୁଁଥିଲୁ, କିନ୍ତୁ ଭୁବନେଶ୍ୱର ପଟିଆରେ ଏକ ସେଲୁନ ଭିତରେ କାଫେ ଖୋଲିବାର ସୁଯୋଗ ମିଳିଲା। ଏହା ଆମକୁ ସହରର କଫି ସଂସ୍କୃତିକୁ ଏକ ନୂଆ ରୂପ ଦେବା ପାଇଁ ସୁଯୋଗ ଦେଲା। ଆଜି 'ଓଡ଼ିଶା କଫି' କେବଳ ଏକ ଉତ୍ପାଦ ନୁହେଁ, ବରଂ ଏକ ସାଂସ୍କୃତିକ ଅନୁଭୂତି। ଆମେ 'ଲାଟେ ଆର୍ଟ' ୱାର୍କଶପ ଏବଂ 'କଫି ରେଭ୍ସ' ଭଳି କାର୍ଯ୍ୟକ୍ରମ କରୁଛୁ। ପାନୀୟ କ୍ଷେତ୍ରରେ ଆମେ କୋକୋନଟ କ୍ଲାଉଡ୍ କଫି ଏବଂ ପିସ୍ତା ଲାଟେ ଭଳି ଅନ୍ତର୍ଜାତୀୟ ଟ୍ରେଣ୍ଡ୍ ସହିତ ମାଣ୍ଡିଆ କଫି, ଛତୁଆ କଫି ଏବଂ ମହୁଲ ଫୁଲ କୋଲ୍ଡ ବ୍ରୁ ଭଳି ସ୍ଥାନୀୟ ସ୍ୱାଦକୁ ମଧ୍ୟ ସାମିଲ କରିଛୁ।

**ପ୍ର- 'ଓଡ଼ିଶା ଅନ୍‌ସ୍କ୍ରିପ୍ଟେଡ୍' ଭଳି କାର୍ଯ୍ୟକ୍ରମ କଫି ଶିକ୍ଷା ଏବଂ ସାଂସ୍କୃତିକ କାହାଣୀ ପ୍ରଚାରରେ କିପରି ସାହାଯ୍ୟ କରୁଛି?**

ଉ- ଓଡ଼ିଶା ଅନ୍‌ସ୍କ୍ରିପ୍ଟେଡ୍ ହେଉଛି ଏକ ସାମାଜିକ ପ୍ଲାଟ୍‌ଫର୍ମ, ଯାହା 'ଓଡ଼ିଶା କଫି'କୁ କେବଳ ଏକ କାଫେ ମଧ୍ୟରେ ସୀମିତ ନ ରଖି ଆଳାପ ଏବଂ ସାଂସ୍କୃତିକ ଆଦାନପ୍ରଦାନର ଏକ କେନ୍ଦ୍ରରେ ପରିଣତ କରେ। ଏହା କେବଳ କଫିପ୍ରେମୀଙ୍କ ପାଇଁ ନୁହେଁ, ବରଂ ସମସ୍ତଙ୍କ ପାଇଁ ଏକ ମାଧ୍ୟମ। ଏଠାରେ କଫି ବିଷୟରେ ଶିକ୍ଷା ଦେବା ଅପେକ୍ଷା ଲୋକଙ୍କୁ କଫିର ଅନୁଭୂତି ଦେବା ଉପରେ ଗୁରୁତ୍ୱ ଦିଆଯାଏ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ଓଡ଼ିଆ ପରିଚୟ ଏବଂ ସଂସ୍କୃତିକୁ ନୂତନ ପିଢ଼ି ପାଖରେ ପହଞ୍ଚାଇବାକୁ ଚେଷ୍ଟା କରୁଛୁ।

**ପ୍ର- ଆପଣ କାହିଁକି ଏହି ବ୍ୟବସାୟକୁ ବାଛିଲେ? ନୂତନ ଉଦ୍ୟୋଗୀମାନଙ୍କୁ ଆପଣ କି ପରାମର୍ଶ ଦେବେ?**

ଉ-ସତ କହିବାକୁ ଗଲେ, 'ଓଡ଼ିଶା କଫି' କୌଣସି ଯୋଜନାବଦ୍ଧ ବ୍ୟବସାୟ ନ ଥିଲା। ଏହା ଆମର ସାମାଜିକ ଲକ୍ଷ୍ୟର ଏକ ଅଂଶ ଥିଲା। ଆମର ଉଦ୍ଦେଶ୍ୟ ଥିଲା ଭୁବନେଶ୍ୱରରେ ଏକ କଫି ପରିବେଶ ସୃଷ୍ଟି କରିବା ଏବଂ କୋରାପୁଟ କଫିକୁ ସ୍ୱତନ୍ତ୍ର ପରିଚୟ ଦେବା। କଫି ଚାଷୀଙ୍କୁ ବଜାର ସହ ଯୋଡ଼ିବା ଏବଂ ଏକ ସ୍ଥାୟୀ ଜୀବିକା ପ୍ରଦାନ କରିବାକୁ ଆମେ ଚାହୁଁଥିଲୁ। ନୂତନ ଉଦ୍ୟୋଗୀମାନଙ୍କ ପାଇଁ ମୋର ପରାମର୍ଶ ହେଉଛି, କଫି ବଜାର ସବୁବେଳେ ପରିବର୍ତ୍ତନଶୀଳ, ତେଣୁ ଶିଖିବାକୁ ଚେଷ୍ଟା କରନ୍ତୁ। ନିଜର ବ୍ରାଣ୍ଡକୁ ସ୍ୱତନ୍ତ୍ର କରନ୍ତୁ ଏବଂ ଧୈର୍ଯ୍ୟ ଧରନ୍ତୁ। ମନରେ ସଦିଚ୍ଛା ଥିଲେ ସଫଳତା ନିଶ୍ଚୟ ମିଳିବ।

# କଟକରେ କିସ୍‌ନାର ଏକ୍ସକ୍ଲୁସିଭ୍ ଶୋ'ରୁମ୍

ଭୁବନେଶ୍ୱର,୧୮।୪(ଅନୁରାଧା ମହାରଣା)



କିସ୍‌ନା ଡାଏମଣ୍ଡ ଓ ଗୋଲ୍ଡ ଜୁଏଲେରି ଓଡ଼ିଶାରେ ତା'ର ପଞ୍ଚମ ଏକ୍ସକ୍ଲୁସିଭ୍ ଶୋ'ରୁମ୍ ଉଦ୍‌ଘାଟନ କରିଛି। କଟକ ସିଡିଏ ସେକ୍ଟର-୬ରେ ଅବସ୍ଥିତ ଏହି ଶୋ'ରୁମ୍‌କୁ ଶନିବାର ହରି କୃଷ୍ଣ ଗ୍ରୁପ୍‌ର ପ୍ରତିଷ୍ଠାତା ତଥା ମ୍ୟାନେଜିଂ ଡାଇରେକ୍ଟର ଘନଶ୍ୟାମ ଢୋଲକିଆ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଡାଏମଣ୍ଡ ଜୁଏଲେରି ଉପରେ ଅତିରିକ୍ତ ୫% ରିହାତି ମିଳିବ। ଏହା ସହ ଚଳିତ ପର୍ବ ଋତୁକୁ ଆହୁରି ଉତ୍ସବମୟ କରିବା ପାଇଁ 'ଅକ୍ଷୟ ହ୍ୟାପିନେସ୍ କ୍ୟାମ୍ପେନ୍' ଅଧୀନରେ 'ସବୁଠାରୁ ବଡ଼ ପର୍ବ ଅଫର' ଘୋଷଣା କରାଯାଇଛି। ଏଥିରେ ଡାଏମଣ୍ଡ ଜୁଏଲେରିର ଗଢ଼ା ମଜୁରିରେ ଫ୍ଲାଟ୍ ୪୦% ଓ ସୁନାଗହଣା ଗଢ଼ା ମଜୁରି ଉପରେ ୩୦% ରିହାତି ରହିଛି। ନିର୍ଦ୍ଦିଷ୍ଟ କ୍ରୟ ଉପରେ ୧୦ଗ୍ରାମ୍ ଓ ୨୦ଗ୍ରାମ୍ ରୁପା ମୁଦ୍ରା ମାଗଣାରେ ମିଳିବ। ପୁରୁଣା ସୁନା ଉପରେ ମଧ୍ୟ ୧୦୦% ଏକ୍ସଚେଞ୍ଜ ମୂଲ୍ୟ ପ୍ରଦାନ କରାଯିବ। ଗ୍ରାହକଙ୍କ ଶପିଙ୍ଗ୍ ଅନୁଭୂତିକୁ ଆହୁରି ସୁବିଧାଜନକ କରିବା ପାଇଁ ଆଇସିଆଇସିଆଇ କ୍ରେଡିଟ୍ ଓ ଡେବିଟ୍ କାର୍ଡ ଉପରେ ୫% ତ୍ୱରିତ ରିହାତି ମିଳିବ। ଡବଲ ରେଟ୍ ପ୍ରୋଟେକ୍ସନ୍ ଲାଭ ସହ ମାତ୍ର ୨୫% ଡାଉନ୍ ପେମେଣ୍ଟରେ ଗ୍ରାହକମାନେ ସୁନାର ରେଟ୍ ଲକ୍ କରିପାରିବେ । ପ୍ରତିଷ୍ଠାନର ସିଇଓ ପରାଗ ଶାହ୍ କହିଛନ୍ତି, କଟକରେ ନୂତନ ଶୋ'ରୁମ୍ ସହ ଆମେ ଗ୍ରାହକଙ୍କୁ ଷ୍ଟାଇଲ, ଆରାମ ଓ ବିବିଧତାପୂର୍ଣ୍ଣ ଜୁଏଲେରି ଶପିଙ୍ଗ୍ ଅନୁଭୂତି ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ। କିସ୍‌ନାର ଏକ୍ସକ୍ଲୁସିଭ୍ ବ୍ରାଣ୍ଡ ଆଉଟ୍‌ଲେଟ୍ ପାର୍ଟନର ସତ୍ୟସ୍ୱରୂପ ବେହେରା କହିଛନ୍ତି, କଟକରେ ତାହାର ଐତିହ୍ୟ ପହଞ୍ଚାଇବା ଆମର ଲକ୍ଷ୍ୟ। ଅକ୍ଷୟ ତୃତୀୟା ଦିନ ଏହି ଲଞ୍ଚ୍ ହେବା ଅବସରକୁ ଆହୁରି ବିଶେଷ କରିଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୌନକ ଆର୍ ପାରିଖ୍, ସୁଦୀପ୍ତା ପାରିଖ, ରାଜ ପାରିଖ ଓ ସ୍ମିତା ପାରିଖ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶାରେ ୪ ପ୍ରମୁଖ ନୂତନ ଲାଇନ ପ୍ରକଳ୍ପ ତ୍ୱରାନ୍ୱିତ

ଭୁବନେଶ୍ୱର,୧୮।୪(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ଓ ରାଜ୍ୟ ସରକାରଙ୍କ ସମନ୍ୱୟରେ ଦକ୍ଷିଣ ଏବଂ ପଶ୍ଚିମ ଓଡ଼ିଶାରେ ୪ଟି ପ୍ରମୁଖ ନୂତନ ରେଳ ଲାଇନ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ମୋଟ ୬,୮୭୯ କୋଟିରୁ ଅଧିକ ଟଙ୍କାର ମିଳିତ ନିବେଶ ଏବଂ ୩୮୨ ରୁଟ୍ କିଲୋମିଟର ଲମ୍ବ ସହ ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟର ଦୁର୍ଗମ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସଂଯୋଗୀକରଣକୁ ଉନ୍ନତ କରିବା ଲକ୍ଷ୍ୟ ରଖିଛି। ପୂର୍ବତଟ ରେଳପଥ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଏପ୍ରିଲ ୧୬ରେ ଏକ ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଥିଲା। ଏହି ରାଜିନାମା ପ୍ରକଳ୍ପ କାର୍ଯ୍ୟକାରିତାରେ ଅଧିକ ଗତି, ଉତ୍ତରଦାୟିତ୍ୱ ଏବଂ ସମନ୍ୱୟ ଆଣିବାରେ ସହାୟକ ହେଉଛି।'ସ୍ୱତନ୍ତ୍ର ରେଳ ପ୍ରକଳ୍ପ' ମାନ୍ୟତା ପ୍ରଦାନ ଏକ ପ୍ରମୁଖ କାର୍ଯ୍ୟକାରୀ ହୋଇଛି। ଜୟପୁର-ମାଲକାନଗିରି ନୂତନ ରେଳ ଲାଇନ ପ୍ରକଳ୍ପ (୧୨୬ କିଲୋମିଟର) ରେଳପଥ ଦ୍ୱାରା ୭୫% ଏବଂ ଓଡ଼ିଶା ସରକାରଙ୍କ ଦ୍ୱାରା ୨୫% ପାଣ୍ଠି ସହ ୨,୩୪୩.୬୪ କୋଟି ଟଙ୍କାରେ ମଞ୍ଜୁର ହୋଇଥିବା ଏହି ପ୍ରକଳ୍ପଟି ଜମି ଅଧିଗ୍ରହଣ ଏବଂ ଜଙ୍ଗଲ ମଞ୍ଜୁରୀ କ୍ଷେତ୍ରରେ ପ୍ରମୁଖ ସଫଳତା ହାସଲ କରିଛି। ୭୪୭.୯୧ କୋଟି ମୂଲ୍ୟର ଜୟପୁର-ନବରଙ୍ଗପୁର ନୂତନ ରେଳପଥ ପ୍ରକଳ୍ପ (୪୪.୧୪ କିଲୋମିଟର)ରେ ଓଡ଼ିଶା ସରକାର ଜମି ଖର୍ଚ୍ଚ ସହ ନିମାଣ ଖର୍ଚ୍ଚର ୫୦% ବହନ କରୁଥିବା ବେଳେ ଅବଶିଷ୍ଟ ୫୦% ଖର୍ଚ୍ଚ ରେଳବାଇ ପକ୍ଷରୁ ଯୋଗାଣ କରାଯାଉଛି। ୨,୩୪୩.୬୪ କୋଟି ଟଙ୍କା ମୂଲ୍ୟରେ ବରଗଡ଼-ନୂଆପଡ଼ା ନୂତନ ରେଳପଥ ପ୍ରକଳ୍ପ (୧୩୮.୩୨ କିଲୋମିଟର)ରେ ୭୫% ପାଣ୍ଠି ରେଳପଥ ଓ ୨୫% ଓଡ଼ିଶା ସରକାର ଯୋଗାଇଛନ୍ତି। ବରଗଡ଼ ଜିଲାରେ ଘରୋଇ ଜମି ଅଧିଗ୍ରହଣ ନିମନ୍ତେ ସମସ୍ତ ୭୯ଟି ଗ୍ରାମ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିବା ଲାଗି ୨୦ଏ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ପରବର୍ତ୍ତୀ ସମୟରେ ୨୦ଇ ଗେଜେଟ୍ ବିଜ୍ଞପ୍ତି ଜାରି କରାଯାଇଛି ଏବଂ ୬ଟି ଗ୍ରାମ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୧,୧୬୫.୮୯ କୋଟି ଟଙ୍କାର ଅନୁମୋଦିତ ମୂଲ୍ୟ ଗୁଣପୁର-ଥେରୁବାଲି ନୂତନ ଲାଇନ ପ୍ରକଳ୍ପ (୭୩.୬୨ କିଲୋମିଟର)ରେ ଜମି ଅଧିଗ୍ରହଣ ଏବଂ ଟେଣ୍ଡର ପ୍ରକ୍ରିୟାରେ ଏକକାଳୀନ ପ୍ରଗତି ଦେଖାଯାଉଛି।

# ଟାଟା ଇଣ୍ଟ୍ରା ଇଭିର କୋଷ୍ଟ ଟୁ ହିଲ୍ ଡ୍ରାଇଭ ଚ୍ୟାଲେଞ୍ଜ



ଫୁଲନଖରା,୧୮।୪(ସତ୍ୟରଞ୍ଜନ ଦାସ ମହାପାତ୍ର)

ଟାଟା ମୋଟର୍ସ ପକ୍ଷରୁ ଶନିବାର କଟକ ଫୁଲନଖରାସ୍ଥିତ ତୃପ୍ତି ଅଟୋମୋଟିଭସର ନୂତନ ଟାଟା ଇଣ୍ଟ୍ରା ଇଭି ସହ 'କୋଷ୍ଟ ଟୁ ହିଲ୍' ଡ୍ରାଇଭ୍ ଚ୍ୟାଲେଞ୍ଜର ଶୁଭାରମ୍ଭ କରିଛି। ରାସ୍ତା ଓ ପରିସ୍ଥିତିରେ ଗାଡିର ଅସଲ କାର୍ଯ୍ୟକ୍ଷମତାକୁ ଦେଖାଇବା, ଯାହା ସମୁଦ୍ରତଟରୁ ପାହାଡି ଅଞ୍ଚଳ ପର୍ଯ୍ୟନ୍ତ ଯାତ୍ରା କରିବ। ଏହି ଯାତ୍ରାଟି ବାଲେଶ୍ୱରରୁ ଆରମ୍ଭହୋଇ ମାଲକାନଗିରି ପର୍ଯ୍ୟନ୍ତ ଯିବାର ଯୋଜନା ଅଛି। ଏହି ରୁଟ୍‌ରେ ୧୫ଟି ଚାର୍ଜ ଷ୍ଟେଶନ୍ ଅଛି, ଯାହା ଏହି ଯାତ୍ରା ଜରିଆରେ ସାଧାରଣ ଜନତାଙ୍କ ମନରେ ଚାର୍ଜ ସୁବିଧାକୁ ନେଇଥିବା ଭୟକୁ ଦୂର କରିବ। ଏହି ଅବସରରେ ତୃପ୍ତି ଅଟୋମୋଟିଭ୍ସର ଏମଡି ବିମଳେନ୍ଦୁ ମହାନ୍ତି କହିଥିଲେ, ଟାଟା ଇଣ୍ଟ୍ରା ଏହାର ନିର୍ଭରଯୋଗ୍ୟତା ଏବଂ କାର୍ଯ୍ୟଦକ୍ଷତା ପାଇଁ ବିଭିନ୍ନ ସେଗମେଣ୍ଟରେ ଗ୍ରାହକଙ୍କ ବିଶ୍ୱାସ ଅର୍ଜନ କରିସାରିଛି। ଏହା ସହ ଅଙ୍କିତ୍ ମହାନ୍ତି କହିଥିଲେ, କ୍ଷମତାସମ୍ପନ୍ନ, ସ୍ୱଳ୍ପ ଖର୍ଚ୍ଚ ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ ଇଣ୍ଟ୍ରା ଇଭି ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ବଜାରରେ ବିକଶିତ ବ୍ୟବସାୟିକ ଆବଶ୍ୟକତା ପୂରଣ କରିବା ସହିତ ଏକ ସ୍ଥାୟୀ ଭବିଷ୍ୟତକୁ ଉତ୍ସାହିତ କରେ।

# ସ୍ମାଇଲ୍ ଗୋଲ୍ଡର ଅକ୍ଷୟ ତୃତୀୟା ଅଫର ଘୋଷଣା

ଭୁବନେଶ୍ୱର,୧୮।୪(ଅନୁରାଧା ମହାରଣା)




ଭୁବନେଶ୍ୱର ଶହୀଦନଗରସ୍ଥିତ ସ୍ମାଇଲ୍ ଗୋଲ୍ଡ ପକ୍ଷରୁ ଅକ୍ଷୟ ତୃତୀୟା ଅଫର ଘୋଷଣା କରାଯାଇଛି। ଏଥିରେ ସୁନାଗହଣା ଗଢ଼ା ମଜୁରି ଉପରେ ଫ୍ଲାଟ୍ ୫% ରିହାତି ପ୍ରଦାନ କରାଯାଉଥିବାବେଳେ ବିପିଏଲ୍ କାର୍ଡଧାରୀଙ୍କୁ ଫ୍ଲାଟ୍ ୪.୫% ରିହାତି ଦିଆଯାଉଛି। ପ୍ରତିଷ୍ଠାନ ପକ୍ଷରୁ 'ୱାର୍ଡ୍‌ୱିଜ ବମ୍ପର ଲକିଡ୍ର' ମଧ୍ୟ ଘୋଷଣା କରାଯାଇଛି। ଏଥିରେ ଭାଗନେଇ ଗ୍ରାହକମାନେ ପୁରସ୍କାରରେ ଟିଭିଏସ୍ ଜୁପିଟର(ଆର୍‌ଟି ଓ ବୀମା ବିଜେତାଙ୍କ ଦ୍ୱାରା ଦେୟ), ଏଲ୍‌ଇଡି ଟିଭି ଓ ଫ୍ରିଜ୍ ଜିତିପାରିବେ। ଏହାସହ ଗ୍ରାହକମାନେ ସାନ୍ତ୍ୱନାମୂଳକ ପୁରସ୍କାର ଭାବେ ୧୦ଟା ମିକ୍ସର ଗ୍ରାଇଣ୍ଡର ଏବଂ ହାତଘଣ୍ଟା ଜିତିପାରିବେ। ରାମନବମୀଠାରୁ ଆରମ୍ଭ ହୋଇଥିବା ଏହି ଅଫର ଅକ୍ଷୟ ତୃତୀୟାରେ ଶେଷ ହେଉଥିବା ଜୁଏଲର୍ସର ସ୍ୱତ୍ୱାଧିକାରୀ ବାବୁରାମ ସ୍ୱାଇଁ କହିଛନ୍ତି।

# ବିଏସ୍‌ବି ବୋର୍ଡ ପରୀକ୍ଷାଫଳ ପ୍ରକାଶ

**ହରିଦ୍ୱାର୧୮।୪:** ଭାରତୀୟ ଶିକ୍ଷା ବୋର୍ଡ (ବିଏସ୍‌ବି) ୨୦୨୫-୨୬ ଶିକ୍ଷାବର୍ଷର ଜାତୀୟ ସ୍ତରରେ ଆୟୋଜିତ ୧୦ମ ଓ ୧୨ଶ ବୋର୍ଡ ପରୀକ୍ଷାଫଳ ଘୋଷଣା କରିଛି। ଏହି ବର୍ଷ ଦେଶବ୍ୟାପୀ ବିଏସ୍‌ବିସହ ସଂଯୁକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉତ୍କୃଷ୍ଟ ପ୍ରଦର୍ଶନକରି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ପରିଣାମରେ ଛାତ୍ରୀଛାତ୍ରଙ୍କ ପରିଶ୍ରମ, ଅନୁଶାସନ ଓ ଶିକ୍ଷକଙ୍କ ମାର୍ଗଦର୍ଶନର ପ୍ରଭାବ ସ୍ପଷ୍ଟ ଭାବେ ପ୍ରତିଫଳିତ ହୋଇଛି। ବୋର୍ଡପକ୍ଷରୁ ଜଣାଇଛନ୍ତି ଯେ ଛାତ୍ରୀଛାତ୍ରମାନେ ଡିଜିଲକର ମାଧ୍ୟମରେ କିଛି ଆବଶ୍ୟକ ତଥ୍ୟ ଦେଇ ନିଜର ପରିଣାମ ଜାଣିପାରିବେ। ପତଞ୍ଜଳି ଗୁରୁକୁଳମର ଛାତ୍ରୀଛାତ୍ରମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବାବେଳେ ଭାରତୀୟ ଶିକ୍ଷା ବୋର୍ଡ ସମସ୍ତ ସଫଳ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛି। ସୂଚନା ଥାଉକି, ବିଏସ୍‌ବି ପକ୍ଷରୁ ୫ ମାର୍ଚ୍ଚରୁ ୨୯ ପର୍ଯ୍ୟନ୍ତ ଦେଶବ୍ୟାପୀ ପରୀକ୍ଷା ହୋଇଥିଲା।

# ଏସ୍‌ବିଆଇ ୟୋନୋ ଏଭିଏଶନ କପ୍: ସିଆଇଏସ୍‌ଏଫ୍ ଚାମ୍ପିୟନ



ଭୁବନେଶ୍ୱର,୧୮।୪(ଅନୁରାଧା ମହାରଣା)

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ( ଏସ୍‌ବିଆଇ) ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏସ୍‌ବିଆଇ ୟୋନୋ ଏଭିଏଶନ କପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଗତ ୧୦ ତାରିଖରୁ ଭୁବନେଶ୍ୱର ବିମାନବନ୍ଦର ଗ୍ରାଉଣ୍ଡରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଦଳ ଭାଗନେଇଥିଲେ। ଶନିବାର ଫାଇନାଲରେ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ (ଏଏଆଇ) ଏବଂ ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ସିଆଇଏସ୍‌ଏଫ୍) ପରସ୍ପରକୁ ଭେଟିଥିଲେ। ପ୍ରଥମେ ବ୍ୟାଟିଂକରି ଏଏଆଇ ୧୧.୫ ଓଭରରେ ୧୦୧ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ଜବାବରେ ସିଆଇଏସ୍‌ଏଫ୍ ୭.୩ ଓଭରରେ ୩ ଉଇକେଟରେ ୧୦୩ ରନ କରି ମ୍ୟାଚ୍ ଜିତିନେଇଥିଲା। ସିଆଇଏସ୍‌ଏଫ୍ ନବୀନ ରାୱତ୍ ପ୍ଲେୟର ଅଫ୍ ଦି ମ୍ୟାଚ୍ ଏବଂ ପ୍ଲେୟର ଅଫ୍ ଦି ସିରିଜ୍ ମନୋନୀତ ହୋଇଛନ୍ତି। ଏଏଆଇର ରୋଶନ ଶ୍ରେଷ୍ଠ ବୋଲର ହୋଇଛନ୍ତି। ଚାମ୍ପିୟନ ସିଆଇଏସ୍‌ଏଫ୍‌କୁ ଏସ୍‌ବିଆଇ ଭୁବନେଶ୍ୱର ଡେପୁଟି ଜେନେରାଲ ମ୍ୟାନେଜର୍ ପ୍ରଶାନ୍ତ କୁମାର ବିଜୟ ଟ୍ରଫି ପ୍ରଦାନ କରିଛନ୍ତି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସିଏସ୍‌ଓ ରାକେଶ ଚୌଧୁରୀ, ଏଜିଏମ୍ କୋଲା ବାଲାଜୀ, ସିଏମ୍ ଉମାକାନ୍ତ ଦୀକ୍ଷିତ, ସିଏମ୍ ଯାଜ୍ଞସେନୀ ବରାଳ, ଡେପୁଟିମ୍ୟାନେଜର ସନ୍ତୋଷ କୁମାର ପୃଷ୍ଟି, ଇନ୍ସପେକ୍ଟର୍ ପ୍ରମୋଦ କୁମାର ସାହୁ ଏବଂ ସବ୍ ଇନ୍ସପେକ୍ଟର ପାର୍ଥ ପାଲ୍ ପ୍ରମୁଖ ଥିଲେ।

# ପୂର୍ବଘାଟ ପର୍ବତମାଳାରେ ରେକର୍ଡ ସଂଖ୍ୟକ ଟନେଲ ନିର୍ମାଣ

ଭୁବନେଶ୍ୱର,୧୮।୪(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ଦ୍ୱାରା ପୂର୍ବଘାଟ ପର୍ବତମାଳାର ଜଟିଳ ଭୌଗୋଳିକ ପରିସ୍ଥିତି ମଧ୍ୟରେ ୨୦୨୫-୨୬ ଆର୍ଥିକ ବର୍ଷରେ ୫ଟି ଟନେଲର ଖନନ କାର୍ଯ୍ୟ ସଫଳତାର ସହ ଶେଷ ହୋଇଛି। ଏପ୍ରିଲ ୧୪ରେ କୋରାପୁଟ-ସିଙ୍ଗାପୁର ରୋଡ୍ ଦୋହରୀକରଣ ପ୍ରକଳ୍ପର ସିକରପାଇ-କେଉଟଗୁଡ଼ା ସେକ୍ସନରେ ଥିବା ୧,୦୪୩ ମିଟର ଦୈର୍ଘ୍ୟ ବିଶିଷ୍ଟ ଟନେଲ ନମ୍ବର-୩୦ର ବ୍ରେକ୍ ଥ୍ରୁ ହୋଇଛି। ୫ ଡିଗ୍ରୀ ବକ୍ରପଥ ଉପରେ ଏହି ଟନେଲ ନିର୍ମାଣ କରାଯାଇଛି। ଏଥିସହ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂଆ ରେଲଲାଇନ ପ୍ରକଳ୍ପରେ ସବୁଠାରୁ ଲମ୍ବା ଟନେଲ ଟି-୪ ଏବଂ ଟନେଲ ଟି-୨ର ଖନନ ହୋଇଛି। ଜୁଲାଇ ୨୦୨୫ରେ ଟି-୫ ଓ ଟି-୬ ଏବଂ ନଭେମ୍ବର ୨୦୨୫ରେ ଟି-୭ ଟନେଲର ଖନନ କାର୍ଯ୍ୟ ହୋଇଛି।



ଧରିତ୍ରୀ 52 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ଏପ୍ରିଲ ୧୯/୨୦୨୬ Bhubaneswar, Sunday, April 19/ 2026




# ଦିଲ୍ଲୀର ରୋମାଞ୍ଚକ ବିଜୟ

**ବେଙ୍ଗାଲୁରୁ,୧୮।୪**

ଡେଭିଡ୍ ମିଲରଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ଶନିବାର ଅପରାହ୍ଣରେ ଖେଳାଯାଇଥିବା ଏକ ରୋମାଞ୍ଚକ ଆଇପିଏଲ୍ ମ୍ୟାଚ୍‌ରେ ୬ ଉଇକେଟରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ପରାସ୍ତ କରିଛି। ଏହା ଦିଲ୍ଲୀର ୫ ମ୍ୟାଚ୍‌ରେ ତୃତୀୟ ବିଜୟ ହୋଇଥିବା ବେଳେ ଆର୍‌ସିବି ଲାଗି ୬ ମ୍ୟାଚ୍‌ରେ ଏହା ଦ୍ୱିତୀୟ ପରାଜୟ। ଲୋକେଶ ରାହୁଲ ଶନିବାର ଅର୍ଦ୍ଧଶତକୀୟ ପାଳି ଖେଳି ତାଙ୍କର ୩୪ତମ ଜନ୍ମଦିନ ଓ ୧୫୦ତମ ଆଇପିଏଲ୍ ମ୍ୟାଚ୍‌କୁ ସ୍ମରଣୀୟ କରାଇଛନ୍ତି। ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ଟ୍ରିଷ୍ଟାନ ଷ୍ଟବ୍ସ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ବ୍ୟାଟିଂ ଲାଗି କଷ୍ଟକର ପିଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଆର୍‌ସିବି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୭୫ ରନ କରିଥିଲା। ଫିଲିପ୍ ସଲ୍ଟଙ୍କର ୩୮ ବଲରେ ୬୩ (୪ ଚୌକା ଓ ୩ ଛକା) ରନର ଅର୍ଦ୍ଧଶତକୀୟ ଇନିଂସ ଯୋଗୁ ଆର୍‌ସିବି ଏକଦା ୧୨.୩ ଓଭରରେ ୧୩୧/୩ ସ୍କୋର କରିଥିଲା। ହେଲେ ଶେଷ ଆଡ଼କୁ ଟିମ୍ ଡେଭିଡ୍ (୧୭ ବଲ, ୨୬ ରନ, ୩ ଚୌକା ଓ ୧ ଛକା)ଙ୍କୁ ଛାଡ଼ି ଦେଲେ ଅନ୍ୟ ସମସ୍ତ ବ୍ୟାଟର ସଂଘର୍ଷ କରିଥିଲେ। ଦିଲ୍ଲୀ ପାଇଁ ଅଧିନାୟକ ଅକ୍ଷର ପଟେଲ, ଲୁଙ୍ଗି ଏନ୍‌ଗିଡି ଓ କୁଲଦୀପ ଯାଦବ ୨ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭୁବନେଶ୍ୱର କୁମାରଙ୍କ ଘାତକ ବୋଲିଂ ଯୋଗୁ ଦିଲ୍ଲୀ ଆରମ୍ଭରୁ ୩ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଦଳ ୧୮ ରନ ମଧ୍ୟରେ ୩ ଉଇକେଟ ହରାଇ ସଙ୍କଟରେ ଥିବା ବେଳେ ରାହୁଲ ତାଙ୍କର ୩୪ତମ ଜନ୍ମଦିନରେ ନିଜ ଘରୋଇ ଗ୍ରାଉଣ୍ଡରେ ୩୪ ବଲରେ ୫୭ (୬ ଚୌକା ଓ ୨ ଛକା) ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଏଥିସହିତ ସେ ଟ୍ରିଷ୍ଟାନ ଷ୍ଟବ୍ସଙ୍କ ସହ ମିଶି ଚତୁର୍ଥ ଉଇକେଟରେ ୬୯ ରନ ଯୋଡ଼ିଥିଲେ। ଏହାପରେ ଷ୍ଟବ୍ସ ଓ ଅଧିନାୟକ ଅକ୍ଷରଙ୍କ ପଞ୍ଚମ ଉଇକେଟରେ ୩୪ ବଲରେ ୪୭ ରନ ଯୋଡ଼ିଥିଲେ। ହେଲେ ଅତ୍ୟଧିକ ଗରମ ପରିବେଶ କାରଣରୁ ଅକ୍ଷର (୧୯ ବଲ, ୨୬ ରନ, ୩ ଚୌକା) ବାରମ୍ବାର କ୍ରାମ୍ପର ସମ୍ମୁଖୀନ ହୋଇ ରିଟାୟର୍ଡ ହର୍ଟ ହୋଇ ପାଭିଲିଅନ ଫେରିଯାଇଥିଲେ। ତାଙ୍କ ସ୍ଥାନରେ ଆସିଥିବା ଡେଭିଡ୍ ମିଲର ଓ ଷ୍ଟବ୍ସ ଦଳକୁ ଜିତାଇଥିଲେ। ଦିଲ୍ଲୀକୁ ଜିତିବା ପାଇଁ ଅନ୍ତିମ ଓଭରରେ ୧୫ ରନ ଆବଶ୍ୟକ ଥିଲା ବେଳେ ରୋମାରିଓ ଶେଫର୍ଡଙ୍କ ଓଭରର ପ୍ରଥମ ଦୁଇ ବଲରେ ମିଲର ଓ ଟ୍ରିଷ୍ଟାନ ଷ୍ଟବ୍ସ ଗୋଟିଏ ଲେଖାଏ ସିଙ୍ଗଲ ନେଇଥିଲେ। ଏହାପରେ ମିଲର ଲଗାତର ଦୁଇଟି ଛକା ଓ ଚୌକା ମାରି ମ୍ୟାଚ୍ ଫିନିଶ୍ କରିଥିଲେ। ଫଳରେ ଦିଲ୍ଲୀ ୧୯.୫ ଓଭରରେ ୪ ଉଇକେଟ ହରାଇ ୧୭୯ ରନ କରିଥିଲା। ଷ୍ଟବ୍ସ ୪୭ ବଲରେ ୬୦ (୪ ଚୌକା ଓ ୧ ଛକା) ଓ ମିଲର ୧୦ ବଲରେ ୨୨ (୧ ଚୌକା ଓ ୨ ଛକା) ରନ କରି ଅପରାଜିତ ରହିଥିଲେ।


ମ୍ୟାଚ୍ ଫିନିଶ୍ କରିବା ପରେ ଡେଭିଡ୍ ମିଲର।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ: ୨୦ ଓଭରରେ ୧୭୫/୮(ଫିଲିପ ସଲ୍ଟ-୬୩, ଅକ୍ଷର ପଟେଲ-୧/୧୮, କୁଲଦୀପ ଯାଦବ-୨/୩୨, ଲୁଙ୍ଗି ଏନ୍‌ଗିଡି-୨/୩୯)। ଦିଲ୍ଲୀ କ୍ୟାପିଟାଲ୍ସ: ୧୯.୫ ଓଭରରେ ୧୭୯/୪ (ଟ୍ରିଷ୍ଟାନ ଷ୍ଟବ୍ସ-୬୦*, ଲୋକେଶ ରାହୁଲ-୫୭, ଅକ୍ଷର ପଟେଲ-୨୬, ଭୁବନେଶ୍ୱର କୁମାର-୩/୨୬, କ୍ରୁନାଲ ପାଣ୍ଡ୍ୟା-୧/୨୪)।

# ୪ର୍ଥ ସ୍ଥାନରେ ହାଇଦ୍ରାବାଦ


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଇଶାନ ମାଲିଙ୍ଗା।

**ହାଇଦ୍ରାବାଦ,୧୮।୪**

ଅଭିଷେକ ଶର୍ମା ଓ ହେନରିଚ୍ କ୍ଲାସେନଙ୍କ ଅର୍ଦ୍ଧଶତକ ଏବଂ ଇଶାନ ମାଲିଙ୍ଗାଙ୍କ ଘାତକ ବୋଲିଂ ବଳରେ ଶନିବାର ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦ୍ (ଏସ୍‌ଆର୍‌ଏଚ୍) ୧୦ ରନରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)କୁ ପରାସ୍ତ କରିଛି। ଏହା ସିଏସ୍‌କେର ତୃତୀୟ ପରାଜୟ ହୋଇଥିବା ବେଳେ ହାଇଦ୍ରାବାଦ୍ ଲାଗି ଏହା ତୃତୀୟ ବିଜୟ ଏବଂ ଏଥିସହିତ ଦଳ ଚତୁର୍ଥ ସ୍ଥାନକୁ ଉଠିଛି। ପ୍ରଥମେ ବ୍ୟାଟିଂ କରିଥିବା ହାଇଦ୍ରାବାଦ୍ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୯୪ ରନ କରିଥିଲା। ଦଳ ପାଇଁ ଅଭିଷେକ ୨୨ ବଲରେ ବିସ୍ଫୋରକ ୫୯ (୬ ଚୌକା ଓ ୪ ଛକା) ଓ ହେନରିଚ୍ କ୍ଲାସେନ ୩୯ ବଲରେ ୫୯ (୬ ଚୌକା ଓ ୨ ଛକା) ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ସିଏସ୍‌କେ ପକ୍ଷରୁ ଜେମି ଓଭରଟନ ଓ ଅଂଶୁଲ କାମ୍ବୋଜ ୩ ଲେଖାଏ ଉଇକେଟ ନେଇଥିବା ବେଳେ ମୁକେଶ ଚୌଧାରୀ ୨ ଉଇକେଟ ହାତେଇଥିଲେ। ଜବାବରେ ଚେନ୍ନାଇ ଆରମ୍ଭରୁ ସଞ୍ଜୁ ସାମସନ (୭)ଙ୍କ ଉଇକେଟ ହରାଇଥିଲେ। ଅଧିନାୟକ ଋତୁରାଜ ଗାଏକ୍ୱାଡ (୧୯ ରନ, ୩ ଚୌକା) ଓ ଆୟୁଷ ମାହାତ୍ରେ (୧୩ ବଲ, ୩୦ ରନ, ୫ ଚୌକା ଓ ୧ ଛକା) ଦ୍ୱିତୀୟ ଉଇକେଟରେ ୩.୩ ଓଭରରେ ଦ୍ରୁତ ୫୧ ରନ ଯୋଡ଼ିଥିଲେ। ଦୁଇ ବ୍ୟାଟର ସେଟ୍ ହେବା ପରେ କ୍ରମାଗତ ବ୍ୟବଧାନରେ ଆଉଟ୍ ହୋଇଥିଲେ। ଏହାପରେ ମାଥ୍ୟୁ ଶର୍ଟ ଓ ସର୍ଫରାଜ ଖାନ (୧୯ ବଲ, ୨୫ ରନ, ୩ ଚୌକା) ଚତୁର୍ଥ ଉଇକେଟରେ ୪୮ ରନ ଯୋଡ଼ି ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ହେଲେ ଠିକଣା ସମୟରେ ଶର୍ଟ (୩୦ ରନ, ୩ ଚୌକା) ଓ ଦୁବେ (୨୧ ରନ, ୧ ଲେଖାଏ ଚୌକା ଓ ଛକା) ଆଉଟ୍ ହେବାରୁ ହାଇଦ୍ରାବାଦ୍ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲା। ଶେଷ ଆଡ଼କୁ ଜେମି ଓଭରଟନ (୧୬) ଓ କାମ୍ବୋଜ (୧୩) ଚେଷ୍ଟା କରିଥିଲେ। ହେଲେ ତାହା ଦଳର ବିଜୟ ଲାଗି ଯଥେଷ୍ଟ ସାବ୍ୟସ୍ତ ହୋଇ ନ ଥିଲା। ଚେନ୍ନାଇ ୨୦ ଓଭରରେ ୮ ଉଇକେଟ ହରାଇ ୧୮୪ ରନ କରିଥିଲା। ହାଇଦ୍ରାବାଦ ପାଇଁ ମାଲିଙ୍ଗା ୩ ଓ ନୀତୀଶ କୁମାର ରେଡ୍ଡୀ ୨ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ସନରାଇଜର୍ସ ହାଇଦ୍ରାବାଦ: ୨୦ ଓଭରରେ ୧୯୪/୯ (ଅଭିଷେକ ଶର୍ମା-୫୯, ହେନରିଚ୍ କ୍ଲାସେନ-୫୯, ଅଂଶୁଲ କାମ୍ବୋଜ-୩/୨୨, ଜେମି ଓଭରଟନ-୩/୩୭, ମୁକେଶ ଚୌଧାରୀ-୨/୨୧)। ଚେନ୍ନାଇ ସୁପର କିଙ୍ଗ୍ସ: ୨୦ ଓଭରରେ ୧୮୪/୮ (ଆୟୁଷ ମାହାତ୍ରେ-୩୦, ମାଥ୍ୟୁ ଶର୍ଟ-୩୪, ନୀତୀଶ କୁମାର ରେଡ୍ଡୀ-୨/୩୧, ଇଶାନ ମାଲିଙ୍ଗା-୩/୨୯)।

# ଭାରତରେ ୯୦% ସିନ୍ଥେଟିକ୍ ଟ୍ରାକ୍ ନିମ୍ନମାନର

**ନୂଆଦିଲ୍ଲୀ, ୧୮।୪ (ପି.ଟି.)**

ଭାରତର ୯୦ ପ୍ରତିଶତ ସିନ୍ଥେଟିକ୍ ଟ୍ରାକ ହେଉଛି ନିମ୍ନ ମାନର। ସମସ୍ତଙ୍କୁ ଚମକାଇ ଦେବା ଭଳି ଏକଥା ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ)ର ମୁଖପାତ୍ର ଆଦିଲ ସୁମାରିୱାଲା ପ୍ରକାଶ କରିଛନ୍ତି। ଏଏଫ୍‌ଆଇ ତରଫରୁ ୱାର୍ଲ୍ଡ ଆଥ୍‌ଲେଟିକ୍ସକୁ ଏ ବିଷୟରେ ଅବଗତ କରାଯିବା ସହ ତୁରନ୍ତ ହସ୍ତକ୍ଷେପ ପାଇଁ ଅନୁରୋଧ କରାଯାଇଛି। ନିମ୍ନମାନର ସିନ୍ଥେଟିକ୍ ଟ୍ରାକ୍ ଆଥଲେଟ୍‌ମାନଙ୍କ ଫଳାଫଳ କିମ୍ବା ପ୍ରଦର୍ଶନକୁ ରଦ୍ଦ କରାଯାଇ ନାହିଁ। ଭାରତରେ ବିଛା ଯାଉଥିବା ସିନ୍ଥେଟିକ୍ ଟ୍ରାକ୍‌ରେ ବ୍ୟବହାର କରାଯାଉଥିବା ସରଞ୍ଜାମ ଏବଂ ଏହାକୁ ବିଛାଇବାର ତରିକା ହେଉଛି ଅତ୍ୟନ୍ତ ନିମ୍ନମାନର। ଏହାର ମୋଟେଇ ନିମ୍ନମାନର। କେତେକ ସ୍ଥାନରେ ପଲିଉରେଥେନ୍ ବଦଳରେ କେବଳ ରବର କିମ୍ବା ଟାୟାର ରବର ବ୍ୟବହାର କରାଯାଉଛି।

# ଭାରତୀୟ ଆଥ୍‌ଲେଟ୍ସଙ୍କ ଏସ୍‌ଆର୍‌ୱାଇ, ଡିଏନ୍‌ଏ ଟେଷ୍ଟ ହେବ

**ନୂଆଦିଲ୍ଲୀ,୧୮।୪**

ଆସନ୍ତା ମାସରେ ରାଞ୍ଚିଠାରେ ହେବାକୁ ଥିବା ଫେଡେରେଶନ କପ୍‌ରେ ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ପକ୍ଷରୁ ଆଥ୍‌ଲେଟ୍ସଙ୍କର ଏସ୍‌ଆର୍‌ୱାଇ ଜେନ ଟେଷ୍ଟ କରାଯିବ। ମହିଳା ବିଭାଗରେ କେବଳ ଜନ୍ମରୁ ମହିଳା ଥିବା ଆଥ୍‌ଲେଟ୍‌ଙ୍କ ଅଂଶଗ୍ରହଣକୁ ନିଶ୍ଚିତ କରିବା ଏହାର ଉଦ୍ଦେଶ୍ୟ। ଏଥିସହିତ ଏଏଫ୍‌ଆଇ ପକ୍ଷରୁ ଭାରତୀୟ ଆଥ୍‌ଲେଟ୍ସଙ୍କର ଡିଏନ୍‌ଏ ଟେଷ୍ଟିଂ କରାଯିବ। ଏହି ତଥ୍ୟକୁ ସଂଗ୍ରହ କରି ରଖାଯିବ, ଯାହାକି ରିସର୍ଚ୍ଚରେ ସାହାଯ୍ୟ କରିବ ଏବଂ ଖେଳାଳିଙ୍କୁ ଆହତ ସମସ୍ୟାରୁ ଦୂରେଇ ରଖିବା ସହ ନିର୍ଦ୍ଦିଷ୍ଟ ଆଥ୍‌ଲେଟ୍‌ଙ୍କ ଲାଗି ଟ୍ରେନିଂ ମେଥଡ୍ ନିର୍ଦ୍ଧାରିତ କରାଯାଇପାରିବ। ଉଭୟ ଏସ୍‌ଆର୍‌ୱାଇ ଓ ଡିଏନ୍‌ଏ ଟେଷ୍ଟର ଫଳାଫଳ ଓ ରେକର୍ଡ୍ସକୁ ଗୋପନୀୟ ରଖାଯିବ।

ଏସ୍‌ଆର୍‌ୱାଇ ଟେଷ୍ଟ ଏକ ଜାରି ରହିଥିବା ପ୍ରକ୍ରିୟା। ଆମ ହିସାବରେ ଇଣ୍ଟରନ୍ୟାଶନାଲ ସ୍ତରରେ ଖେଳିବାକୁ ଥିବା ଆଥ୍‌ଲେଟ୍ସଙ୍କ ପାଇଁ ଗତବର୍ଷ ଏହା ଆରମ୍ଭ କରାଯାଇଥିଲା। ଆଥ୍‌ଲେଟ୍ସଙ୍କୁ ଜୀବନରେ ଥରେ ଏହି ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିବ। ଏହି ଫଳାଫଳ ଓ ରେକର୍ଡ ଥରେ ୱାର୍ଲ୍ଡ ଆଥ୍‌ଲେଟିକ୍ସ ୱେବ୍‌ସାଇଟରେ ଅପଲୋଡ୍ ହେବା ପରେ ଏହାକୁ ନଷ୍ଟ କରାଯିବ। ଏଣୁ ଏହା ସମ୍ପୂର୍ଣ୍ଣ ଗୋପନୀୟ ରହିବ। ରାଞ୍ଚିରେ ହେବାକୁ ଥିବା ପ୍ରତିଯୋଗିତାରେ ସମସ୍ତ ଆଥ୍‌ଲେଟ୍ ଏକତ୍ରିତ ଥିବେ, ସେମାନଙ୍କ ମଧ୍ୟରୁ ଅନେକଙ୍କ ଏସ୍‌ଆର୍‌ୱାଇ ଟେଷ୍ଟ କରାଯିବ। କାରଣ ସମସ୍ତେ ଏକା ସମୟରେ ଗୋଟିଏ ସ୍ଥାନରେ ରହିବେ। ଏଣୁ ପରୀକ୍ଷା କରିବାରେ ସହଜ ହେବ ବୋଲି ଏଏଫ୍‌ଆଇ ପ୍ରବକ୍ତା ଆଦିଲ ସୁମରିୱାଲା କହିଛନ୍ତି।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**କୋଲକାତା ବନାମ ରାଜସ୍ଥାନ**
ସ୍ଥାନ: କୋଲକାତା
ସମୟ: ଅପରାହ୍ଣ ୩.୩୦

**ପଞ୍ଜାବ ବନାମ ଲକ୍ଷ୍ନୌ**
ସ୍ଥାନ: ନ୍ୟୁ ଚଣ୍ଡିଗଡ଼
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ବିଷ୍ଣୁପ୍ରିୟାଙ୍କ ଘାତକ ବୋଲିଂ: ଯାଜପୁର ବିଜୟୀ

**ଆନ୍ତଃଜିଲା ମହିଳା ଟି୨୦**

**କଟକ,୧୮।୪(କୁମାରଶ୍ରୀ)**

ଓସିଏ ଆନୁକୂଲ୍ୟରେ କଟକରେ ଖେଳାଯାଉଥିବା ଆନ୍ତଃଜିଲା ମହିଳା ଟି୨୦ ଲିଗ୍‌ର ଶନିବାର ଏକ ମ୍ୟାଚ୍‌ରେ ଯାଜପୁର ୮ ଉଇକେଟରେ ଢେଙ୍କାନାଳକୁ ପରାସ୍ତ କରିଛି। ରେଭେନ୍ସା ଗ୍ରାଉଣ୍ଡ-୧ରେ ଏହି ମ୍ୟାଚ୍ ଖେଳାଯାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଢେଙ୍କାନାଳ ୮ ଉଇକେଟ ହରାଇ ୬୩ ରନ ସଂଗ୍ରହ କରିଥିଲା। ଯାଜପୁରର ବିଷ୍ଣୁପ୍ରିୟା ଜେନା ମାତ୍ର ୨ ରନ ବ୍ୟୟରେ ୪ଟି ଉଇକେଟ ଦଖଲ କରିଥିଲେ। ୭.୨ ଓଭରରେ ଦୁଇ ଉଇକେଟ ହରାଇ ଯାଜପୁର ଦଳ ବିଜୟଲକ୍ଷ୍ୟ ହାସଲ କରିନେଇଥିଲା। ଘାତକ ବୋଲିଂ କରିଥିବା ବିଷ୍ଣୁପ୍ରିୟା ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଶନିବାର ଖେଳାଯାଇଥିବା ଅନ୍ୟ ମ୍ୟାଚ୍‌ଗୁଡିକରେ ଖୋର୍ଦ୍ଧା ୫ ଉଇକେଟରେ ସୋନପୁରକୁ, ଭୁବନେଶ୍ୱର ୧୦ ଉଇକେଟରେ କେନ୍ଦ୍ରାପଡ଼ାକୁ, ବାଲେଶ୍ୱର ୧୨୬ ରନରେ ପାରାଦୀପକୁ, ଝାରସୁଗୁଡ଼ା ୨୦ ରନରେ ପୁରୀକୁ ଏବଂ ସମ୍ବଲପୁର ୫ ଉଇକେଟରେ ବୌଦ୍ଧକୁ ପରାସ୍ତ କରିଛି।

# ଭୁବନେଶ୍ୱର-ବି'ର ବୃହତ୍ ବିଜୟ

**କଟକ,୧୮।୪(କୁମାରଶ୍ରୀ)**

୧୬ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଶନିବାରଠାରୁ ଆରମ୍ଭ ହୋଇଛି। ଟାଙ୍ଗୀସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ଭୁବନେଶ୍ୱର-ବି ଦଳକୁ ବୃହତ ବିଜୟ ମିଳିଛି। ଦଳ ୨୧୬ ରନରେ ବରଗଡ଼କୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର-ବି ୪ ଉଇକେଟ ବିନିମୟରେ ୩୮୫ ରନ ସଂଗ୍ରହ କରିଥିଲା। ପ୍ରତୀକ୍ଷିତ ପ୍ରଧାନ ୧୨୯ ବଲରୁ ୧୮୦ ରନର ବିସ୍ଫୋରକ ଇନିଂସ ଖେଳିଥିଲେ। ଅନୁରାଗ ସାମନ୍ତରାୟ ୧୧୭ ରନ କରିଥିଲେ। ଜବାବରେ ବରଗଡ଼ ମାତ୍ର ୮୯ ରନରେ ଅଲଆଉଟ ହୋଇଯାଇଥିଲା। ସେହଜାଦ ଆଲାମ ୧୭ ରନ ବ୍ୟୟରେ ୫ ଉଇକେଟ ଦଖଲ କରି ବରଗଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଶତକୀୟ ଇନିଂସ ଖେଳିଥିବା ପ୍ରତିକ୍ଷିତଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।

# ବାଳିକାରେ ସଂରଚନା ରନର ଅପ୍


ପୁରସ୍କାର ସହ ରନରଅପ୍ ସଂରଚନା ଦାସ (ଡାହାଣ)।

**ଏଆଇଟିଏ ଓଟିଏ ସୁପର ସିରିଜ୍**

**ଭୁବନେଶ୍ୱର,୧୮।୪(ଅନାଦି କର)**

ମେଣ୍ଢାଶାଳସ୍ଥିତ ଗୁରୁକୂଳ ଟେନିସ ଏକାଡେମୀରେ ଚାଲିଥିବା ଏମ୍‌ଓଏସ୍‌ଏଫ୍ ଏଆଇଟିଏ ଓଟିଏ ମେଜର ସନ୍ଦୀପ ମହାପାତ୍ର ମେମୋରିଆଲ ଟେନିସ ୧୬ ବର୍ଷରୁ କମ୍ ସୁପର ସିରିଜ୍ ଚାମ୍ପିୟନଶିପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟର ମହିଳା ସିଙ୍ଗଲ୍ସ ବର୍ଗରେ ଓଡ଼ିଶା ସଂରଚନା ଦାସ ରନର ଅପ୍ ହୋଇଛନ୍ତି। ମହିଳା ସିଙ୍ଗଲ୍ସ ଫାଇନାଲରେ ଦ୍ୱିତୀୟ ସିଡ୍ ସଂରଚନା ୭-୬(୭-୫), ୬-୭(୬-୮), ୪-୬ ସେଟ୍‌ରେ ଟପ୍ ସିଡ୍ ଉତ୍ତର ପ୍ରଦେଶର ଆଶି ସମଶେରିଙ୍କଠାରୁ ପରାସ୍ତ ହୋଇଛନ୍ତି। ୫ ଘଣ୍ଟା ଧରି ଚାଲିଥିବା ଏହି ମ୍ୟାଚ୍‌ରେ ପ୍ରଥମ ଦୁଇ ସେଟ୍‌ର ଫଳାଫଳ ପାଇଁ ଟାଇବ୍ରେକର ଆବଶ୍ୟକତା ପଡ଼ିଥିଲା। ସଂରଚନାଙ୍କ ପ୍ରତି ଘରୋଇ ଦର୍ଶକଙ୍କ ସମର୍ଥନ ସତ୍ତ୍ୱେ ସମଶେରିଙ୍କ ସ୍ଥିରତା ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସରେ ପଶ୍ଚିମବଙ୍ଗର ରିଶଭ କୁମାର ପ୍ରସାଦ ୬-୩, ୬-୨ ସିଧାସଳଖ ସେଟ୍‌ରେ ନିଜ ରାଜ୍ୟର ହବିଶ ବଂଶଲଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଥିଲେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ Business queries: <advt@dharitri.com>

ଧରିତ୍ରୀ
DHARITRI
52 Years
ପୃଷ୍ଠା–୮+୮
ଭୁବନେଶ୍ୱର, ରବିବାର, ଏପ୍ରିଲ ୧୯/୨୦୨୬ (୮+୮=୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, April 19/2026 Page 16 ₹ 7.00
୫୨ଶ ଭାଗ ୧୪୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 144 ମୂଲ୍ୟ ₹୭/-

No. 16001/5/2627

MINISTRY OF ELECTRONICS AND INFORMATION TECHNOLOGY | India Semiconductor Mission | HIPSPL a 3DGS company



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଶିଳାନ୍ୟାସ ଉତ୍ସବ

## ହେଟେରୋଜେନସ ଇଣ୍ଟିଗ୍ରେସନ ପ୍ୟାକେଜିଂ ସଲ୍ୟୁସନ୍ସ (ଥ୍ରୀଡିଜିଏସ୍)

### ମୁଖ୍ୟ ଅତିଥି

## ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

### ଗରିମାମୟ ଉପସ୍ଥିତି

**ଶ୍ରୀ ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ରମନ୍ତ୍ରୀ, ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା

**ଡ. ମୁକେଶ ମହାଲିଙ୍ଗ**
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା, ଓଡ଼ିଶା

ଓଡ଼ିଶାର ପ୍ରଥମ ଥ୍ରୀ-ଡି ଗ୍ଲାସ୍‌ର ଅତ୍ୟାଧୁନିକ ପ୍ୟାକେଜିଂ ୟୁନିଟ

୧,୯୪୪ କୋଟି ଟଙ୍କାର ପୁଞ୍ଜି ନିବେଶ

ବାର୍ଷିକ ଉତ୍ପାଦନ : ପ୍ରାୟ ୭୦,୦୦୦ ପ୍ୟାନେଲ୍ ଏବଂ ୧୩,୩୦୦ ଥ୍ରୀଡିଏଚଆଇ ମଡ୍ୟୁଲ୍

୧୯ ଅପ୍ରେଲ ୨୦୨୬ | ପୂର୍ବାହ୍ନ ୧୦.୩୦ ଘଟିକା
ଇନଫୋ ଭ୍ୟାଲି, ଭୁବନେଶ୍ୱର

ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ, ଓଡ଼ିଶା ସରକାର

OIPR-16001/16003/2/26-27/0005

# ୩ ମାସ ପରେ ୨ ଗିରଫ
## ଗାଡ଼ଭାଲୁ ମୃତଦେହ ଉଦ୍ଧାର ଘଟଣା

ବେଗୁନିଆ,୧୮।୪ (ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର): ଖୋର୍ଦ୍ଧା ବନ ଖଣ୍ଡ ଅଧୀନ ବେଗୁନିଆ ବନାଞ୍ଚଳରୁ ଗତ ଜାନୁଆରୀ ୫ରେ ଏକ ଗାଡ଼ଭାଲୁର ମୃତଦେହକୁ ବେଗୁନିଆ ସେକ୍ସନ ବନ କର୍ମଚାରୀ ଉଦ୍ଧାର କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଥିବା ଦୁଇ ଜଣଙ୍କୁ ଶୁକ୍ରବାର ରାତିରେ ଗିରଫ କରାଯାଇଛି। ସେମାନେ ହେଲେ ବେଗୁନିଆ ଥାନା ସାଲତରା ଗ୍ରାମର ବାପି ନାୟକ ଏବଂ ଭୀମ ନାୟକ। ଏନେଇ ବେଗୁନିଆ ବନ ବିଭାଗ ସେକ୍ସନରେ ମାମଲା (ନଂ.୧/୨୬,୨୭) ରୁଜୁ ହୋଇଥିବା ବେଳେ ଉଭୟଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି ବୋଲି ଖୋର୍ଦ୍ଧା ରେଞ୍ଜର ଜୟକୃଷ୍ଣ ପଣ୍ଡା କହିଛନ୍ତି। ସୂଚନା ଅନୁଯାୟୀ, ଘଟଣାଟି ୩ ମାସ ପୂର୍ବରୁ ଘଟିଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଥିଲା। ଅନ୍ୟପକ୍ଷରେ ମୃତ ଭାଲୁକୁ ମାଡ଼ ମରାଯାଇ ମାରି ଫୋପାଡ଼ି ଦିଆଯାଇଛି ବୋଲି ବ୍ୟବଚ୍ଛେଦ ରିପୋର୍ଟରୁ ହସ୍ତଗତ ହୋଇଥିଲା। ଏହା ପରେ ବନ ବିଭାଗ ପକ୍ଷରୁ ତଦନ୍ତକୁ ଜୋରଦାର କରାଯାଇଥିଲା। ସ୍ଥାନୀୟ ଅଞ୍ଚଳରେ ଜଙ୍ଗଲୀ ଜନ୍ତୁଙ୍କ ଉପଦ୍ରବ ବୃଦ୍ଧି ପାଇବାର ସୁଯୋଗ ନେଉଥିବା ଶିକାରୀଙ୍କ ଉପରେ କଡ଼ା ନଜର ରଖାଯାଇଥିଲା। ପରେ ଏମାନେ ବାର୍‌ହା ଶିକାର କରିବା ବଦଳରେ ଗାଡ଼ଭାଲୁକୁ ମାରି ଫୋପାଡ଼ି ଦେଇଥିଲେ ବୋଲି ସ୍ପଷ୍ଟ ହୋଇଥିଲା ବୋଲି ରେଞ୍ଜର ପଣ୍ଡା ସୂଚନା ଦେଇଛନ୍ତି।

# ଗୁପ୍ତେଶ୍ୱର ଦେବଙ୍କ ପୀଠରେ ୨୩ ଶମ୍ଭୁଙ୍କ ମିଳନ

ବାଣପୁର,୧୮।୪(ଦିଲୀପ କୁମାର ସ୍ୱାଇଁ)



ବାଣପୁରର ବହୁ ପୁରାତନ ଶୈବ ପୀଠ ଗାଲୁଆ ଗ୍ରାମସ୍ଥିତ ଗୁପ୍ତେଶ୍ୱର ଦେବଙ୍କ ପୀଠରେ ଚାରିଦିନ ଧରି ଚାଲିଥିବା ୧୭ତମ ବିଶ୍ୱଶାନ୍ତି ମହାଯଜ୍ଞର ଶନିବାର ପୂର୍ଣ୍ଣାହୁତି ଅବସରରେ ୨୩ ଶମ୍ଭୁଙ୍କ ମହାମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ ଅଙ୍କୁରାରୋପଣ, ଜଳଯାତ୍ରା ପରେ ଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ପୀଠଧୀଶ ଗୁପ୍ତେଶ୍ୱରଙ୍କ ନିମନ୍ତ୍ରଣକ୍ରମେ ବାଲୁଗାଁ ଗବପଦରର ରାମେଶ୍ୱର ଦେବ, ବାଙ୍କାନିଧି ଦେବ, ବାଣପୁର ଦୁଲଣୀ ଶାସନର ଗତିଶ୍ୱର ଦେବ, ଏକଡ଼ାଳିଆର ସୋମନାଥ ଦେବ, ଜଗଡେଶ୍ୱର ଦେବ, ରଘୁନାଥପୁରର ଗୁପ୍ତେଶ୍ୱର ଦେବ, ସାନହନ୍ତୁଆଡ଼ର କପିଳେଶ୍ୱର ଦେବ,କୁଞ୍ଜବିହାରୀ ଦେବ, ମଙ୍ଗରାଜପୁରର ଗତିଶ୍ୱର ଦେବ, ପଲଟନପଡିଆ ସ୍ଥିତ ବ୍ରାହ୍ମେଶ୍ୱର ଦେବ, ବଡ଼କୁଳର ଚନ୍ଦ୍ରଶେଖର ଦେବ, ଦୋଳମୁଣ୍ଡେଇର ବାଲୁଙ୍କେଶ୍ୱର ଦେବ, ହଟିମୁଣ୍ଡାସ୍ଥିତ ଶ୍ରୀଗଛ ବାଲୁଙ୍କେଶ୍ୱର ଦେବ, ଭାଲେରିର ଧବଳେଶ୍ୱର ଦେବ, ଭୀମପୁରର ରଘୁନାଥ ଦେବ, ବିଂଝଳାର ମା' ଉତ୍ତରାୟଣୀ, ଗୋପୀନାଥପୁରର ମା'ବାଟ ମଙ୍ଗଳା, ଖଣତର ମା'ପାଦୁକାୟୀ ଓ ଭୁଁୟାଣି ଦେବୀ ପ୍ରମୁଖ ୨୩ ଦେବଦେବୀ ମେଳଣରେ ସମ୍ମିଳିତ ହୋଇଥିଲେ। ବରିଷ୍ଠ ପଣ୍ଡିତମାନଙ୍କ ତତ୍ତ୍ୱାବଧାନରେ ସାତ ଜଣ ବ୍ରାହ୍ମଣଙ୍କୁ ନେଇ ଯଜ୍ଞ କାର୍ଯ୍ୟ ହାଇଥିଲା। ଶନିବାର ସନ୍ଧ୍ୟାରେ ବିଭିନ୍ନ ଗ୍ରାମରୁ ଆସିଥିବା ୨୩ ଦେବଦେବୀ ଓ ଶମ୍ଭୁମାନଙ୍କୁ ଘଣ୍ଟ ଘଣ୍ଟା ତାଳେ ପାଟ ପଟୁଆରରେ ଯଜ୍ଞସ୍ଥଳୀକୁ ବିଜେ କରାଯାଇଥିଲା। ପୂର୍ଣ୍ଣାହୁତି ଅବସରରେ ସମସ୍ତ ଦେବଦେବୀଙ୍କ ମହାମିଳନ ଅନୁଷ୍ଠିତ ହୋଇଥିଲା। ଏଥିସହ ଆତସବାଜି କାର୍ଯ୍ୟକ୍ରମ ହୋଇଥିଲା।

# ଜିଲାସ୍ତରୀୟ କୃଷକ ଦିବସ ପାଳନ ପାଇଁ ପ୍ରସ୍ତୁତି




ଖୋର୍ଦ୍ଧା,୧୮।୪(ପ୍ରଭାତ ପାଣିଗ୍ରାହୀ)

ଅକ୍ଷୟ ତୃତୀୟା ଅବସରରେ ଜିଲାସ୍ତରୀୟ କୃଷକ ଦିବସ ପାଳନ ପାଇଁ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକସ୍ତରୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ବୈଠକ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ବାଣପୁର ବ୍ଲକର ଗମ୍ଭାରୀମୁଣ୍ଡାଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟ ଅତିଥିଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସମ୍ମାନିତ ଅତିଥିଭାବେ ଖୋର୍ଦ୍ଧା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ପ୍ରଶାନ୍ତ ଜଗଦେବ, ଭୁବନେଶ୍ୱର ଓ ପୁରୀ ଏମ୍‌ପି, ଅନ୍ୟ ବିଧାୟକ, ଜିଲା ପରିଷଦ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ, ବାଣପୁର ପଞ୍ଚାୟତ ସମିତିର ଅଧ୍ୟକ୍ଷ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଜିଲାର ବିଭିନ୍ନ ବ୍ଲକରୁ ଶତାଧିକ କୃଷକ ଏହି କାର୍ଯ୍ୟକ୍ରମରେ ଯୋଗଦେବା ସହ କଟକରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଓ ମୁଖ୍ୟମନ୍ତ୍ରୀ କୃଷକ ସହାୟତା ରାଶି ପ୍ରଦାନର ସିଧା ପ୍ରସାରଣ ଦେଖିବା ନିମନ୍ତେ ବ୍ୟବସ୍ଥା କରାଯିବ। ଏହି କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ଭୁବନେଶ୍ୱର ଉପଜିଲାପାଳ ମନୋରଞ୍ଜନ ସାହୁ, ଖୋର୍ଦ୍ଧା ଉପଜିଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ବାଣପୁର ଓ ଚିଲିକା ବିଡିଓ, ଜିଲା କୃଷି ଅଧିକାରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉପସ୍ଥିତ ଥିବା ବାଣପୁର, ଟାଙ୍ଗୀ ଓ ଚିଲିକା ବ୍ଲକ କୃଷି ଅଧିକାରୀଙ୍କୁ ସଭାସ୍ଥଳରେ କୃଷକମାନଙ୍କ ସୁବିଧା ନିମନ୍ତେ ଆବଶ୍ୟକ ମୁତାବକ ପଦକ୍ଷେପ ନେବା ପାଇଁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ୨୦ରୁ ସାରସ୍ୱତ ବାଦୀପାଲା

ଯାଁଳା,୧୮।୪(ବୁଲା ବାରିକ): ଭୁବନେଶର ମହାନଗର ନିଗମର ୱାର୍ଡ ନମ୍ବର ୬୫ ଅନ୍ତର୍ଗତ ଗଡ଼-ପାତ୍ରପଡ଼ାଠାରେ ପ୍ରତି ବର୍ଷ ପରି ଚଳିତ ବର୍ଷ ୫୨ତମ ବାର୍ଷିକ ସାରସ୍ୱତ ବାଦୀପାଲା ଆସନ୍ତା ୨୦ତାରିଖରୁ ଆରମ୍ଭ ହୋଇ ୨୫ତାରିଖରେ ଉଦ୍‌ଯାପନ ହେବ। ଗାୟିକା ଜୈମିନୀ ମହାନ୍ତ, ଗୌରିବାଳା ସ୍ୱାଇଁ ଏହି ବାଦୀପାଲାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟହ ସନ୍ଧ୍ୟା ୭ଟାରେ ପାଲା ମଣ୍ଡପଠାରେ ପାଲା ପରିବେଷଣ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।

# ଅଗ୍ନି ନିରାପତ୍ତା ସଚେତନତା, ତାଲିମ

ବୋଲଗଡ଼,୧୮।୪(ଦେବବ୍ରତ ହୋତା): ବୋଲଗଡ଼ ଅଗ୍ନିଶମ ବିଭାଗ ପକ୍ଷରୁ ଶୁକ୍ରବାର ବଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅଗ୍ନି ନିରାପତ୍ତା ସଚେତନତା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଗ୍ନିଶମ କେନ୍ଦ୍ର ଅଧିକାରୀ ବିବେକାନନ୍ଦ ଦାସଙ୍କ ତତ୍ତ୍ୱାବଧାନରେ ହାବିଲଦାର ଭାଗୀରଥି ବଳିୟାରସିଂ, ଅଗ୍ନିଯୋଦ୍ଧା ତପନ ଜେନା, ରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ତରଳ, କଠିନ ଓ ଗ୍ୟାସ୍‌ରେ ନିଆଁ ଲାଗିଲେ ତାହାର ନିର୍ବାପନର ଉପାୟକୁ ବିଭିନ୍ନ ସାମଗ୍ରୀ ପ୍ରୟୋଗ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ଡ. ଗୁରୁ ଆଶିଷ ଦାସ, ସ୍ୱାସ୍ଥ୍ୟ ପରିଦର୍ଶକ ଦୀପକ ମହାନ୍ତି, ବିପିଏମ୍ ନେପୋଲିଆନ କୁମାର, ପିଏଚ୍‌ଇଓ ଅରୁଣାଭ ପଟଯୋଶୀ ଏବଂ ଅନ୍ୟାନ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଉପସ୍ଥିତ ରହି ଛୋଟ ଧରଣର ନିଆଁକୁ ତୁରନ୍ତ ଆୟତ୍ତ କରିବା ପାଇଁ ଅଗ୍ନି ନିର୍ବାପକ ଯନ୍ତ୍ରପାତିର ବ୍ୟବହାର, ନିଆଁ ଲାଗିବା ସମୟରେ ଉଦ୍ଧାର କାର୍ଯ୍ୟ ଏବଂ ସୁରକ୍ଷିତ ସ୍ଥାନାନ୍ତରଣ ପାଇଁ ଲୋକଙ୍କୁ ପ୍ରସ୍ତୁତ କରିବା ସମ୍ପର୍କିତ ପ୍ରଶିକ୍ଷଣ ନେଇଥିଲେ।

# ରାତିକରେ ୭ ଘରୁ ଚୋରି ଅଭିଯୋଗ

ବେଗୁନିଆ,୧୮।୪(ସନ୍ଧ୍ୟାରାଣୀ ମିଶ୍ର): ବାଘମାରୀ ଥାନା ଅନ୍ତର୍ଗତ କୋଟପଲା ଗ୍ରାମରୁ ଗୋଟିଏ ରାତିରେ ୭ଜଣଙ୍କ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଶନିବାର ଥାନା ଅଧିକାରିଣୀ ସୁଚିତ୍ରା ଜେନାଙ୍କ ସହ ସାଇଣ୍ଟିଫିକ ଟିମ୍ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ସମୀର କୁମାର ସାହୁଙ୍କ ଘରୁ ଦୁର୍ବୃତ୍ତମାନେ କଂସାବାସନ ସହ ଟ୍ରଙ୍କ ଭାଙ୍ଗି ୨୦ ହଜାର ଟଙ୍କା, ୪ଟି ସୁନାମୁଦି ଓ ମଙ୍ଗଳସୂତ୍ର ନେଇଯାଇଛନ୍ତି। ଏପରିକି ଗ୍ରାମର ବିଜୟ କୁମାର ମିଶ୍ର, ପ୍ରସନ୍ନ କୁମାର ତ୍ରିପାଠୀ, ରାଉଳ ମିଶ୍ର, ପବିତ୍ର କୁମାର ମିଶ୍ର, ଲୋକନାଥ ନନ୍ଦ ଏବଂ ହରିହର ସାହୁଙ୍କ ଘରେ ପଶି ଦୁର୍ବୃତ୍ତମାନେ କଂସାବାସନ ଓ ଅନ୍ୟ ସାମଗ୍ରୀ ନେଇଯାଇଥିବା ଅଭିଯୋଗ ହୋଇଛି।

# କୋଣାର୍କ ନଗରରେ ଆମ୍ବେଡ୍‌କରଙ୍କ ପ୍ରତିମୂର୍ତ୍ତି ଅନାବରଣ

ଖୋର୍ଦ୍ଧା,୧୮।୪(ପ୍ରଭାତ ପାଣିଗ୍ରାହୀ): ଖୋର୍ଦ୍ଧା ଜିଲାପାଳ କାର୍ଯ୍ୟାଳୟ ନିକଟ ପଲ୍ଲା କୋଣାର୍କ ନଗରଠାରେ ଭାରତରତ୍ନ ବାବାସାହେବ ଡ. ବି.ଆର୍.ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଶନିବାର ଅନାବରଣ ହୋଇଯାଇଛି। ଖୋର୍ଦ୍ଧା ଜିଲା ଶବର ସଂଘ ପକ୍ଷରୁ ଆୟୋଜିତ ଏହି ସମାରୋହରେ ୪ଟି ଜିଲାରୁ ଆସିଥିବା ସଂଘର ସଦସ୍ୟମାନେ ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡ ଠାରୁ ଶୋଭାଯାତ୍ରାରେ ବାହାରି ସଭାସ୍ଥଳରେ ପହଞ୍ଚିଥିଲେ।



ଆୟୋଜିତ ସମାବେଶରେ ମୂଳନିବାସୀ ୟୁନାଇଟେଡ୍ ଫୋରମ(ଏମ୍‌ୟୁଏଫ୍‌ଓ) ଓଡ଼ିଶାର ରାଜ୍ୟ ଅଧ୍ୟକ୍ଷ ବିଦ୍ୟାଧର ଦେହୁରି ପୌରୋହିତ୍ୟ କରିଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା ମୁଖ୍ୟ ଅତିଥି, ଏମ୍‌ୟୁଏଫ୍‌ଓ କାର୍ଯ୍ୟକାରୀ ଅଧ୍ୟକ୍ଷ ଗୌତମ ଗୋପାଳ, ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ହାଇବ୍ରୁ, ମହାସଚିବ ଅଶୋକ କୁମାର ନାୟକ, ସଂଖ୍ୟାଲଘୁ ସେଲ୍ ସମ୍ପାଦକ ସେକ୍ ଅବଦୁଲ ହୁସେନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ଅଶୋକ କୁମାର ନାୟକ, ଉପାଧ୍ୟକ୍ଷ ଇନ୍ଦ୍ର କୁମାର ବିଡ଼ିକା, ଆର୍ତ୍ତତ୍ରାଣ ମଲ୍ଲିକ, ଖୋର୍ଦ୍ଧା ଜିଲା ଶବର ସଂଘ ସଭାପତି ଟୁକୁ ମାଝି, ଉପସଭାନେତ୍ରୀ ଅଞ୍ଜଳି ସ୍ୱାଇଁ, ସାଧାରଣ ସମ୍ପାଦିକା ସୁଜାତା ନାୟକ, ଉର୍ମିଳା ନାୟକ, ମନୋରମା ନାୟକ, ହରି ନାୟକ, ଉପେନ୍ଦ୍ର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା କହିଥିଲେ, ସମସ୍ତଙ୍କୁ ସମାନ ଅଧିକାର ମିଳିବା ଦରକାର। ପରସ୍ପର ଭିତରେ ଜାତି ଭେଦାଭାବ ଭୁଲି ଏକ୍ ହେଲେ ବାବାସାହେବଙ୍କ ସ୍ୱପ୍ନ ପୂରଣ ହୋଇପାରିବ ବୋଲି କହିଥିଲେ। ଏମ୍‌ୟୁଏଫ୍‌ଓ ରାଜ୍ୟ ଅଧ୍ୟକ୍ଷ ଦେହୁରି କହିଥିଲେ, ଆମ୍ବେଡକର ଜଣେ ବିଚକ୍ଷଣ କୂଟନୀତିଜ୍ଞ, ରାଜନୀତିଜ୍ଞ, ଅର୍ଥନୈତିଜ୍ଞ ତଥା ପ୍ରବୀଣ ଆଇନଜ୍ଞ ଥିଲେ। ଆମ୍ବେଡକରଙ୍କ ତ୍ୟାଗ, ଆଦର୍ଶରେ ବ୍ରତୀ ହେବାକୁ ଆହ୍ୱାନ କରିଥିଲେ।



## ମିଠା ଦୋକାନୀଙ୍କୁ ଆକ୍ରମଣ ଘଟଣା, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୮।୪ (ପ୍ରସନଜିତ୍ ସାହୁ)

ମିଠା ଦୋକାନୀଙ୍କୁ ଆକ୍ରମଣ ଅଭିଯୋଗରେ ଲିଙ୍ଗରାଜ ଥାନା ପୋଲିସ ଶନିବାର ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବଡଗଡ ଅଞ୍ଚଳର ଓମ୍ ପ୍ରକାଶ ମହାନ୍ତି। ଗତ ମାର୍ଚ୍ଚ ୫ ସନ୍ଧ୍ୟାରେ ଅଭିଯୁକ୍ତ ମିଠା ଦୋକାନରେ ଝଗଡ଼ା କରିବା ସହ ମାଲିକ ରାଜକୁମାର ବେହେରାଙ୍କୁ ଧମକ ଦେଇଥିଲେ। ପରେ ତାଙ୍କ ବାପାଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଥିଲେ।

## ଚୋରି ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡ

ଭୁବନେଶ୍ୱର, ୧୮।୪ (ପ୍ରସନଜିତ୍ ସାହୁ)

ଏକ ଚୋରି ମାମଲାରେ ଶନିବାର ଭୁବନେଶ୍ୱର ଜେଏଫ୍ଏମ୍ସି କୋର୍ଟ ଆସାମୀ ବୁଜୁ ଦାସଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ମାସ ଜେଲ ଦଣ୍ଡ ଶୁଣାଇଛନ୍ତି। ଅଭିଯୁକ୍ତ ଏଆର୍ଏସ୍ଏସ କମ୍ପାନୀରେ ପଶି ଷ୍ଟୋର ରୁମ୍‌ରୁ ଦୁଇଟି ଡ୍ରିଲ ମେସିନ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରିକରି ପଳାଉଥିବାବେଳେ କମ୍ପାନୀ କର୍ମଚାରୀମାନେ ତାଙ୍କୁ କାବୁ କରି ମଞ୍ଚେଶ୍ୱର ପୋଲିସ ଜିମା ଦେଇଥିଲେ।

# ପ୍ରମୁଖ ଡ୍ରେନ୍ ପାଇଁ ୫୦ କୋଟି ଦେଲେ ସରକାର

ଭୁବନେଶ୍ୱର,୧୮।୪(ବନ୍ଦନା ସେଠୀ)

**ବିଏମ୍ସିର ୪୦ତମ ସାଧାରଣ ପରିଷଦ ବୈଠକ**

- ଇସ୍କନ ମନ୍ଦିର ନିକଟରେ ହେବ ଅତ୍ୟାଧୁନିକ ଡ୍ରେନେଜ ବ୍ୟବସ୍ଥା
- ଟିକସ ଆଦାୟରେ ବିଏମ୍ସିର ସର୍ବକାଳୀନ ରେକର୍ଡ

ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି)ର ୪୦ତମ ସାଧାରଣ ପରିଷଦ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆରମ୍ଭରେ କମିଶନର ଚଞ୍ଚଳ ରାଣା ୨୦୨୬-୨୦୨୭ ଆର୍ଥିକ ବର୍ଷ ନିମନ୍ତେ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ସ୍ୱତନ୍ତ୍ର ଆକ୍ସନ ପ୍ଲାନ ସମ୍ପର୍କରେ ସୂଚନା ଦେଇଥିଲେ। ବିଏମ୍ସି ଅଞ୍ଚଳରେ ଥିବା ପ୍ରମୁଖ ଡ୍ରେନଗୁଡ଼ିକର କାମ ପାଇଁ ରାଜ୍ୟ ସରକାର ୫୦ କୋଟି ଟଙ୍କା ଅନୁଦାନ ଦେଇଛନ୍ତି। ବିଶେଷକରି ଇସ୍କନ ମନ୍ଦିର ନିକଟରେ ଅତ୍ୟାଧୁନିକ ଡ୍ରେନେଜ ବ୍ୟବସ୍ଥା କରିବା ପାଇଁ ୩୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ରାଣା ଗୃହକୁ ଅବଗତ କରାଇଥିଲେ। ଡ୍ରେନଗୁଡ଼ିକରୁ ପଙ୍କୋଦ୍ଧାର କାର୍ଯ୍ୟ ଜାରି ରହିଛି ଏବଂ ଏହାକୁ ଆହୁରି ତ୍ୱରାନ୍ୱିତ କରାଯିବ। ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଦୁଇଟି ଘରୋଇ ସଂସ୍ଥା ସହିତ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ସେମାନେ ବର୍ଜ୍ୟରୁ ବାୟୋଗ୍ୟାସ୍ ଉତ୍ପାଦନ କରିବେ। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷରେ ଟ୍ୟାକ୍ସ ଆଦାୟ ଅତୀତର ସମସ୍ତ ରେକର୍ଡକୁ ଭାଙ୍ଗି ୧୧୭ କୋଟି ଟଙ୍କାରେ ପହଞ୍ଚିଥିବା କମିଶନର ସୂଚନା ଦେଇଥିଲେ। ପରେ ପୂର୍ବ ବୈଠକରେ ଆଲୋଚନା ହୋଇଥିବା ବିଭିନ୍ନ କାର୍ଯ୍ୟର ଅଗ୍ରଗତି ଓ ପଦକ୍ଷେପ ସମ୍ପର୍କରେ ଗୃହକୁ ଅବଗତ କରାଯିବା ସହ ପ୍ରଶ୍ନୋତ୍ତର କାର୍ଯ୍ୟ ଚାଲିଥିଲା। ଶେଷରେ କର୍ପୋରେଟର ଏବଂ ବିଏମ୍ସିର ବିଭିନ୍ନ ଉପବିଭାଗ ପକ୍ଷରୁ ଆସିଥିବା ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ମେୟର ସୁଲୋଚନା ଦାସ ମହାପ୍ରଭୁ ଲିଙ୍ଗରାଜଙ୍କ ଚାପ ପୁଷ୍କରିଣୀ ବିନ୍ଦୁ ସାଗରର ପଙ୍କୋଦ୍ଧାର କାର୍ଯ୍ୟ କରିବା ପାଇଁ ଏକ ପ୍ରସ୍ତାବ ଆଗତ କରିଥିଲେ।

ଅକ୍ଷୟ ତୃତୀୟାଠାରୁ ଚାପଖେଳ ଆରମ୍ଭ ହେବାକୁ ଥିବାରୁ ତା'ପରେ ପୁଷ୍କରିଣୀରୁ ଜଳ ନିଷ୍କାସନ ସହ ପଙ୍କୋଦ୍ଧାର କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏଥିସହ ସହରରେ ଥିବା ବିଭିନ୍ନ ଜଳାଶୟର ପୁନରୁଦ୍ଧାର କରାଯିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ବିଭିନ୍ନ ୱାର୍ଡରେ କମ୍ୟୁନିଟି ସେଣ୍ଟରଗୁଡ଼ିକ ବରିଷ୍ଠ ନାଗରିକଙ୍କ ପାଇଁ ଖୋଲା ରହିବ। ତେବେ ଯେଉଁଦିନ ବୁକିଂ ନ ଥିବ ସେହିଦିନ ସମ୍ପୃକ୍ତ ୱାର୍ଡର ବରିଷ୍ଠ ନାଗରିକମାନେ ତାହାକୁ ବ୍ୟବହାର କରିପାରିବେ ବୋଲି ମେୟର ପ୍ରସ୍ତାବ ଆଗତ କରିଥିଲେ। ଏଣିକି ଟିଟିଏସ୍‌ରୁ ଡାଲମିଆ ସିମେଣ୍ଟ କାରଖାନା ଆର୍‌ଡିଏଫ୍ ଉଠାଇବ। ଟେଣ୍ଡରରେ ଡାଲମିଆ ସବୁଠାରୁ କମ୍ ଦର ଧାର୍ଯ୍ୟ କରିଥିବାରୁ ତାହାକୁ ଚୟନ କରାଯାଇଛି। ଫଳରେ ଟିଟିଏସ୍‌ରୁ ବର୍ଜ୍ୟର ବୋଝ କମିବ ବୋଲି କୁହାଯାଇଛି। ମେୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ଦାସ, ସସ୍ମିତା ସାହୁ, ମୁଖ୍ୟ ବିତ୍ତ ଅଧିକାରୀ ଦୀପକ ରଞ୍ଜନ ବେହେରା, ସିଟି ଇଞ୍ଜିନିୟର ନାରଦ ଚନ୍ଦ୍ର ରଥ, ଜୋନାଲ କମିଶନର ଅଶ୍ୱିନୀ ଏ.ଏଲ. ପ୍ରମୁଖ ମଞ୍ଚାସୀନ ଥିଲେ।

# ପଟିଆ ମନ୍ଦିରରୁ ସିରିଜ ଚୋରିରେ ବିହାରୀ ଗ୍ୟାଙ୍ଗ

ଭୁବନେଶ୍ୱର,୧୮।୪ (ତ୍ରିନାଥ ମହାନ୍ତି)

ରାଜଧାନୀର ପଟିଆ ଅଞ୍ଚଳରୁ ଗତ ୧୦ ତାରିଖରେ ୩ଟି ମନ୍ଦିରୁ ହୋଇଥିବା ଲକ୍ଷାଧିକ ଟଙ୍କାର ଚୋରି ପଛରେ ବିହାରୀ ଗ୍ୟାଙ୍ଗର ହାତ ରହିଛି। ସେମାନେ ସମସ୍ତେ ଅଣଓଡ଼ିଶା ହୋଇଥିବା ଚନ୍ଦ୍ରଶେଖରପୁର ଥାନା ପୋଲିସ ଜାଣିବାକୁ ପାଇଛି। ସେମାନେ ଇଣ୍ଟରନେଟରୁ ଭୁବନେଶ୍ୱର ମନ୍ଦିରମାଳିନୀ ସହର ବୋଲି ଜାଣିବା ପରେ ଏଠାକୁ ମୂର୍ତ୍ତି ଚୋରି କରିବାକୁ ଆସିଥିବା ଜଣାପଡ଼ିଛି। ଓଡ଼ିଶାର ବିଭିନ୍ନ ମନ୍ଦିରରେ ରାତି ସମୟରେ ସୁରକ୍ଷା ବ୍ୟବସ୍ଥା ଠିକ୍ ନ ଥିବାରୁ ସେମାନେ ମନ୍ଦିରରୁ ଚୋରି କରିବା ସହଜ ହେଉଛି। ଚନ୍ଦ୍ରଶେଖରପୁର ଥାନା ପୋଲିସ ମନ୍ଦିର ଚୋରି ନେଇ ୧୦ ଦିନର ସିସିଟିଭି ଯାଞ୍ଚ କରିବା ପରେ ରୋଚକ ତଥ୍ୟ ମିଳିଛି। ଅଭିଯୁକ୍ତମାନେ ଭକ୍ତ ବେଶରେ ମନ୍ଦିରକୁ ଏକାଧିକ ଥର ଯାଇ ରେକି କରିଥିଲେ। ମନ୍ଦିରର କେଉଁ ପଟେ ଯାଇ ଚୋରି କରି ସହଜରେ ଖସିହେବ ତାହା ବାଟ ମଧ୍ୟ ଦେଖିଥିଲେ। ଠାକୁରଙ୍କ ମୂର୍ତ୍ତି ସୁନା କି ପିତଳ ସବୁ କିଛି ରେକି କରିବା ପରେ ଚୋରି କରିଥିବା ପୋଲିସ ଜାଣିବାକୁ ପାଇଛି। ବଡ଼ କଥା ହେଲା ଗତ

**ନୀଳଗିରି ଶନିମନ୍ଦିର ଚୋରି ଘଟଣା ସହ ରହିଛି ଲିଙ୍କ୍**

୧୬ ତାରିଖ ରାତିରେ ବାଲେଶ୍ୱର ଜିଲା ନୀଳଗିରି ଥାନା କୁଳିଗଡ଼ର ଶନିମନ୍ଦିରରୁ ଚୋରି ହୋଇଥିଲା। ଅଭିଯୁକ୍ତମାନେ ଗାଁରୁ ଦୁଇଟି ସାଇକେଲ ଚୋରି କରି ଫେରାର ହୋଇଯାଇଥିଲେ। ପୋଲିସ ଏ ନେଇ ତଦନ୍ତରୁ ଜାଣିବା ପରେ ଉକ୍ତ ଚୋରି ଘଟଣାର ଅଭିଯୁକ୍ତମାନେ ହିଁ ପଟିଆ ଅଞ୍ଚଳରୁ ହୋଇଥିବା ଚୋରିରେ ସାମିଲ ଥିବା ନିଶ୍ଚିତ ହୋଇଛନ୍ତି। ଚୋରି କରିବା ପୂର୍ବରୁ ସେମାନେ ମନ୍ଦିରର ଠାକୁରଙ୍କ ମୁହଁକୁ କପଡ଼ାରେ ବାନ୍ଧିଥାନ୍ତି। ଚନ୍ଦ୍ରଶେଖରପୁର ଥାନା ପୋଲିସ ବାଲେଶ୍ୱର, ମୟୂରଭଞ୍ଜ ଏବଂ ଅନ୍ୟ ଜିଲା ପୋଲିସ ସହ ଯୋଗାଯୋଗ କରିଛି। ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସକୁ ଅନେକ ତଥ୍ୟ ମିଳିଥିବା କୁହାଯାଉଛି। ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରୁଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା କହିଛନ୍ତି।

# ଅଭିଯୁକ୍ତ ଗିରଫ, ଖଣ୍ଡା ଜବତ

ଭୁବନେଶ୍ୱର, ୧୮।୪ (ପ୍ରସନଜିତ୍ ସାହୁ)

**ହେଲ୍‌ମେଟ ଦୋକାନୀଙ୍କୁ ଗୋଡ଼ାଇ ହାଣିବା ମାମଲା**

ଗୋଡାଇ ଗୋଡାଇ ଖଣ୍ଡାରେ ହାଣିବା ମାମଲାରେ ଶହୀଦନଗର ପୋଲିସ ଶନିବାର ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସାଲିଆସାହି ଅଞ୍ଚଳର ବବୁଲ ନାୟକ (୨୦) ଓ ସୁନିଲ କୁମାର ନାୟକ (୨୦)। ଗତ ୧୬ ତାରିଖ ଦିନ ସାଢେ ୧୨ଟାରେ ତାରାକାନ୍ତ ବାରିକ ଶହୀଦନଗରସ୍ଥିତ ସ୍ୱର୍ଣ ହସ୍ପିଟାଲ ସର୍ଭିସ ରୋଡ୍‌ରେ ଥିବା ତାଙ୍କ ହେଲମେଟ ଦୋକାନ ନିକଟରେ ଥିବାବେଳେ ସ୍ଥାନୀୟ କେତେଜଣ ଦୋକାନୀ ମରଣାନ୍ତକ ଆକ୍ରମଣ କରିଥିଲେ।

ବ୍ୟବସାୟିକ ବିବାଦରୁ ଏହି ଘଟଣା ଘଟିଥିଲା। ଅଭିଯୁକ୍ତମାନେ ଖଣ୍ଡାରେ ହାଣି ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଖଣ୍ଡା ଚୋଟରେ ତାଙ୍କ ଡାହାଣ ହାତରେ ଗଭୀର ଆଘାତ ଲାଗିଥିବାବେଳେ ସେ ନିଜ ଜୀବନ ବଞ୍ଚାଇବା ପାଇଁ ନିକଟସ୍ଥ ଏକ ଦୋକାନକୁ ପଶିଯାଇଥିଲେ। ପରେ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଓ ପରେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସ୍ତ୍ରୀ ସୀମାରାଣୀଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୧୯୬/୨୦୨୬) ରୁଜୁ କରି ପଦକ୍ଷେପ ଗ୍ରହଣ କରିଛି।

# ବେଆଇନ ରିଫିଲିଂ ସେଣ୍ଟରରୁ ୭୬ ସିଲିଣ୍ଡର ଜବତ





ଭୁବନେଶ୍ୱର, ୧୮।୪ (ପ୍ରସନଜିତ୍ ସାହୁ)

ଯୋଗାଣ ବିଭାଗ ପକ୍ଷରୁ ଶନିବାର ଇନ୍‌ଫୋସିଟି ଥାନା ଅଧୀନ ପଥରଗାଡିଆ ଅଞ୍ଚଳର ଏକ ବେଆଇନ ଗ୍ୟାସ୍ ରିଫିଲିଙ୍ଗ ଦୋକାନରୁ ୭୬ଟି ସିଲିଣ୍ଡର ଜବତ କରିଛି। କିଛି ସିଲିଣ୍ଡରରେ ଏଲ୍‌ପିଜି ରହିଥିବାବେଳେ ଆଉ କେତେକ ଖାଲି ରହିଛି। ଏହା ସହିତ ୨ଟି ଗ୍ୟାସ ଟ୍ରାନ୍ସଫର ପମ୍ପ ଓ ନୋଜେଲ ଜବତ ହୋଇଛି। ବ୍ୟବସାୟୀ ଜଣକ ଅନ୍ୟ ଜଣକ ନାମରେ ଏହି ଫିଲିଂ ସେଣ୍ଟର ଚଲାଉ ଥିବା ବେଳେ ସେ କୌଣସି ଆଇନଗତ ପ୍ରମାଣପତ୍ର ଦେଖାଇ ପାରି ନ ଥିଲେ। ବର୍ତ୍ତମାନ ସୁଦ୍ଧା ଖୋର୍ଦ୍ଧା ଜିଲାର ବିଭିନ୍ନ ଜୋନରୁ ୩ ଶହରୁ ଅଧିକ ଏଲ୍‌ପିଜି ସିଲିଣ୍ଡର ଜବତ କରାଯାଇଥିବା ସୂଚନା ଦିଆଯାଇଛି।

# ଡେଟିଂ ଆପ୍ ଜରିଆରେ ଫସାଇ ଲୁଟୁଥିଲେ, ୩ ଗିରଫ

ଭୁବନେଶ୍ୱର, ୧୮।୪ (ପ୍ରସନଜିତ୍ ସାହୁ)

ରାଜଧାନୀରେ ଡେଟିଂ ଆପ୍ ମାଧ୍ୟମରେ ଅପରାଧୀମାନେ ଲୋକଙ୍କୁ ଫସାଇ ଲୁଟ୍‌ପାଟ କରୁଛନ୍ତି। ଏନେଇ ଅଭିଯୋଗ ପରେ ବଡଗଡ ଥାନା ପୋଲିସ ଶନିବାର ଏକ ଗ୍ୟାଙ୍ଗକୁ କାବୁ କରିଛି। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସମ୍ପୃକ୍ତ ଜଣେ ନାବାଳକଙ୍କୁ ସ୍ୱଧାର ଗୃହକୁ ପଠାଯାଇଥିବାବେଳେ କେଶୁରା ଅଞ୍ଚଳର ମନୋରଞ୍ଜନ ଜେନା (୨୫) ଓ ନୟାଗଡ ଇଟାମାଟି ଅଞ୍ଚଳର ପ୍ରୀତି ଗୟା (୨୫)ଙ୍କୁ କୋର୍ଟ ଚାଲାଣ କରାଯାଇଛି। ବାଲିଅନ୍ତା ଅଞ୍ଚଳର ଭରତ ଭୂଷଣ ସାହୁ (୪୦) ଏହି ଠକେଇର ଶିକାର ହୋଇଥିଲେ। ଟିଣ୍ଡର୍ ନାମକ ଏକ ଡେଟିଂ ଆପ୍ ମାଧ୍ୟମରେ ଅଭିଯୁକ୍ତମାନେ ତାଙ୍କୁ କେଶୁରା ଅଞ୍ଚଳର ଏକ ନିରୋଳା ସ୍ଥାନକୁ ଡାକି ମାଡ଼ ମାରିବା ସହିତ ତାଙ୍କଠାରୁ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟିନେଇଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୧୩୯/୨୦୨୬) ରୁଜୁ କରି ୩ଜଣଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟମାନଙ୍କୁ ଧରିବାକୁ ଉଦ୍ୟମ ଚାଲିଥିବା ଆଇଆଇସି ତୃପ୍ତି ରଞ୍ଜନ ନାୟକ କହିଛନ୍ତି। ପୂର୍ବରୁ ଏହି ମାମଲାରେ ଜଣେ ଅଭିଯୁକ୍ତକୁ ଶହୀଦନଗର ଥାନା ପୋଲିସ ଗିରଫ କରିଥିଲା।



**ବ୍ୟାରିକେଡ୍ ଭିତରେ ଫସିଗଲା ଝିଅର ମୁଣ୍ଡ**

ପୁରୀ,(ଅଜିତ୍ କୁମାର ମହାନ୍ତି )- ଶ୍ରୀମନ୍ଦିରକୁ ଯିବା ପାଇଁ ହୋଇଥିବା ବ୍ୟାରିକେଡ୍‌ରେ ଶନିବାର ଏହି ଅଘଟଣ ଘଟିଛି। ବ୍ୟାରିକେଡ୍ ଭିତରେ କୁନି ଝିଅର ମୁଣ୍ଡ ଫସିଯିବା ପରେ ଦୀର୍ଘ ସମୟର ଉଦ୍ୟମ ପରେ ଝିଅର ମୁଣ୍ଡଟି ବାହାରିଥିଲା। ଶନିବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଥିବା ବ୍ୟାରିକେଡ୍ ନିକଟରେ ଜଣେ କୁନି ଝିଅ ଖେଳୁଥିଲା। ଠିକ ଏହି ସମୟରେ କୁନି ଝିଅର ମୁଣ୍ଡ ଅସାବଧାନତାରୁ ବ୍ୟାରିକେଡ୍ ଭିତରେ ଫସି ଯାଇଥିଲା। ମୁଣ୍ଡ ବାହାରକୁ ବାହାର କରିବା ପାଇଁ ଅନେକ ଉଦ୍ୟମ କରିଥିଲା। କିନ୍ତୁ ତା'ପରେ ବି ସେ ବ୍ୟାରିକେଡ୍ ଭିତରୁ ବାହାରି ପାରି ନ ଥିଲା। ଶେଷରେ ପରିବାର ଲୋକଙ୍କୁ ଚିତ୍କାର କରି ଡାକିଥିଲେ। ଡାକ ଶୁଣି ପରିବାର ଲୋକ ଏବଂ ପୁରୀ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଶିଶୁକୁ ଉଦ୍ଧାର ପାଇଁ ଉଦ୍ୟମ କରିଥିଲେ। ଦୀର୍ଘ ସମୟର ପରିଶ୍ରମ ପରେ କୁନି ଝିଅଟିକୁ ବ୍ୟାରିକେଡ୍ ଭିତରୁ ଉଦ୍ଧାର କରିଥିଲେ।

## ସଂକ୍ଷେପରେ

### ଶ୍ରୀଜଗନ୍ନାଥ ଶତକର ଦ୍ୱିତୀୟଭାଗ ଉନ୍ମୋଚିତ

ପୁରୀ,୧୮।୪(ଅଜିତ୍ କୁମାର ମହାନ୍ତି)

ପୁରୀ ୟୁଥ୍ ହଷ୍ଟେଲ ପରିସରରେ ଶନିବାର ବିଶ୍ୱ ଐତିହ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଦିବ୍ୟଦୂତ ପ୍ରକାଶନୀ, କଟକ ଦ୍ୱାରା ପ୍ରକାଶିତ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ ଲିଖିତ ଶ୍ରୀଜଗନ୍ନାଥ ଶତକର ଦ୍ୱିତୀୟଭାଗ ଉନ୍ମୋଚିତ ହୋଇଥିଲା। ଏହି ସଭାରେ ଦେବୀ ନନ୍ଦ, ପ୍ରଫେସର ଗୋପାଳକୃଷ୍ଣ ଦାଶ, ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର, ଡ. ସିଦ୍ଧେଶ୍ୱର ମହାପାତ୍ର, ଇନ୍‌ଟାକ୍‌ର ସୁବାସ ଚନ୍ଦ୍ର ରଥ, ପ୍ରକାଶକ ପ୍ରଭାଂଶୁ ସାମନ୍ତରାୟ ମଞ୍ଚରେ ଉପସ୍ଥିତ ଥିଲେ। ଏହି ସଭାରେ ସଞ୍ଜୟ ବରାଳ, ନୀଳମଣି ସୁଆର, କାଶୀନାଥ ନାୟକ, ଶ୍ୟାମପ୍ରକାଶ ସେନାପତି, ଶିଶୁ ସାହିତ୍ୟିକ ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ଇନ୍‌ଟାକ୍‌ର ଇଞ୍ଜିନିୟର ସତ୍ୟଜ୍ୟୋତି ଏବଂ ଶିଳ୍ପୀ ଡ. ରବି ରଥ ଉପସ୍ଥିତ ରହି ସଭାକୁ ସାଫଲ୍ୟମଣ୍ଡିତ କରିଥିଲେ।

### ଚନ୍ଦନ ଯାତ୍ରା ପାଇଁ ପୁରୀ ପୋଲିସର ପୂର୍ବ ପ୍ରସ୍ତୁତି ଓ ବିଶେଷ ଅଭିଯାନ

ପୁରୀ,୧୮।୪(ଅଜିତ୍ କୁମାର ମହାନ୍ତି)

ଆଗାମୀ ପବିତ୍ର ଚନ୍ଦନ ଯାତ୍ରା ୨୦୨୬କୁ ଶାନ୍ତିପୂର୍ଣ୍ଣ, ସୁସଂଗଠିତ ଓ ସୁରକ୍ଷିତ ଭାବେ ପାଳନ କରିବା ପାଇଁ ପୁରୀ ପୋଲିସର ସିଟି ସବ୍‌ଡିଭିଜନ ପକ୍ଷରୁ ଏକ ବିଶେଷ ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନରେ ସହରର ସମସ୍ତ ଥାନା କୁମ୍ଭାରପଡ଼ା, ତାଳବଣିଆ, ସି'ବିଚ୍, ବଳିଆପଣ୍ଡା, ବାସେଳୀସାହି ଓ ଟାଉନ୍ ଥାନା ସମନ୍ୱୟରେ କାର୍ଯ୍ୟକରି ଅପରାଧ ନିୟନ୍ତ୍ରଣ ଓ ଲୋକଶାନ୍ତି ରକ୍ଷା ପାଇଁ ଗୁରୁତ୍ୱ ଦେଇଛନ୍ତି। ଜାନୁଆରୀ ୧ରୁ ଏପର୍ଯ୍ୟନ୍ତ ଏହି ଅଭିଯାନ ଅବଧିରେ ନିମ୍ନଲିଖିତ ଉଲ୍ଲେଖନୀୟ ସଫଳତା ମିଳିଛି। ସମୁଦାୟ ୨୩୧ ଜଣ ଆଣ୍ଟି-ସୋସିଆଲ୍‌ଙ୍କୁ ଗିରଫ କରାଯାଇଛି, ଯାହାଦ୍ୱାରା ଅପରାଧ ନିୟନ୍ତ୍ରଣରେ ପ୍ରଭାବଶାଳୀ ପଦକ୍ଷେପ ନିଆଯାଇଛି।

# ରତ୍ନଭଣ୍ଡାର ଦ୍ୱିତୀୟ ପର୍ଯ୍ୟାୟ ଗଣତି ଶେଷ

ପୁରୀ,୧୮।୪(ଅଜିତ୍ କୁମାର ମହାନ୍ତି)

ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ, ଶନିବାର ଭିତର ରତ୍ନଭଣ୍ଡାର ଗଣତି କାର୍ଯ୍ୟ ଶେଷ ହୋଇଛି। ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ପରେ ସମସ୍ତ ସଦସ୍ୟ ରତ୍ନଭଣ୍ଡାରକୁ ପ୍ରବେଶ କରିଥିଲେ। ପରେ ମାର୍ଗଦର୍ଶିକା ଅନୁସାରେ ଗଣତି କରାଯାଇଥିଲା। ମଧ୍ୟାହ୍ନ ୧୨.୦୧ରୁ ଗଣତି ଆରମ୍ଭ ହୋଇ ସନ୍ଧ୍ୟା ୭.୨୫ରେ ଶେଷ ହୋଇଥିଲା। ୯ ଦିନ ମଧ୍ୟରେ ସମୁଦାୟ ୫୭ ଘଣ୍ଟା ୮ ମିନିଟ୍ ଧରି ଗଣତିମଣତି ହୋଇଛି।

ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ରତ୍ନଭଣ୍ଡାରର ଦ୍ୱିତୀୟ ପର୍ଯ୍ୟାୟ ଗଣତି ଶେଷ ହୋଇଛି। ଗଣତି ପ୍ରକ୍ରିୟା ଶେଷ ହୋଇନି, ସମୟ ଓ ଦିନ ନିର୍ଦ୍ଧାରଣ ପରେ ପୁଣି ଗଣତି ଆରମ୍ଭ ହେବ। ଶନିବାର ୭ ଘଣ୍ଟାରୁ ଅଧିକ ସମୟଧରି ଗଣତି କରାଯାଇଛି। ମେ' ୧୦ରେ ହଳଦୀପାଣି ସରିବା ପରେ ୧୧ ତାରିଖ ପରେ ପୁନର୍ବାର ଗଣତି କାର୍ଯ୍ୟ ହୋଇପାରେ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ବର୍ତ୍ତମାନ ଦ୍ୱିତୀୟ ଓ ତୃତୀୟ ସିନ୍ଦୁକ ଏବେ ବି ଗଣାଯାଉଛି। ଗଣତି କାର୍ଯ୍ୟ ଶେଷହେବା ପରେ ତାଲିକା ପ୍ରସ୍ତୁତ କରାଯାଇ ପରିଚାଳନା କମିଟିରେ ଉପସ୍ଥାପନ ହୋଇ ଗୃହୀତ ହେବ ଓ ପରେ ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ। ମହାପ୍ରଭୁଙ୍କ ରତ୍ନଭଣ୍ଡାର ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ରହିଛି ବୋଲି ମୁଖ୍ୟ ପ୍ରଶାସକ ପାଢ଼ୀ କହିଛନ୍ତି।



ପୁରୀ ୟୁଥ୍ ହଷ୍ଟେଲରେ ଶନିବାର ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ ଲିଖିତ ଶ୍ରୀଜଗନ୍ନାଥ ଶତକର ଦ୍ୱିତୀୟଭାଗକୁ ଅତିଥି ଉନ୍ମୋଚନ କରୁଛନ୍ତି।

### ଶୁଭାଶିଷ ଖୁଣ୍ଟିଆଙ୍କୁ ପୁଣି ଧମକ

ପୁରୀ,୧୮।୪(ଅଜିତ୍ କୁମାର ମହାନ୍ତି)

ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆଙ୍କୁ ପୁଣିଥରେ ଧମକ ମିଳିଛି। ଦମୟନ୍ତୀ ପାଣି ନାଁରେ ଏକ ହ୍ୱାଟ୍ସଆପ୍ ଗ୍ରୁପ ମାଧ୍ୟମରେ ରାଜ୍ୟସଭା ସଦସ୍ୟ ଖୁଣ୍ଟିଆଙ୍କୁ ଏହି ଧମକ ଦିଆଯାଇ ଥିବା ଜଣାପଡ଼ିଛି। ଗତ ଜାନୁଆରୀ ୨୧ରେ ଶ୍ରୀମନ୍ଦିରକୁ ବୋମା ପକାଇ ଉଡ଼ାଇଦେବାକୁ ଧାମକ ମିଳିଥିଲା। ଏହାସହ ଶ୍ରୀମନ୍ଦିର ନିକଟ ଗ୍ରାଣ୍ଡ୍ ସେଣ୍ଟରରେ ନିଆଁ ଲଗାଇ ନଷ୍ଟ କରି ଦିଆଯିବ ଓ ରାଜ୍ୟସଭା ସଦସ୍ୟ ଖୁଣ୍ଟିଆଙ୍କୁ ଗୁଳି କରାଯିବ ବୋଲି ଧମକ ଦିଆଯାଇଥିଲା। ଏହାକୁ ନେଇ ଖୁଣ୍ଟିଆ ତାଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଇ-ମେଲ୍ କରି ଜଣାଇଥିଲେ। ଏହି ଘଟଣାରେ ପୋଲିସ ତଦନ୍ତ କରି ପ୍ରତୀକ ମିଶ୍ର ନାମକ ଯୁବକଙ୍କୁ ଗିରଫ କରିଥିଲା। ତେବେ ପ୍ରତୀକ ଫେକ୍ ଆଇଡି କରି ରାଜ୍ୟସଭା ସଦସ୍ୟଙ୍କୁ ଏପରି ଧମକ ଦେଇଥିବା ସେତେବେଳେ ଜଣାପଡ଼ିଥିଲା। ତେବେ ପୁଣି କିଛି ମାସର ବ୍ୟବଧାନ ପରେ ଧମକ ମିଳିବା ସ୍ଥାନୀୟ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ସୃଷ୍ଟି କରିଛି। ଖୁଣ୍ଟିଆ ତାଙ୍କ ସୁରକ୍ଷା ନେଇ ଡିଜିପିଙ୍କୁ ଭେଟିଥିଲେ। ଖୁଣ୍ଟିଆଙ୍କ ସମର୍ଥକଙ୍କ କହିବା କଥା, ଭାଜପାର ସବୁ ଏମ୍‌ପିଙ୍କୁ ଯଦି ପୋଲିସ ପକ୍ଷରୁ ସୁରକ୍ଷା ଦିଆଯାଉଛି ବିଜେଡି ଏମ୍‌ପି କାହିଁକି ସେହି ସୁବିଧା ନ ପାଇବେ। ପ୍ରଶାସନ ଓ ସରକାର କାହିଁକି ଲୋକ ପ୍ରତିନିଧିଙ୍କ କ୍ଷେତ୍ରରେ ପାତର ଅନ୍ତର କରୁଛନ୍ତି ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

# ପୁରୀ ଜିଲା ସିଏମ୍ ଟ୍ରଫି ଉଦ୍‌ଘାଟିତ

ପୁରୀ,୧୮।୪(ଅଜିତ୍ କୁମାର ମହାନ୍ତି)

ତାଳବଣିଆ ସ୍ପୋର୍ଟସ କମ୍ପ୍ଲେକ୍ସରେ ସିଏମ୍ ଟ୍ରଫି ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ଅଲିମ୍ପିକ୍ସ ସଂଘ କୋଷାଧ୍ୟକ୍ଷ ରବିଶଙ୍କର ପ୍ରତିହାରୀଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ମୁଖ୍ୟବକ୍ତା ଭାବେ ପୁରୀ ମହାନଗର ନିଗମର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସମ୍ମାନିତ ଅତିଥି ଭାବେ ଭାରତୀୟ ଖୋ ଖୋ ମହାସଂଘ ତଥା ଓଡ଼ିଶା ଖୋ ଖୋ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ପୁରୀ ଜିଲା କ୍ରୀଡ଼ା ସଂସଦ ଉପସଭାପତି ରାମଚନ୍ଦ୍ର ଦାସମହାପାତ୍ର ପ୍ରମୁଖ ଯୋଗଦେଇ ସରକାରଙ୍କ ଲୋକାଭିମୁଖୀ ତଥା ତୃଣମୂଳସ୍ତରରେ କୋମଳମତି କ୍ରୀଡ଼ାବିତ୍‌ଙ୍କ ପ୍ରତିଭାର ବିକାଶ ପାଇଁ ଏହା ଏକ ସୁନ୍ଦର ପଦକ୍ଷେପ ବୋଲି କହିଥିଲେ। କ୍ରୀଡ଼ାବିତ୍‌ଙ୍କ ମାର୍ଚ୍ଚ ପାଷ୍ଟରେ ଓଡ଼ିଶୀ ନୃତ୍ୟାଙ୍ଗନା, ଯାଦୁଗର, ଗରିଲା କଣ୍ଢେଇ ପ୍ରଭୃତି ଯୋଗଦେଇ କ୍ରୀଡ଼ା ମାହୋଲକୁ ଆକର୍ଷଣୀୟ କରିଥିଲେ। ଇ.ବି. ଦାସଙ୍କ ଦ୍ୱାରା ମ୍ୟାଜିକ ଶୋ' କ୍ରୀଡ଼ାବିତ୍‌ଙ୍କୁ ବିମୁଗ୍ଧ କରିଥିଲା। ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଖୋ ଖୋରେ ୬ଟି ବାଳିକା ଦଳ ଅଂଶଗ୍ରହଣ କରିଥିଲେ। ଡେଲାଙ୍ଗ ବ୍ଲକ୍ କେ.ପି.ପି. ପ୍ରଥମ, ଅମାଳଙ୍ଗ ଉ.ପ୍ରା. ବିଦ୍ୟାଳୟ ଦ୍ୱିତୀୟ, ଚଣ୍ଡେଶ୍ୱରୀ ଉ.ପ୍ରା. ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଛି। ଆଗାମୀ ଦିନରେ ରାଜ୍ୟସ୍ତରୀୟ ଜୋନ୍ ପାଇଁ ଚୂଡ଼ାନ୍ତ ବାଳିକା ଦଳ ଚୟନ କରାଯିବ। ପ୍ରତ୍ୟୁଷରୁ ଫୁଟବଲ୍ ଖେଳାଳିଙ୍କୁ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଯୋଗଦେଇ ଉତ୍ସାହିତ କରିଥିଲେ।



# ନାରୀ ଶକ୍ତି ବନ୍ଦନ ଗଣଦୌଡ଼



କାର୍ଯ୍ୟକ୍ରମରେ ସିବିଏସ୍‌ଇ ଦଶମ ଟପ୍ପର ଟିନା ରଥଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ପୁରୀ,୧୮।୪(ଅଜିତ୍ କୁମାର ମହାନ୍ତି)

ପ୍ରତ୍ୟେକ ନାରୀ ମଧ୍ୟରେ ଅଫୁରନ୍ତ ପ୍ରତିଭା ରହିଛି। ସେ ଶକ୍ତିମୟୀ, କଲ୍ୟାଣମୟୀ। ସଶକ୍ତ ନାରୀ ସଶକ୍ତ ଭାରତ ବୋଲି କହିଛନ୍ତି ପୁରୀ ମ୍ୟୁନିସିପାଲ କର୍ପୋରେଶନର କମିଶନର ଅରୁଗୁଲା ସ୍ନେହା। ନାରୀମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦାନ ଲକ୍ଷ୍ୟରେ ଶନିବାର ପୂର୍ବାହ୍ନରେ ଏକ ଗଣଦୌଡ଼ ଜିଲା ପ୍ରଶାସନ କ୍ରୀଡ଼ା କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ଏହି ଗଣଦୌଡ଼ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରୁ ଆରମ୍ଭ ହୋଇ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ ଠାରେ ପହଞ୍ଚି ଥିଲା। ଏହି ଦୌଡ଼ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କମିଶନର ସ୍ନେହା ପୁରୁଷଙ୍କ ସମକକ୍ଷ ହୋଇ ନାରୀ ବି ସବୁ କରିପାରେ। ଏପରି କି ପୁରୁଷଙ୍କଠାରୁ ଅଧିକ ମଧ୍ୟ କରିପାରେ। ନିଜର ଗୋଟେ ଲକ୍ଷ୍ୟ ସ୍ଥିର କରି ମନପ୍ରାଣ ଦେଇ ତାହାକୁ ସଫଳ କରିବାର ପ୍ରୟାସ ପାଇଁ ସେ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ନାରୀଙ୍କ ପ୍ରତିଭାର ବିକାଶ ରାଷ୍ଟ୍ର ବିକାଶରେ ସହାୟକ ହୋଇଥାଏ ବୋଲି କହିଥିଲେ। ଆଜିର ସମୟରେ ବିଭିନ୍ନ କ୍ଷେତ୍ରରେ ମହିଳାଙ୍କର ଶକ୍ତି ଓ ସାମର୍ଥ୍ୟର ପରିପ୍ରକାଶ ଘଟିଛି। ଏହାକୁ ଅଧିକ ଋଦ୍ଧିମନ୍ତ ସହ ସେମାନଙ୍କ ଅଧିକାର, କର୍ତ୍ତବ୍ୟ, ଶକ୍ତି ଓ ସମ୍ଭାବନା ସମ୍ପର୍କରେ ସଚେତନ କରାଇବା ଲକ୍ଷ୍ୟରେ ଏହିଭଳି କାର୍ଯ୍ୟକ୍ରମ ବେଶ୍ ସହାୟକ ହେବ ବୋଲି ସେ ମତ ଦେଇଥିଲେ। ଚଳିତ ସିବିଏସ୍‌ଇ ଦଶମ ପରୀକ୍ଷାରେ ପ୍ରଥମ ହୋଇଥିବା ପୁରୀ ଜିଲାର ଟିନା ରଥଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଖୋ ଖୋ ଖେଳର ମୁଖ୍ୟ ଜାତୀୟ କୋଚ୍ ସଞ୍ଜୀବ କୁମାର ଶର୍ମା, ସର୍ବଭାରତୀୟ ଖୋ ଖୋ ସଂଘର ଉପସଭାପତି ପ୍ରଦ୍ୟୁମ୍ନ ମିଶ୍ର, ଓଡ଼ିଶା ଅଲିମ୍ପିକ୍ସ ସଂଘର କୋଷାଧ୍ୟକ୍ଷ ରବି ଶଙ୍କର ପ୍ରତିହାରୀ, ଖୋ ଖୋ କୋଚ୍ ଚୌଧୁରୀ ପାର୍ଥ ସାରଥି ମହାପାତ୍ର ଓ ଟିନା ରଥଙ୍କ ମାତାପିତା ପ୍ରମୁଖ ଯୋଗଦେଇ ନାରୀମାନଙ୍କ ଶକ୍ତି, ପ୍ରତିଭା ଓ ଉତ୍ଥାନ ସମ୍ପର୍କରେ ଆଲୋକପାତ କରିଥିଲେ।

### ସିବିଏସ୍‌ଇ ଦଶମ ଟପ୍ପର ଟିନା ରଥଙ୍କୁ ସମ୍ବର୍ଦ୍ଧନା

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ସାକ୍ଷୀଗୋପାଳ,୧୮।୪(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)

ସତ୍ୟବାଦୀ ଥାନା ଅନ୍ତର୍ଗତ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର କାଦୁଆ ଛକ ନିକଟରେ ଶନିବାର ମଧ୍ୟାହ୍ନରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭୁବନେଶ୍ୱର ନୟାପଲ୍ଲୀର ସୁମନ ଶାସମଲ( ୪୦)। ସୁମନ ଭୁବନେଶ୍ୱରରୁ ପୁରୀ ଅଭିମୁଖେ ଏକ ବାଇକ୍‌ଯୋଗେ ଯାଉଥିଲେ। କାଦୁଆ ଛକ ନିକଟରେ ବାଇକ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ସମୟରେ ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଛି।




**ଶିବିରରେ ଶତାଧିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା**

ଫୁଲନଖରା,(ସତ୍ୟରଞ୍ଜନ ଦାସମହାପାତ୍ର):କଟକ ସଦର ଥାନା ପୀରବଜାରଠାରେ ଥିବା ଗ୍ରୀଭସ ପକ୍ଷରୁ ଭାରତୀ ମୋଟର୍ସ କଟକଙ୍କ ସହାୟତାରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ ହୋଇଥିଲା। ଅଟୋ ମହାସଂଘ ଅଧ୍ୟକ୍ଷ ଶୈଳେନ ଧଳ ଓ ସମାଜସେବୀ ଶିଶିର ରଥ ଏହାକୁ ଉଦ୍‌ଘାଟନ କରିଥିଲେ। ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଶତାଧିକ ଗ୍ରାହକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ବିନା ମୂଲ୍ୟରେ ଔଷଧ ବିତରଣ ହୋଇଥିଲା। ପ୍ରବୋଧ କର, ସ୍ନେହାଶିଷ ସିଂ, ଅଜିତ ପାଢ଼ୀ ଓ ଅନ୍ୟମାନେ ଶିବିର ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଟ୍ରକ୍‌ରେ ମାଲିକଙ୍କ ହୃଦ୍‌ଘାତରେ ମୃତ୍ୟୁ

ମଙ୍ଗୁଳି-ଜଗତପୁର,୧୮।୪(ମାନସ ସାମଲ)

ଟାଙ୍ଗୀ ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥ ଟୋଲ୍‌ଗେଟ୍ ନିକଟରେ ଟ୍ରକରେ ମାଲିକଙ୍କ ଶନିବାର ଭୋରୁ ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମାଲିକ ଜଣଙ୍କ ହେଲେ ଆନ୍ଧ୍ରପ୍ରଦେଶ ପୂର୍ବ ଗୋଦାବରୀ ଥାନା ଅଞ୍ଚଳର କେ. ପେଣ୍ଡା (୬୦)। ସୂଚନା ମୁତାବକ, ଆସାମରୁ ଏକ ଟ୍ରକ୍ (ନଂ. ଏପି ୩୯ଟିଏ ୮୦୦୮)ରେ ଚାଳକ ଓ ମାଲିକ କୋଇଲା ଲୋଡ କରି ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାଉଥିଲେ। ଶନିବାର ଭୋରୁ ଟାଙ୍ଗୀ ଟୋଲ୍‌ଗେଟ୍ ନିକଟରେ ମାଲିକ କେ. ପେଣ୍ଡା ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଚାଳକ ଟ୍ରକ୍ ଅଟକାଇ ନିରୁପାୟ ହୋଇ ୧୦୮ ଆମ୍ବୁଲାନ୍ସକୁ ଜଣାଇଥିଲେ। ଆମ୍ବୁଲାନ୍ସ ପହଞ୍ଚିବା ପୂର୍ବରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୧୫/୨୬)ରୁଜୁ କରି ତଦନ୍ତ କରୁଛି।

### ହରିହର ବିଦ୍ୟାପୀଠର ବାର୍ଷିକ ଉତ୍ସବ

ଫୁଲନଖରା,୧୮।୪(ସତ୍ୟରଞ୍ଜନ ଦାସ ମହାପାତ୍ର)

ସିଏମ୍‌ସି ୫୬ ନଂ. ୱାର୍ଡ ଅଧୀନ ଉତ୍ତମାପୁରଠାରେ ଥିବା ଆଚାର୍ଯ୍ୟ ହରିହର ବିଦ୍ୟାପୀଠର ୬୩ତମ ବାର୍ଷିକ ଉତ୍ସବ ଓ ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାରାଣୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କର୍ପୋରେଟର ଲିପ୍ସା ନାୟକ, ପୂର୍ବତନ ପ୍ରଧାନ ଶିକ୍ଷକ ଶରତ କୁମାର ପାଢ଼ୀ, ମାନସ ରଞ୍ଜନ ପଟ୍ଟନାୟକ, ପରିଚାଳନା କମିଟି ସଭାପତି ଅଜିତ ସ୍ୱାଇଁ, ଅଭିନବ ବିନ୍ଦ୍ରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବିଷ୍ଣୁପ୍ରିୟା ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ପାର୍ଥସାରଥୀ ମଲ୍ଲିକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଧାନ ଉତ୍ପାଦନରେ ଭାରତ ଉଲ୍ଲେଖନୀୟ ଅଗ୍ରଗତି କରୁଛି'

## ସିଆର୍‌ଆର୍‌ଆଇରେ ୬୧ତମ ବାର୍ଷିକ ଧାନ ଗୋଷ୍ଠୀ ସମ୍ମିଳନୀ

କଟକ,୧୮।୪(କାର୍ତ୍ତିକ ସାହୁ)

ବିଦ୍ୟାଧରପୁରସ୍ଥିତ ଆଇସିଏଆର୍ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ (ସିଆର୍‌ଆର୍‌ଆଇ)ରେ ଚାରିଦିନିଆ ୬୧ତମ ବାର୍ଷିକ ଧାନ ଗୋଷ୍ଠୀ ସମ୍ମିଳନୀ ଆରମ୍ଭ ହୋଇଛି। ପ୍ରତିଷ୍ଠାନର ଏମ୍‌କେସିଜି ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ କୃଷି ଏବଂ ଗବେଷଣା ବିଭାଗର ସଚିବ ଏବଂ ଭାରତୀୟ କୃଷି ଗବେଷଣା ପରିଷଦର ମହାନିର୍ଦ୍ଦେଶକ, ଡକ୍ଟର ମାଙ୍ଗିଲାଲ ଜାଟ ଆଭାସି ମାଧ୍ୟମରେ ଯୋଗଦେଇଥିଲେ। ଡକ୍ଟର ଜାଟ କହିଲେ, ଧାନ ଉତ୍ପାଦନରେ ଭାରତ ଉଲ୍ଲେଖନୀୟ ଅଗ୍ରଗତି କରୁଛି। ବିକଶିତ ହୋଇଥିବା ଦୁଇଟି ଜିନୋମ-ସମ୍ପାଦିତ ଧାନ କିସମ ଆଧୁନିକ ଧାନ ପ୍ରଜନନରେ ଏକ ପ୍ରମୁଖ ମାଇଲଖୁଣ୍ଟ। ଗବେଷଣା କ୍ଷେତ୍ର ପାଇଁ ଉତ୍ସର୍ଗୀକୃତ ସମ୍ଭାବ୍ୟ କେନ୍ଦ୍ରଗୁଡ଼ିକୁ ଚିହ୍ନଟ କରିବା, ଜିଆଇ-ଟ୍ୟାଗଡ୍ ଧାନ ପ୍ରକାରକୁ ପ୍ରୋତ୍ସାହିତ କରିବା, ବ୍ୟାପକ ଗବେଷଣା କାର୍ଯ୍ୟକ୍ରମକୁ ବିସ୍ତାର କରିବା ଏବଂ ହାଇବ୍ରିଡ ଧାନ ଗବେଷଣା ସହିତ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନଗୁଡ଼ିକୁ ସମାଧାନ କରିବା ଉପରେ ଡ. ଜାଟ ଗୁରୁତ୍ୱାରୋପ କରିଥିଲେ। ନୂଆଦିଲ୍ଲୀସ୍ଥିତ ଆଇସିଏଆର୍ ଉପମହାନିର୍ଦ୍ଦେଶକ (ଫସଲ ବିଜ୍ଞାନ) ଡ. ଡି.କେ. ଯାଦବ ଅଧ୍ୟକ୍ଷତା କରି କହିଲେ, ଗତବର୍ଷ ଧାନ ଉତ୍ପାଦନ ଉତ୍ସାହଜନକ ଥିଲା, ଯାହା ବିଭିନ୍ନ ଧାନ ଚାଷ ଅଞ୍ଚଳରେ ଗ୍ରହଣ କରାଯାଇଥିବା ଉନ୍ନତ ପ୍ରଯୁକ୍ତିବିଦ୍ୟା ଏବଂ ଦକ୍ଷ ଫସଲ ପରିଚାଳନା ଅଭ୍ୟାସର ସକାରାତ୍ମକ ପ୍ରଭାବକୁ ଦର୍ଶାଉଛି। ସମ୍ମାନିତ ଅତିଥି ନୂଆଦିଲ୍ଲୀସ୍ଥିତ ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡକ୍ଟର ଏ.କେ. ସିଂ ପତିତ ଜମିକୁ ବ୍ୟବହାର କରି ଧାନଚାଷ ବୃଦ୍ଧି କରିବାର ବହୁତ ସମ୍ଭାବନା ଥିବା କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଆଇସିଏଆରର ସହକାରୀ ମହାନିର୍ଦ୍ଦେଶକ (ଏଫ୍‌ଏଫ୍‌ସି) ଡ. ଏସ୍.କେ. ପ୍ରଧାନ ସ୍ଥାୟୀ ଧାନ ଉତ୍ପାଦନ ସୁନିଶ୍ଚିତ କରିବା ପାଇଁ ପ୍ରି-ବ୍ରିଡିଂ କାର୍ଯ୍ୟକ୍ରମକୁ ମଜଭୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ରାଇସ ରିସର୍ଚ୍ଚର ନିର୍ଦ୍ଦେଶକ ଡ. ଆର୍.ଏମ୍. ସୁନ୍ଦରମ୍, ଧାନ ବିଜ୍ଞାନର ଅଗ୍ରଗତିରେ ସହଯୋଗୀ ଗବେଷଣା ଏବଂ ସାଂସ୍ଥାନିକ ଭାଗୀଦାରିର ଗୁରୁତ୍ୱ ଥିବା କହିଥିଲେ। ସିଆର୍‌ଆର୍‌ଆଇର ନିର୍ଦ୍ଦେଶକ ଡ. ଜି.ଏ.କେ. କୁମାର ଧାନ ଗବେଷଣା, ପ୍ରଯୁକ୍ତି ବିକାଶ ଏବଂ ଉନ୍ନତ ଚାଷ ପ୍ରଣାଳୀର ପ୍ରସାରଣ ଦେଶବ୍ୟାପୀ ଧାନ ଉତ୍ପାଦନ ପ୍ରଣାଳୀକୁ ସୁଦୃଢ଼ କରିଛି ବୋଲି କହିଥିଲେ। ଡ. ଏମ୍.ଏସ୍. ପ୍ରସାଦ, ଡ. ଏମ୍.ବି.ବି. ପ୍ରସାଦ ବାବୁ, ଡ. ଏସ୍.ଭି. ସାଇ ପ୍ରସାଦ, ଡ. ମୀରା କୁମାରୀ କର ଏବଂ ଡ. ଏସ୍. ଗୋପାଳ କୃଷ୍ଣନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦେଶର ବିଭିନ୍ନ ସ୍ଥାନରୁ ବୈଜ୍ଞାନିକମାନେ ଯୋଗଦେଇ ପରିବର୍ତ୍ତିତ ଜଳବାୟୁ ଦୃଷ୍ଟିରୁ ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ ଜରିଆରେ ଅଧିକରୁ ଅଧିକ ଫସଲ ଉତ୍ପନ୍ନ କରିବା ଉପରେ ଆଲୋଚନା କରିଛନ୍ତି।



ସିଆର୍‌ଆର୍‌ଆଇରେ ବାର୍ଷିକ ଧାନ ଗୋଷ୍ଠୀ ସମ୍ମିଳନୀକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

# 'ସ୍ୱଚ୍ଛତା ବଜାୟ ରଖାଯାଇଛି'



## ବାରବାଟୀ ଫୁଡ୍ କୋର୍ଟକୁ ନେଇ ବିବାଦ

କଟକ,୧୮।୪(କୁମାରଶ୍ରୀ)

ବାରବାଟୀ ଫୁଡ୍ କୋର୍ଟ ଖୋଲିବା ଆଗରୁ ଏକାଧିକ ବିବାଦ ମୁଣ୍ଡ ଟେକିଛି। ଦୋକାନ ଘର ଆବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ଏପରି ସ୍ଥଳେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୌସ ମଧ୍ୟ ଶୁକ୍ରବାର ଅସନ୍ତୋଷ ଜାହିର କରି କଟକ ମହାନଗର ନିଗମ (ସିଏମ୍‌ସି) ଦ୍ୱାରା ପ୍ରସ୍ତୁତ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର(ଏସଓପି)କୁ ଚିରି ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଶନିବାର ନିଗମ ପକ୍ଷରୁ ସ୍ଥାନୀୟ ବିଜୁ ଭବନରେ ଏକ ଖବରଦାତା ସମ୍ମିଳନୀ ଡକାଯାଇ ସବୁ କାର୍ଯ୍ୟରେ ସ୍ୱଚ୍ଛତା ବଜାୟ ରଖାଯାଇଛି ଏବଂ ଅଭିଯୋଗଗୁଡ଼ିକ ଭିତ୍ତିହୀନ ବୋଲି କୁହାଯାଇଛି।

ଖବରଦାତା ସମ୍ମିଳନୀରେ ମେୟର ସୁବାସ ସିଂ ଏବଂ କମିଶନର କିରଣଦୀପ କୌର ସହୋତା ଯୋଗଦେଇ ବାରବାଟୀ ଫୁଡ୍ କୋର୍ଟ ନିର୍ମାଣ କାର୍ଯ୍ୟ ଓ ବିଭିନ୍ନ ପ୍ରକ୍ରିୟା ବାବଦରେ ମତ ଦେଇଥିଲେ। ସାଢ଼େ ୬ କୋଟି ଟଙ୍କା ବ୍ୟୟରେ ଫୁଡ୍ କୋର୍ଟ ନିର୍ମାଣ କରାଯାଉଛି। ମେ'ରେ ଏହା କାର୍ଯ୍ୟକ୍ଷମ ହେବ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ନିମନ୍ତେ ବିଭିନ୍ନ ବ୍ୟବସ୍ଥା ହେଉଛି। ନିଗମର ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ସର୍ଭେ କାମ ହୋଇଥିଲା। ୩ ଥର ଯାଞ୍ଚ କରାଯାଇ ଲଟେରି ଜରିଆରେ ୪୫ଜଣଙ୍କୁ ଦୋକାନ ଘର ପ୍ରାଥମିକ ପର୍ଯ୍ୟାୟରେ ବଣ୍ଟନ ହୋଇଛି। ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଉପସ୍ଥିତିରେ ଦୋକାନ ଘର ବଣ୍ଟନ ହୋଇଥିଲା। ବଣ୍ଟନ କମିଟିରେ ମଧ୍ୟ ପ୍ରଶାସନିକ ଅଧିକାରୀ ରହିଛନ୍ତି। ଏହାଛଡ଼ା ଅବଶିଷ୍ଟ ୩୮ଟି ଦୋକାନ ଘର ପ୍ରଦାନ ପାଇଁ ଅନଲାଇନରେ ଟେଣ୍ଡର ହୋଇଛି। କାହାର ସମସ୍ୟା ଥିଲେ ସହଯୋଗ ପାଇଁ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି ବୋଲି ସମ୍ମିଳନୀରେ କୁହାଯାଇଥିଲା।

# ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ଘଟଣା: ୨ ଯୁବକ ଗିରଫ

ମଙ୍ଗୁଳି-ଜଗତପୁର, ୧୮।୪(ମାନସ ସାମଲ)

ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଓ ଅରାଜି ହେବାରୁ ମୋବାଇଲକୁ ଅଶ୍ଳୀଳ ଭିଡିଓ ପଠାଇ ହତ୍ୟା ଧମକ ଦେବା ଅଭିଯୋଗରେ ଜଣେ ଯୁବକ ଓ ତାଙ୍କ ସହଯୋଗୀଙ୍କୁ ଟାଙ୍ଗୀ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଟାଙ୍ଗୀ ଥାନା ଅଧୀନ ଇଟୁଆ ଗ୍ରାମର ଉତ୍ତମ କୁମାର ବେହେରା ଓରଫ ପପୁ (୩୯) ଓ ସହଯୋଗୀ ଯାଜପୁର ଜିଲା ଧର୍ମଶାଳା ଥାନା ଅଧୀନ ନେଉଳପୁର ଗ୍ରାମର ବୀରବର ବେହେରା (୪୩)। ଯୁବତୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୦୨/୨୬) ରୁଜୁ କରିଛି। ସୂଚନା ମୁତାବକ, ଟାଙ୍ଗୀସ୍ଥିତ ଏକ ହୋଣ୍ଡା ଶୋ'ରୁମ୍‌ରେ ଉତ୍ତମ, ବୀରବର ଓ ପୀଡିତା ସେଲ୍ସମ୍ୟାନ ଭାବେ କାମ କରୁଥିଲେ। ସେହି ସମୟରେ ଉତ୍ତମ ଓ ପୀଡିତାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଗତ ୩୦ ତାରିଖରେ ଉଭୟ ଘର ଛାଡି ଭୁବନେଶ୍ୱର ଚାଲି ଆସିଥିଲେ। ସେଠାରେ ଉତ୍ତମ ଯୁବତୀଙ୍କୁ ବିବାହ କରିବା ପରିବର୍ତ୍ତେ ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ବାରମ୍ବାର ଶାରୀରିକ ସମ୍ପର୍କ ପାଇଁ ଅରାଜି ହେବାରୁ ଉତ୍ତମ ଟାଙ୍ଗୀସ୍ଥିତ ବନ୍ଧୁ ବୀରବରଙ୍କ ଘରକୁ ନେଇ ଆସିଥିଲେ। ଏଠାରେ ଯୁବତୀଙ୍କୁ ଉତ୍ତମ ବିବାହ କରିବାକୁ ବାଧ୍ୟ କରିଥିଲେ। ଏଥିରେ ଯୁବତୀ ରାଜି ନ ହେବାରୁ ବୀରବର ଓ ଉତ୍ତମ ମିଶି ହତ୍ୟା ଧମକ ଦେବା ସହ ମୋବାଇଲକୁ ଅଶ୍ଳୀଳ ମେସେଜ ପଠାଇଥିଲେ।

# କନ୍ଦରପୁର ବଜାର ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ବିଧାୟକଙ୍କୁ ଦାବିପତ୍ର

କଟକ ସଦର,୧୮।୪(ସୁଶାନ୍ତ କୁମାର ଜେନା)

କଟକ-ପାରାଦୀପ ରାଜ୍ୟ ରାଜପଥ ନଂ.୪୨ ଓ କଟକ-ନୂଆଗାଁ ଜାତୀୟ ରାଜପଥ ନଂ.୫୫ ମଧ୍ୟଭାଗ କନ୍ଦରପୁର ବଜାରରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ଏଠାରେ ବାରମ୍ବାର ଦୁର୍ଘଟଣା ଘଟୁଛି। ୩ ଦିନ ତଳେ ସଙ୍କଳ୍ପ ପଟ୍ଟନାୟକ ନାମକ ଜଣେ ଅଷ୍ଟମ ଶ୍ରେଣୀର ଛାତ୍ର ସକାଳେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରକୁ ଆସୁଥିବା ବେଳେ କନ୍ଦରପୁର ବଜାରରେ ଥିବା ଏକ ଘରୋଇ ପେଟ୍ରୋଲ ପମ୍ପ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଫଳରେ ତାଙ୍କ ଗୋଡ଼ ଭାଙ୍ଗିଯାଇଛି। ପିତୃହୀନ ପିଲାଟି କଟକରେ ଚିକିତ୍ସାଧୀନ ରହିଛନ୍ତି। କନ୍ଦରପୁର ବଜାର ନିକଟରେ ଗାଡ଼ିମୋଟର ଗତି ନିୟନ୍ତ୍ରଣ ବ୍ୟବସ୍ଥା କରିବା ପାଇଁ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ବଜାର ରାସ୍ତା ଦେଇ ୫ଟି ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ପିଲାମାନେ ଯାତାୟାତ କରିଥାନ୍ତି। ତେଣୁ ସକାଳ ସମୟରେ ଭିଡ଼ ଜମୁଛି। ଏହାଛଡ଼ା ନୂଆ ରାସ୍ତା କାର୍ଯ୍ୟ ପାଇଁ ବ୍ୟାପକ ଭାବରେ ଫ୍ଲାଏ ଆଶ୍ ବ୍ୟବହାର କରାଯାଉଛି। ତେଣୁ ଶହ ଶହ ସଂଖ୍ୟାରେ ଟ୍ରକ ଏହି ରାସ୍ତା ଦେଇ ଯାଉଛି। ଏହାଛଡା ପାରାଦୀପ ଆଡୁ ପେଟ୍ରୋଲ ଟ୍ୟାଙ୍କର ଯିବାଆସିବା କରୁଥିବାରୁ କନ୍ଦରପୁର ବଜାରରେ ଭିଡ଼ ହେଉଛି। ତେଣୁ ଗୋପାଳ ସ୍ମୃତି ବିଦ୍ୟାପୀଠ, ସରସ୍ୱତୀ ଶିଶୁମନ୍ଦିର, କନ୍ଦରପୁର ପ୍ରାଥମିକ ବିଦ୍ୟାଳୟ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଅଲାରପୁର ପ୍ରାଥମିକ ବିଦ୍ୟାଳୟର ପିଲାମାନେ ଜୀବନକୁ ବାଜି ଲଗାଇ ରାସ୍ତା ପାର ଓ ଯାତାୟାତ କରୁଥିବାରୁ ଅଭିଭାବକମାନେ ଚିନ୍ତିତ ହୋଇପଡିଛନ୍ତି। ଟ୍ରାଫିକ୍ ନିୟନ୍ତ୍ରଣ ସହ ଦ୍ରୁତ ଗାଡ଼ିଚାଳନା ରୋକିବାକୁ ବିଧାୟକ ସେଠୀଙ୍କୁ ନିବେଦନ କରାଯାଇଛି।



ଧରିତ୍ରୀ
DHARITRI
ଧରିତ୍ରୀ 52 Years
ଭୁବନେଶ୍ୱର, ରବିବାର, ଏପ୍ରିଲ ୧୯/୨୦୨୬ | Bhubaneswar, Sunday, April 19/2026 | ପୃ-୧



ଯାଜପୁର ଜିଲା ସୁକିନ୍ଦା ବ୍ଲକ ବେଣାଗାଡ଼ିଆ ଗ୍ରାମର ନଳକୂପ ଜଳ ପାନୀୟ ଅନୁପଯୋଗୀ ହୋଇପଡ଼ିଥିବାରୁ ମହିଳାମାନେ ଗାଁ ନିକଟ ଏକ ନାଳରୁ ପାଣି ସଂଗ୍ରହ କରି ଆଣୁଛନ୍ତି। (ଫଟୋ: ହର୍ଷବର୍ଦ୍ଧନ ବେହେରା)

# ବିରୋଧୀ ଅଟକାଉଛନ୍ତି ମହିଳା ବିଲ୍, ଗର୍ଜିଲେ ମୋଦି

ନୂଆଦିଲ୍ଲୀ,୧୮।୪ (ପି.ଟି.)



ସରକାରଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ପାର୍ଲାମେଣ୍ଟରେ ମହିଳା ସ୍ଥାନ ସଂରକ୍ଷଣ ବିଲ୍‌କୁ ଗୃହୀତ କରାଇ ନ ଦେଇ ବିରୋଧୀ ଦଳଗୁଡ଼ିକ ମହିଳାମାନଙ୍କ ସ୍ୱପ୍ନକୁ ନିର୍ଦ୍ଦୟ ଭାବେ ଚୂନା କରିଦେଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କହିଛନ୍ତି। ଲୋକ ସଭାରେ ବିଲ୍ ନାକଚ ହେବାର ଦିନକ ପରେ ରାଷ୍ଟ୍ରକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, କଂଗ୍ରେସ, ଡିଏମ୍‌କେ, ଟିଏମ୍‌ସି ଏବଂ ସମାଜବାଦୀ ପାର୍ଟି ଭଳି ଦଳଗୁଡ଼ିକର ସ୍ୱାର୍ଥପର ରାଜନୀତି ଦେଶର ମହିଳାଙ୍କ ବିରୋଧରେ ଯାଇଛି। ବ୍ୟବସ୍ଥାପିକାରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ଉଦ୍ୟମକୁ ସେମାନେ ବିଫଳ କରିଦେଇଛନ୍ତି। ଏଥିପାଇଁ ଦେଶର ସବୁ ମହିଳାଙ୍କଠାରୁ ମୁଁ ☞ପୃଷ୍ଠା-୨

# ହର୍ମୁଜ୍‌ରେ ୨ ଭାରତୀୟ ଜାହାଜକୁ ଗୁଳିମାଡ଼

**ବିଶ୍ୱର ଅନ୍ୟତମ ପ୍ରମୁଖ ବାଣିଜ୍ୟିକ ଜଳପଥ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଶୁକ୍ରବାର ଇରାନ ଖୋଲିଦେଇଥିଲା। ମାତ୍ର ୨୪ ଘଣ୍ଟା ନ ପୂରୁଣୁ ପୁଣି ଏହି ବାଣିଜ୍ୟିକ ଜଳପଥକୁ ବନ୍ଦ କରିଦେଇଛି। ଏହାର କିଛି ଘଣ୍ଟା ପରେ ୨ ଭାରତୀୟ ଜାହାଜକୁ ଗୁଳିମାଡ଼ ହୋଇଛି। ୨ ଇରାନୀୟ ଗନ୍‌ବୋଟ୍‌ରୁ ଗୁଳି କରାଯାଇଥିବା ସୂତ୍ରରୁ ଜଣାପଡ଼ିଛି। ଏଥିରେ ଜାହାଜ କ୍ଷତିଗ୍ରସ୍ତ ହୋଇ ନ ଥିବାବେଳେ କେହି ଆହତ ହୋଇନାହାନ୍ତି। ଓମାନର ଉତ୍ତରପୂର୍ବ ଭାଗରେ ଗୁଳିମାଡ଼ ପରେ ଜାହାଜ ଦୁଇଟି ହର୍ମୁଜ୍‌ରୁ ଫେରିଯାଇଛି। ଏହି ଘଟଣା ପରେ ନୂଆଦିଲ୍ଲୀ ଇରାନୀୟ ରାଷ୍ଟ୍ରଦୂତଙ୍କୁ ସମନ କରିଛି।**

ନୂଆଦିଲ୍ଲୀ,୧୮।୪

ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଇରାନ ଶନିବାର ପୁନର୍ବାର ଅବରୋଧ କରିବାର କିଛି ଘଣ୍ଟା ପରେ ୨ ଭାରତୀୟ ଜାହାଜକୁ ଗୁଳିମାଡ଼ ହୋଇଛି। ଇରାନ ରିଭୋଲ୍ୟୁଶନାରି ଗାର୍ଡସ୍‌ର ୨ ଗନ୍‌ବୋଟ୍‌ରୁ ଗୁଳିମାଡ଼ ପରେ ଭାରତୀୟ ଜାହାଜ ଫେରିଯାଇଛି। ଏନେଇ ଇରାନୀୟ ରାଷ୍ଟ୍ରଦୂତ ମହମ୍ମଦ ଫତାଲିଙ୍କୁ ନୂଆଦିଲ୍ଲୀ ଦୃଢ଼ ପ୍ରତିବାଦ ଜଣାଇଛି। ବହିର୍ବ୍ୟାପାର ସଚିବ ବିକ୍ରମ ମିସ୍ରି ଇରାନ ରାଷ୍ଟ୍ରଦୂତଙ୍କୁ ଭାରତର ଗଭୀର ଉଦ୍‌ବେଗ ସମ୍ପର୍କରେ ଅବଗତ କରାଇଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ଗୁଳିମାଡ଼ରେ ଭାରତୀୟ ଜାହାଜ କ୍ଷତିଗ୍ରସ୍ତ ହୋଇ ନ ଥିବାବେଳେ କେହି ଆହତ ହୋଇନାହାନ୍ତି। ଓମାନର ଉତ୍ତରପୂର୍ବ ଭାଗରେ ଗୁଳିମାଡ଼ ପରେ ଜାହାଜ ଦୁଇଟି ହର୍ମୁଜ୍‌ରୁ ଫେରିଯାଇଛି। ଗୁଳିମାଡ଼ର ସମ୍ମୁଖୀନ ହୋଇଥିବା ଜାହାଜ ମଧ୍ୟରୁ ଗୋଟିଏ ବହୁତ ବଡ଼ ହୋଇଥିବାବେଳେ ସେଥିରେ ପ୍ରାୟ ୨ ନିୟୁତ ବ୍ୟାରେଲ୍ ଇରାକୀ ତୈଳ ବୋଝେଇ ହୋଇଥିଲା। ଷ୍ଟ୍ରେଟ୍‌କୁ ପୁନର୍ବାର ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଥିବା କେତେକ ଜାହାଜକୁ ଭିଏଚ୍‌ଏଫ୍ ଯୋଗେ ଜଣାଇ ଦିଆଯାଇଛି। ଏଥିରେ କୁହାଯାଇଛି, ସମସ୍ତ ଜାହାଜ ଧ୍ୟାନ ଦିଅନ୍ତୁ, ବୁଝାମଣାରେ ଆମେରିକା ସରକାର ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଥିବାରୁ ଇରାନ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ପୁଣିଥରେ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଘୋଷଣା କରିଛି। ତେଣୁ ଏହି ଜଳପଥ ଦେଇ କୌଣସି ପ୍ରକାର ବା କୌଣସି ଦେଶର ଜାହାଜକୁ ଅତିକ୍ରମ କରିବାକୁ ଦିଆଯିବ ନାହିଁ। ଗୁଳିମାଡ଼ ଘଟଣା ପରେ ତୈଳ ଓ ଗ୍ୟାସ୍ ଆଣି ଭାରତ ଆସୁଥିବା ୧୪ଟି ଜାହାଜକୁ ଇରାନ ରିଭୋଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି) ଅଟକାଇଛି। ☞ପୃଷ୍ଠା-୨

## ପୁଣି ହର୍ମୁଜ୍ ବନ୍ଦକଲା ଇରାନ | ଆମେରିକା ଚୁକ୍ତି ଉଲ୍ଲଂଘନ କରିଥିବା ଅଭିଯୋଗ

କାଇରୋ,୧୮।୪

ଇରାନ ସହ ଜଡ଼ିତ ଜାହାଜ ଚଳାଚଳ ଉପରେ ଆମେରିକା ଲଗାଇଥିବା କଟକଣା ହଟାଇବ ନାହିଁ ବୋଲି କହିବା ପରେ ତେହରାନ୍ ଶନିବାର ପୁଣିଥରେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଗୁରୁତ୍ୱପୂର୍ଣ୍ଣ ଜଳପଥକୁ ବନ୍ଦ କରିଦେଇଛି। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ର ନିୟନ୍ତ୍ରଣ ସଶସ୍ତ୍ର ବଳର କଠୋର ପରିଚାଳନାରେ ପୁଣି ପୂର୍ବ ସ୍ଥିତିକୁ ଫେରିଥିବା ଇରାନର ଯୁଗ୍ମ ସାମରିକ କମାଣ୍ଡ କହିଛନ୍ତି। ଇରାନୀୟ ବନ୍ଦରଗୁଡ଼ିକ ଉପରେ ଆମେରିକାର ଅବରୋଧ ଯେପର୍ଯ୍ୟନ୍ତ ରହିଥିବ, ସେପର୍ଯ୍ୟନ୍ତ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଦେଇ ଜାହାଜ ଚଳାଚଳ ବନ୍ଦ ରହିବ ବୋଲି ଇରାନ ସାମରିକ କମାଣ୍ଡ ଚେତାବନୀ ଦେଇଛନ୍ତି।

ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ସମସ୍ତ ବାଣିଜ୍ୟିକ ଜାହାଜ ଚଳାଚଳ ପାଇଁ ☞ପୃଷ୍ଠା-୨

# ଏସ୍‌ଡିପିଓଙ୍କ ନାଁରେ ଯୌନ ନିର୍ଯାତନା ଅଭିଯୋଗ

## ନୟାଗଡ଼ ଏସ୍‌ପିଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଲେ ଡିଜିପି

ଭୁବନେଶ୍ୱର,୧୮।୪(ତ୍ରିନାଥ ମହାନ୍ତି)

ନୟାଗଡ଼ ଜିଲା ଖଣ୍ଡପଡ଼ା ସବ୍‌ଡିଭିଜନାଲ ପୋଲିସ ଅଫିସର (ଏସ୍‌ଡିପିଓ) ମଦନ ମୋହନ ପ୍ରଧାନଙ୍କ ନାମରେ ଯୌନ ନିର୍ଯାତନା ଓ ଧମକ ଅଭିଯୋଗ ଆସିଛି। ଏନେଇ ଜଣେ ମହିଳା ଭୁବନେଶ୍ୱର ଡିଜିପିଙ୍କ କ୍ୟାମ୍ପ୍ ଅଫିସ୍ ଆସି ଅଭିଯୋଗ କରିଛନ୍ତି। ଏସ୍‌ଡିପିଓ ତାଙ୍କୁ ଅଶ୍ଳୀଳ ଇଙ୍ଗିତ କରୁଥିବାର ଏକ ଅଡିଓ କ୍ଲିପ୍ ମଧ୍ୟ ମହିଳା ଜଣକ ପ୍ରଦାନ କରିଛନ୍ତି। ଉକ୍ତ ଅଡିଓରେ ଏସ୍‌ଡିପିଓ ଅଟୋରେ ଆସି ରାତିରେ ରହିବାକୁ କହୁଥିବା ଏବଂ ଶାରୀରିକ ସମ୍ପର୍କ ରଖିଲେ କିଛି ଅସୁବିଧା ହେବ କି ବୋଲି ପ୍ରଶ୍ନ କରୁଥିବା ଶୁଣିବାକୁ ମିଳୁଛି। ଡିଜିପି ୱାଇ. ବି. ଖୁରାନିଆ ଅଭିଯୋଗକୁ ଗ୍ରହଣ କରିବା ସହ ଘଟଣାର ତଦନ୍ତ କରିବାକୁ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଅନୁସାରେ, ମହିଳା ଜଣକ ଏକ ମାମଲା ନେଇ ଥାନାକୁ ଯାଇଥିଲେ। ଏସ୍‌ଡିପିଓ ଉକ୍ତ ମାମଲାର ତଦନ୍ତ କରୁଥିବା କହି ତାଙ୍କଠାରୁ ☞ପୃଷ୍ଠା-୨

# କେନ୍ଦ୍ରୀୟ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୨% ବୃଦ୍ଧି

ନୂଆଦିଲ୍ଲୀ,୧୮।୪(ପି.ଟି.): କେନ୍ଦ୍ର ସରକାର ଶନିବାର ମହଙ୍ଗା ଭତ୍ତା (ଡିଏ) ଏବଂ ମହଙ୍ଗା ସହାୟତା (ଡିଆର୍)କୁ ୨ ପ୍ରତିଶତ ବୃଦ୍ଧି କରିଛନ୍ତି। ଫଳରେ ୫୦.୪୬ ଲକ୍ଷ କେନ୍ଦ୍ରୀୟ ସରକାରୀ କର୍ମଚାରୀ ଏବଂ ୬୮.୨୭ ଲକ୍ଷ ପେନ୍‌ସନଭୋଗୀ ଉପକୃତ ହେବେ। ଏବାବଦରେ ସରକାରଙ୍କୁ ବାର୍ଷିକ ଅତିରିକ୍ତ ୬,୭୯୧.୨୪ କୋଟି ଟଙ୍କା ବ୍ୟୟ କରିବାକୁ ପଡ଼ିବ ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗଣମାଧ୍ୟମକୁ କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ଜଣାଇବା ବେଳେ ଏହା କହିଛନ୍ତି। କେନ୍ଦ୍ରୀୟ ☞ପୃଷ୍ଠା-୨

# ଖରା ପାଇଁ ୯ ଜିଲାରେ ଶିକ୍ଷାନୁଷ୍ଠାନ ଛୁଟି

ଭୁବନେଶ୍ୱର,୧୮।୪(ସୁଚିସ୍ମିତା ସାହୁ)

ରାଜ୍ୟରେ ଏବେ ଗ୍ରୀଷ୍ମ ଲହରି ଜାରି ରହିଛି। ଆସନ୍ତା ସପ୍ତାହରେ ଆହୁରି ୩ରୁ ୪ ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ପାଣିପାଗ ବିଭାଗର ପୂର୍ବାନୁମାନ ଓ ଗରମ ଗୁଳୁଗୁଳିରୁ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୯ ଜିଲାରେ ଅଙ୍ଗନୱାଡ଼ି, ସ୍କୁଲ, କଲେଜ ଓ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଗାଇଡ୍‌ଲାଇନ୍ ଅନୁଯାୟୀ ସ୍ଥାନୀୟ ଅଞ୍ଚଳର ସ୍ଥିତିକୁ ଦେଖି ଜିଲାପାଳମାନେ ସାମୟିକ ଭାବେ ଶିକ୍ଷାନୁଷ୍ଠାନ ବନ୍ଦ ନିଷ୍ପତ୍ତି ନେଇଛନ୍ତି। ପାଠପଢ଼ା ବନ୍ଦ ହୋଇଥିଲେ ମଧ୍ୟ ପରୀକ୍ଷାଗୁଡ଼ିକ ଚାଲୁ ରହିବ। ସକାଳ ୭ଟାରୁ ୯ ମଧ୍ୟରେ ପରୀକ୍ଷା ପରିଚାଳନା ହେବ ଓ ଏହି ସମୟରେ ପାଣି ଏବଂ ଓଆର୍‌ଏସ୍ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନା ଅନୁଯାୟୀ, ସମ୍ବଲପୁର ଜିଲାରେ ଆସନ୍ତା ୨୦ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ସେହିପରି ବୌଦ୍ଧ, ସୋନପୁର ଓ ଝାରସୁଗୁଡ଼ା ଜିଲାରେ ୨୨ ତାରିଖ ଯାଏ ଛୁଟି ଘୋଷଣା କରାଯାଇଥିବାବେଳେ କଳାହାଣ୍ଡି, ବଲାଙ୍ଗୀର ଓ ନୂଆପଡ଼ାରେ ୨୧ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟଗୁଡ଼ିକୁ ବନ୍ଦ କରାଯାଇଛି। ନବରଙ୍ଗପୁରରେ ମଧ୍ୟ ଆସନ୍ତା ୨୦ ତାରିଖଠାରୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଏବଂ ମୟୂରଭଞ୍ଜରେ ୨୩ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟରେ ପାଠପଢ଼ା ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।




# ଆତଙ୍କବାଦୀ ଲିଙ୍କ୍‌ରେ ଥିଲେ ଓଡ଼ିଆ ଯୁବକ ଇମ୍ରାନ୍



ଇମ୍ରାନ ଓ ଅନ୍ୟ ଅଭିଯୁକ୍ତଙ୍କ ସହ ଦିଲ୍ଲୀ ପୋଲିସର ସ୍ପେଶାଲ ଟିମ୍।

## ଲାଲକିଲା, ଇଣ୍ଡିଆ ଗେଟ୍ ଅଞ୍ଚଳରେ ବିସ୍ଫୋରଣ ଯୋଜନା ଥିଲା

## ୪ଜଣଙ୍କୁ ଗିରଫ ସହ ସ୍ପଷ୍ଟ କଲା ଦିଲ୍ଲୀ ପୋଲିସ

ଭୁବନେଶ୍ୱର,୧୮।୪(ତ୍ରିନାଥ ମହାନ୍ତି)

ଗତ ୧୦ ତାରିଖ ରାତିରେ ଭୁବନେଶ୍ୱର ଗଙ୍ଗନଗରରୁ ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ଉଠାଇ ନେଇଥିବା କଟକର ଶେଖ ଇମ୍ରାନ୍‌ଙ୍କୁ ଶନିବାର ଗିରଫ ଦର୍ଶାଇଛି। ଆତଙ୍କବାଦୀ ଲିଙ୍କ୍‌ରେ ଇମ୍ରାନଙ୍କ ସମେତ ମୋଟ ୪ ଜଣଙ୍କୁ ଗିରଫ କରାଯାଇଥିବା ଦିଲ୍ଲୀ ପୋଲିସ ସ୍ପଷ୍ଟ କରିଛି। ଗିରଫ ଅନ୍ୟ ଅଭିଯୁକ୍ତମାନେ ହେଉଛନ୍ତି ବିହାର କଟିହାରର ମହମ୍ମଦ ସୋହେଲ, ମହାରାଷ୍ଟ୍ର ଥାଣେର ମୁଜୀବ ଅହମ୍ମଦ ଓରଫ ସୋନୁ ଓରଫ କଲାମ ଓ ମୁମ୍ବାଇର ମହମ୍ମଦ ହମ୍ମାଦ। ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଅଭିଯୁକ୍ତମାନେ ମୌଳବାଦୀ ସଙ୍ଗଠନ ଆଇଏସ୍‌ଆଇଏସ୍‌ର ସଦସ୍ୟ ତଥା ଆତଙ୍କବାଦୀ ଖଲିଫା ଚିନ୍ତାଧାରା ଦ୍ୱାରା ଅନୁପ୍ରାଣିତ ହୋଇଥିଲେ। ସେମାନେ ଖୁରାସାନ(ଉତ୍ତରପୂର୍ବ ଇରାନ, ଦକ୍ଷିଣ ତୁର୍କମେନିସ୍ତାନ ଓ ଉତ୍ତର ଆଫଗାନିସ୍ତାନ)ରୁ ଲସ୍କର ଆସିବା ଓ କଳା ପତାକା ଉଡ଼ାଇବାର ଉଦ୍ଦେଶ୍ୟରେ ବିଶ୍ୱାସ ରଖୁଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି, ଏମାନେ ଭାରତ ତଥା ଭାରତୀୟ ଉପମହାଦେଶୀୟ ଅଞ୍ଚଳରେ ଅସ୍ଥିରତା ସୃଷ୍ଟି କରୁଥିବା ଇସ୍‌ଲାମିକ୍ ଗୋଷ୍ଠୀ 'ଗଜୱା-ଏ-ହିନ୍ଦ୍'ରେ ସାମିଲ ହେବାପାଇଁ ପ୍ରସ୍ତୁତି ଚଳାଇଥିଲେ। ଏନ୍‌କ୍ରିପ୍ଟେଡ୍ ସୋସିଆଲ ମିଡିଆ ଗ୍ରୁପ୍ ମାଧ୍ୟମରେ ଅନ୍ୟମାନଙ୍କୁ ମଧ୍ୟ ମୌଳବାଦୀ ଚିନ୍ତାଧାରାରେ ଯୋଡୁଥିଲେ। ନିଜର ଉପସ୍ଥିତି ଜାହିର କରିବାକୁ ଆଗାମୀ ଦିନରେ ବଡ଼ ବିସ୍ଫୋରଣ ପାଇଁ ଯୋଜନା ଚଳାଇଥିଲେ। ଜଣେ ଅଭିଯୁକ୍ତଙ୍କ ନିକଟରୁ ଏକ ଆଇଇଡ଼ି ଜବତ କରାଯାଇଛି। ଦୁଇଜଣ ସଦସ୍ୟ ସ୍ଥାନୀୟ ସୂତ୍ରରୁ ବିସ୍ଫୋରକ ☞ପୃଷ୍ଠା-୨

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ...............................



ଆୟାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜେଲରେ ବଢୁଛି କଏଦୀ ମୃତ୍ୟୁ

**୧୦ ବର୍ଷରେ ଗଲାଣି ୫୭୨ କଏଦୀଙ୍କ ଜୀବନ**

- ୩ ବର୍ଷରେ ଆତ୍ମହତ୍ୟା କରିଛନ୍ତି ୨୭ରୁ ଅଧିକ କଏଦୀ
- ଫୁଲବାଣୀ ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କଲେ ଏନ୍‌ଏଚ୍‌ଆର୍‌ସି

ଭୁବନେଶ୍ୱର,୧୮।୪(ତ୍ରିନାଥ ମହାନ୍ତି)




ରାଜ୍ୟର ବିଭିନ୍ନ ଜେଲରେ କଏଦୀଙ୍କ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଚିକିତ୍ସା ଅଭାବରୁ ଅଧିକାଂଶ କଏଦୀଙ୍କ ମୃତ୍ୟୁ ଘଟୁଥିବାବେଳେ ଅନେକେ କଏଦୀ ଆତ୍ମହତ୍ୟା କରୁଛନ୍ତି। ବୁଧବାର ଫୁଲବାଣୀ ଜିଲା କାରାଗାରରେ ଜଣେ କଏଦୀଙ୍କ ମୃତ୍ୟୁକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ଜାତୀୟ ମାନବାଧିକାର ଆୟୋଗ(ଏନ୍‌ଏଚ୍‌ଆର୍‌ସି)। ଜେଲ ଭିତରେ କିଭଳି କଏଦୀଙ୍କ ମୃତ୍ୟୁ ଘଟୁଛି ତାହାକୁ ନେଇ ଆୟୋଗ ପ୍ରଶ୍ନ କରିଛନ୍ତି। ଜେଲରେ ମୃତ୍ୟୁର ନିରପେକ୍ଷ ତଦନ୍ତ ହେଉ ନ ଥିବା ଅଭିଯୋଗ ହେଉଛି। ପ୍ରତି ୱାର୍ଡ ଏବଂ ପ୍ରତି ସେଲ୍‌ରେ କ୍ୟାମେରା ଲାଗିବା ସହ ୱାର୍ଡରମାନେ ଜଗି ରହୁଛନ୍ତି। ଏପରି କି ସିସିଟିଭିର ଲାଇଭ୍ ଫୁଟେଜକୁ ଜେଲର ଏବଂ ସୁପରିଣ୍ଟେଣ୍ଡେଣ୍ଟ ଦେଖୁଛନ୍ତି। ଏହା ସତ୍ତ୍ୱେ କଏଦୀ କିଭଳି ଆତ୍ମହତ୍ୟା କରୁଛନ୍ତି ତାହାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି। କାରଣ ବଲାଙ୍ଗୀର ଜେଲରେ କଏଦୀ ଗୋପାଳ ସାହୁ ହାଇସିକ୍ୟୁରିଟି ସେଲରେ ଆତ୍ମହତ୍ୟା କରିଥିଲେ। ଉକ୍ତ ସେଲ୍‌ରେ ମାଳ ମାଳ ସିସିଟିଭି ଲାଗିଥିଲେ ମଧ୍ୟ କିଭଳି ମୃତ୍ୟୁ ଘଟିଲା ତାହା ଏବେ ବି ରହସ୍ୟରେ ରହିଛି। ଜେଲ କର୍ତ୍ତୃପକ୍ଷ ସିସିଟିଭିକୁ ମନିଟରିଂ କରୁ ନ ଥିବାର ସୁଯୋଗ ନେଇ ବଡ଼ ଅପରାଧୀମାନେ ଜେଲ ଭିତରେ ଦାଦାଗିରି ଦେଖାଇବା ସହ ହତ୍ୟା ଭଳି ବିଭିନ୍ନ କାଣ୍ଡ ଘଟାଉଛନ୍ତି। ଏପରିକି ସେମାନଙ୍କ ଅତ୍ୟାଚାରରେ ବହୁ କଏଦୀ ମାନସିକ ଭାରସାମ୍ୟ ହରାଇବା ସହ ଜେଲ ଜୀବନରୁ ସବୁଦିନ ମୁକ୍ତି ପାଇବାକୁ ଆତ୍ମହତ୍ୟା ଭଳି ପନ୍ଥା ଆପଣାଉଥିବା କୁହାଯାଉଛି।

ପ୍ରତି ସପ୍ତାହରେ ରାଜ୍ୟର କୌଣସି ନା କୌଣସି ଜେଲରେ ଜଣେ କଏଦୀ ଆତ୍ମହତ୍ୟା କରୁଛନ୍ତି। ଜେଲ ବିଭାଗରୁ ମିଳିଥିବା ତଥ୍ୟ ଅନୁସାରେ ଗତ ୧୦ ବର୍ଷରେ ୫୭୨ଜଣ କଏଦୀଙ୍କ ମୃତ୍ୟୁ ଘଟିଲାଣି। ସେଥିରୁ ୩ବର୍ଷରେ ୨୭ଜଣ କେବଳ ଆତ୍ମହତ୍ୟା କରି ଜୀବନ ହାରିଛନ୍ତି। ୨୦୧୪ରୁ ୨୦୨୩ ମଧ୍ୟରେ ରାଜ୍ୟର ବିଭିନ୍ନ କାରାଗାରରେ ୫୭୨ଜଣ ବିଚାରାଧୀନ କଏଦୀଙ୍କ ଜୀବନ ଯାଇଛି। କଏଦୀମାନେ ଜେଲରେ ରହିବା ଭିତରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟୁଛି। ୨୦୨୪ରେ ସର୍ବାଧିକ ୮୭ ଜଣ କଏଦୀଙ୍କ ଜୀବନ ଯାଇଥିଲା। ଏହାପଛକୁ ୨୦୨୦ରେ ୭୫ ଓ ୨୦୨୧ରେ ୬୦ ଜଣଙ୍କ ଜୀବନ ଯାଇଛି। ୨୦୧୫ରେ ସବୁଠୁ କମ୍ ୪୫ କଏଦୀଙ୍କ ମୃତ୍ୟୁ ଘଟିଛି। ମ୍ୟାଲେରିଆ, ହୃଦ୍‌ରୋଗ ଏବଂ କିଡ୍‌ନୀ ରୋଗରୁ ମଧ୍ୟ ଅଧିକ ମୃତ୍ୟୁ ଘଟୁଛି। ୨୪୩ଜଣଙ୍କ ମ୍ୟାଲେରିଆରେ ଜୀବନ ଯାଇଥିବାବେଳେ ଏହାପଛକୁ ହୃଦ୍‌ରୋଗରେ ୮୧, କିଡ୍‌ନୀରେ ୪୦, କର୍କଟ ରୋଗରେ ୨୩, ଯକ୍ଷ୍ମାରେ ୧୮ ଏବଂ ୧୫ ଜଣ ଫୁସ୍‌ଫୁସ୍ ସଂକ୍ରମଣରେ ଜୀବନ ଯାଇଛି। ବ୍ରେନ୍‌ଷ୍ଟ୍ରୋକରେ ୧୪, ଯକୃତ ରୋଗରେ ୧୧, ଏଡ୍ସରେ ୪ ଓ ଝାଡ଼ାବାନ୍ତିରେ ୨ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ଗତ ୩ବର୍ଷରେ ରାଜ୍ୟର ବିଭିନ୍ନ ଜେଲରେ ୩୧ଜଣ କଏଦୀ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ଗତ ନଭେମ୍ବର ୨୦୨୫ରେ ଚୌଦ୍ୱାର ଜେଲରେ ଜଣେ କଏଦୀ ଆତ୍ମହତ୍ୟା କରିଥିବାବେଳେ ୨୦୨୫ ଅକ୍ଟୋବରରେ ପୋକ୍‌ସୋ ମାମଲାରେ ଜେଲରେ ଥିବା କଏଦୀ ଆତ୍ମହତ୍ୟା କରିଥିଲେ। ୨୦୨୫ ମେ'ରେ ଚୌଦ୍ୱାର ଜେଲରେ ଆଉ ଜଣେ କଏଦୀ ଆତ୍ମହତ୍ୟା କରିଥିଲେ। ସେହିପରି ୨୦୨୫ ଜୁନ୍‌ରେ ମଧ୍ୟ ଝାରପଡ଼ାରେ ଜଣେ କଏଦୀ ଆତ୍ମହତ୍ୟା କରିଥିଲେ। ଜେଲରେ କଏଦୀ ଆତ୍ମହତ୍ୟା କରିବାର ଅନେକ କାରଣ ରହିଛି। ଅନେକ ସମୟରେ ଜେଲରେ କଏଦୀଙ୍କୁ ଖାଇବାକୁ ନ ଦେଇ ନିର୍ଯାତନା ଦିଆଯାଉଛି। ଯେଉଁଥିପାଇଁ କଏଦୀ ନିର୍ଯାତନା ସହ୍ୟ କରି ନ ପାରି ଶେଷରେ ଆତ୍ମହତ୍ୟା କରୁଛନ୍ତି। ଅନେକ କ୍ଷେତ୍ରରେ ଜେଲ କର୍ତ୍ତୃପକ୍ଷ କଏଦୀଙ୍କୁ ଇ-ମୁଲାକାତ ମାଧ୍ୟମରେ ଭେଟ କରିବାର ସୁଯୋଗ ଦେଉନାହାନ୍ତି। ଫଳରେ ସେମାନେ ଗୋଟିଏ ଘର ଭିତରେ ରହି ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ଭଳି ରାସ୍ତାକୁ ବାଛି ନେଉଛନ୍ତି। ଏନେଇ ଜେଲ ଡିଜି ସୁଶାନ୍ତ ନାଥ କହିଛନ୍ତି, ଜେଲରେ ଏଆଇ କ୍ୟାମେରା ଲାଗିବା ସହ ୱାର୍ଡରମାନଙ୍କୁ କଡ଼ା ପହରା ଏବଂ ସିସିଟିଭି ମନିଟରିଂ କରିବାକୁ କୁହାଯାଇଛି। ଫଳରେ ଜେଲରେ ଆତ୍ମହତ୍ୟା କମିବ ବୋଲି ସେ ଆଶା କରିଛନ୍ତି।

# ପୁତୁରା ଠେଙ୍ଗାମାଡ଼ରେ ଖୁଡ଼ୀଙ୍କ ଜୀବନଗଲା

## ଜମିବାଡ଼ି ବିବାଦରୁ ହତ୍ୟାକାଣ୍ଡ

ପାଟଣା/ଢେଙ୍କିକୋଟ,୧୮।୪(ବୀର କିଶୋର ଦାଶ/ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଚିନାମାଳିପୋଷି ପଞ୍ଚାୟତ ଗୁଡ଼ିଆପଡ଼ା ଗ୍ରାମରେ ଶୁକ୍ରବାର ଜମିବାଡ଼ି ବିବାଦକୁ ନେଇ ହତ୍ୟାକାଣ୍ଡ ଘଟିଛି। ପୁତୁରା ଠେଙ୍ଗାମାଡ଼ରେ ଖୁଡ଼ୀଙ୍କ ଜୀବନ ଯାଇଛି। ମୃତା ହେଲେ ଗ୍ରାମର ରାଜୁ ମହାନ୍ତଙ୍କ ସ୍ତ୍ରୀ କୌଶଲ୍ୟା (୫୮)। ପୋଲିସ ଅଭିଯୁକ୍ତ ପୁତୁରା ବିଦ୍ୟାଧର ମହାନ୍ତ (୫୬)ଙ୍କୁ ଗିରଫକରି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଜମିବାଡ଼ି ଭାଗବଣ୍ଟାକୁ ନେଇ ଉଭୟ ପରିବାର ମଧ୍ୟରେ ବିବାଦ ରହିଥିଲା। ବିଦ୍ୟାଧର ଅଭିଯୋଗ କରିଆସୁଥିଲା ଯେ, ତାଙ୍କ ବାପା ଦଲୁଙ୍କୁ ଅନ୍ୟ ୫ ଭାଇ ଠିକ୍ ଜମି ଭାଗ ଦେଇନାହାନ୍ତି। ତାଙ୍କୁ କମ୍ ଭାଗ ଦେଇ ଅନ୍ୟମାନେ ଠକି ଦେଇଛନ୍ତି। ଏ ନେଇ ବିଭିନ୍ନ ସମୟରେ ଝଗଡ଼ା ହେଉଥିଲା। ଶୁକ୍ରବାର ରାତିରେ ବିଦ୍ୟାଧର ଓ କୌଶଲ୍ୟାଙ୍କ ମଧ୍ୟରେ ଜମିବାଡ଼ି ଭାଗବଣ୍ଟାକୁ ନେଇ ଗଣ୍ଡଗୋଳ ଓ ଯୁକ୍ତି ତର୍କ ହୋଇଥିଲା। ବିଦ୍ୟାଧର ଉତ୍କ୍ଷିପ୍ତ ହୋଇ ପାଖରେ ପଡ଼ିଥିବା ଠେଙ୍ଗାରେ ଖୁଡ଼ୀଙ୍କୁ ନିର୍ମମଭାବେ ପିଟିଥିଲେ। ଗୁରୁତର ଅବସ୍ଥାରେ କୌଶଲ୍ୟାଙ୍କୁ ପରିବାର ଲୋକେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୌଶଲ୍ୟାଙ୍କ ପୁଅ ସଞ୍ଜୟ ଓ ଝିଅ ଡାଳିମ୍ବ ଥାନାରେ ଅଭିଯୋଗକରି ଅଭିଯୁକ୍ତଙ୍କୁ କୋଠାର ଶାସ୍ତି ଦେବା ପାଇଁ ଦାବି କରିଛନ୍ତି। ପୋଲିସ ଶନିବାର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଗାଁ ଥାନାରେ ଏକ ମାମଲା(ନଂ. ୨୩୨/୨୬) ରୁଜୁ ହୋଇଛି। ବିଦ୍ୟାଧରଙ୍କୁ ପୋଲିସ ଗିରଫକରି ତଦନ୍ତ ଜାରି ରଖିଥିବା ଘଟଗାଁ ଥାନା ଅଧିକାରୀ ଶୁଭ୍ରାଂଶୁ ଜେନା କହିଛନ୍ତି।


On this joyous occasion, we extend our heartfelt birthday wishes to our beloved maternal grand–mother (Aai), the most respected and cherished elder of our family. Your life is a shining ex–ample of love, kindness and wisdom. Your bless–ings and guidance have always been our greatest strength and inspiration. The warmth of your af–fection and the values you have instilled in us con–tinue to guide our lives. On your special day, we pray to the Almighty to bless you with good health, long life, happiness and peace. May your life al–ways remain filled with joy and divine blessings.
Happy Birthday, Aai.
With love, respect and warm regards,
Swastik Sarangi (Sonu) & Family

ଧ-୧୪୨


# ହୋଟେଲରେ ସେକ୍ସ ରାକେଟ୍ ଠାବ

**୩ ଦେହଜୀବୀ, ୪ ଗ୍ରାହକ, ହୋଟେଲ ମାଲିକ ଓ ମ୍ୟାନେଜର ଅଟକ**

ଖୋର୍ଦ୍ଧା,୧୮।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅଧୀନ ଜଟଣୀ ବାଇପାସ୍ ଓଭରବ୍ରିଜ୍ ନିକଟ ଏକ ହୋଟେଲରୁ ସେକ୍ସ ରାକେଟ୍ ଠାବ ହୋଇଛି। ଶନିବାର ଶିଳ୍ପାଞ୍ଚଳ ପୋଲିସ ଏବଂ ସ୍ପେଶାଲ ସ୍କ୍ୱାଡ୍ ଚଢ଼ାଉ କରି କିଙ୍ଗପିନ୍‌ଙ୍କ ସହିତ ୨ ଦେହଜୀବୀ ଏବଂ ୪ ଜଣ ଗ୍ରାହକଙ୍କୁ ଉଦ୍ଧାର କରିଛି। ଏମାନଙ୍କ ସମେତ ହୋଟେଲ ମାଲିକ ଏବଂ ମ୍ୟାନେଜରଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା କରିବା ସହ ଏକ ମାମଲା (ନଂ.୯୭/୨୬) ରୁଜୁକରି ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ଉମେଶ ସାହୁ କହିଛନ୍ତି।

ସୂଚନା ମୁତାବକ, ଏହି ହୋଟେଲରେ ଦୀର୍ଘଦିନ ଧରି ସେକ୍ସ ରାକେଟ୍ ଚାଲିଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଜଣେ ମହିଳା କିଙ୍ଗପିନ୍ ଏହାର ମାଷ୍ଟରମାଇଣ୍ଡ ରହିଥିବା ବେଳେ ବାହାର ଜିଲାରୁ ଯୁବତୀମାନଙ୍କୁ ଆଣି ହୋଟେଲ ମାଲିକଙ୍କ ସହ ମିଶି ଏଠାରେ ରାକେଟ୍ ଚଳାଇଥିଲେ। ପରବର୍ତ୍ତୀ ସମୟରେ ସେଠାକୁ ଲୋକଙ୍କ ଯିବାଆସିବା ଲାଗି ରହିବାରୁ ସ୍ଥାନୀୟ ଲୋକଙ୍କ ସନ୍ଦେହ ବଢ଼ିଥିଲା। କେତେଜଣ ସ୍ଥାନୀୟ ବାସିନ୍ଦାଙ୍କ କହିବାନୁଯାୟୀ, ଏଠାରେ ସେକ୍ସ ରାକେଟ୍ ଚାଲିଥିବା ସମ୍ପର୍କରେ ଜଣାପଡ଼ିବା ପରେ ପୋଲିସକୁ ସୂଚନା ଦିଆଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଖବରପାଇ ସ୍ପେଶାଲ ସ୍କ୍ୱାଡ୍ ଚଢ଼ାଉ କରିବା ପରେ ଶିଳ୍ପାଞ୍ଚଳ ପୋଲିସ ପହଞ୍ଚି ଚଢ଼ାଉ କରିଥିଲା। ହୋଟେଲ ଭିତରୁ ୨ଜଣ ଦେହଜୀବୀ ଏବଂ ୪ଜଣ ଗ୍ରାହକଙ୍କୁ ଅସଂଯତ ଅବସ୍ଥାରେ ଉଦ୍ଧାର କରିବା ସହିତ ଆପତ୍ତିଜନକ ସାମଗ୍ରୀ ଜବତ କରିଥିଲା। ଏହାପରେ ପୋଲିସ ହୋଟେଲରୁ ରାକେଟ୍‌ର କିଙ୍ଗପିନ୍, ହୋଟେଲ ମାଲିକ ଓ ମ୍ୟାନେଜରଙ୍କୁ ଉଠାଇ ନେଇଥିଲା। ତେବେ କେବେଠାରୁ ଏଠାରେ ରାକେଟ୍ ଚାଲିଛି, ଆଉ କିଏ ଏମାନଙ୍କ ଗ୍ରାହକ ରହିଛନ୍ତି, ପୋଲିସ ତାହାର ଖୋଳତାଡ଼ କରୁଛି। ସୂଚନାଥାଉ କି, ଖୋର୍ଦ୍ଧା ସଦର ଥାନା ପୋଲିସ ୨୦୨୫ ମାର୍ଚ୍ଚରେ ଦଧିମାଛଗାଡ଼ିଆ ଅଞ୍ଚଳର ରାସ୍ତାପାର୍ଶ୍ୱ ଏକ ଘରୁ କିଙ୍ଗପିନ୍‌ଙ୍କ ସମେତ ଦେହଜୀବୀ ଏବଂ ଗ୍ରାହକଙ୍କୁ ଧରିଥିଲା। ସେହିପରି ଗତ ଫେବୃଆରୀରେ ଆଦର୍ଶ ଥାନା ପୋଲିସ ଭାଲିଆବାଡ଼ି ବିକାଶ ନଗରର ଏକ ଭଡ଼ାଘରେ ଚଢ଼ାଉ କରି କିଙ୍ଗପିନ୍ ସମେତ ୪ଜଣଙ୍କୁ ଧରିଥିଲା।

# ପଥରରେ ଛେଚି ସ୍ତ୍ରୀଙ୍କୁ ହତ୍ୟା

**ଅଭିଯୁକ୍ତ ସ୍ୱାମୀ ଗିରଫ**

ସୁନ୍ଦରଗଡ଼,୧୮।୪(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ତଳସରା ଥାନା ଅନ୍ତର୍ଗତ ଡମକୁଡା ଗ୍ରାମରେ ଶୁକ୍ରବାର ରାତିରେ ସ୍ତ୍ରୀଙ୍କୁ ପଥରରେ ଛେଚି ସ୍ୱାମୀ ହତ୍ୟା କରିଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ରାଜେଶ କୁମାର ହେମ୍ବ୍ରମ (୪୦)। ଏ ନେଇ ତଳସରା ଥାନାରେ କେସ୍ ନମ୍ବର ୧୦୯/୨୬ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ପାରିବାରିକ କଳହକୁ କେନ୍ଦ୍ରକରି ସେହି ଗ୍ରାମର ରାଜେଶ ଓ ସ୍ତ୍ରୀ ଆରତି ହେମ୍ବ୍ରମ(୩୫)ଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ରାଜେଶ ପ୍ରଥମେ ଏକ ବାଡ଼ିରେ ସ୍ତ୍ରୀଙ୍କୁ ନିସ୍ତୁକ ବାଡ଼େଇବା ପରେ ଏକ ପଥରରେ ଛେଚି ହତ୍ୟା କରିଥିଲେ। ଶନିବାର ସକାଳେ ତାଙ୍କର ବଡ଼ପୁଅ ଏ ସମ୍ପର୍କରେ ତଳସରା ଥାନାରେ ରିପୋର୍ଟ କରିବା ପରେ ସଦର ଏସ୍‌ଡିପିଓ ନିର୍ମଳ ମହାପାତ୍ର ଓ ତଳସରା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ରାଜେଶଙ୍କୁ ଥାନାକୁ ଆଣି ପଚରାଉଚରା ପରେ ତାଙ୍କୁ ଅପରାହ୍ନରେ କୋର୍ଟ ଚାଲାଣ କରିଥିଲା।

# ଯୁବତୀଙ୍କ ବାପାଙ୍କୁ ଭୁଜାଲିରେ ଆକ୍ରମଣ

**ଏକତରଫା ପ୍ରେମରୁ ତୁମୁଳକାଣ୍ଡ**

ବାଲେଶ୍ୱର, ୧୮।୪(ବାଞ୍ଛାନିଧି ଦେ)

ଏକତରଫା ପ୍ରେମରେ ବିଫଳ ହୋଇ ଜଣେ ଯୁବକ ତୁମୁଳକାଣ୍ଡ ଭିଆଇଛନ୍ତି। ଯୁବତୀଙ୍କ ବାପାଙ୍କୁ ଭୁଜାଲିରେ ଆକ୍ରମଣ କରି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରୁ ଯୁବକ ଜଣକ ଚମ୍ପଟ ମାରିଥିବା ବେଳେ ଗୁରୁତର ଅବସ୍ଥାରେ ଯୁବତୀଙ୍କ ବାପାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏଭଳି ଘଟଣା ଘଟିଛି ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ପଞ୍ଚାୟତରେ।

ଏହି ପଞ୍ଚାୟତ ଅନ୍ତର୍ଗତ ବେଣାପୁରା ଗ୍ରାମର ଟିକୁ ମହାପାତ୍ର ଗୁଣ୍ଡୁରିପଦା ଅଞ୍ଚଳର ଜଣେ ଯୁବତୀଙ୍କୁ ଏକତରଫା ପ୍ରେମ କରି ଆସୁଥିଲେ। ତାଙ୍କୁ ବିବାହ କରିବା ପାଇଁ ଚାହୁଁଥିଲେ। ହେଲେ ଝିଅ ପରିବାର ଲୋକେ ଏଥିରେ ରାଜି ନ ଥିଲେ। ଯୁବତୀଙ୍କ ବାପା ଶନିବାର ସ୍ଥାନୀୟ ହଳଦୀପାଳ ହାଟରୁ ଫେରୁଥିବା ବେଳେ ପୂର୍ବ ଯୋଜନା ମୁତାବକ ଟିକୁ ତାଙ୍କ ସହଯୋଗୀଙ୍କ ସହ ସେଠାରେ ପହଞ୍ଚି ଭୁଜାଲିରେ ଆକ୍ରମଣ କରିଥିଲେ। ଏପରିକି ବନ୍ଧୁକରେ ଫାଙ୍କା ଗୁଳିଚାଳନା କରି ଭୟଭୀତ କରାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଯୁବତୀଙ୍କ ବାପାଙ୍କୁ ଉଦ୍ଧାର କରି ସ୍ଥାନୀୟ ଲୋକେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତାଙ୍କର ମୁଣ୍ଡ ଓ ଦେହରେ ଗଭୀର ଆଘାତ ଲାଗିଛି। ଏ ସମ୍ପର୍କରେ ବସ୍ତା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ ୨୨୮/୨୬) ରୁଜୁ କରିଛି। ବସ୍ତା ଥାନା ଏସ୍‌ଆଇ ସନ୍ଦୀପ କୁଜୁର ଓ ଏଏସ୍‌ଆଇ ଉତ୍ତମ ସିଂ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛନ୍ତି।


# Classified Everyday

0674-2580101, 9692975378




## BRIDE WANTED

ଚାକିରି କରି ଏକାକି ରହୁଥିବା 50 ବୟସ ଖଣ୍ଡାୟତ (Divorcee) ପୁଅ ପାଇଁ ଯେକୌଣସି ଜାତିର ଝିଅ ଆବଶ୍ୟକ। Candidate-9861141891. D-148

Karan Boy 1995, 5'7", B.Tech (IT) Serving Software Engineer MNC Netherland "SUNASANSAR". 9937512659. D-152

ଚାକିରି କରୁଥିବା ଉଚ୍ଚ ଶିକ୍ଷିତ ପୁଅ (31) ପାଇଁ ଉଚ୍ଚ ଶିକ୍ଷିତା ଝିଅ ଆବଶ୍ୟକ। ଜାତି: ବଣିଆ। ଯୋଗାଯୋଗ: 9238600228. D-105

## GROOM WANTED

A suitable match required for Karan girl, height 5'3", born 1995. MSC Microbiology working as a Microbiologist at WATCO (Contractual). Preferably State/Central Government employee. Karan or Khandayat Groom. Contact: 6371692768, 9437244075. D-104

Wanted Brahmin groom for Doctor Bride, studying DM in Mumbai. 9337627101. D-102

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



## REAL ESTATE SALE

Prime location 3BHK fully furnished premium flat 1550sqft. including garage, 3rd Floor in powerful address Bjb Nagar "Surya Apartment" for sell Dr. Sanjay-7077144498. D-250

DO U NEED TO INVEST on property/Immediately house purpose ??? At Brahmanjharilo, Phulanakhara, Cuttack in between middle of CUTTACK & BHUBANESWAR at a reduced price. 7809525452. D-252

2&3BHK Flats sale at Kalarahanga, Patia, Bhubaneswar. Close to school, college and hospital. Completed project. Near to possession. Contact- 7440045095, 7077771880. D-106

Ready to move Duplex at prime location near V2 Showroom, Patrapada, Bhubaneswar. Contact: 9861037729/ 9040337729. D-76961

Plot Sale Near Sundarpada OEC College with Boundary wall- 6372670155. D-30

Gharabari PLOT GATED SOCIETY MOUZA: Kurangasasan (phulnakhara ) ROAD 30ft Sqft: 1450/ 7978159677, 9937679910. D-146

Ready to move apartment Sale Near Hanspal, Rasulgarh, Bhubaneswar. 9777433701. D-29

3BHK Flat 1500sqft., 500 meter from Gate-1, Kalinga Stadium, 3years 6 months old, North facing, 2 Balcony with Pujaroom for sale. Price- 1.45 crores (Negotiable). 8984896487. Brokers not allowed. D-139




East facing Ground and First Floor commercial area measuring about 1900sqft. each with lift facility on right canalroad side, Bomikhala, Bhubaneswar for rent. Contact. 8058998588. D-147




All types of physiotherapy and massage. Contact: 9556924059 / 7656969134. D-109

All types hair cutting/ massage by smart female, one hour 700/-, - Room services available. Contact: 9937833100. D-76308

Newly opening full body massage. Best therapist, Good Looking: 7205888795. D-135

Newly open Jyoti spa positively health benefits (Expert therapist). 8458067955. D-76960

## AFFIDAVIT

I, AKSHAY KUMAR NAYAK, S/o.- Sadasib Nayak, resident of Qtr. No. LCR-501, Chhend, Rourkela, PIN- 769015, ODISHA declare by this affidavit No.A/50, Date 06.04.26 that now onwards I shall be known as AKSHAYA KUMAR NAYAK for all future purposes. D-145

By virtue of an affidavit sworn before the Executive Magistrate, Bhubaneswar on dated 13.04.2026, I, Moningi Chhabilata Paikaray, At- Majhisahi, Panabaraj, Khordha, Odisha- 752056, Aadhaar card No. xxxx xxxx 8387 declare that I have changed my name from Tarulata Paikaray to Chhabilata Paikaray. Henceforth, I shall be known as Chhabilata Paikaray.
CHHABILATA PAIKARAY D-144

By virtue of an affidavit sworn before the Notary Public, Titilagarh, dtd.- 18.04.2026, I, Pankaj Thapa, S/o- Puran Thapa, R/o. Village- Lamkani, P.O.- Kumbhari, P.S.- Saintala, Dist.- Balangir (Odisha), PIN- 767032 declare that now I have changed my daughter's name from Janmita Thapa to Bhismita Thapa. Henceforth, she shall be known as Bhismita Thapa for all purposes.
Pankaj Thapa D-143

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ଯୋଗେନ୍ଦ୍ର ସ୍ୱାଇଁ
ସାର୍ତ୍ତୋଳ, ନୂଆବଜାର, କଟକ-୭୫୩୦୦୪
ଆବିର୍ଭାବ: ୨୩.୧୧.୧୯୩୩
ତିରୋଧାନ: ୩୦.୦୪.୨୦୨୫
ତୁମ ସଚ୍ଚୋଟତା, ତୁମ କର୍ତ୍ତବ୍ୟନିଷ୍ଠା ପାଇଁ ତୁମେ ସର୍ବଦା ପୂଜିତ, ତୁମରି ସ୍ମୃତି ହିଁ ଆମ ଜୀବନର ପାଥେୟ।
ତୁମ ସ୍ମୃତିରେ
ଜିତେନ୍ଦ୍ର ସ୍ୱାଇଁ ଏବଂ ସମସ୍ତ ସ୍ୱାଇଁ ପରିବାର
ଧ-୧୪୦

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ବିଶ୍ୱଜିତ୍ ପାତ୍ରୀ
ଆବିର୍ଭାବ: ୦୭.୦୯.୧୯୭୫ ତିରୋଧାନ: ୧୯.୦୫.୨୦୦୨
(ତିଥି- ବୈଶାଖ ଶୁକ୍ଳ ଦ୍ୱିତୀୟା)
ତୁମେ ଯିବାର ଚାହୁଁ ଚାହୁଁ ୨୪ ବର୍ଷ ବିତିଗଲେ ମଧ୍ୟ ତମେ ଆମ ସମସ୍ତଙ୍କ ହୃଦୟରେ ଅଲିଭାସ୍ମୃତି ହୋଇ ହୋଇ ରହିଛ ଓ ଆଉ ରହିଥିବ ମଧ୍ୟ। ଆଜିର ଏହି ଶ୍ରାଦ୍ଧ ଦିବସରେ ତମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମେ ସମସ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ
ପତ୍ନୀ- ସୁନନ୍ଦା, ପୁତ୍ର- ରାଜନ୍, ରୋଷନ୍ ପୁତ୍ରବଧୂ- ଶେଫାଳି ଓ ପରିବାରବର୍ଗ।
ଧ-୧୧୧

# ବେଆଇନ ନିର୍ମାଣକୁ ବନ୍ଦ ହେଉ ବିଦ୍ୟୁତ୍, ପାଣି, ମୌଳିକ ସୁବିଧା

ପୁରୁଣା ଭୁବନେଶ୍ୱର, ୧୮।୪(ସୁବାସ ଚନ୍ଦ୍ର ପ୍ରଧାନ)

ରାଜଧାନୀ ଭୁବନେଶ୍ୱର ଏବଂ ଏହାର ଉପକଣ୍ଠ ଜଟଣୀ, ପିପିଲି ଓ ବାଲିଅନ୍ତା ଆଦି ତହସିଲ୍ ଅଞ୍ଚଳରେ ବିଲ୍ଡରଙ୍କ ଅବୈଧ ନିର୍ମାଣ ପାଇଁ ଶତାଧିକ ଚାଷ ଜମି ନିଶ୍ଚିହ୍ନ ହେବାକୁ ବସିଛି। ଓଡ଼ିଶା ରିୟଲ୍ ଇଷ୍ଟେଟ୍ ରେଗୁଲେଟୋରି ଅଥରିଟି(ଓରେରା) ଅଧିନିୟମ ଏବଂ ଆମ୍‌ସାର୍ ଆକ୍ଟକୁ ବେଖାତିର କରି ନିର୍ମାଣ କରାଯାଉଥିବାରୁ ଅନେକ ଐତିହ୍ୟ ସ୍ଥଳ ମଧ୍ୟ ଲୋକଲୋଚନରୁ ହଜିଯିବାକୁ ବସିଲାଣି। ଏଥିପାଇଁ ସୁପ୍ରିମକୋର୍ଟଙ୍କ କଟକଣା ଥିଲେ ମଧ୍ୟ ଶକ୍ତି ବିଭାଗ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ), ଗୃହ ଏବଂ ନଗର ଉନ୍ନୟନ ବିଭାଗର ଅଧିକାରୀଙ୍କ ନିଷ୍କ୍ରିୟତା ପାଇଁ ଏ ସମସ୍ୟା ଉପୁଜିଛି। ତୁରନ୍ତ ଏଭଳି ବେଆଇନ ନିର୍ମାଣକୁ ବିଦ୍ୟୁତ୍ ଜଳ ଏବଂ ମୌଳିକ ସୁବିଧା ବନ୍ଦ କରାଯିବା ଜରୁରୀ ଦର୍ଶାଇ ଗୃହ ଓ ନଗର ଉନ୍ନୟନ ବିଭାଗ, ଶକ୍ତି ବିଭାଗ ଏବଂ ଖୋର୍ଦ୍ଧା ଜିଲାପାଳଙ୍କୁ ଚିଠି ଲେଖି ନିବେଦନ କରାଯାଇଛି।

ପ୍ରକାଶ ଯେ, ୨୦୨୪ ଡିସେମ୍ବର ୧୭ରେ ଉତ୍ତରପ୍ରଦେଶର ଆୱାମ ବିକାଶ ପରିଷଦ ପକ୍ଷରୁ ସୁପ୍ରିମ କୋର୍ଟରେ ଏକ ମାମଲା ଦାଏର କରାଯାଇଥିଲା। ଏହାର ଶୁଣାଣି କରି ଅଦାଲତ ଅବୈଧ ନିର୍ମାଣ ଉପରେ ରୋକ୍ ଲଗାଇବାକୁ ଆଦେଶ ଜାରି କରି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ଏଥିରେ ଅବୈଧ ସ୍ଥାନରେ ନିର୍ମାଣ କରାଯାଉଥିବା ଘର ବା ବିଲ୍ଡିଂକୁ ବ୍ୟାଙ୍କ ଲୋନ୍, ଟ୍ରେଡ୍ ଲାଇସେନ୍ସ, ଜଳ ଏବଂ ବିଦ୍ୟୁତ୍ ଭଳି ମୌଳିକ ସୁବିଧା ଆଦି ଦିଆଯିବା ଉପରେ ରୋକ୍ ଲଗାଯାଇଥିଲା। ଏଥିସହିତ ଏଭଳି ଅବୈଧ ନିର୍ମାଣରେ ରୋକ୍ ଲଗାଇବାକୁ କୋର୍ଟ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଓଡ଼ିଶାରେ ଏପର୍ଯ୍ୟନ୍ତ ଏହି ବେଆଇନ ନିର୍ମାଣ ଉପରେ ଅଙ୍କୁଶ ଲାଗି ପାରି ନ ଥିବାରୁ ୨୦୨୫ ଅଗଷ୍ଟରେ ଏହି ଆଇନ ରାଜ୍ୟରେ କାର୍ଯ୍ୟକାରୀ କରାଯିବା ନେଇ ସୁପ୍ରିମ୍‌କୋର୍ଟରେ ଏକ ଆବେଦନ କରାଯାଇଥିଲା। ପରେ ୨୦୨୫ ସେପ୍ଟେମ୍ବର ୪ରେ ଗୃହ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗେଜେଟ ନୋଟିଫିକେଶନ ଜାରି କରାଯାଇ ସୁପ୍ରିମ କୋର୍ଟଙ୍କ ଆଦେଶ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ହୋଇଥିଲା। ସେହିଭଳି ୨୩।୯।୨୦୨୫ ରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ପକ୍ଷରୁ ଅନୁରୂପ ବିଜ୍ଞପ୍ତି ପ୍ରକାଶ କରାଯାଇ ବିଡିଏ ତା' କ୍ଷେତ୍ରରେ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶକୁ ଲାଗୁ କରିଥିବା କୁହାଯାଇଥିଲା। ହେଲେ ତୃଣମୂଳସ୍ତରରେ ଉକ୍ତ ନିର୍ଦ୍ଦେଶର ଖୋଲାଖୋଲି ଭାବେ ଉଲ୍ଲଂଘନ କରାଯାଉଥିବା ଆଇନଜୀବୀ ଅନିନ୍ଦିତା ପୁରୋହିତ ଅଭିଯୋଗ କରିଛନ୍ତି। ଏନେଇ ସେ ଲିଖିତଭାବେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଓ ଶକ୍ତି ବିଭାଗର ପ୍ରମୁଖ ସଚିବ, ବିଡିଏର ଉପାଧ୍ୟକ୍ଷ ଏବଂ ଖୋର୍ଦ୍ଧା ଜିଲାପାଳଙ୍କୁ ଗତ ୯ତାରିଖରେ ପତ୍ର ଲେଖି ଜଣାଇବା ସହ ବେଆଇନଭାବେ ଗଢ଼ି ଉଠିଥିବା ବିଲ୍ଡିଂକୁ ତୁରନ୍ତ ପାଣି ଓ ବିଦ୍ୟୁତ୍ ଭଳି ମୌଳିକ ସୁବିଧା ବନ୍ଦ ସହ ଏନେଇ ଏକ ସ୍ୱତନ୍ତ୍ର ରୋଡ୍ ମ୍ୟାପ ପ୍ରସ୍ତୁତ କରିବାକୁ ପୁରୋହିତ ନିବେଦନ କରିଛନ୍ତି। ଏନେଇ ବାଲିଅନ୍ତା ତହସିଲ୍‌ଦାର ଲିଲନ କୁମାର ସାହୁ କୁହନ୍ତି, ବିବିଏନ୍‌ଓସି ଦେଖି ଆମେ ଘରବାରି କରୁଛୁ। ପାଣି କିମ୍ବା ଲାଇନ ସଂଯୋଗ କଥା ବିଭାଗୀୟ ଅଧିକାରୀ କହିପାରିବେ।

## ସେମାନଙ୍କ ମତରେ...

"ବିଲ୍ଡରମାନଙ୍କ ଉପରେ ଅଙ୍କୁଶ ରହୁ ନ ଥିବାରୁ ସେମାନେ ଖୋଲାଖୋଲି ଭାବେ ଚାଷ ଜମି, ଚକ, ନାଳ, ନୟନଜୋରି ପୋତି ନିର୍ମାଣ କରୁଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ବେଖାତିର କରୁଛନ୍ତି। ଫଳରେ ଶହ ଶହ ଧାନ ଜମି ନିଶ୍ଚିହ୍ନ ହେଲାଣି। ପାଣି ଓ ବିଦ୍ୟୁତ୍ ବନ୍ଦ କରାଗଲେ ବିଲ୍ଡର ରେରା ଆଇନ ମାନିବାକୁ ବାଧ୍ୟ ହେବେ।

**– ସୁଧୀର କୁମାର ଦାସ, ବୁଦ୍ଧିଜୀବୀ, ଜଟଣୀ**

"ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକୁ ଅଣଦେଖା କରୁଥିବା ବିଲ୍ଡରଙ୍କୁ ଗିରଫ କରାଯିବା ଆବଶ୍ୟକ। ବେଆଇନି ନିର୍ମାଣ ସ୍ଥାନକୁ ବିଦ୍ୟୁତ୍ ଏବଂ ପାଣି ସରକାର ବନ୍ଦ କରିବା ଦିଗରେ ଦୃଢ଼ ପଦକ୍ଷେପ ଗ୍ରହଣ କରନ୍ତୁ।

**– ରାଜକିଶୋର ଦାଶ, ବଳଙ୍ଗା, ନିମାପଡ଼ା**

"ରାଜଧାନୀ ଉପକଣ୍ଠ ଅଞ୍ଚଳରେ ଆଉ ଚାଷ ଜମି ନାହିଁ କହିଲେ ଚଳେ। ବେଆଇନଭାବେ ନିର୍ମାଣ ହୋଇଥିବା ବିଲ୍ଡିଂକୁ ପାଣି ଓ ବିଦ୍ୟୁତ୍ ସଂଯୋଗ ନେବାକୁ ବିଲ୍ଡରମାନେ ବିଭାଗୀୟ ଅଧିକାରୀଙ୍କୁ ମୋଟା ଅଙ୍କର ଅର୍ଥ ଦେଉଥିବାରୁ ସେମାନେ ଓରେରା ଆଇନ୍‌କୁ ଫୁ' କରି ଚାଷ ଜମି ହଡପ କରୁଛନ୍ତି।

**– ଦୀନବନ୍ଧୁ ବେଉରା, ବୁଦ୍ଧିଜୀବୀ**

"ବେଆଇନ ଭାବେ ପ୍ଲଟିଂ କାରଣରୁ ବାଲିଅନ୍ତା ତହସିଲ୍ ଅନ୍ତର୍ଗତ ଅଧିକାଂଶ ଚକନାଳରେ ଏବେ ବିଲ୍ଡର ଓ ପ୍ରଭାବଶାଳୀ ବ୍ୟକ୍ତି ରାସ୍ତା ନିର୍ମାଣ କରିସାରିଲେଣି। ଏହାଦ୍ୱାରା ଚାଷୀମାନେ ବିଶେଷଭାବେ କ୍ଷତିଗ୍ରସ୍ତ ହେଉଛନ୍ତି। ତହସିଲଦାର ଗ୍ରୀନ ଜୋନରେ ଘରବାଡ଼ି କିସମ ପରିବର୍ତ୍ତନ କରିବା ଓ ଓରେରା ଆଇନ ଉଲ୍ଲଂଘନ କରି ଶାରଦ କିସମ ଚାଷ ଜମି ପ୍ଲଟିଂ ବିକ୍ରି ଅନୁମତି ଦେବା ଏହାର ମୁଖ୍ୟ କାରଣ।

**– ଦୁର୍ଗାଚରଣ ସ୍ୱାଇଁ, ଚାଷୀ**

"ପ୍ରତିବର୍ଷ ପାଣି ପଞ୍ଚାୟତ ଆଳରେ କୋଟି କୋଟି ଟଙ୍କା ବରାଦ ହେଉଛି। ତଥାପି ଖୋଦ୍ ରାଜଧାନୀରେ କିଭଳି ଚକନାଳ, ପାଣିନାଳ ପୋତି ପ୍ଲଟିଂ ଅନୁମତି ମିଳୁଛି ଏବଂ ଅବୈଧ ଭାବେ କିସମ ପରିବର୍ତ୍ତନ ହୋଇଛି। ତେଣୁ ଏଥିପାଇଁ ରାଜସ୍ୱ ଅଧିକାରୀ, ତହସିଲ କର୍ମଚାରୀ ଏବଂ ସବ୍ ରେଜିଷ୍ଟ୍ରାର ଦାୟୀ।

**–ବୀର କିଶୋର ଦାସ, ଚାଷୀ, ବସନ୍ତପୁର**

# କବିତା ସଙ୍କଳନ 'ଭଲ ଲାଗୁଥିବା ଝିଅ' ଲୋକାର୍ପିତ



ଭୁବନେଶ୍ୱର,୧୮।୪(ସୌମ୍ୟରଞ୍ଜନ ରାଉତ)

କବିବିଜୟଲକ୍ଷ୍ମୀ ନାୟକଙ୍କ କବିତା ସଙ୍କଳନ 'ଭଲ ଲାଗୁଥିବା ଝିଅ' ବୁଦ୍ଧମନ୍ଦିରଠାରେ ଲୋକାର୍ପିତ ହୋଇଯାଇଛି। ଟାଇମ୍‌ପାସ୍ ପ୍ରକାଶନ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ବଂଶୀଧର ଷଡ଼ଙ୍ଗୀ ଏବଂ ଟାଇମପାସ୍‌ର ନିର୍ଦ୍ଦେଶକ ସରୋଜ ବଳ ଯୋଗଦେଇଥିଲେ। ବିଜୟଲକ୍ଷ୍ମୀଙ୍କ ଏହି ପୁସ୍ତକ ପାଠକୀୟ ଆଦୃତି ଲାଭ କରିବ ବୋଲି ଅତିଥି ଦ୍ୱୟ ଆଶା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅନେକ ସାହିତ୍ୟିକ ଉପସ୍ଥିତ ଥିଲେ। ଶେଷରେ ବିଜୟଲକ୍ଷ୍ମୀ ଧନ୍ୟବାଦ ଦେଇଥିଲେ।

**ଆଜି ବିଶ୍ୱ ଯକୃତ ଦିବସ**

# ଦୃଢ଼ ଅଭ୍ୟାସ, ସବଳ ଯକୃତ

ଆମ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ ହେଉଛି ଯକୃତ ବା ଲିଭର। ଏହା ଉପରେ ଆମ ଶରୀର ସୁସ୍ଥ ରହିବା ଅନେକାଂଶରେ ନିର୍ଭର କରିଥାଏ। ତେଣୁ ଏହାକୁ କିପରି ସୁସ୍ଥ ରଖିବା ସେ ନେଇ ସଚେତନ ହେବା ନିହାତି ଦରକାର। ଏ ବିଷୟରେ ଅଧିକ ଜନସଚେତନତା ଲାଗି ପ୍ରତିବର୍ଷ ଏପ୍ରିଲ ୧୯କୁ 'ବିଶ୍ୱ ଯକୃତ ଦିବସ' (ୱାର୍ଲ୍ଡ ଲିଭର ଡେ) ଭାବେ ପାଳନ କରାଯାଇ ଆସୁଅଛି। ଚଳିତବର୍ଷ ଏହି ଦିବସର ଥିମ୍ ରହିଛି– 'ଦୃଢ଼ ଅଭ୍ୟାସ, ସବଳ ଯକୃତ'। ଏ ବିଷୟରେ ଡା. ରାମଚନ୍ଦ୍ର ରାଉତ କହନ୍ତି, "ଲିଭରର ଅବସ୍ଥା ଆମେ ଖାଉଥିବା ଖାଦ୍ୟ ଉପରେ ମୁଖ୍ୟତଃ ନିର୍ଭର କରିଥାଏ। ଏପରି କୌଣସି ଖାଦ୍ୟ ପଦାର୍ଥ ନାହିଁ, ଯାହାର ପ୍ରଭାବ ଲିଭର ଉପରେ ପଡ଼ି ନ ଥାଏ। ବିଶେଷଭାବରେ ମଦ, କେତେକ ଔଷଧ ଏବଂ ବିଷାକ୍ତ ପଦାର୍ଥର ପ୍ରଭାବ ଲିଭର ଉପରେ ପଡ଼ିଥାଏ।

# ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ବାରଙ୍ଗ,୧୮।୪(ଲିଙ୍ଗରାଜ ରାଉତ)

ବାରଙ୍ଗ ତଥା ପଟିଆ ଅଞ୍ଚଳର ସୁପ୍ରସିଦ୍ଧ ଶୈବପୀଠ ତଥା ରାଜଧାନୀ ଉପକଣ୍ଠ ଢାଉଆ ଗ୍ରାମରେ ଥିବା ସୋମନାଥଙ୍କ ପୀଠରେ ଚାଲିଥିବା ୬୪ତମ ବିଶ୍ୱଶାନ୍ତି ମହାଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମହାଯଜ୍ଞ କମିଟି ପକ୍ଷରୁ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞ ପଣା ସଂକ୍ରାନ୍ତିଠାରୁ ଆରମ୍ଭ ହୋଇ ୫ ଦିନ ଧରି ଚାଲିଥିଲା। ପ୍ରତ୍ୟହ ରାତିରେ ହରିହାଟ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୂର୍ଣ୍ଣାହୁତିରେ ଶହଶହ ସୋମନାଥପ୍ରେମୀ ଭକ୍ତମାନେ ଯୋଗଦେଇ ପ୍ରଭୁଙ୍କ ଆଶୀର୍ବାଦ କୃପା ପ୍ରାପ୍ତ କରିଥିଲେ। ଏଥିରେ ବହୁ ରାଜନେତା ଯୋଗଦେଇଥିଲେ। ଶେଷରେ ଭକ୍ତମାନଙ୍କ ପାଇଁ ହରିହାଟର ବ୍ୟବସ୍ଥା କରାଯାଇଥିଲା ଓ ଆୟୋଜିତ ଭଜନ ସମାରୋହରେ ନାମୀଦାମୀ କଳାକାରମାନଙ୍କ ଭଜନ ପରିବେଷଣ ବେଶ୍ ଆକର୍ଷଣୀୟ ହୋଇଥିଲା। ମାଗୁଣି ଷଡ଼ଙ୍ଗୀ, ବିଜୟ କୁମାର ଆଚାର୍ଯ୍ୟ, ନୀଳକଣ୍ଠ ମିଶ୍ର, ବିରଞ୍ଚି ନାରାୟଣ ତ୍ରିପାଠୀ ପ୍ରମୁଖ ପଣ୍ଡିତ ମହାଯଜ୍ଞ ପରିଚାଳନା କରିଥିଲେ।



ବିଶ୍ୱ ଐତିହ୍ୟ ଦିବସ ପାଳନ ଅବସରରେ ଶନିବାର ଐତିହ୍ୟ ଭୁବନେଶ୍ୱର ପକ୍ଷରୁ ପୁରୁଣା ଭୁବନେଶ୍ୱରସ୍ଥିତ ବିନ୍ଦୁ ସାଗର କୂଳରୁ ବାହାରିଥିବା ଐତିହ୍ୟ ପଦଯାତ୍ରା। (ଫଟୋ– ବିକାଶ ନାୟକ)

# ତହସିଲ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ

**ଖୁବ୍‌ଶୀଘ୍ର ଅଠାନ୍ତର ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ହେବ**

ବାଲିପାଟଣା,୧୮।୪(ଅଭିମନ୍ୟୁ ନାୟକ)

ଅଠାନ୍ତର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ପାଇଁ ୪୦ଲକ୍ଷ ଅର୍ଥ ମଞ୍ଜୁର ହୋଇଥିବା ବେଳେ ସ୍ଥାନ ନିରୂପଣ ନେଇ ବିବାଦ ଲାଗି ରହିଥିଲା। ସରପଞ୍ଚ ଅଜିତ୍ କୁମାର ମହାନ୍ତି ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ପାଇଁ ଏକ ଜାଗା ଦେବାକୁ ବାଲିପାଟଣା ତହସିଲର ଦ୍ୱାରସ୍ଥ ହୋଇଥିଲେ। ପରବର୍ତ୍ତୀ ସମୟରେ ତହସିଲ ପକ୍ଷରୁ ଅଠାନ୍ତର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଏକ ସ୍ଥାନ ଚିହ୍ନଟ କରାଯାଇ ଜବରଦଖଲକାରୀଙ୍କୁ ସେଠାରୁ ହଟିଯିବାକୁ ନୋଟିସ ଜାରି ହୋଇଥିଲା। ଏହି ପରିପ୍ରେକ୍ଷୀରେ ଶନିବାର ଜବରଦଖଲ ଉଚ୍ଛେଦ କରାଯାଇଥିଲା। ତହସିଲଦାର କଳ୍ପନା ଦାସ, ରାଜସ୍ୱ ଅଧିକାରୀ ସ୍ମିତାଞ୍ଜଳୀ ମହାନ୍ତି, ସୁପରଭାଇଜର ଜଗନ୍ନାଥ ଓଝା, ସରପଞ୍ଚ, ପୋଲିସ ଓ ପଞ୍ଚାୟତ କର୍ମଚାରୀ ଉପସ୍ଥିତ ଥିଲେ। ଖୁବ୍‌ଶୀଘ୍ର ପାଚେରି ନିର୍ମାଣ କରାଯାଇ କରାଯାଇ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଅଠାନ୍ତର ସରପଞ୍ଚ ମହାନ୍ତି କହିଛନ୍ତି।

# ଫଳ ବୋଝେଇ ଟ୍ରକ୍‌ରେ ଗଞ୍ଜେଇ ଚାଲାଣ

**୨୨୭ କେଜି ଗଞ୍ଜେଇ ଜବତ, ଡ୍ରାଇଭର ଗିରଫ**

ଭୁବନେଶ୍ୱର,୧୮।୪(ତ୍ରିନାଥ ମହାନ୍ତି)

ଫଳ ବୋଝେଇ ଟ୍ରକ୍‌ରେ ଗଞ୍ଜେଇ ଚାଲାଣ ବେଳେ ଏକ ଟ୍ରକ୍‌କୁ ଗଙ୍ଗପଡ଼ା ଛକରେ ଧରିଛି କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ। ଗାଡ଼ିରୁ ୨୨୭ କେଜି ଗଞ୍ଜେଇ ଜବତ କରାଯିବା ସହ ଡ୍ରାଇଭରଙ୍କୁ ଗିରଫ କରାଯାଇଛି। ଗିରଫ ଡ୍ରାଇଭର ହେଲେ ରାଜସ୍ଥାନର ପରେଶ ନାଥ। ଏହି ରାକେଟ୍ ପଛରେ କେଉଁମାନେ ଅଛନ୍ତି ସେନେଇ ଏସ୍‌ଟିଏଫ ଛାନ୍‌ଭିନ କରୁଛି। ଆବଶ୍ୟକ ହେଲେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯିବ ବୋଲି ଏସ୍‌ପି ରବୀନ୍ଦ୍ରନାଥ ଶତପଥୀ କହିଛନ୍ତି।

# ଶ୍ୟାମପୁରରୁ ୬୧.୪ ଏକର ଜମି ଦଖଲମୁକ୍ତ

ଭୁବନେଶ୍ୱର, ୧୮।୪ (ବନ୍ଦନା ସେଠୀ)

**ଷ୍ଟେ ଅର୍ଡର ପାଇଁ ବର୍ତ୍ତିଗଲା ୭ ଏକର ଜମି**

ବିଡିଏ ପକ୍ଷରୁ ଶ୍ୟାମପୁର ମୌଜାରେ ଦୁଇଦିନ ଧରି ଚାଲିଥିବା ଉଚ୍ଛେଦ ଅଭିଯାନରେ ପ୍ରାୟ ୬୧.୪ ଏକର ସରକାରୀ ଜମି ଦଖଲମୁକ୍ତ କରାଯାଇଛି। ଶନିବାର ଦ୍ୱିତୀୟ ଦିନରେ ଉଚ୍ଛେଦ ପ୍ରକ୍ରିୟାକୁ ଜୋରଦାର କରାଯାଇଥିଲା। ଦୁଇ ଦିନରେ ମୋଟ ୯୨୬ଟି ଘର ଭଙ୍ଗା ଯାଇଥିବାବେଳେ ପ୍ରାୟ ୩୦୦ଟି ନିର୍ମାଣାଧୀନ ଘର ମଧ୍ୟ ଉଚ୍ଛେଦ କରାଯାଇଛି। ମୋଟ ୬୮ଏକର ଜମିରୁ ୭ ଏକର ଜମି ଆଇନଗତ କାର୍ଯ୍ୟାନୁଷ୍ଠାନ ହେତୁ ଦଖଲମୁକ୍ତ କରାଯାଇପାରିନାହିଁ। ଏହି ଉଚ୍ଛେଦ ଅବୈଧ ଭାବେ ଜମି ଦଖଲ କରୁଥିବା ଲୋକଙ୍କ ବିରୋଧରେ ଏକ ବଡ଼ ପଦକ୍ଷେପ। ଉଚ୍ଛେଦ ପରେ ସମ୍ପୃକ୍ତ ଜମିକୁ ଭୁବନେଶ୍ୱରର ମାଷ୍ଟର ପ୍ଲାନ ଅନୁଯାୟୀ ଭବିଷ୍ୟତରେ ରାସ୍ତା, ଉନ୍ନୟନ କାର୍ଯ୍ୟ ପାଇଁ ବ୍ୟବହାର କରାଯିବ ବୋଲି ବିଡିଏ ଅଧିକାରୀ ସୂଚନା ଦେଇଛନ୍ତି। ଉଚ୍ଛେଦ ସମୟରେ ଅତିରିକ୍ତ କମିଶନର ମନୋଜ କୁମାର ସ୍ୱାଇଁ, ବିଡିଏ ଜଏଣ୍ଟ କମିଶନର ରଞ୍ଜନ କୁମାର ଜେନା, ବିଡିଏ ଏନଫୋର୍ସମେଣ୍ଟ ଅଧିକାରୀ ଶ୍ରୀନିବାସ ବେହେରା, ଲ୍ୟାଣ୍ଡ ଅଫିସର ବିଡିଏ ସୁଧୀର ନାୟକ, ବିଡିଏ ଆଲର୍ଟମେଣ୍ଟ ଅଫିସର ବିଶ୍ୱଜିତ ଦଳେଇ, ଡିସିପି (ଆଇନ ଶୃଙ୍ଖଳା) ଅମିୟ ଦାସ, ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର

# ଉତ୍କଳ ସମ୍ମିଳନୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଉତ୍ସବ



ଭୁବନେଶ୍ୱର,୧୮।୪(ସୌମ୍ୟରଞ୍ଜନ ରାଉତ)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଏବଂ ଗଣକବି ବୈଷ୍ଣବ ପାଣିଙ୍କ ଶ୍ରାଦ୍ଧ ଦିବସ ଅବସରରେ ଶୁକ୍ରବାର ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। କାର୍ଯ୍ୟକ୍ରମରେ ସମ୍ମିଳନୀର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା, ରାଜ୍ୟ ଉପସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ର ଯୋଗଦେଇ ବିଜୁ ବାବୁଙ୍କ ସାହସ ଏବଂ ଗଣକବିଙ୍କ ସମାଜ ସଂସ୍କାର ସମ୍ପର୍କରେ ଆଲୋକପାତ କରିଥିଲେ। ସଭାରେ ସଙ୍ଗୀତ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଚନ୍ଦନ କୁମାର ଜେନା, ନିମାକାନ୍ତ ରାଉତଙ୍କ ସହିତ ସମ୍ମିଳନୀର ଶାଖା ଉପଦେଷ୍ଟା ନିମାଇଁ ଚରଣ ଦାସ, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ବାସନ୍ତୀ ତ୍ରିପାଠୀ, ରାମଚନ୍ଦ୍ର ସାମଲ, ଅନୁପମା ବେହେରା ଓ ଶିବାନୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ ଦାବି

ବାଲିଅନ୍ତା,୧୮।୪(ନୀଳମାଧବ ସାହୁ)

**ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା**

ବାଲିଅନ୍ତା ବ୍ଲକର ଦଣ୍ଡିଲୋ ମୌଜାର ସମସ୍ତ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ ଦାବି ହୋଇଛି। ଏନେଇ ଦଣ୍ଡିଲୋ ଗ୍ରାମବାସୀ ଶୁକ୍ରବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବାଲିଅନ୍ତା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମର ବହୁ ଲୋକେ ଧାରଣା ଦେଇଛନ୍ତି। ଦୀର୍ଘ ୫ ଘଣ୍ଟା ଧରି ଲୋକେ ଧାରଣାରେ ବସି ରହିଥିଲେ। ତହସିଲଦାରଙ୍କ ପ୍ରତିଶ୍ରୁତି ମିଳିବା ପରେ ଗ୍ରାମବାସୀ ଧାରଣାରୁ ଉଠିଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମର ସରକାରୀ ଜାଗାକୁ ପାଖ ପଡ଼ୋଶୀ ଗ୍ରାମ ଜବରଦଖଲ କରିରଖିଛନ୍ତି। ଏଥିସହ ପଡ଼ୋଶୀ ଗ୍ରାମ ଏକ ଏଲ୍‌ଇଡି ଲାଇଟ ବୋର୍ଡ ସେଠାରେ ଲଗାଇଛନ୍ତି। ୱାର୍ଡମେମ୍ବରସ୍ତରୀୟ ଆଲୋଚନା କରି ପଡ଼ୋଶୀ ଗ୍ରାମକୁ ବୋର୍ଡ ହଟାଇବାକୁ କୁହାଯାଇଥିଲା। ସେମାନେ ନ ଉଠାଇବାରୁ ଗ୍ରାମବାସୀଙ୍କ ତରଫରୁ ସମସ୍ତ ପ୍ରଶାସନିକ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରାଯାଇଥିବା ସତ୍ତ୍ୱେ ସେଠାରୁ ବୋର୍ଡ ଉଠାଇ ନ ଥିଲେ। ଫଳରେ ପୁନର୍ବାର ଗ୍ରାମବାସୀଙ୍କ ପକ୍ଷରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଗ୍ରାମ ମୌଜାର ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ ଗ୍ରାମବାସୀଙ୍କ ମୁଖ୍ୟ ଦାବି ରହିଛି। ଗ୍ରାମ ଛକ ଦୋକାନ ବଜାର ଯୋଗୁ ରାସ୍ତା ଜାମ ହେଉଛି। ଛାତ୍ରୀଛାତ୍ରମାନେ ଯାତାୟାତରେ ଅସୁବିଧା ସମ୍ମୁଖୀନ ହେଉଥିବା ଗ୍ରାମର ଲୋକେ ଅଭିଯୋଗ କରିଛନ୍ତି। ଏହି ବିବାଦର ଆପୋସ ସମାଧାନ ପାଇଁ ତହସିଲଦାର ଲିଲନ ସାହୁ ୨ଟି ବିଭାଗର ଅଧିକାରୀ ଓ ଉଭୟ ଗ୍ରାମର କିଛି ଲୋକଙ୍କୁ ନେଇ ତହସିଲ ସମ୍ମିଳନୀ କକ୍ଷରେ ଏକ ବୈଠକ ଡାକିଥିଲେ। ମାତ୍ର କୌଣସି ସମାଧାନ ବାହାରି ନ ଥିଲା। ଏ ସମ୍ପର୍କରେ ବାଲିଅନ୍ତା ତହସିଲଦାର ଲିଲନ ସାହୁ କୁହନ୍ତି ଦଣ୍ଡିଲୋ ମୌଜାର ଅଞ୍ଚଳ ଭିତରେ ପଡ଼ୋଶୀ ଗ୍ରାମର ଏକ ବୋର୍ଡ ଲଗାଯାଇଛି। ଆମେ ଆଗରୁ ବି ଚେଷ୍ଟା କରିଥିଲୁ ସେହି ପଡୋଶୀ ଗ୍ରାମର ଲୋକଙ୍କୁ ବୁଝାଶୁଝା କରି ସେଠାରୁ ବୋର୍ଡଟିକୁ ହଟାଇବା ପାଇଁ। ପୂର୍ବ ଯୋଜନା ଅନୁଯାୟୀ ଉଭୟ ପକ୍ଷଙ୍କୁ ଡାକି ଏକାଠି ବସାଇ ଘଟଣାର ଆପୋସ ସମାଧାନ କରି ନିଜେ ବୋର୍ଡଟିକୁ ଉଠାଇ ଦେବାପାଇଁ। କିନ୍ତୁ ଏଥିରୁ କୋଣସି ସୁଫଳ ମିଳି ନ ଥିଲା ଦଣ୍ଡିଲୋ ଗ୍ରାମବାସୀ ଆମକୁ ସମୟ ଦେଇଛନ୍ତି ଶୀଘ୍ର ଉଠାଇ ଦେବାପାଇଁ। ନିୟମ ଅନୁଯାୟୀ, ଏହାକୁ ଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି ସେ କହିଛନ୍ତି।

# ଦାନବାକ୍ସ ଭାଙ୍ଗି ଚୋରି

ବାରଙ୍ଗ,୧୮।୪(ଲିଙ୍ଗରାଜ ରାଉତ)

ଗୋଡ଼ିସାହି ଫାଣ୍ଡି ଅନ୍ତର୍ଗତ ନରାଜସ୍ଥିତ ମା' ଗଙ୍ଗାଧରଣୀ ମନ୍ଦିର ଦାନବାକ୍ସ ଭାଙ୍ଗି ଚୋରି ହୋଇଥିବା ଫାଣ୍ଡିରେ ଶନିବାର ଅଭିଯୋଗ ହୋଇଛି। ଏନେଇ ମନ୍ଦିର ପୂଜାରୀ ଗୋଡ଼ିସାହି ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ନରାଜ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଗଙ୍ଗା ମନ୍ଦିରରୁ ଶୁକ୍ରବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ମା'ଙ୍କର ବ୍ୟବହୃତ କିଛି ଆସବାବପତ୍ର, ଦାନବାକ୍ସରୁ ଟଙ୍କା ଚୋରି କରି ନେଇ ଯାଇଛନ୍ତି। ଶନିବାର ସକାଳୁ ମନ୍ଦିର ତାଲା ଭାଙ୍ଗାଯାଇଥିବା ପୂଜାରୀ ଦେଖିବାକୁ ପାଇଥିଲେ ବୋଲି ଫାଣ୍ଡିରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି।





ଭୁବନେଶ୍ୱର ଭିଏସ୍‌ଏସ୍ ନଗରସ୍ଥିତ ଦ୍ୱିତୀୟ ପୋଷ୍ଟାଲ କଲୋନି ନିକଟ ମା' ତାରିଣୀ ମନ୍ଦିର ପରିସରରେ ଅନୁଷ୍ଠିତ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ।

# ତାଳପତ୍ର ପୋଥି, ପାଣ୍ଡୁଲିପିର ପଞ୍ଜୀକରଣକୁ ଗୁରୁତ୍ୱ

**'ଜ୍ଞାନ ଭାରତମ୍ ମିଶନ' ଜାତୀୟ ଅଭିଯାନର ସମୀକ୍ଷା ବୈଠକ**

ଭୁବନେଶ୍ୱର,୧୮।୪ (ସୌମ୍ୟରଞ୍ଜନ ରାଉତ)

ରାଜ୍ୟ ତଥା ଦେଶର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ବହନ କରୁଥିବା ପ୍ରାଚୀନ ତାଳପତ୍ର ପୋଥି ଏବଂ ପାଣ୍ଡୁଲିପିଗୁଡ଼ିକର ସର୍ବେକ୍ଷଣ, ସଂରକ୍ଷଣ ଓ ଡିଜିଟାଇଜେଶନ ସମ୍ପର୍କିତ ଏକ ବୈଠକ ଶନିବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ତାଳପତ୍ର ପୋଥି ଏବଂ ପାଣ୍ଡୁଲିପିଗୁଡ଼ିକ ଭଳି ମୂଲ୍ୟବାନ୍ ପ୍ରାଚୀନ ସମ୍ପଦର ସଂରକ୍ଷଣ ଓ ସୁରକ୍ଷା ପାଇଁ ସହଯୋଗ କରିବାକୁ ମୁଖ୍ୟ ଶାସନ ସଚିବ ଜନସାଧାରଣଙ୍କୁ ଅନୁରୋଧ କରିବା ସହ ଏସବୁ ନିଜ ପାଖରେ ଥିଲେ ତାହାର ପଞ୍ଜୀକରଣ କରିବାକୁ ମୁଖ୍ୟ ଶାସନ ସଚିବ ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।



ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସହ ଅନ୍ୟ ଅଧିକାରୀମାନେ।

ଭାରତ ସରକାରଙ୍କ 'ଜ୍ଞାନ ଭାରତମ ମିଶନ' ଅଧୀନରେ ଆରମ୍ଭ ହୋଇଥିବା ଏହି ଜାତୀୟ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦେଶର ବିଭିନ୍ନ ପ୍ରାନ୍ତରେ ବିକ୍ଷିପ୍ତ ହୋଇ ରହିଥିବା ପାଣ୍ଡୁଲିପିଗୁଡ଼ିକର ସର୍ବେକ୍ଷଣ, ସଂଗ୍ରହ, ସଂରକ୍ଷଣ ଏବଂ ଡିଜିଟାଇଜେଶନ କରି ଏକ କେନ୍ଦ୍ରୀୟ 'ନ୍ୟାଶନାଲ ଡିଜିଟାଲ ରେପୋଜିଟୋରୀ' (ଏନ୍‌ଡିଆର) ପ୍ରସ୍ତୁତ କରିବା। ଓଡ଼ିଶାର ସମୃଦ୍ଧ ପରମ୍ପରା ତାଳପତ୍ର ପୋଥି ଓ ପାଣ୍ଡୁଲିପି ଆଦିରେ ଲିପିବଦ୍ଧ ରହିଛି। ସେସବୁ ମଧ୍ୟ ସଂସ୍କୃତ, ପାଲି, ଓଡ଼ିଆ ଏବଂ ଆଂଚଳିକ ଭାଷାରେ ରହିଛି। ଏହା ରାଜ୍ୟ ତଥା ଦେଶର ସାଂସ୍କୃତିକ ଐତିହ୍ୟ, ଗବେଷଣା, ସଂରକ୍ଷିତ ତଥ୍ୟର ଡିଜିଟାଲ ଉପଲବ୍ଧତା, ଭବିଷ୍ୟତରେ କାଟାଲଗିଂ କରି ସଂରକ୍ଷଣ ଓ ଗବେଷଣା କରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଉପଯୋଗୀ ହେବ। ଓଡ଼ିଶାରେ ଏପର୍ଯ୍ୟନ୍ତ ପ୍ରାୟ ୫୩,୯୫୦ଟି ପାଣ୍ଡୁଲିପି ପଞ୍ଜୀକରଣ ହୋଇଛି। ସେଗୁଡ଼ିକ ସମ୍ପର୍କରେ ସବିଶେଷ ଅନୁଧ୍ୟାନ ପାଇଁ ସଂସ୍କୃତି ବିଭାଗ ପକ୍ଷରୁ ସର୍ବେକ୍ଷଣ ଓ ଡିଜିଟାଇଜେଶନ କରାଯାଉଛି ବୋଲି ସୂଚନା ଦିଆଯାଇଛି। ଏହି ଅଭିଯାନକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ମଠ, ମନ୍ଦିର, ଲାଇବ୍ରେରୀ ଏବଂ ବ୍ୟକ୍ତିଗତ ସଂଗ୍ରହରେ ଥିବା ସମସ୍ତ ପୋଥିଗୁଡ଼ିକୁ 'ଜ୍ଞାନ ଭାରତମ' ମୋବାଇଲ ଆପ୍ ମାଧ୍ୟମରେ ପଞ୍ଜୀକୃତ କରାଯିବାକୁ ସଂସ୍କୃତି ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ସେହିପରି ଏହି ତାଳପତ୍ର ପୋଥି ଓ ପାଣ୍ଡୁଲିପି ଆଦି ସଂଗ୍ରହ କାର୍ଯ୍ୟରେ ସହଯୋଗ ଲାଗି ଜିଲାପାଳମାନଙ୍କୁ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ଏ ସମ୍ପର୍କରେ ଜିଲାସ୍ତରୀୟ କମିଟି ଗଠନ କରାଯିବା, ଜିଲା ସଂସ୍କୃତି ଅଧିକାରୀଙ୍କୁ ସର୍ବେକ୍ଷଣ କାର୍ଯ୍ୟ ପାଇଁ ସମନ୍ୱୟ ଦାୟିତ୍ୱ ଦିଆଯିବା ଏବଂ ସର୍ଭେ କାର୍ଯ୍ୟର ନିୟମିତ ତଦାରଖ ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି। ସଂସ୍କୃତି ବିଭାଗର ଶାସନ ସଚିବ ରଶ୍ମିତା ପଣ୍ଡା, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶଙ୍କ ସମେତ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

**ଅଷ୍ଟପ୍ରହରୀ ମଣ୍ଡପ ଉଦ୍‌ଘାଟିତ**

ସାଲେପୁର,(ଅରବିନ୍ଦ ଭୂୟାଁ): ସାଲେପୁର ବ୍ଲକ ଅନ୍ତର୍ଗତ ନାଦୋଳ ପଞ୍ଚାୟତର ଭାତପଡ଼ା ଗ୍ରାମରେ ଅଷ୍ଟପ୍ରହରୀ ମଣ୍ଡପ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସାଲେପୁର-ଟାଙ୍ଗୀ ଭାଜପା ନେତା ଅରବିନ୍ଦ ରାୟ ମଣ୍ଡପକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ବରିଷ୍ଠ ନେତା କୁଞ୍ଜମୋହନ ସେଠୀ, ନାଦୋଳ ସମିତିସଭ୍ୟା ବନ୍ଦନା ରାଉତ, ହରେକୃଷ୍ଣ ରାଉତ, ଯଶୋବନ୍ତ ରାଉତ, ରମେଶ ଚନ୍ଦ୍ର ନାୟକ, ଚଇନି ଭୋଇ ଆନନ୍ଦ ଭୋଇଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଶିଶୁଭବନ: ସମସ୍ତ ସୁବିଧା ପାଇବେ ରୋଗୀ, ସମ୍ପର୍କୀୟ

**ନିର୍ମାଣ ହେବ ୫ ମହଲାବିଶିଷ୍ଟ ଅଟ୍ଟାଳିକା, ଭୂତଳ ପାର୍କିଂ ପାଇଁ ଯୋଜନା**

କଟକ,୧୮।୪(ଶିଳ୍ପା ପ୍ରିୟଦର୍ଶିନୀ)

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସ୍ନାତକୋତ୍ତର ଶିଶୁରୋଗ ପ୍ରତିଷ୍ଠାନ (ଶିଶୁଭବନ)ରେ ନିର୍ମାଣ ହେବ ଆଉ ଏକ ଅଟ୍ଟାଳିକା। ଏଠାରେ ଜି-ପ୍ଲସ୍ ୪ ତଥା ପାଞ୍ଚ ମହଲାବିଶିଷ୍ଟ କୋଠା ନିର୍ମାଣ ହେବାକୁ ଥିବାବେଳେ ଏଥିରେ ମୁଖ୍ୟତଃ ୪ଟି ୟୁନିଟ୍ କାର୍ଯ୍ୟ କରିବ। ସେହିପରି ଶିଶୁଭବନ ପରିସରରେ ଏବେ ଜି-ପ୍ଲସ୍ ୫ କୋଠାର କାର୍ଯ୍ୟ ଆରମ୍ଭ କରାଯାଇଛି। ଅନ୍ୟପଟେ ମେଡିକାଲ ପରିସରରେ ଭୂତଳ ଗାଡି ପାର୍କିଂ ବ୍ୟବସ୍ଥା କରାଯିବା ନେଇ ଯୋଜନା କରାଯାଇଥିବା ସୂଚନା ମିଳିଛି।

ମିଳିଥିବା ସୂଚନା ମୁତାବକ, ଶିଶୁରୋଗୀଙ୍କୁ ଆଉ ଏସ୍‌ସିବି ଉପରେ ନିର୍ଭର କରିବାକୁ ପଡିବ ନାହିଁ। ରୋଗୀଙ୍କ ରକ୍ତ ସଂଗୃହୀତ କରି ରଖିବା ନିମନ୍ତେ ଶିଶୁଭବନରେ ବ୍ୟବସ୍ଥା କରାଯାଇଛି। ନିର୍ମାଣ ହେବାକୁ ଥିବା ଜି-ପ୍ଲସ୍ ୪ କୋଠାରେ ବ୍ଲଡ୍ ବ୍ୟାଙ୍କ, ମରକ୍ୟୁରି ହାଉସ, ଆକ୍ଟିଭ ଫାୟାର ୟୁନିଟ୍ ଓ ଏଟିଏମ୍ କାଉଣ୍ଟର କରାଯିବ। ଏହି କୋଠାଟି ମେଡିକାଲ ପରିସରରେ ଥିବା ଆହାରକେନ୍ଦ୍ର ନିକଟରେ ରହିବ। କୋଠାର ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ସରିଥିବାବେଳେ ଏହାର କାର୍ଯ୍ୟ କିଛିଦିନ ମଧ୍ୟରେ ଆରମ୍ଭ କରାଯିବାକୁ ସ୍ଥିର କରାଯାଇଛି। ସେହିପରି ମେଡିକାଲରେ ଜାରି ରହିଥିବା ଜି-ପ୍ଲସ ୫ କୋଠାର ନିର୍ମାଣ ପରେ ଏହା ରୋଗୀ ସମ୍ପର୍କୀୟଙ୍କ ଆଶ୍ରୟସ୍ଥଳୀ ଭାବେ କାର୍ଯ୍ୟ କରିବ। ପ୍ରାୟ ୨୦୦ରୁ ଅଧିକ ଶଯ୍ୟା ଏଠାରେ ବ୍ୟବସ୍ଥା କରାଯିବ। ଅନ୍ୟପଟେ ଭୁତଳ ପାର୍କିଂ ପାଇଁ ଯୋଜନା କରାଯାଇଥିବା ବେଳେ ଏଥିଲାଗି ଜାଗା ଚିହ୍ନଟ କରାଯାଇଛି। ପୁରୁଣା ଅଧୀକ୍ଷକଙ୍କ କାର୍ଯ୍ୟାଳୟ ନିକଟରେ ଏହି ଭୂତଳ ପାର୍କିଂ କରାଯିବାକୁ ସ୍ଥିର କରାଯାଇଛି। ଏହା ଏକ ମହଲା ବିଶିଷ୍ଟ କୋଠା ରହିବ ବୋଲି ସୂଚନା ମିଳିଛି। ତେବେ ଶିଶୁରୋଗୀଙ୍କୁ ଉନ୍ନତମାନର ଚିକିତ୍ସା ଯୋଗାଇବା ସହ ସମସ୍ତ ସେବା ମେଡିକାଲ ପରିସରରେ ଉପଲବ୍ଧ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ପ୍ରଭାକର ମିଶ୍ର କହିଛନ୍ତି।




ମାଛୁଆ ବଜାର ଶହୀଦ ପାର୍କ ନିକଟରୁ ଓଡ଼ିଆ ବଜାର ନେତାଜୀ ଜନ୍ମ ସ୍ଥାନ ସଂଗ୍ରହାଳୟକୁ କଲେଜ ଛାତ୍ରୀଙ୍କ ଦ୍ୱାରା ବାହାରିଥିବା ଶକ୍ତି ଫର୍ ବିକଶିତ ଭାରତ ରନ୍ ରାଲି। (ଫଟୋ: ରାଜକିଶୋର ମହାନ୍ତି)

## ସଂକ୍ଷେପରେ

### ନୂତନ କୁଳପତିଙ୍କୁ ରୁଟାର ସମ୍ବର୍ଦ୍ଧନା

କଟକ,୧୮।୪(କୁମାରଶ୍ରୀ): ନବନିଯୁକ୍ତ କୁଳପତି ପ୍ରଫେସର ଅର୍କ କୁମାର ଦାସ ମହାପାତ୍ରଙ୍କୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ (ରୁଟା) ଦ୍ୱାରା ଶନିବାର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସଂଘର ଅଧ୍ୟକ୍ଷା ପ୍ରଫେସର ଉର୍ମିଶ୍ରୀ ବେଦମାତା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଡ. ଶିବ ଶଙ୍କର ସାହୁ ଏହାକୁ ପରିଚାଳନା କରିଥିଲେ। ଉପାଧ୍ୟକ୍ଷ ଡ. ରାଜା କିଶୋର ପୃଷ୍ଟି କୁଳପତିଙ୍କୁ ସମ୍ମାନିତ କରିଥିଲେ ଏବଂ ଡ. ମଧୁସ୍ମିତା ରାଉତ ଧନ୍ୟବାଦ ଜଣାଇଥିଲେ। କୁଳପତି ପ୍ରଫେସର ଦାସ ମହାପାତ୍ର ନିଜ ଉଦ୍‌ବୋଧନରେ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ଦିଗଦର୍ଶନମୂଳକ ବାର୍ତ୍ତା ଦେଇଥିଲେ।

### କଟକରେ ଗର୍ଜିଲା ଭାଜପା ମହିଳା ମୋର୍ଚ୍ଚା

କଟକ,୧୮।୪(ଶିଳ୍ପା ପ୍ରିୟଦର୍ଶିନୀ) ମହିଳା ଆରକ୍ଷଣ ବିଲ୍‌କୁ ଲୋକସଭାରେ ବିରୋଧୀ ଦଳ ବିରୋଧ ପରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଏହାକୁ ପ୍ରତିବାଦ କରାଯାଇଛି। ଏହି ପରିପ୍ରେକ୍ଷୀରେ କଟକ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବାଦାମବାଡ଼ିଠାରେ ପ୍ରତିବାଦ କରାଯିବା ସହ କଂଗ୍ରେସ ସଭାପତି ମଲିକାର୍ଜୁନ ଖାର୍ଗେ ଓ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ତେବେ ଏହି ଐତିହାସିକ ବିଲ୍ ଦେଶରେ ମହିଳାଙ୍କୁ ଆଗକୁ ନେବା ସହ ନୀତି ନିର୍ଣ୍ଣୟରେ ମହିଳାଙ୍କ ଭୂମିକାକୁ ସୁଦୃଢ଼ କରିଥାନ୍ତା। ହେଲେ ଏହି ବିଲ୍‌କୁ ବିରୋଧ କରି କଂଗ୍ରେସ ଶତାଧିକ ମହିଳାଙ୍କ ଆକାଂକ୍ଷାକୁ ଅସମ୍ମାନ କରିଥିବା ମତପ୍ରକାଶ ପାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିନୋଦ ଦାସ, ମଧୁସ୍ମିତା ପ୍ରଧାନ, ଦୀପ୍ତି ସ୍ୱାଇଁ, କଳ୍ପନା ବେହେରା, ସଞ୍ଜୁକ୍ତା ମିଶ୍ର, ମାମିନା ମହାନ୍ତି, କଲ୍ୟାଣୀ କହଲା ପ୍ରମୁଖ ଉପସ୍ଥିତ ଥିଲେ।

### ଧଳା ପୋଷାକ ପିନ୍ଧିବେ ପୂର୍ବତନ ବିଧାୟକ ପ୍ରଭାତ

କଟକ,୧୮।୪(ଶିଳ୍ପା ପ୍ରିୟଦର୍ଶିନୀ): ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ ଦୀର୍ଘ ବର୍ଷ ଧରି ଖଇରିଆ ପୋଷାକ ପରିଧାନ କରି ଆସୁଥିଲେ। କିନ୍ତୁ ରବିବାରଠାରୁ ଖଇରିଆ ପୋଷାକ ବଦଳାଇ ଧଳା ପୋଷାକ ପିନ୍ଧିବେ ବୋଲି ଜଣାପଡିଛି। ପ୍ରଭାତ ନିକଟରେ ମା' ବୈଷ୍ଣୋବୀ ଦେବୀଙ୍କ ଦର୍ଶନ ସାରି ଫେରିଛନ୍ତି। ମା'ଙ୍କ ଆଶୀର୍ବାଦ ନେଇ ରବିବାରଠାରୁ ଧଳା ପୋଷାକ ପିନ୍ଧିବେ। ଭୁବନେଶ୍ୱରସ୍ଥିତ କେଶରୀ ହୋଟେଲ ସଭାଗୃହରେ ଅପରାହ୍ଣ ୪ଟାରେ ଖବରଦାତା ସମ୍ମିଳନୀରେ ସମସ୍ତ ସୂଚନା ଦେବେ। ମେ' ୨୯ର ମିଡ୍‌ନାଇଟ ଅପରେଶନର ଖୁଲାସା କରିବେ। ତେବେ ପ୍ରଭାତ କୌଣସି ବଡ ରାଜନେତାଙ୍କ ଗୁମର ଖୋଲିପାରନ୍ତି ବୋଲି ଏବେ ଠୁ ଚର୍ଚ୍ଚା ଆରମ୍ଭ ହୋଇଛି।

### ଦାନବାକ୍ସ ଭାଙ୍ଗି ଚୋରି

ବାରଙ୍ଗ,୧୮।୪(ଲିଙ୍ଗରାଜ ରାଉତ): ଗୋଡ଼ିସାହି ଫାଣ୍ଡି ଅନ୍ତର୍ଗତ ନରାଜସ୍ଥିତ ମା' ଗଙ୍ଗାଧରଣୀ ମନ୍ଦିର ଦାନବାକ୍ସ ଭାଙ୍ଗି ଚୋରି କରି ନେଇଥିବାରୁ ଫାଣ୍ଡିରେ ଶନିବାର ଅଭିଯୋଗ ହୋଇଛି। ନରାଜ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଗଙ୍ଗାମନ୍ଦିରରୁ ଶୁକ୍ରବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ମନ୍ଦିର ତାଲା ଭାଙ୍ଗିବା ସହିତ ମା'ଙ୍କର ବ୍ୟବହୃତ କିଛି ଆସବାବପତ୍ର ସହିତ ଦାନବାକ୍ସରୁ ଟଙ୍କା ଚୋରି କରି ନେଇ ଯାଇଥିଲେ। ଶନିବାର ସକାଳୁ ପୂଜାରୀ ଆସି ଦେଖିଲେ ମନ୍ଦିର ଭଙ୍ଗାରୁଜା ହୋଇଛି। ଏ ସଂକ୍ରାନ୍ତରେ ପୂଜାରୀ ଗୋଡ଼ିସାହି ଫାଣ୍ଡିରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

### ମଲ୍‌ରେ ଯାନ୍ତ୍ରିକ ତ୍ରୁଟି: ଲିଫ୍ଟରେ ଫସିଲେ ୬ ବ୍ୟକ୍ତି

ବାଙ୍କୀ,୧୮।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ନୃସିଂହ ଛକରେ ଥିବା ସିଟି ବଜାର ମେଟ୍ରୋ ମଲ୍ ଲିଫ୍ଟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ୬ଜଣ ବ୍ୟକ୍ତି ଦୀର୍ଘ ସମୟ ଧରି ଫସି ରହିଥିଲେ। ଖବର ପାଇ ବାଙ୍କୀ ଅଗ୍ନିଶମ ଅଧିକାରୀ ହାପିନା ଭୋଳଙ୍କ ନେତୃତ୍ୱରେ ଅଗ୍ନିକ ପ୍ରକାଶ ବରାଳ, ପ୍ରକାଶ ନାୟକ ପ୍ରମୁଖ ଦୀର୍ଘ ୧ଘଣ୍ଟା ଧରି ଅକ୍ଳାନ୍ତ ପରିଶ୍ରମ କରି କବାଟ ଭାଙ୍ଗି ସେମାନଙ୍କୁ ଉଦ୍ଧାର କରିଥିଲେ। ଏତାଦୃଶ କାର୍ଯ୍ୟ ପାଇଁ ଜନସାଧାରଣ ବାଙ୍କୀ ଅଗ୍ନିଶମ ବିଭାଗକୁ ବଧେଇ ଜଣାଇଛନ୍ତି।

# ନରସିଂହପୁର ପୂର୍ବ ବନାଞ୍ଚଳରେ ପୁଣି ହାତୀ ମୃତ୍ୟୁ



ବଡ଼ମ୍ବା, ୧୮।୪(ମାୟାଧର ମଲ୍ଲିକ):

କଟକ ଜିଲା ନରସିଂହପୁର ପୂର୍ବ ବନ ବିଭାଗ ଅନ୍ତର୍ଗତ ବୋକଡ଼ା ସେକ୍ସନ ଗୁପ୍ତମାଣିକ ସଂରକ୍ଷିତ ଜଙ୍ଗଲରେ ରବିବାର ପୁଣି ଏକ ମାଈହାତୀର ମୃତ୍ୟୁ ଘଟିଛି। ଉକ୍ତ ହାତୀର ବୟସ ୫୫ରୁ ୬୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି।

ହାତୀଟି ଅସୁସ୍ଥ ହୋଇ ପଡ଼ିରହିଥିବା ଦେଖି ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ଏହାପରେ ବନ କର୍ମଚାରୀ ଯଥା ଆଠଗଡ଼ ଡିଏଫ୍‌ଓ ଡ. ଚିଟିଲିଚି ବିଶ୍ୱାଳ, ନରସିଂହପୁର ପ୍ରାଣୀ ଚିକିତ୍ସାଧିକାରୀ ଡ. ସୌରଭ ଦାସ, କାନପୁର ପ୍ରାଣୀ ଚିକିତ୍ସାଧିକାରୀ ଡ. ପ୍ରବାସିନୀ ଦାସ, ନରସିଂହପୁର ପୂର୍ବ ବନ ବିଭାଗ ରେଞ୍ଜର କୁଳେଶ ସାହୁଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ, ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଅସୁସ୍ଥ ହାତୀର ଚିକିତ୍ସା କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ଉକ୍ତ ହାତୀର ମୃତ୍ୟୁ ଘଟିଛି। ତେବେ ହାତୀ କେବେଠାରୁ ଅସୁସ୍ଥ ହେଲା, କାହିଁକି ହେଲା ତାହା ବନ ବିଭାଗ ଜାଣିପାରି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ନିକଟରେ ନରସିଂହପୁର ବନାଞ୍ଚଳରେ ଏକ ଦନ୍ତା ହାତୀର ମୃତ୍ୟୁ ଘଟିଥିଲା। ଗତ ୩ ମାସରେ ଏହି ବନାଞ୍ଚଳରେ ୫ଟି ହାତୀର ମୃତ୍ୟୁ ଘଟିଥିବା ବେଳେ ପୁଣି ଏକ ହାତୀ ମୃତ୍ୟୁ ଚିନ୍ତାର କାରଣ ହୋଇଛି। ହାତୀଙ୍କ ସୁରକ୍ଷା ଦିଗରେ ଯଦି ବନ ବିଭାଗ ଏବେଠାରୁ ତତ୍ପର ନ ହୁଏ ତେବେ ଆଗାମୀ ଦିନରେ ଏହି ଅଞ୍ଚଳରୁ ହାତୀବଂଶ ଲୋପ୍ ପାଇବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

ଏ ସମ୍ପର୍କରେ ନରସିଂହପୁର ପୂର୍ବ ବନ ବିଭାଗ ରେଞ୍ଜର କୁଳେଶ ସାହୁଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ମୋବାଇଲ ଫୋନ୍ ନ ଉଠାଇବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଶହୀଦ ପାର୍କରୁ ନାରୀ ଶକ୍ତି ବିକଶିତ ଭାରତ ଦୌଡ଼

କଟକ,୧୮।୪(କାର୍ତ୍ତିକ ସାହୁ)

ମାଇଁ ଭାରତ-ଓଡ଼ିଶା ପକ୍ଷରୁ ଜିଲା ପ୍ରଶାସନର ସହାୟତାରେ ନାରୀ ଶକ୍ତି ବିକଶିତ ଭାରତ ଦୌଡ଼ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ନୂଆପାଟଣାସ୍ଥିତ ଶହୀଦ ପାର୍କଠାରୁ ଓଡ଼ିଆବଜାରସ୍ଥିତ ନେତାଜୀ ସୁଭାଷ ବୋଷଙ୍କ ଜନ୍ମପୀଠ ପର୍ଯ୍ୟନ୍ତ ଦୌଡ଼ ହୋଇଥିଲା। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଗଣ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗଦେଇ ଦୌଡ଼ିବା ସହ ପ୍ରଧାନମନ୍ତ୍ରୀଙ୍କ ସଂକଳ୍ପ ନାରୀ ଶକ୍ତି ବନ୍ଦନ ନାରା ଦେଇଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ନମିତା ମିଶ୍ର ଓ ସମ୍ମାନିତ ଅତିଥି ଭାବେ ମଙ୍ଗଳାବାଗ ଥାନା ଅଧିକାରୀ ଉମାକାନ୍ତ ସାହୁ ପତାକା ଦେଖାଇ ଦୌଡ଼ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଜିଲା ଯୁବ ଅଧିକାରୀ ନିଖିଲ କୋକୁଲା ଓ ରୋଶନ କୁମାର, ମାନସୀ ଦାସ, ଆଇନଜୀବୀ ପ୍ରତିମା ମିଶ୍ର, ଅମ୍ବିକା ଦାସ, ଶର୍ମିଷ୍ଠା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଅଶୋକ କୁମାର ବେହେରା ସହଯୋଗ କରିଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସାମାଜିକ କର୍ମୀ ଗଙ୍ଗାଧର ବେହେରା ଧନ୍ୟବାଦ ଦେଇଥିଲେ।

# ବାଙ୍କୀ କଲେଜ ସେଲ୍ଫ ଫାଇନାନ୍ସ ବିଭାଗ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ବାଙ୍କୀ,୧୮।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସେଲ୍ଫ ଫାଇନାନ୍ସ ବିଭାଗ ଆନୁକୂଲ୍ୟରେ ଶେଷ ବର୍ଷର ସ୍ନାତକ ବିଏସ୍‌ସି ଆଇଟିଏମ୍ ଓ ବିସିଏ ଛାତ୍ରୀଛାତ୍ରମାନଙ୍କୁ ଉପଢ଼ୌକନ, ପୁଷ୍ପଗୁଚ୍ଛ ଓ ପୁରସ୍କାର ପ୍ରଦାନ କରାଯାଇ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ୨ ବିଭାଗର ଛାତ୍ରୀଛାତ୍ରମାନଙ୍କୁ ପ୍ରଥମ ଥର ପାଇଁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବିଭାଗ ସଂଯୋଜକ ଅଧ୍ୟାପକ ଆଶିଷ କୁମାର ପାଢ଼ୀ ସଭାପତିତ୍ୱ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ପରୀକ୍ଷା ନିୟନ୍ତ୍ରକ ଡ. ନିବାସିନୀ ପଣ୍ଡା ଓ ମୁଖ୍ୟବକ୍ତା ଭାବେ ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ଛାତ୍ରୀଛାତ୍ରମାନେ ଭବିଷ୍ୟତରେ ଭଲ ଚାକିରି କରିବା ସହ କଲେଜର ସୁନାମ ରଖିବା ପାଇଁ କହିଥିଲେ। ସମ୍ମାନିତ ଅତିଥି ଭାବେ ଆସ୍ଥା ଅନୁଷ୍ଠାନର ନିର୍ଦ୍ଦେଶକ ଦେବାଶିଷ ସାହୁ, ପ୍ରଶାସନିକ ଅଧିକାରୀ ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ଡ. ଶ୍ରୀକାନ୍ତ ଦାସ, ଡ. ନିରାକାର ପ୍ରସାଦ ସାମନ୍ତରାୟ, ଅଲିସା କର, ଅଧ୍ୟାପିକା ଏସ୍‌ଏସ୍ ପଣ୍ଡା, ଅର୍ଜୁନ ଦାସ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଆଶୀର୍ବାଦ ପ୍ରଦାନ କରିବା ସହ ଭଲ ନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦାୟ ନେଉଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବିଭାଗ ସହସଂଯୋଜକ ଭୂପତି ଭୂଷଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଅହଙ୍କାରରୁ ନିବୃତ୍ତ ରହି ଭଲ ମଣିଷ ହୋଇପାରିବ



ଅତିଥିବୃନ୍ଦ ବିଦ୍ୟାମନ୍ଦିରକୁ ଗୌରବ ଆଣିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ ଉତ୍ସବ**

ମଙ୍ଗୁଳି-ଜଗତପୁର,୧୮।୪ (ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ନଖରା ପଞ୍ଚାୟତସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ବରିଷ୍ଠ ମୁରବି ପଦ୍ମନାଭ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ସୌଭିକ ବିଶ୍ୱାଳ ଯୋଗଦେଇ ପାଠ ପଢ଼ି ବଡମଣିଷ ହେବା ସହିତ ଭଲ ମଣିଷଟେ ହେବା ଅତ୍ୟନ୍ତ ଜରୁରୀ। ସମସ୍ତ ଛାତ୍ରୀଛାତ୍ର ଅହଙ୍କାରରୁ ନିବୃତ୍ତ ରହିଲେ ଭଲମଣିଷ ହୋଇପାରିବ ବୋଲି ବିଧାୟକ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଦତ ପରିଷଦ, ଉତ୍ତର-ପୂର୍ବ ସଂଭାଗ, ଓଡିଶା ସଭାପତି ରମାକାନ୍ତ ମିଶ୍ର ଯୋଗଦେଇ ମୋବାଇଲ ଠୁ ଦୂରରେ ରହିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଟାଙ୍ଗୀସ୍ଥିତ ଟେଟ୍ରାହେଡ୍ରନ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ପ୍ରତିଷ୍ଠାତା ଡ.ତ୍ରିଦେବ ବେହେରା ଯୋଗଦେଇ ଶିଶୁ ବିଦ୍ୟାମନ୍ଦିର ପାଇଁ ଭାରତୀୟ ସଂସ୍କୃତି, ପରମ୍ପରା, ହିନ୍ଦୁ ସଭ୍ୟତା, ସନାତନ ଧର୍ମ ବଞ୍ଚିକି ରହିଛି ବୋଲି କହିଥିଲେ। ବିଦ୍ୟାମନ୍ଦିରର ଉନ୍ନତୀକରଣ ପାଇଁ ବିଧାୟକ ପାଣ୍ଠିରୁ ୬ ଲକ୍ଷ ଓ ଟେଟ୍ରା ଟ୍ରଷ୍ଟରୁ ୨ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ଘୋଷଣା କରଯାଇଥିଲା। ଅତିଥି ଭାବେ ଶାଳଗାଁ ସରପଞ୍ଚ ପବିତ୍ର ଉପାଧ୍ୟାୟ, ବ୍ଲକ ଭାଇସ ଚେୟାରମ୍ୟାନ ସୁପ୍ରିୟା ଜେଠି, ଗୁରୁମା ଜ୍ୟୋସ୍ନାରାଣୀ ପଣ୍ଡା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବରିଷ୍ଠ ଗୁରୁଜୀ କ୍ଷୀରୋଦ ଚନ୍ଦ୍ର ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ଉପସଭାପତି ଦିଲୀପ କୁମାର ପାଣିଗ୍ରାହୀ ଓ ସମ୍ପାଦକ ପ୍ରିୟମ୍ବଦା ଜେନା ଧନ୍ୟବାଦ ଦେଇଥିଲେ। ମନୋଜ ମହାରଣା, ପରମାନନ୍ଦ ବରାଳ, ଶରତ ସ୍ୱାଇଁ, ଅଜୟ ମିଶ୍ର, ପବିତ୍ର ମୋହନ ଷଡଙ୍ଗୀ, ବଲ୍ଲଭ କୁମାର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ମହିଳାଙ୍କ ପେଟରୁ ବାହାରିଲା ୮ କେଜି ଟ୍ୟୁମର

କଟକ,୧୮।୪(କୁମାରଶ୍ରୀ):

କଟକର ଏକ ଘରୋଇ ନର୍ସିଂହୋମ୍‌ରେ ଜଟିଳ ଅସ୍ତ୍ରୋପଚାର ସଫଳ ହୋଇଛି। ମହିଳାଙ୍କ ପେଟରେ ବୃଦ୍ଧି ପାଇଥିବା ୮ କେଜି ଓଜନର ଟ୍ୟୁମର କଢ଼ାଯାଇଛି। ମିଳିଥିବା ସୂଚନା ମୁତାବକ, ଖୋର୍ଦ୍ଧା ଅଞ୍ଚଳର ମହିଳା ଜ୍ୟୋସ୍ନାରାଣୀ ବାରିକ ଦୀର୍ଘଦିନ ଧରି ପେଟରେ ଯନ୍ତ୍ରଣା ଅନୁଭବ କରୁଥିଲେ। କିଛି ଦିନ ପୂର୍ବେ ପରିବାର ଲୋକେ ତାଙ୍କୁ ସୂର୍ଯ୍ୟବିହାର ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ବିଭିନ୍ନ ପରୀକ୍ଷା କରାଯିବା ପରେ ଜ୍ୟୋସ୍ନାରାଣୀଙ୍କ ପେଟରେ ଅସ୍ୱାଭାବିକ ଭାବେ ଏକ ଟ୍ୟୁମର ବୃଦ୍ଧି ପାଇଥିବା ଜଣାପଡ଼ିଥିଲା। ପ୍ରସୂତି ଏବଂ ସ୍ତ୍ରୀରୋଗ ବିଭାଗର ଡାକ୍ତର ଗଙ୍ଗାଧର ମୁଣ୍ଡାଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ଅସ୍ତ୍ରୋପଚାର କରି ଟ୍ୟୁମରକୁ କାଢ଼ିଥିଲେ। ସର୍ଜରି ବିଭାଗର ଡାକ୍ତର ଅରୁଣ ମହାନ୍ତି, ୟୁରୋଲୋଜି ବିଭାଗର ଡାକ୍ତର ଜୀବନଜ୍ୟୋତି ମିଶ୍ର ଏବଂ ନିଶ୍ଚେତକ ଡାକ୍ତର ବିଜୟ କୁମାର ପାର୍ଥ ଡାକ୍ତରୀ ଦଳରେ ରହିଥିଲେ।

# ଅକ୍ଷୟ ତୃତୀୟାରେ ଅଗ୍ରଣୀ ଚାଷୀଙ୍କୁ ସମ୍ମାନିତ କରିବ ବିଜେଡି

ଆଠଗଡ଼,୧୮।୪(ସତ୍ୟ ପ୍ରସାଦ ରଥ):

ଏପ୍ରିଲ ୨୦ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଆଠଗଡ଼ ଏବଂ ତିଗିରିଆର ଅଗ୍ରଣୀ ଚାଷୀମାନଙ୍କୁ ବିଜେଡି ପକ୍ଷରୁ ସମ୍ମାନିତ କରାଯିବ। ଏନେଇ ଆଠଗଡ଼ ବିଜୁ କୃଷକ ଜନତା ଦଳ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଶନିବାର ଆୟୋଜନ କରାଯାଇଛି। ନିର୍ବାଚନ ମଣ୍ଡଳୀର ଚାଷୀ ଭାବରେ ଧାନ, ପନିପରିବା, ଫୁଲ, ଫଳ, ମାଛ ଆଦି କ୍ଷେତ୍ରରେ ଅଗ୍ରଣୀ ଭୂମିକା ନିର୍ବାହ କରିଥିବା ଚାଷୀମାନଙ୍କୁ ଆଠଗଡ଼-ତିଗିରିଆ ବିଜୁ କୃଷକ ଜନତା ଦଳ ପକ୍ଷରୁ ଚୟନ କରାଯିବ। ଆଠଗଡ଼ର ଇଚ୍ଛାପୁର ପଞ୍ଚାୟତର ଗୁଡୁପଡ଼ାଠାରେ ଯୁବ ନେତା ଆଦିତ୍ୟ ପ୍ରତାପ ସ୍ୱାଇଁ ଏବଂ ତିଗିରିଆର ବାଲିଫୁଟ ପଞ୍ଚାୟତ ବାଣେଶ୍ୱର ପଡ଼ାଠାରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପୃଥକ ପୃଥକ ଭାବରେ ଅଖିମୁଠି ଅନୁକୂଳ କରିବେ ବୋଲି ଉକ୍ତ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିରେ ଆଠଗଡ଼ ଏବଂ ତିଗିରିଆ ବ୍ଲକର ସମସ୍ତ ଜିଲା ପରିଷଦ ସଭ୍ୟାସଭ୍ୟ ଏବଂ ସମସ୍ତ ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ ଆଠଗଡ଼ ଓ ତିଗିରିଆ ବ୍ଲକର କୃଷି ଓ ସୂଚନା ପରାମର୍ଶ କେନ୍ଦ୍ରର ସମସ୍ତ ସଭ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଖବରଦାତା ସମ୍ମିଳନୀରେ ଆଠଗଡ଼ ବିଜେଡି ସଭାପତି ରବୀନ୍ଦ୍ରନାଥ ରାଉତ, ସୁବାସ ଚନ୍ଦ୍ର ପାଳ, ତିଗିରିଆ ବ୍ଲକ ବିଜେଡ଼ି ସଭାପତି ଅଜିତ୍ ଧୀର ଏବଂ ବିଜୁ କୃଷକ ଜନତା ଦଳ ସଭାପତି ତିଗିରିଆ ସେକ୍ ଅବଦୁଲ, ତିଗିରିଆ ବ୍ଲକ କୃଷି ଓ ସୂଚନା ପରାମର୍ଶ କେନ୍ଦ୍ରର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତଥିଲେ।




ଖବରଦାତା ସମ୍ମିଳନୀରେ ଆଠଗଡ଼ ବିଜୁ କୃଷକ ଜନତା ଦଳ ପକ୍ଷରୁ ସୂଚନା ଦିଆଯାଉଛି।

# ମଞ୍ଚ ଅଭିନେତା, ସାହିତ୍ୟିକ ନାରାୟଣ ପାତ୍ରଙ୍କ ପରଲୋକ

ମାଣିଆବନ୍ଧ,୧୮।୪ (ଅଖିଳ କୁମାର ସାହୁ):

ସୁନାମ ଧନ୍ୟ ମଞ୍ଚ ଅଭିନେତା, ସାହିତ୍ୟିକ ତଥା ସାରସ୍ୱତ ସାଧକ ନାରାୟଣ ପାତ୍ର (୭୩)ଙ୍କ ବଡ଼ମ୍ବା ବ୍ଲକ ଅନ୍ତର୍ଗତ ସନ୍ତରାବାଲୀ (ନାହା ସାହି)ସ୍ଥିତ ବାସଭବନରେ ଶନିବାର ପରଲୋକ ଘଟିଛି। ସ୍ୱର୍ଗତ ପାତ୍ର ଜଣେ ସୁନାମ ଧନ୍ୟ ମଞ୍ଚ ଅଭିନେତା, ସାହିତ୍ୟିକ ଏବଂ ସାରସ୍ୱତ ସାଧକ ଭାବେ ବଡ଼ମ୍ବା-ନରସିଂହପୁର ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ। ରାଧାକୃଷ୍ଣ ସ୍ମୃତି ସଂସଦର ପ୍ରତିଷ୍ଠାତା ଏବଂ ମାଣିଆବନ୍ଧର ଅଗ୍ରଣୀ ନାଟ୍ୟାନୁଷ୍ଠାନ ଶାନ୍ତିନିକେତନ ପାଠାଗାରର ପ୍ରତିଷ୍ଠାତା ସଦସ୍ୟ ଥିଲେ। ଶାନ୍ତିନିକେତନ ପାଠାଗାର ଦ୍ୱାରା ମଞ୍ଚସ୍ଥ ନାଟକ ଚନ୍ଦ୍ରଗୁପ୍ତ, ସନ୍ଧ୍ୟାତାରା ଏବଂ କଂସବଧ ନାଟକରେ ମୁଖ୍ୟ ଖଳନାୟକ କଂସ ଭୂମିକାରେ ଅଭିନୟ କରି ଅଞ୍ଚଳରେ ସୁନାମ ଅର୍ଜନ କରିଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ୫ ପୁଅ ଓ ବୋହୂ, ନାତୁଣୀ ନାତି ଏବଂ ଆତ୍ମିୟସ୍ୱଜନ ଉପସ୍ଥିତଥିଲେ। ସ୍ୱର୍ଗତ ପାତ୍ରଙ୍କ ମୃତ୍ୟୁ ଖବରପାଇ ବହୁ ସାହିତ୍ୟିକ, କବି ଓ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ନାହା ସାହିସ୍ଥିତ ବାସଭବନରେ ପହଞ୍ଚି ତାଙ୍କର ଶେଷଦର୍ଶନ ପୂର୍ବକ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ନାଟ୍ୟକାର ଲକ୍ଷ୍ମୀଧର ଦଳେଇ, ସାହିତ୍ୟିକ ବ୍ରଜବନ୍ଧୁ ନାହା, ମାଣିଆବନ୍ଧ ଏବଂ ଶାନ୍ତି ନିକେତନ ପାଠାଗାର ଜଣେ ସୁନାମ ଧନ୍ୟ କଳାକାର ଏବଂ ସାରସ୍ୱତ ସାଧକଙ୍କୁ ହରାଇଲେ ବୋଲି ତାଙ୍କ ଶୋକ ବାର୍ତ୍ତାରେ କହିଛନ୍ତି। ସ୍ୱର୍ଗତ ପାତ୍ରଙ୍କ ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ଚିତ୍ତରଞ୍ଜନ ମୁଖାଗ୍ନି ଦେଇଥିଲେ।

## ସୋମବାର ସକାଳ ୭ଟାରେ ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

କଟକ,୧୮।୪(କାର୍ତ୍ତିକ ସାହୁ)

ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଜିଲାରେ ବିଭିନ୍ନ ଅଞ୍ଚଳ ଓ ବ୍ଲକରେ ପ୍ରତ୍ୟହ ସୋମବାର ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ୨୦ ତାରିଖ (ସୋମବାର) ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସକାଳ ୭ ଟାରୁ ଆରମ୍ଭ ହୋଇ ପୂର୍ବାହ୍ଣ ୧୦ଟା ପର୍ଯ୍ୟନ୍ତ ଚାଲିବ। ଅଭିଯୋଗକାରୀମାନେ ଏହି ସମୟରେ ଉପସ୍ଥିତ ରହି ନିଜ ଅଭିଯୋଗର ପଞ୍ଜୀକରଣ କରାଇବେ। ଏଥିସହ ସେମାନେ ଶୃଙ୍ଖଳିତ ଭାବେ ଅଭିଯୋଗ ଶୁଣାଣିରେ ଭାଗ ନେବାକୁ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଶିବିରରେ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିବେ। ଏଥିସହ ଜିଲାର ବିଭିନ୍ନ ପଞ୍ଚାୟତ ସ୍ତରରେ ମଧ୍ୟ ଜନଅଭିଯୋଗ ଶୁଣାଣି ଉପରୋକ୍ତ ସମୟ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜିଲା ପ୍ରଶାସନ ସ୍ପଷ୍ଟ କରିଛି।

# ମେ' ୧୩ରୁ ସପ୍ତଦଶ ସାତସାହି କଟକ ନୃତ୍ୟୋତ୍ସବ

କଟକ,୧୮।୪(ଶିଳ୍ପା ପ୍ରିୟଦର୍ଶିନୀ)



କଟକ ନୃତ୍ୟ ଉତ୍ସବ କମିଟି ପକ୍ଷରୁ ମେ' ୧୩ରୁ ୨୪ ଯାଏ ବାଲିଯାତ୍ରା ତଳପଡ଼ିଆରେ ସପ୍ତଦଶ ସାତସାହି କଟକ ନୃତ୍ୟ ଉତ୍ସବ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ନିମନ୍ତେ ସିଏମ୍‌ସି ଓ କଟକ ନୃତ୍ୟ ଉତ୍ସବ କମିଟିର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ସିଏମ୍‌ସି ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆୟୋଜନ କମିଟି ଅଧ୍ୟକ୍ଷ ତଥା ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କମିଶନର କିରଣ ଦୀପ କୌର ସାହୋତା, କମିଟି ସଭାପତି ପୂର୍ବତନ ସିଏମ୍‌ସି କମିଶନର ରବି ନାରାୟଣ ନନ୍ଦ, କମିଟିର ଉପଦେଷ୍ଟା କର୍ପୋରେଟର ସନ୍ତୋଷ କୁମାର ଭୋଳ, କାର୍ଯ୍ୟକାରୀ ସଭାପତି ଡା. ଦୁର୍ଗା ଚରଣ ଦାଶ, ଉପସଭାପତି ଯୁବ ସମାଜସେବୀ ଦୀପାୟନ ପଟ୍ଟନାୟକ ଯୋଗଦେଇଥିଲେ। ଚଳିତବର୍ଷର ବ୍ରୋଚରକୁ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ବୈଠକରେ ସିଏମ୍‌ସି ସମେତ ଅନ୍ୟାନ୍ୟ ବିଭାଗ ପକ୍ଷରୁ ଏହି ଅଭିଯାନକୁ ଆଗକୁ ନେବାରେ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ମେୟର ଓ କମିଶନର ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଅତିରିକ୍ତ କମିଶନର କଳ୍ପତରୁ ବେହେରା, ସିଟି ଇଞ୍ଜିନିୟର ଅତନୁ କୁମାର ସାମଲ, ସହକାରୀ କମିଶନର ଶ୍ୱାତୀ ମିଶ୍ର, ନଗର ସ୍ୱାସ୍ଥ୍ୟ ଅଧିକାରୀ ଡା. ନୃପେନ୍ଦ୍ର କୁମାର ଶତପଥୀ, ଏସ୍‌ବିଆଇ କର୍ତ୍ତୃପକ୍ଷ, ଜିଲା ପର୍ଯ୍ୟଟନ ସହକାରୀ ଅଧିକାରୀ, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ମନୋଜ ଟପ୍ପୋ, କଟକ ହସ୍ତଶିଳ୍ପ ବିକାଶ ଅଧିକାରୀ ମାନସ ରଞ୍ଜନ ସେଠୀ, ଏସିପି ଟ୍ରାଫିକ ଜୟନ୍ତ ତୋରା, ଜିଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀ, ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ସଞ୍ଜୟ ମହାନ୍ତି, ଜିଲା ଶିଳ୍ପ ବିଭାଗ ପରିଚାଳକ ମନୋଜ କୁମାର ମହାପାତ୍ର ଯୋଗଦେଇ ବିଭିନ୍ନ ଦିଗରେ ଆଲୋଚନା କରିଥିଲେ। ବୈଠକକୁ କମିଟି ସାଧାରଣ ସମ୍ପାଦକ ଦିପେଶ ମହାପାତ୍ର ପରିଚାଳନା କରିଥିବାବେଳେ ଉଲ୍ଲାସ ସେନ, ସୁଧାକର କୁମାର, ରଶ୍ମି ରଞ୍ଜନ ତ୍ରିପାଠୀ, ସବିତା ମହାନ୍ତି, ପାର୍ଥ ସାରଥୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମହିଳାଙ୍କ ପେଟରୁ ବାହାରିଲା ୮ କେଜି ଟ୍ୟୁମର

କଟକ,୧୮।୪(କୁମାରଶ୍ରୀ)

କଟକର ଏକ ଘରୋଇ ନର୍ସିଂହୋମ୍‌ରେ ଜଟିଳ ଅସ୍ତ୍ରୋପଚାର ସଫଳ ହୋଇଛି। ମହିଳାଙ୍କ ପେଟରେ ବୃଦ୍ଧି ପାଇଥିବା ୮ କେଜି ଓଜନର ଟ୍ୟୁମର କଢ଼ାଯାଇଛି। ମିଳିଥିବା ସୂଚନା ମୁତାବକ, ଖୋର୍ଦ୍ଧା ଅଞ୍ଚଳର ଜ୍ୟୋତ୍ସ୍ନାରାଣୀ ବାରିକ ଦୀର୍ଘଦିନ ଧରି ପେଟରେ ଯନ୍ତ୍ରଣା ଅନୁଭବ କରୁଥିଲେ। କିଛି ଦିନ ପୂର୍ବେ ପରିବାର ଲୋକେ ତାଙ୍କୁ ସୂର୍ଯ୍ୟବିହାର ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ବିଭିନ୍ନ ପରୀକ୍ଷା କରାଯିବା ପରେ ଜ୍ୟୋତ୍ସ୍ନାରାଣୀଙ୍କ ପେଟରେ ଏକ ଟ୍ୟୁମର ବଢୁଥିବା ଜଣାପଡ଼ିଥିଲା। ପ୍ରସୂତି ଏବଂ ସ୍ତ୍ରୀରୋଗ ବିଭାଗର ଡାକ୍ତର ଗଙ୍ଗାଧର ମୁଣ୍ଡାଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ଅସ୍ତ୍ରୋପଚାର କରି ଟ୍ୟୁମରକୁ ବାହାର କରିଛନ୍ତି। ସର୍ଜରି ବିଭାଗର ଡାକ୍ତର ଅରୁଣ ମହାନ୍ତି, ୟୁରୋଲୋଜି ବିଭାଗର ଡାକ୍ତର ଜୀବନଜ୍ୟୋତି ମିଶ୍ର ଏବଂ ନିଶ୍ଚେତକ ଡାକ୍ତର ବିଜୟ କୁମାର ପାର୍ଥ ଡାକ୍ତରୀ ଦଳରେ ରହିଥିଲେ।

### ଓଡ଼ିଶାର ବିକାଶ କ୍ଷେତ୍ରରେ ବିଜୁବାବୁଙ୍କ ଅବଦାନ ଅବିସ୍ମରଣୀୟ

ଖୋର୍ଦ୍ଧା,୧୮।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ଶୁକ୍ରବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲାପାଳ କାର୍ଯ୍ୟାଳୟ ନିକଟସ୍ଥ ବିଜୁ ପଟ୍ଟନାୟକ ପାର୍କ ପରିସରରେ ଥିବା ବିଜୁ ବାବୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସ୍ମୃତିଚାରଣ ସଭାରେ ଅତିଥିଭାବେ ବେଗୁନିଆ ବିଧାୟକ ପ୍ରଦୀପ ସାହୁ ଯୋଗଦେଇ କହିଥିଲେ, ଓଡ଼ିଶାର ବିକାଶ କ୍ଷେତ୍ରରେ ବିଜୁବାବୁଙ୍କ ତ୍ୟାଗ, ସେବା ଏବଂ ଅବଦାନ ଅବିସ୍ମରଣୀୟ। ବିଜେଡି ପୁଣି ଥରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ କ୍ଷମତାକୁ ଫେରିବ। ତୃଣମୂଳସ୍ତରରେ କର୍ମୀଙ୍କୁ ଏକାଠି କରିବା ସହ ଲୋକଙ୍କ ନିକଟକୁ ଯାଇ ବିଜେଡି ସରକାର ସମୟରେ ହୋଇଥିବା ଜନକଲ୍ୟାଣ ଯୋଜନା ସମ୍ପର୍କରେ ଜଣାଇବାକୁ ପରାମର୍ଶ ଦେଇଥିଲେ। ସଭାପତିତ୍ୱ ଭାଷଣରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ କହିଥିଲେ, ବିଜୁ ବାବୁ ବିଚକ୍ଷଣ କୂଟନୀତିଜ୍ଞ, ରାଜନୀତିଜ୍ଞ ଓ ସ୍ୱାଭିମାନୀ ଓଡ଼ିଆ ଥିଲେ। ସେ ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ରହିଛନ୍ତି। ଆଧୁନିକ ଓଡ଼ିଶାର ସେ ନିର୍ମାତା, କର୍ଣ୍ଣଧାର ଥିଲେ। ବିଜେଡି ନେତା ମନ୍ମଥ ରାଉତରାୟ, କାଉନ୍‌ସିଲର ଅନୀଲ ରାମ, ଅମୀୟ ମହାନ୍ତି, ପ୍ରଶାନ୍ତ ସେଠୀ, ମୋନାଲିସା ସିଂ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। କାଉନ୍‌ସିଲର ପ୍ରବୀଣା ଜଗଦେବ ରାୟ ଧନ୍ୟବାଦ ଦେଇଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ବିଜୁପ୍ରେମୀ, ମହିଳାମାନେ ସାମିଲ ହୋଇଥିଲେ।

### କବିତା ପାଠ, ଆଲୋଚନାଚକ୍ର

ବେଗୁନିଆ,୧୮।୪(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ଅଞ୍ଚଳର ବିଶିଷ୍ଟ ନ୍ୟାୟବିତ ସଚ୍ଚିଦାନନ୍ଦ ମହାପାତ୍ର ସ୍ମୃତି ସଂସଦ ଆନୁକୂଲ୍ୟରେ ଶନିବାର 'ନିଷ୍କ୍ରିୟ ସଜ୍ଜନ ଓ ପରାହତ ସ୍ୱାଭିମାନ' ଶୀର୍ଷକ କବିତା ପାଠ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବଡ଼ବେରଣା ସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସଭାଗୃହ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂସଦର ଆବାହକ ଡା.ଅମରେନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ବ୍ରଜବନ୍ଧୁ ବେହେରାଙ୍କ ମଙ୍ଗଳାଚରଣ ପାଠ ପରେ କବୟିତ୍ରୀ ମାନସୀ ଦାସ ଆବାହନୀ ସଙ୍ଗୀତ ଗାନ କରିଥିଲେ। ନାଟ୍ୟକାର ଡ.ବନବିହାରୀ ମହାପାତ୍ର ମୁଖ୍ୟ ଅତିଥି, ପଣ୍ଡିତ କୃଷ୍ଣଚନ୍ଦ୍ର ପଣ୍ଡା ବକ୍ତାଭାବେ ଏବଂ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। କବି ସନ୍ତୋଷ କୁମାର ମହାପାତ୍ରଙ୍କ ସଂଯୋଜନାରେ କବିତା ପାଠ ହୋଇଥିଲା। ହରିହର ମହାପାତ୍ର ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ସଂସଦର ବରିଷ୍ଠ ସଭ୍ୟ ପ୍ରମୋଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଅବକ୍ଷୟମୁଖୀ, ଐତିହ୍ୟ କୀର୍ତ୍ତିରାଜିର ସଂରକ୍ଷଣ ଜରୁରୀ

ଖୋର୍ଦ୍ଧା,୧୮।୪(ପ୍ରଭାତ ପାଣିଗ୍ରାହୀ)

**ରାଧାଗୋବିନ୍ଦ ଶେଫାଳି ସଂଗ୍ରହାଳୟରେ ବିଶ୍ୱ ଐତିହ୍ୟ ଦିବସ ପାଳିତ**



କାର୍ଯ୍ୟକ୍ରମରେ ଗବେଷକ ଗୋପାଳକୃଷ୍ଣ ଦାସଙ୍କ ସହ ଅନ୍ୟମାନେ।

ଖୋର୍ଦ୍ଧା ରାଧାବଲ୍ଲଭ ସାହି ସ୍ଥିତ ରାଧାଗୋବିନ୍ଦ ଶେଫାଳି ସଂଗ୍ରହାଳୟରେ ବିଶ୍ୱ ଐତିହ୍ୟ ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷର ପ୍ରସଙ୍ଗ ହେଉଛି 'ସଂଘର୍ଷ ଦୁର୍ବିପାକ କାଳରେ ଐତିହ୍ୟ ଲାଗି କରୁରୀକାଳୀନ ପ୍ରତିକ୍ରୀୟା'। ସମଗ୍ର ମାନବଜାତିର ପ୍ରାଚୀନ କୀର୍ତ୍ତି ସୁରକ୍ଷା ପାଇଁ ସଚେତନତା ସୃଷ୍ଟି ଏହାର ମୁଖ୍ୟ ଆଭିମୁଖ୍ୟ। ସଂଗ୍ରହାଳୟର ଅଧୀକ୍ଷକ ଗବେଷକ ଗୋପାଳକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ଲୋକକଳା ମହାସଂଘର ଉପସଭାପତି ପାଇକଗୁରୁ କବିରାଜ ପ୍ରଧାନ, ପ୍ରାଣନାଥ ସ୍ୱୟଂଶାସିତ କଲେଜର ରୋଭର ରେଞ୍ଜର ଓ ଛାତ୍ରୀଛାତ୍ର ମନୋଜ କୁମାର ନାୟକ, ରାଜେଶ ବାହାଦୂର, ନାରାୟଣ ବାରିକ, ଜଗଦୀଶ ସାହୁ ଏବଂ ବିଶ୍ୱଜିତ ଛୋଟରାୟ ଯୋଗଦେଇଥିଲେ। ଗୀତାଞ୍ଜଳି ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଗବେଷକ ଦାସ କହିଥିଲେ, ଖୋର୍ଦ୍ଧା ଅଞ୍ଚଳର ପ୍ରାଚୀନ କୀର୍ତ୍ତି ମଧ୍ୟରେ ଗୋଳବାଇର ୪ହଜାର ବର୍ଷ ତଳର ଐତିହାସିକ ତାମ୍ରଯୁଗୀୟ ସଭ୍ୟତା, ପ୍ରସ୍ତର ଉପକରଣ, ବାଣପୁରର ପଞ୍ଚମ ଶତାବ୍ଦୀର ଶୈଳୋଦ୍ଭବକାଳୀନ ଦୁର୍ଗ, ବୌଦ୍ଧସ୍ତୁପ, ପ୍ରତିମା, ଦକ୍ଷ ପ୍ରଜାପତି ମନ୍ଦିର, ଟାଙ୍ଗୀର ଚଣ୍ଡେଶ୍ୱର ମନ୍ଦିର, ଅତ୍ରିର ହଟକେଶ୍ୱର ମନ୍ଦିର, ସିମୋର ସନ୍ନିକଟ ଛୋଟ ପାହାଡ଼ ଶୀର୍ଷସ୍ଥ ଶିବମନ୍ଦିର, ବୃଢ଼ଙ୍ଗଗଡ଼ ଶିଖରରେ ଅବସ୍ଥିତ ଗଙ୍ଗବଂଶକାଳୀନ ଭଗ୍ନ ରାଜପ୍ରସାଦ, ଜଟଣୀର ବୁଢ଼ାପଡ଼ା ଶିବମନ୍ଦିର, କାକୁଡିଆର ଗଙ୍ଗବଂଶକାଳୀନ ସୂକ୍ଷ୍ମ କାରୁକାର୍ଯ୍ୟ ଖଚିତ କୃଷ୍ଣ ମନ୍ଦିର, ବରୁଣେଇ ପାହାଡ଼ ପାଣ୍ଡବହରା ଗୁମ୍ଫାରେ ବୌଦ୍ଧଯୁଗୀୟ ଓଡ଼ିଆ ଲିପି ଅଧୁନା ଅବଅବକ୍ଷୟମୁଖି। ଏହାର ସଂରକ୍ଷଣ ଦିଗରେ ସରକାର ପଦକ୍ଷେପ ନେବା ଜରୁରି ବୋଲି ସେ କହିଛନ୍ତି।

# ରାମଲୀଳା ଆରମ୍ଭ: ସୀତା ଜନ୍ମ ମଞ୍ଚସ୍ଥ



ନିରାକାରପୁର,୧୮।୪(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ କାଶୀପୁରସ୍ଥିତ ବଡ଼ପାଟଣାରେ ସୀତାରାମ ନାଟ୍ୟ ସଂସଦ ଆନୁକୂଲ୍ୟରେ ମୁକ୍ତାକାଶ ରଙ୍ଗମଞ୍ଚରେ ରାମଲୀଳା ନାଟକ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନ ଦିବସରେ ସୀତା ଜନ୍ମ ପରିବେଷିତ ହୋଇଥିଲା। ନାଟକରେ ଲକ୍ଷ୍ମୀଧର ପ୍ରଧାନ ଜନକ ଋଷି ଭୂମିକାରେ ଅଭିନୟ କରିଥିବା ବେଳେ ମନୋଜ ପ୍ରଧାନ ଶ୍ରୀରାମ, ଉତ୍ତମ ପ୍ରଧାନ ଲକ୍ଷ୍ମଣ, ଶ୍ରବଣ ଜେନା ସୀତା ପ୍ରମୁଖଙ୍କ ଅଭିନୟ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ବିପିନ ସାହୁ ଗାୟକ, ମହେଶ୍ୱର ନାୟକ ବାୟକ, ନବ କିଶୋର ବରାଳ ସାଜସଜ୍ଜା, ଗୁରୁ ପଦ୍ମନାଭ ଦଳେଇ ଓ ବିଦ୍ୟାସାଗର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ରାମାୟଣର ଏହି କଥାବସ୍ତୁ ଦେଖିବାକୁ ବହୁ ଦର୍ଶକଙ୍କ ସମାଗମ ହୋଇଥିଲା।

# ଗୋଷ୍ଠୀ ସଂଘର୍ଷ ଘଟଣା: ଗିରଫ ସଂଖ୍ୟା ୫ ଛୁଇଁଲା

ବାଘମାରୀ,୧୮।୪(ମିହିର ରଞ୍ଜନ ମହାପାତ୍ର)

ଦୁଇ ଜିଲାର ୨ଟି ଗ୍ରାମର ଲୋକଙ୍କ ମଧ୍ୟରେ ସଂଘର୍ଷ ଘଟି ୩ଜଣ ଆହତ ହୋଇଥିବା ବେଳେ ଶୁକ୍ରବାର ବାଘମାରୀ ଥାନା ପୋଲିସ ୪ଜଣଙ୍କୁ ଗିରଫ କରିଥିଲା। ସେମାନେ ହେଲେ କଟକ ଜିଲା ବାଙ୍କୀ ଥାନା ଅଧୀନ ତୁଳସୀପୁରର ଶରତ ମଲ୍ଲିକ(୬୫), ଅମୂଲ୍ୟ ମଲ୍ଲିକ(୪୦), କାଳନ୍ଦୀ ମଲ୍ଲିକ(୩୩) ଏବଂ ହରଷ ମଲ୍ଲିକ (୫୫)। ତେବେ ଏହି ଘଟଣାରେ ଶନିବାର ବାଘମାରୀ ପୋଲିସ ଆଉ ଜଣଙ୍କୁ ଗିରଫ କରିଛି। ସେ ହେଲେ ବାଙ୍କୀ ଥାନା ଅଧୀନ ତୁଳସୀପୁରର ବିକ୍ରମ ମଲ୍ଲିକ।

ପୋଲିସ ସୂଚନା ମୁତାବକ, ଖୋର୍ଦ୍ଧା ଜିଲା ବାଘମାରୀ ଥାନା ଅଧୀନ ତୁଳସୀପୁର ଏବଂ କଟକ ଜିଲା ବାଙ୍କୀ ଥାନା ତୁଳସୀପୁର ମଧ୍ୟରେ ଗତ ପଣା ସଂକ୍ରାନ୍ତିରେ ଝାମୁ କାଳେସିକୁ ନେଇ ବିବାଦ ହୋଇଥିଲା। ଏନେଇ ବାଙ୍କୀ ଥାନା ଅଧୀନ ତୁଳସୀପୁର ଲୋକେ ବାଙ୍କୀ ଥାନାରେ ଅଭିଯୋଗ କରିଥିଲେ। ବାଙ୍କୀ ପୋଲିସ ବାଘମାରୀ ଥାନା ଅଧୀନ ତୁଳସୀପୁର ଲୋକଙ୍କୁ ଡାକିଥିଲେ ମଧ୍ୟ ବାଙ୍କୀ ଥାନାକୁ ଯାଇ ନ ଥିଲେ। ଫଳରେ ବାଙ୍କୀ ଥାନା ଅଧିକାରୀ ବାଘମାରୀ ଥାନା ଅଧିକାରୀଙ୍କୁ ମାମଲା ସମାଧାନ କରିବାକୁ କହିଥିଲେ। ଫଳରେ ବାଘମାରୀ ଥାନା ଅଧିକାରୀ ଶୁକ୍ରବାର ଉଭୟ ଗ୍ରାମର ଲୋକଙ୍କୁ ଥାନାକୁ ଡାକିଥିଲେ। ବାଘମାରୀ ଥାନା ତୁଳସୀପୁର ଲୋକେ ଥାନାକୁ ଆସିଥିଲେ ମଧ୍ୟ ବାଙ୍କୀ ଥାନା ତୁଳସୀପୁର ଲୋକେ ଆସି ନ ଥିଲେ। ମଧ୍ୟାହ୍ନରେ ଦୁଇ ଗାଁ ମଧ୍ୟରେ ସଙ୍ଘର୍ଷ ଘଟିଥିଲା। ଏଥିରେ ବାଘମାରୀ ଥାନା ତୁଳସୀପୁରର ୩ଜଣ ଗୁରୁତର ହୋଇଥିଲେ। ଖବରପାଇ ବାଙ୍କୀ ଏବଂ ବାଘମାରୀ ପୋଲିସ ପହଞ୍ଚିଥିଲା। ବାଘମାରୀ ଥାନା ତୁଳସୀପୁରର ବେବିନା ନାଏକ ଅଭିଯୋଗ କରିଥିଲେ ଯେ, ବାଙ୍କୀ ଥାନା ତୁଳସୀପୁରର ଲୋକଙ୍କ ଆକ୍ରମଣରେ ଘର ଭାଙ୍ଗିରୁଜି ଯିବା ସହ ତାଙ୍କ ସ୍ୱାମୀ ରଞ୍ଜନ ନାଏକ ଏବଂ ଅନ୍ୟ ଦୁଇ ଜଣ ଗୁରୁତର ହୋଇଛନ୍ତି। ବାଘମାରୀ ପୋଲିସ ଏକ ମାମଲା (ନଂ.୧୧୩/୨୬) ମାମଲା ରୁଜୁ କରି ବାଙ୍କୀ ଥାନା ତୁଳସୀପୁରର ମୋଟ୍ ୫ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟପକ୍ଷରେ ବାଙ୍କୀ ଥାନା ତୁଳସୀପୁର ଲୋକଙ୍କ ପକ୍ଷରୁ ବାଙ୍କୀ ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି।

# ତାଳପତ୍ର ପୋଥି, ପାଣ୍ଡୁଲିପିର ପଞ୍ଜୀକରଣକୁ ଗୁରୁତ୍ୱ

ଭୁବନେଶ୍ୱର,୧୮।୪ (ସୌମ୍ୟରଞ୍ଜନ ରାଉତ)

**'ଜ୍ଞାନ ଭାରତମ୍ ମିଶନ' ଜାତୀୟ ଅଭିଯାନର ସମୀକ୍ଷା ବୈଠକ**




ରାଜ୍ୟ ତଥା ଦେଶର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ବହନ କରୁଥିବା ପ୍ରାଚୀନ ତାଳପତ୍ର ପୋଥି ଏବଂ ପାଣ୍ଡୁଲିପିଗୁଡ଼ିକର ସର୍ବେକ୍ଷଣ, ସଂରକ୍ଷଣ ଓ ଡିଜିଟାଇଜେଶନ ସମ୍ପର୍କିତ ଏକ ବୈଠକ ଶନିବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ତାଳପତ୍ର ପୋଥି ଏବଂ ପାଣ୍ଡୁଲିପିଗୁଡ଼ିକ ଭଳି ମୂଲ୍ୟବାନ୍ ପ୍ରାଚୀନ ସମ୍ପଦର ସଂରକ୍ଷଣ ଓ ସୁରକ୍ଷା ପାଇଁ ସହଯୋଗ କରିବାକୁ ମୁଖ୍ୟ ଶାସନ ସଚିବ ଜନସାଧାରଣଙ୍କୁ ଅନୁରୋଧ କରିବା ସହ ଏସବୁ ନିଜ ପାଖରେ ଥିଲେ ତାହାର ପଞ୍ଜୀକରଣ କରିବାକୁ ମୁଖ୍ୟ ଶାସନ ସଚିବ ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଭାରତ ସରକାରଙ୍କ 'ଜ୍ଞାନ ଭାରତମ ମିଶନ' ଅଧୀନରେ ଆରମ୍ଭ ହୋଇଥିବା ଏହି ଜାତୀୟ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦେଶର ବିଭିନ୍ନ ପ୍ରାନ୍ତରେ ବିକ୍ଷିପ୍ତ ହୋଇ ରହିଥିବା ପାଣ୍ଡୁଲିପିଗୁଡ଼ିକର ସର୍ବେକ୍ଷଣ, ସଂଗ୍ରହ, ସଂରକ୍ଷଣ ଏବଂ ଡିଜିଟାଇଜେଶନ କରି ଏକ କେନ୍ଦ୍ରୀୟ 'ନ୍ୟାଶନାଲ ଡିଜିଟାଲ ରେପୋଜିଟୋରୀ' (ଏନ୍‌ଡିଆର) ପ୍ରସ୍ତୁତ କରିବା। ଓଡ଼ିଶାର ସମୃଦ୍ଧ ପରମ୍ପରା ତାଳପତ୍ର ପୋଥି ଓ ପାଣ୍ଡୁଲିପି ଆଦିରେ ଲିପିବଦ୍ଧ ରହିଛି। ସେସବୁ ମଧ୍ୟ ସଂସ୍କୃତ, ପାଲି, ଓଡ଼ିଆ ଏବଂ ଆଂଚଳିକ ଭାଷାରେ ରହିଛି। ଏହା ରାଜ୍ୟ ତଥା ଦେଶର ସାଂସ୍କୃତିକ ଐତିହ୍ୟ, ଗବେଷଣା, ସଂରକ୍ଷିତ ତଥ୍ୟର ଡିଜିଟାଲ ଉପଲବ୍ଧତା, ଭବିଷ୍ୟତରେ କାଟାଲଗିଂ କରି ସଂରକ୍ଷଣ ଓ ଗବେଷଣା କରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଉପଯୋଗୀ ହେବ। ଓଡ଼ିଶାରେ ଏପର୍ଯ୍ୟନ୍ତ ପ୍ରାୟ ୫୩,୯୫୦ଟି ପାଣ୍ଡୁଲିପି ପଞ୍ଜୀକରଣ ହୋଇଛି। ସେଗୁଡ଼ିକ ସମ୍ପର୍କରେ ସବିଶେଷ ଅନୁଧ୍ୟାନ ପାଇଁ ସଂସ୍କୃତି ବିଭାଗ ପକ୍ଷରୁ ସର୍ବେକ୍ଷଣ ଓ ଡିଜିଟାଇଜେଶନ କରାଯାଉଛି ବୋଲି ସୂଚନା ଦିଆଯାଇଛି। ଏହି ଅଭିଯାନକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ମଠ, ମନ୍ଦିର, ଲାଇବ୍ରେରୀ ଏବଂ ବ୍ୟକ୍ତିଗତ ସଂଗ୍ରହରେ ଥିବା ସମସ୍ତ ପୋଥିଗୁଡ଼ିକୁ 'ଜ୍ଞାନ ଭାରତମ' ମୋବାଇଲ ଆପ୍ ମାଧ୍ୟମରେ ପଞ୍ଜୀକୃତ କରାଯିବାକୁ ସଂସ୍କୃତି ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ସେହିପରି ଏହି ତାଳପତ୍ର ପୋଥି ଓ ପାଣ୍ଡୁଲିପି ଆଦି ସଂଗ୍ରହ କାର୍ଯ୍ୟରେ ସହଯୋଗ ଲାଗି ଜିଲାପାଳମାନଙ୍କୁ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ଏ ସମ୍ପର୍କରେ ଜିଲାସ୍ତରୀୟ କମିଟି ଗଠନ କରାଯିବା, ଜିଲା ସଂସ୍କୃତି ଅଧିକାରୀଙ୍କୁ ସର୍ବେକ୍ଷଣ କାର୍ଯ୍ୟ ପାଇଁ ସମନ୍ୱୟ ଦାୟିତ୍ୱ ଦିଆଯିବା ଏବଂ ସର୍ଭେ କାର୍ଯ୍ୟର ନିୟମିତ ତଦାରଖ ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି। ସଂସ୍କୃତି ବିଭାଗର ଶାସନ ସଚିବ ରଶ୍ମିତା ପଣ୍ଡା, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶଙ୍କ ସମେତ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

### ସିବିଏସ୍‌ଇ ଦଶମ ପରୀକ୍ଷା: ୯୯.୨% ରଖିଲେ ରିୟାଂଶ

ଟାଙ୍ଗୀ,୧୮।୪(ରଘୁନାଥ ସାହୁ)

ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ୯୯.୨ ପ୍ରତିଶତ ମାର୍କ ରଖି ରିୟାଂଶ ଦାସ ଟାଙ୍ଗୀ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଟାଙ୍ଗୀ ଏନ୍‌ଏସି ଅନ୍ତର୍ଗତ ତଳସାହି ବାସିନ୍ଦା ରଙ୍କନାଥ ଦାସଙ୍କ ନାତି ତଥା ରଞ୍ଜନ କୁମାର ଦାସ ଓ ସ୍ୱାଗତିକା ପରିଡାଙ୍କ ପୁଅ ରିୟାଂଶ ଭୁବନେଶ୍ୱର କଳିଙ୍ଗନଗରସ୍ଥିତ ଡିଏଭି ପବ୍ଲିକ ସ୍କୁଲରେ ଅଧ୍ୟୟନ କରି ଏହି ସଫଳତା ଲାଭ କରିଛନ୍ତି। ତାଙ୍କର ଏହି ସଫଳତାର ଶ୍ରେୟ ମହାପ୍ରଭୁ ଶ୍ରୀଜଗନ୍ନାଥ, ସ୍ଥାନୀୟ ଅଧିଷ୍ଠାତ୍ରୀ ଦେବୀ ମା'ଚଣ୍ଡୀଙ୍କ କୃପା, ପରିବାରବର୍ଗ, ବିଦ୍ୟାଳୟର ଅଧ୍ୟକ୍ଷ, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦେଇଛନ୍ତି।

### ପୂର୍ବତନ ଅଧ୍ୟକ୍ଷ ଚିତ୍ତରଞ୍ଜନ ମହାପାତ୍ରଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ଖୋର୍ଦ୍ଧା,୧୮।୪(ପ୍ରଭାତ ପାଣିଗ୍ରାହୀ)

ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଚିତ୍ତରଞ୍ଜନ ମହାପାତ୍ରଙ୍କ ବିୟୋଗରେ ମହାବିଦ୍ୟାଳୟ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା କଲେଜ ଅଧ୍ୟକ୍ଷା ଡ.ପର୍ଣ୍ଣିମା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଦିବଂଗତ ମହାପାତ୍ର ମହାବିଦ୍ୟାଳୟର ଶୈକ୍ଷିକ ବିକାଶ, କର୍ମଚାରୀ ସଂଘର କର୍ମକର୍ତ୍ତା ରହି କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ସରକାରଙ୍କ ପାଖରେ ଉପସ୍ଥାପିତ କରିବା ସହ ତାହାର ଆଶୁ ସମାଧାନ ପାଇଁ ଚେଷ୍ଟିତ ଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ତୃପ୍ତିରେଖା ପଣ୍ଡା, ଡ.ସୌମେନ୍ଦ୍ର ମିଶ୍ର, ଅଧ୍ୟାପିକା ସୁଧାଂଶୁ ମାଳା ରାଉତ, ଅଧ୍ୟାପକ ସୁବୋଧ କୁମାର ଜଗଦେବ, ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ଦିବଂଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ଆଦର୍ଶ, ସଦର ଥାନା ପକ୍ଷରୁ ଜଳଛତ୍ର ଶୁଭାରମ୍ଭ




ଜଳଛତ୍ର ଶୁଭାରମ୍ଭ ଅବସରରେ ଏସ୍‌ପି ବିବେକାନନ୍ଦ ଶର୍ମା ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୧୮।୪(ପ୍ରଭାତ ପାଣିଗ୍ରାହୀ)

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ପୋଲିସ ପକ୍ଷରୁ ବିଭିନ୍ନ ଥାନା ଅଞ୍ଚଳରେ ଜଳଛତ୍ର ଶୁଭାରମ୍ଭ କରାଯାଇଛି। ଶୁକ୍ରବାର ଶିଳ୍ପାଞ୍ଚଳ ଥାନା ଜଟଣୀ ବାଇପାସ୍‌ରେ ଜଳଛତ୍ର ଶୁଭାରମ୍ଭ କରାଯାଇଥିବା ବେଳେ ଶନିବାର ଆଦର୍ଶ ଥାନା ଅନ୍ତର୍ଗତ ବସ୍‌ଷ୍ଟାଣ୍ଡ ଛକ ଏବଂ ସଦର ଥାନା ଅନ୍ତର୍ଗତ କେତକୀଝର ନିକଟରେ ଜଳଛତ୍ର ଶୁଭାରମ୍ଭ କରାଯାଇଛି। ବସ୍‌ଷ୍ଟାଣ୍ଡ ଠାରେ ଏସ୍‌ପି ବିବେକାନନ୍ଦ ଶର୍ମା ଏବଂ କେତକୀଝରଠାରେ ଅତିରିକ୍ତ ଏସ୍‌ପି ଅନାଦି ଚରଣ ସେଠୀ ଓ ସଦର ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ ଶୁଭାରମ୍ଭ କରିଥିଲେ। ବାଟରେ ଯାଉଥିବା ପଥିକ, ବାଇକ୍ ଆରୋହୀଙ୍କୁ ଦହିପଣା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ, ଆଦର୍ଶ ଥାନାଧିକାରୀ ସଞ୍ଜୟ ନାୟକ, ଏସ୍‌ଆଇ ସସ୍ମିତା ବେହେରାଙ୍କ ସମେତ ସମସ୍ତ ଥାନା କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି କେତେକୀଝରରେ ସଦର ଥାନାଧିକାରୀ ବାସୁଦେବ ଜୟସିଂହଙ୍କ ସମେତ ସମସ୍ତ ଥାନା କର୍ମଚାରୀ ପରିଚାଳନା କରିଥିଲେ।

# ଜାତୀୟ ରାଜପଥରେ ଖାଲ, ମରାମତି ଦାବି



ବେଗୁନିଆ,୧୮।୪(ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା-ବଲାଙ୍ଗୀର ୫୭ନମ୍ବର ଜାତୀୟ ରାଜପଥର ବାଘମାରୀ ବଜାର ଓ ବେଗୁନିଆ ବଜାରର କେତେକ ସ୍ଥାନରେ ଖାଲ ସୃଷ୍ଟି ହେବା ଯୋଗୁ ଛୋଟବଡ଼ ଦୁର୍ଘଟଣା ଘଟୁଛି। ବିଭାଗ ପକ୍ଷରୁ ବାରମ୍ବାର ମରାମତି କାର୍ଯ୍ୟ କରାଯାଉଥିବା ବେଳେ ନିମ୍ନମାନର କାର୍ଯ୍ୟ ଯୋଗୁ କମ୍ ଦିନରେ ରାସ୍ତାରୁ ପିଚୁ ଉଠିଯାଇ ଖାଲ ସୃଷ୍ଟି ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ଅଦିନିଆ ବର୍ଷା ହେଲେ ଜଳ ନିଷ୍କାସନ ପାଇଁ ସୁବିଧା ନ ଥିବାରୁ ପାଣି ଜମି କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି ହେଉଛି। ତୁରନ୍ତ ରାସ୍ତା ମରାମତି କରିବାକୁ ସାଧାରଣରେ ଦାବି ହେଉଛି। ଏନେଇ ବିଭାଗୀୟ ଯନ୍ତ୍ରୀ ରାକେଶ କୁମାର ବେହେରା କହିଛନ୍ତି, ଠିକାଦାର ଆଉ ଏକ ବର୍ଷ ସମ୍ପୃକ୍ତ ରାସ୍ତାର ମରାମତି କାର୍ଯ୍ୟ କରିବାକୁ ଥିବାବେଳେ ବାରମ୍ବାର ଚିଠି କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳୁନାହିଁ।

# ଭାରତୀୟ ନ୍ୟାୟ ସଂହିତାକୁ ନେଇ ରଚନା, ଭାଷଣ ପ୍ରତିଯୋଗିତା



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ବାଘମାରୀ,୧୮।୪(ମିହିର ରଞ୍ଜନ ମହାପାତ୍ର)

ବାଘମାରୀ ଥାନା ପକ୍ଷରୁ ଭାରତୀୟ ନ୍ୟାୟ ସଂହିତାକୁ ନେଇ ରଚନା ଓ ଭାଷଣ ପ୍ରତିଯୋଗିତା ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବର୍ଗର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅତିଥିଭାବେ ବାଘମାରୀ ଥାନା ଅଧିକାରୀ ସୁଚିତ୍ରା ଜେନା, ସିମୋର ସରପଞ୍ଚ ହାଡ଼ିବନ୍ଧୁ ମହାପାତ୍ର ଯୋଗଦେଇଥିବା ବେଳେ ଶିକ୍ଷୟତ୍ରୀ ଅର୍ଚ୍ଚନା ବେହେରା, ଶିକ୍ଷକ ଭାନୁପ୍ରତାପ ବେହେରା, ବିଭୁପ୍ରସାଦ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରତ୍ନଭଣ୍ଡାର ଦ୍ୱିତୀୟ ପର୍ଯ୍ୟାୟ ଗଣତି ଶେଷ

ପୁରୀ,୧୮।୪(ଅଜିତ୍ କୁମାର ମହାନ୍ତି)

ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ, ଶନିବାର ଭିତର ରତ୍ନଭଣ୍ଡାର ଗଣତି କାର୍ଯ୍ୟ ଶେଷ ହୋଇଛି। ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ପରେ ସମସ୍ତ ସଦସ୍ୟ ରତ୍ନଭଣ୍ଡାରକୁ ପ୍ରବେଶ କରିଥିଲେ। ପରେ ମାର୍ଗଦର୍ଶିକା ଅନୁସାରେ ଗଣତି କରାଯାଇଥିଲା। ମଧ୍ୟାହ୍ନ ୧୨.୦୧ରୁ ଗଣତି ଆରମ୍ଭ ହୋଇ ସନ୍ଧ୍ୟା ୭.୨୫ରେ ଶେଷ ହୋଇଥିଲା। ୯ ଦିନ ମଧ୍ୟରେ ସମୁଦାୟ ୫୭ ଘଣ୍ଟା ୮ ମିନିଟ୍ ଧରି ଗଣତିମଣତି ହୋଇଛି।

ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ରତ୍ନଭଣ୍ଡାରର ଦ୍ୱିତୀୟ ପର୍ଯ୍ୟାୟ ଗଣତି ଶେଷ ହୋଇଛି। ଗଣତିପ୍ରକ୍ରିୟା ଶେଷ ହୋଇନି, ସମୟ ଓ ଦିନ ନିର୍ଦ୍ଧାରଣ ପରେ ପୁଣି ଗଣତି ଆରମ୍ଭ ହେବ। ଶନିବାର ୭ ଘଣ୍ଟାରୁ ଅଧିକ ସମୟଧରି ଗଣତି କରାଯାଇଛି। ମେ' ୧୦ରେ ହଳଦୀପାଣି ସରିବା ପରେ ୧୧ ତାରିଖ ପରେ ପୁନର୍ବାର ଗଣତି କାର୍ଯ୍ୟ ହୋଇପାରେ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ବର୍ତ୍ତମାନ ଦ୍ୱିତୀୟ ଓ ତୃତୀୟ ସିନ୍ଦୁକ ଏବେ ବି ଗଣାଯାଉଛି। ଗଣତି କାର୍ଯ୍ୟ ଶେଷହେବା ପରେ ତାଲିକା ପ୍ରସ୍ତୁତ କରାଯାଇ ପରିଚାଳନା କମିଟିରେ ଉପସ୍ଥାପନ ହୋଇ ଗୃହୀତ ହେବ ଓ ପରେ ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ। ମହାପ୍ରଭୁଙ୍କ ରତ୍ନଭଣ୍ଡାର ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ରହିଛି ବୋଲି ମୁଖ୍ୟ ପ୍ରଶାସକ ପାଢ଼ୀ କହିଛନ୍ତି।

## ରାସ୍ତାପାର୍ଶ୍ୱ ଗଛରୁ ଯୁବକଙ୍କ ମୃତଦେହ ଜବତ

ନିମାପଡ଼ା,(ବିଚିତ୍ରାନନ୍ଦ ସାହୁ): ନିମାପଡ଼ା ଥାନା ଅନ୍ତର୍ଗତ ଅଲଣ୍ଡି ଛକ ମୁଖ୍ୟରାସ୍ତା ପାର୍ଶ୍ୱ ଏକ କଦମ୍ବଗଛରୁ ଜଣେ ଅଜଣା ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଶନିବାର ସକାଳେ ଜବତ କରିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୁରୀ ମେଡିକାଲକୁ ପଠାଯାଇଛି। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୬/୨୬) ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ମୃତ ଯୁବକଙ୍କ ପରିଚୟ ଜଣାପଡିନଥିବାବେଳେ ତାଙ୍କ ବୟସ ୨୬-୨୭ବର୍ଷ ହେବ ବୋଲି ପୋଲିସ କହିଛି। ସେହିପରି ତାଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୮।୪।୨୦୨୬

| | |
|---|---|
| ୫,୧୯,୦୮୬ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

## ସଂକ୍ଷେପରେ

### ଅଗ୍ନି ନିରାପତ୍ତା ସପ୍ତାହ ପାଳିତ

ସାକ୍ଷୀଗୋପାଳ,୧୮।୪(ଭରତ ରାଉତ)

ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଯୁବ ରେଡକ୍ରସ୍ ସହଯୋଗରେ ଶନିବାର 'ଅଗ୍ନି ନିରାପତ୍ତା ସପ୍ତାହ' ପାଳିତ ହୋଇଯାଇଛି। ବରିଷ୍ଠ ପ୍ରାଧ୍ୟାପକ ଧନୁର୍ଦ୍ଧର ମୁଦୁଲିଙ୍କ ଉପସ୍ଥିତିରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଗ୍ନିକାଣ୍ଡର ବିଭିନ୍ନ କାରଣ ସମ୍ପର୍କରେ କଲେଜର ପୂର୍ବତନ କର୍ମଚାରୀ ରାଜକିଶୋର ପତି ବକ୍ତବ୍ୟ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସାକ୍ଷୀଗୋପାଳ ଅଗ୍ନିଶମ କାର୍ଯ୍ୟାଳୟର ମୁଖ୍ୟ ପ୍ରଦୀପ୍ତ କୁମାର ମହାପାତ୍ର ଏବଂ ତାଙ୍କ ଟିମ୍ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଯୁବ ରେଡକ୍ରସ୍ ଉପଦେଷ୍ଟା ଜିତେନ୍ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପିକା ରଶ୍ମିତା ସେଠୀ ଧନ୍ୟବାଦ ଦେଇଥିଲେ।

### ମେଳଣରେ ବାଇକ ଚୋରି

ବଲଙ୍ଗା,୧୮।୪(କେଦାରେଶ୍ୱର ନନ୍ଦ)

ବଲଙ୍ଗା ଥାନା ଅନ୍ତର୍ଗତ ତରବୋଇ ମେଳଣରେ ରସିଙ୍ଗା ଗ୍ରାମର ଜଗନ୍ନାଥ ଖୁଣ୍ଟିଆଙ୍କ ବାଇକ୍ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଗତ ୧୫ ତାରିଖରେ ଜଗନ୍ନାଥ ପଲସର ଗାଡ଼ି (ନଂ. ଓଡି-୩୩-ଏଇ- ୬୬୩୧) ନେଇ ମେଳଣ ପଡ଼ିଆରେ ରଖି ଯାତ୍ରା ଦେଖିବାକୁ ଯାଇଥିଲେ। ଅଧରାତିରେ ଘରକୁ ଫେରିବା ପାଇଁ ଆସି ଦେଖିଲାବେଳକୁ ରଖିଥିବା ଯାଗାରେ ଗାଡ଼ିଟି ନ ଥିଲା। ଖୋଜାଖୋଜି କରି ନିରାଶ ହେବା ପରେ ସେ ବଲଙ୍ଗା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୧୧୬/୨୬) ରୁଜୁ କରି ତଦନ୍ତ ଚଳାଇଛି।

### ଅଷ୍ଟପ୍ରହର ନାମଯଜ୍ଞ

ଅସ୍ତରଙ୍ଗ,୧୮।୪(ମମତା ଜେନା)

କାକଟପୁର ବ୍ଲକ ଅନ୍ତର୍ଗତ ପାଟପୁର ନାନକେରାସାହି'ମା' ନାରାୟଣୀଙ୍କ ପୀଠରେ ଚତୁର୍ଥ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ୩ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଆଖପାଖ ଗ୍ରାମରୁ ସଂକୀର୍ତ୍ତନମଣ୍ଡଳୀ ଯୋଗଦେଇଥିଲେ। ହରେ କୃଷ୍ଣ ହରେ ରାମ ଧ୍ୱନିରେ ପୀଠରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ନାମଯଜ୍ଞର ପୂର୍ଣ୍ଣାହୁତି ଦିବସରେ ପିଲାମାନଙ୍କ ଦ୍ୱାରା ରାଧାକୃଷ୍ଣ ବେଶ ନୃତ୍ୟରେ ଗ୍ରାମବାସୀ ଝୁମିଥିବା ବେଳେ ହରିହାଟ ନଗର କୀର୍ତ୍ତନ କରାଯାଇଥିଲା। ନିରଞ୍ଜନ ମୁଦୁଲିଙ୍କ ତତ୍ତ୍ୱାବଧାନରେ ନାନକେରାସାହି ଗ୍ରାମବାସୀଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳାର ସହ ନାମଯଜ୍ଞ ହୋଇଥିଲା।

### ୨୦ରେ ପ୍ରାଚୀ ଗୁରୁ ଧର୍ମକ୍ଷେତ୍ରରେ ଗୁରୁଭକ୍ତି ସମ୍ମିଳନୀ

ଯୋଗେଶ୍ୱରପୁର,୧୮।୪(ରଶ୍ମିରଞ୍ଜନ ସାହୁ)

ପ୍ରେମାଚାର୍ଯ୍ୟ ବାବା ମଧୁସୁଦନଙ୍କ ଦ୍ୱାରା ପ୍ରତିଷ୍ଠିତ ନୟାହାଟସ୍ଥିତ ପ୍ରାଚୀ ଗୁରୁ ଧର୍ମକ୍ଷେତ୍ରରେ ୬୦ତମ ରାଜ୍ୟସ୍ତରୀୟ ଗୁରୁଭକ୍ତି ସମ୍ମିଳନୀ ଆସନ୍ତା ୨୦ ତାରିଖରେ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ସାଧୁସନ୍ଥ ଯୋଗଦେବେ। ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ଶେଷ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବାବାଜୀ ଅକ୍ଷୟ କୁମାର ଦାସ, ପୂର୍ଣ୍ଣାନନ୍ଦ ଦାସ, ଡ. ରତ୍ନାକର ମହାନ୍ତି, ସବିତା ଦାସ, ଶକୁନ୍ତଳା ଦାଶ, ନୀଳମଣି ସାହୁ, ବଂଶୀଧର ବାରିକ, ବାଳକୃଷ୍ଣ ମହାନ୍ତି, ଗୁରୁଦତ୍ତ ମହାପାତ୍ର, ନିରଞ୍ଜନ ମହାନ୍ତି, ସୁରେନ୍ଦ୍ର ପାତ୍ର, ଅଭୟ ରାୟ, ରବିନ୍ଦ୍ର ଦାସ, ରମେଶ ବିଂଟି, ଲିଙ୍ଗରାଜ ଦଳେଇ, ଶ୍ରୀଚରଣ ସ୍ୱାଇଁ, କୃଷ୍ଣଚନ୍ଦ୍ର ଓଝା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ୧୯ ତାରିଖରେ ଗୁରୁଦେବଙ୍କ ଘୋଷଯାତ୍ରା ଅନୁଷ୍ଠିତ ହେବ ବୋଲି ପ୍ରୀତି ରଞ୍ଜନ ଦାସ ସୂଚନା ଦେଇଛନ୍ତି। ସାଧୁସନ୍ଥମାନେ ବାବା ମଧୁସୂଦନଙ୍କ ସମ୍ପର୍କରେ ଉପସ୍ଥିତ ଭକ୍ତମାନଙ୍କୁ ଆଲୋକପାତ କରିବାର କାର୍ଯ୍ୟକ୍ରମ ରହିଛି।

# ବୋମା ପକାଇ ବରାଳ ବାଲୁଙ୍କେଶ୍ୱର ମନ୍ଦିର ଉଡ଼ାଇଦେବାକୁ ଧମକ

ସାକ୍ଷୀଗୋପାଳ,୧୮।୪
(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ପୁରୀ ଜିଲା ସତ୍ୟବାଦୀ ଥାନା ଅଧୀନ ବରାଳ ଗ୍ରାମର ପ୍ରସିଦ୍ଧ ଶୈବପୀଠ ବରାଳ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିରକୁ ବୋମା ପକାଇ ଉଡ଼ାଇ ଦେବାକୁ ଧମକ ମିଳିଛି। ମନ୍ଦିର ସୁରକ୍ଷା ପାଇଁ ଫୋନ୍ ପେ ମାଧ୍ୟମରେ ୫୦ ଲକ୍ଷ ଟଙ୍କା ଦାବି କରାଯାଇ ଏହି ଧମକ ଦିଆଯାଇଛି। ଏ ନେଇ ଶନିବାର ମନ୍ଦିର ପକ୍ଷରୁ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ କରି ସମ୍ପୃକ୍ତ ବ୍ୟକ୍ତି କେନ୍ଦ୍ରାପଡ଼ାର ପ୍ରତୀକ ମିଶ୍ରଙ୍କୁ ଚିହ୍ନଟ କରିଛି। ତାଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ସୌମ୍ୟରଞ୍ଜନ ମହାଳିକ କହିଛନ୍ତି। ଅଭିଯୁକ୍ତ ପୂର୍ବରୁ ଏଭଳି ମିଥ୍ୟା ଧମକପୂର୍ଣ୍ଣ ମେସେଜ ପଠାଇ ଗିରଫ ହୋଇଥିଲେ ବୋଲି ମହାଳିକ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ମନ୍ଦିର ସେବାୟତ ସତ୍ୟବ୍ରତ ମହାପାତ୍ରଙ୍କ ମୋବାଇଲ ନମ୍ବରରେ ଏକ ଅଜଣା ମୋବାଇଲ ଫୋନ୍‌ରୁ କଲ୍ ଆସିଥିଲା। ଅପରିଚିତ ବ୍ୟକ୍ତିଜଣକ ୭୩୨୬୮୦୩୯୫୨ ମୋବାଇଲ ନମ୍ବରରେ ସତ୍ୟବ୍ରତଙ୍କୁ ଫୋନ୍ କରି କହିଥିଲେ, 'ତୁମ ବରାଳବାଲୁଙ୍କେଶ୍ୱର ଦେବ ଜଣେ ଭଣ୍ଡ ଓ ଠକ, ସୋମବାର ଦିନ ବୋମା ପକାଇ ମନ୍ଦିରକୁ ଉଡ଼ାଇ ଦିଆଯିବ ଓ ଠାକୁରଙ୍କୁ ନଷ୍ଟ କରିଦିଆଯିବ। ଯଦି ସୁରକ୍ଷା ଚାହୁଁଛ ତେବେ ୫୦ଲକ୍ଷ ଟଙ୍କା ଦିଅ। ହ୍ୱାଟ୍ସଆପ୍‌ରେ ଫୋନ ପେ ନମ୍ବର ପଠାଇଛି, ଟଙ୍କା ପଠାଇବ' ବୋଲି ସମ୍ପୃକ୍ତ ଫୋନ୍ ନମ୍ବରରୁ ରାତି ସାଢ଼େ ୧୦ଟାରେ ମେସେଜ୍ ଆସିଥିବା ନେଇ ସତ୍ୟବ୍ରତ କହିଛନ୍ତି। ମେସେଜ୍ ଆସିଥିବା ମୋବାଇଲ ନମ୍ବର କେନ୍ଦ୍ରାପଡ଼ା ଅନ୍ତେଇ ପାଇଲୋର ଦମୟନ୍ତୀ ପାଣିଙ୍କ ନାମରେ ରହିଥିଲା। ଏନେଇ ଅନ୍ୟ ସେବାୟତମାନଙ୍କ ସହ ଆଲୋଚନା କରିବା ପରେ ସତ୍ୟବ୍ରତ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ପଣ୍ଡାଙ୍କୁ ଜଣାଇଥିଲେ। ଶନିବାର ସେହି ନମ୍ବରରୁ ପୁଣି ତାଙ୍କ ଫୋନ୍ ନମ୍ବରକୁ ଏକାଧିକ ଥର କଲ୍ ଆସିଥିବା ସତ୍ୟବ୍ରତ ପୋଲିସ ନିକଟରେ କହିଛନ୍ତି। ଏହାପରେ ମନ୍ଦିର ପ୍ରଶାସନ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା।

## ନିମାପଡ଼ା କଲେଜରେ ପ୍ରଥମ ମେଗା ନିଯୁକ୍ତିମେଳା



ମେଗା ନିଯୁକ୍ତି ମେଳାକୁ ଅଧ୍ୟକ୍ଷା ଅମିତା ମହାନାୟକ ଉଦ୍‌ଘାଟନ କରୁଛନ୍ତି ।)

ନିମାପଡ଼ା,୧୮।୪(ବିଚିତ୍ରାନନ୍ଦ ସାହୁ)

ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଏବଂ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଆଇକ୍ୟୁଏସିର ମିଳିତ ସହଯୋଗରେ ପ୍ରଥମ ମେଗା ନିଯୁକ୍ତିମେଳା ଶନିବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଅମିତା ମହାନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଯୁକ୍ତିମେଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପିକା ପ୍ରଣିତା ଆଚାର୍ଯ୍ୟ, ଡ. ନନ୍ଦିନୀ ପଟ୍ଟନାୟକ, ଅଧ୍ୟାପିକା ସ୍ୱପ୍ନାରାଣୀ ମିଶ୍ର, ପ୍ରଶାସନିକ ଅଧିକାରୀ ଡ. ରବୀନ୍ଦ୍ରନାଥ ପାଢ଼ୀ, ପ୍ରବୀର କୁମାର ବେହେରା, ବରିଷ୍ଠ ଅଧ୍ୟାପକ ମାନସ ରଞ୍ଜନ ସ୍ୱାଇଁ, ସୁରେଶ ବେହେରା, ଅଶୋକ କୁମାର ସ୍ୱାଇଁ, ବିଶ୍ୱଜିତ ପାଢ଼ୀ ଏବଂ ସୁବ୍ରତ ମହାନ୍ତି ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ନିଯୁକ୍ତି କ୍ଷେତ୍ରରେ ଏହି ମେଳା ବେଶ୍ ସହାୟକ ହୋଇପାରିବ ବୋଲି କହିଥିଲେ। ୧୪ରୁ ଊର୍ଦ୍ଧ୍ୱ ବହୁରାଷ୍ଟ୍ରୀୟ ପ୍ରତିଷ୍ଠିତ କମ୍ପାନୀ ଏଥିରେ ଯୋଗଦେଇଥିଲେ। ବିଭିନ୍ନ କମ୍ପାନୀରେ ନିଯୁକ୍ତି ଲାଗି ନିମାପଡ଼ା କଲେଜ ଯୁକ୍ତ୩, ପି.ଜି. ଶେଷବର୍ଷ ଏବଂ ପୁରାତନ ଛାତ୍ରୀଛାତ୍ରଙ୍କ ସମେତ ପ୍ରାୟ ୩୫୦ଜଣ ଅନଲାଇନ ଓ ଅଫ୍‌ଲାଇନ ଜରିଆରେ ଆବେଦନ କରିଥିବା ବେଳେ ବହୁ ଆବେଦନକାରୀଙ୍କ ମକ୍‌ଟେଷ୍ଟ କରାଯାଇଛି। ଯୋଗ୍ୟ ବିବେଚିତ ଆବେଦନକାରୀମାନେ ମୌଖିକ ପରୀକ୍ଷାରେ କୃତକାର୍ଯ୍ୟ ହେବାପରେ ସେମାନଙ୍କୁ ବିଭିନ୍ନ କମ୍ପାନୀରେ ନିଯୁକ୍ତି ଦିଆଯିବ ବୋଲି ଆୟୋଜନକାରୀଙ୍କ ସୂତ୍ରରୁ ଜଣାପଡ଼ିଛି। ଏହି ମେଳା ମାଧ୍ୟମରେ ଛାତ୍ରୀଛାତ୍ରମାନେ ବିଭିନ୍ନ କମ୍ପାନୀରେ ନିଯୁକ୍ତି ପାଇ ସ୍ୱାବଲମ୍ବୀ ହୋଇ ପାରିବେ ବୋଲି ଅଧିକାରୀମାନେ ମତ ପ୍ରକାଶ କରିଛନ୍ତି। ନିଯୁକ୍ତିମେଳାକୁ ନେଇ କଲେଜ ଛାତ୍ରୀଛାତ୍ର, ଅଭିଭାବକ, ଅଧ୍ୟାପିକା ଅଧ୍ୟାପକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା।

## ଶ୍ରୀଜୟଦେବ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ

ଅସ୍ତରଙ୍ଗ,୧୮।୪(ମମତା ଜେନା)

ଅକ୍ଷୟ ତୃତୀୟା ଅବସରରେ ଜୟଦେବ ଜୟନ୍ତୀ ପାଳନ ପାଇଁ ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦ ପକ୍ଷରୁ ପ୍ରସ୍ତୁତି ବୈଠକ ସ୍ଥାନୀୟ ପଦ୍ମସମ୍ଭବ ଆଶ୍ରମରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପରିଷଦର ଆବାହକ ପଣ୍ଡିତ ତ୍ରିଲୋଚନ ମିଶ୍ର, ମୁଖ୍ୟ ଉପଦେଷ୍ଟା ସନ୍ତୋଷ କୁମାର ମିତ୍ର, ସମ୍ପାଦକ ଦେବେନ୍ଦ୍ର ମାହାରୀ, ଏମ୍‌ପି ପ୍ରତିନିଧି କୈଳାସ ଚନ୍ଦ୍ର ନାୟକ ଓ ସଂଯୋଜକ କାଳୀପ୍ରସାଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଜୟଦେବଙ୍କ ସ୍ମୃତିଚାରଣ ପୂର୍ବକ ଜୟନ୍ତୀ ପାଳନ ପାଇଁ କାର୍ଯ୍ୟଧାରା ପ୍ରସ୍ତୁତ କରିଛନ୍ତି। ଜୟଦେବଙ୍କ ଦାୟାଦ ପଣ୍ଡିତ ମିଶ୍ରଙ୍କ ଅନୁରୋଧ ରକ୍ଷାକରି ଓଡ଼ିଶା ସରକାର ୧୯୯୨ ମସିହାରୁ ଜୟଦେବ ଜୟନ୍ତୀ ସଂକୀର୍ତ୍ତନ ଯାତ୍ରାର ଶୁଭାରମ୍ଭ କରିଛନ୍ତି। ଅକ୍ଷୟ ତୃତୀୟାରୁ ଆରମ୍ଭ ହେଉଥିବା ଏହି ଯାତ୍ରାରେ ଭକ୍ତମାନେ ସଂକୀର୍ତ୍ତନ କରି ଏକାମ୍ର କ୍ଷେତ୍ରରୁ ବାହାରି ପ୍ରାଚୀତଟର ପ୍ରମୁଖ ପୀଠ ପରିକ୍ରମା ପୂର୍ବକ ଶ୍ରୀକ୍ଷେତ୍ର ଗମନ କରନ୍ତି। ପରିଷଦ ପକ୍ଷରୁ ଜୟଦେବ ଜୟନ୍ତୀ ପାଳନ ସହ ସଂକୀର୍ତ୍ତନ ଯାତ୍ରାକୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯିବ।

## ବିଶ୍ୱପ୍ରସାଦ, ଉତ୍କଳିକାଙ୍କୁ ବିଧାୟକଙ୍କ ସମ୍ବର୍ଦ୍ଧନା





ବିଶ୍ୱପ୍ରସାଦ ନାୟକ ଏବଂ ଉତ୍କଳିକା ସାହୁଙ୍କୁ ବିଧାୟକ ଆଶ୍ରିତ ପଟ୍ଟନାୟକ ସମ୍ବର୍ଦ୍ଧିତ କରୁଛନ୍ତି ।

**ସିବିଏସ୍‌ଇ ଦଶମ ପରୀକ୍ଷାରେ ସଫଳତା**

ପିପିଲି,୧୮।୪
(ଦୁର୍ଗାମାଧବ ମିଶ୍ର/ପ୍ରଭାତ ମହାପାତ୍ର)

ପିପିଲି ନିର୍ବାଚନମଣ୍ଡଳୀ ଅଧୀନ ଡେଲାଙ୍ଗ-ପିପିଲି ଅଞ୍ଚଳ ପାଇଁ ଜଗନ୍ନାଥପୁର ପଞ୍ଚାୟତ କୃଷ୍ଣପୁର ଗାଁର ବିଶ୍ୱପ୍ରସାଦ ନାୟକ ଏବଂ ନୂଆଶାସନ ପଞ୍ଚାୟତ ନୂଆପାଟଣା ସାହିର ଉତ୍କଳିକା ସାହୁ ଗର୍ବ ଓ ଗୌରବ ଆଣିଛନ୍ତି। ଚଳିତ ବର୍ଷ ଭୁବନେଶ୍ୱରର ଏକ ଘରୋଇ ବିଦ୍ୟାଳୟରେ ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ଦେଇ ବିଶ୍ୱପ୍ରସାଦ ୫୦୦ରୁ ୪୯୭ ନମ୍ବର ଅର୍ଥାତ ୯୯.୪ ପ୍ରତିଶତ ମାର୍କ ରଖିଛନ୍ତି। ସେହିପରି କୋଣାର୍କ ନବୋଦୟ ବିଦ୍ୟାଳୟର ଉତ୍କଳିକା ୫୦୦ରୁ ୪୮୫ ନମ୍ବର ଅର୍ଥାତ ୯୭ ପ୍ରତିଶତ ମାର୍କ ରଖିଛନ୍ତି। ଶନିବାର ଏହି ଖବର ପାଇ ବିଧାୟକ ଆଶ୍ରିତ ପଟ୍ଟନାୟକ, ଭାଜପା ମଣ୍ଡଳ ସଭାପତି ସୁଧୀର ବିଶ୍ୱାଳ, ନୂଆଶାସନ ସରପଞ୍ଚ ଶ୍ରଦ୍ଧାଞ୍ଜଳି ଦାସ, ମଣ୍ଡଳ କୃଷକ ମୋର୍ଚ୍ଚା ସଭାପତି ସୁକାନ୍ତ ଦାଶ ଏବଂ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଉଭୟ ଛାତ୍ରୀଛାତ୍ରଙ୍କ ପରିବାରଙ୍କୁ ଭେଟି ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଏଥିସହ ସମସ୍ତଙ୍କୁ ମିଠା ଖୁଆଇଥିଲେ।

## ୩୩ ପର୍ଯ୍ୟବେକ୍ଷକ, ୨୦୩ କର୍ମଚାରୀ କରୁଛନ୍ତି ଜନଗଣନା

ସାକ୍ଷୀଗୋପାଳ,୧୮।୪(ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର/ଭରତ ରାଉତ)

ସତ୍ୟବାଦୀରେ ଜନଗଣନା କାର୍ଯ୍ୟ ଚଳିତ ମାସ ୧୬ତାରିଖରୁ ଆରମ୍ଭ ହୋଇଥିବାବେଳେ ମେ ୧୫ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ପର୍ଯ୍ୟାୟରେ ଘର ଗଣନା କରାଯିବ। ୧୯ ତାରିଖରୁ ଗଣନାକାରୀମାନେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ। ଏଥିଲାଗି ସତ୍ୟବାଦୀ ବ୍ଲକକୁ ୨୧ ଜୋନରେ ବିଭକ୍ତ କରାଯାଇଛି। ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ଜନଗଣନା କାର୍ଯ୍ୟକ୍ରମର ମୁଖ୍ୟ ଦାୟିତ୍ୱରେ ରହିଛନ୍ତି। ସୂଚନା ଅନୁଯାୟୀ, ୨୦୩ ଜଣ ଗଣନାକାରୀ ଓ ୩୩ ଜଣ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି। ସତ୍ୟବାଦୀ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଜନଗଣନା କାର୍ଯ୍ୟ ନିର୍ଭୁଲ ଭାବେ ପରିଚାଳନା ପାଇଁ ଗଣନାକାରୀ ଓ ପର୍ଯ୍ୟବେକ୍ଷକ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟ କରିବା ପାଇଁ ଅଧିକ ଚାପ ସୃଷ୍ଟି ହେଲେ ଅତିରିକ୍ତ ୨୦ ଗଣନାକାରୀ ଓ ୩ ଜଣ ପର୍ଯ୍ୟବେକ୍ଷକଙ୍କୁ ତୁରନ୍ତ କାର୍ଯ୍ୟରେ ନିୟୋଜିତ କରାଯିବ ବୋଲି ତହସିଲଦାର ତଥା ଜନଗଣନା ଅଧିକାରୀ ପାଣିଗ୍ରାହୀ କହିଛନ୍ତି। ଜନଗଣନା ସମୟରେ ସରକାରଙ୍କ ପକ୍ଷରୁ ଯେଉଁ ୩୩ ପ୍ରଶ୍ନ ଲୋକଙ୍କୁ ପଚରାଯିବ, ତାହାର ସଠିକ ଉତ୍ତର ଦେବା ସହ ଜନଗଣନା କର୍ମଚାରୀଙ୍କୁ ପୂର୍ଣ୍ଣମାତ୍ରାରେ ସହଯୋଗ କରିବାକୁ ସତ୍ୟବାଦୀ ଅତିରିକ୍ତ ତହସିଲଦାର ତଥା ଅତିରିକ୍ତ ଜନଗଣନା ଅଧିକାରୀ ଓମ୍‌ପ୍ରକାଶ ପରିଡ଼ା ଅନୁରୋଧ କରିଛନ୍ତି।

## ଭଉଁରି ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ପିପିଲି,୧୮।୪(ପ୍ରଭାତ କୁମାର ମହାପାତ୍ର)

ଆସନ୍ତା ମେ ୧୦ରେ ପିପିଲି ଥାନା ସମ୍ମୁଖରେ ପାରମ୍ପରିକ ଭଉଁରି ଯାତ୍ରା ପାଳନ ହେବ। ଏହି ବାର୍ଷିକ ଉତ୍ସବରେ ସହସ୍ରାଧିକ ଜନସାଧାରଣ ଓ ଜନପ୍ରତିନିଧି ଯୋଗଦେବେ। ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଭଜନ କୀର୍ତ୍ତନ ସହ ଥାନା ସମ୍ମୁଖରେ ଥିବା ଆରାଧ୍ୟ ଦେବତା ଗୋପାଳ ଜୀଉଙ୍କ ପାରମ୍ପରିକ ଚାପଖେଳ ଓ ନଗର ପରିକ୍ରମା କରାଯିବ। ଭଉଁରି ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ସୌମେନ୍ଦ୍ର ଶେଖର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମଟିଆଳି ଗ୍ରାମର ବିକ୍ରମ ସିଂ, କାହ୍ନୁଚରଣ ସାହୁ, କୈଳାସ ସାହୁ, ନାରାୟଣ ଦାସ ପ୍ରମୁଖ ମୁରବିମାନଙ୍କ ସହ ଗ୍ରାମବାସୀ ସେକ ପପୁ, ପ୍ରଫୁଲ୍ଲ ସାହୁ, ମନୋଜ ସାହୁ, ଜିତେନ୍ଦ୍ର ମହାପାତ୍ର ଓ ସେବାୟତଙ୍କ ତରଫରୁ ରଞ୍ଜନ ଦୀକ୍ଷିତ, ପ୍ରଫୁଲ୍ଲ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକକୁ ଏସ୍‌ଆଇ ସୁରମା ସ୍ୱାଇଁ, ଏଏସ୍‌ଆଇ ସୁମନ୍ତ ସାହୁ ପରିଚାଳନା କରିଥିଲେ।

## ରଘୁରାଜପୁର, କୋଣାର୍କ ବୁଲିଲେ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର

ପୁରୀ/କୋଣାର୍କ,୧୮।୪ (ଅଜିତ୍ କୁମାର ମହାନ୍ତି/ଜ୍ୟୋତିରାଜ ମହାନ୍ତି)

ସୂଚନା ଓ ଲୋକ ସମ୍ପର୍କ ବିଭାଗ ସହଯୋଗରେ ଶନିବାର ୧୦ ରାଷ୍ଟ୍ରର ୨୨ ଜଣ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ଓ ସୋସିଆଲ ମିଡିଆ କଣ୍ଟେଣ୍ଟ କ୍ରିଏଟର୍‌ମାନେ ଲୋକକଳା ଗ୍ରାମ ରଘୁରାଜପୁର ଏବଂ କୋଣାର୍କ ମନ୍ଦିର ପରିଦର୍ଶନ କରିଛନ୍ତି। ପ୍ରଥମେ ସେମାନେ ରଘୁରାଜପୁରରେ ପହଞ୍ଚିବା ପରେ ପୁରୀ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ ହସ୍ତତନ୍ତ ବିଭାଗର ସହକାରୀ ନିର୍ଦ୍ଦେଶକ ସୁକାନ୍ତ କୁମାର ପଣ୍ଡା ସେମାନଙ୍କୁ ସ୍ୱାଗତ କରିଥିଲେ। ପରେ ସେମାନେ ରଘୁରାଜପୁରର ପଟ୍ଟଚିତ୍ର ଘରକୁ ଘର ବୁଲି ଦେଖିଥିଲେ। ଅପରାହ୍ନରେ କୋଣାର୍କରେ ପହଞ୍ଚିଥିଲେ। ଗାଇଡ୍ ଅନିମେଶ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଏହି ବିଦେଶୀ ଇନଫ୍ଲୁଏନ୍ସରମାନେ ମନ୍ଦିର ଦେଖିବା ସହ ବିବିଧ ତଥ୍ୟ ପଚାରି ବୁଝିଥିଲେ ଓ ଫଟୋ ଉଠାଇଥିଲେ। ମନ୍ଦିରର ଐତିହ୍ୟ, ଇତିହାସ ସମ୍ପର୍କରେ ଜାଣିବା ସହ ମନ୍ଦିର ଦେଖି ଓ ମନ୍ଦିର ସମ୍ପର୍କରେ ଅବଗତ ହୋଇ ସେମାନେ ଖୁସିବ୍ୟକ୍ତ କରିଥିଲେ। ପରେ ଆଇଓସିଏଲ୍ ବ୍ୟାଖ୍ୟାନ କେନ୍ଦ୍ର ବୁଲିବା ସହ କୋଣାର୍କ ସମ୍ପର୍କିତ ଡକ୍ୟୁମେଣ୍ଟାରୀ ଫିଲ୍ମ ଦେଖିଥିଲେ। ଏହି ଟିମରେ ମ୍ୟାନ୍‌ମାରରୁ ନୁ ମିଆତ ଥେଇଙ୍ଗି ଓ, ନାଇଙ୍ଗି ସୁଇ ଓ, ଭୁଟାନରୁ ଦୋଜିର ଗେଲଷ୍ଟହେନ, ତେନଜିନ ୟାଙ୍ଗଚେନ, କାମ୍ବୋଡିଆରୁ ହେଙ୍ଗ ଖେମା, ସୋକ ସନିତା, ଲାଓସୋରୁ ସିରିସୋଫା ଫିମାକୋୟୋସୋନ, ସୁକିଫୋନ ଭୋଙ୍ଗସାକ, ମାଲେସିଆରୁ ମାରହମ ବିନ୍ ମଣ୍ଡ ୟୁସୁଫ, ତାଙ୍ଗ ହଙ୍ଗ ତି, ମଙ୍ଗୋଲିଆରୁ ବାଡମାରଗ ତୁଲୁନବାତର, ନ୍ୟାମଦରୀ ବାଇଗଲମା, ନେପାଳରୁ ପ୍ରକାଶ ଅଧିକାରୀ, ଶ୍ରୀଜନ ଓଲୀ, ସିଙ୍ଗାପୁରରୁ ଲୀ ଫଙ୍ଗ କୁମ, ଲୀ ଜିଆଇ ତ୍ରିସିଆ, ଚାନ ତୁଇ କୁଏନ ପ୍ରିସିଲା, ଥାଇଲାଣ୍ଡରୁ ମିସ ନିଶା ନାଶୋନଜାଇ, ନାପୋଲ ଲାପୋର୍ଣ୍ଣ ସିରିକୁଲ, ଭିଏତ୍‌ନାମରୁ ଲୀ ଥୁକ ହିଏନ, ଡାଓ ଥି ମିନହ ତ୍ରାଙ୍ଗ, ହା ଲେ ଡିଏମ ସାମିଲ ହୋଇ ପରିଦର୍ଶନ କରିଥିଲେ। ବୈଦେଶିକ ମନ୍ତ୍ରଣାଳୟର ମିଡିଆ ଲିଆସନ ଅଫିସର ଚନ୍ଦ୍ରେଶ୍ୱର ସିଂ ଓ ଉଜ୍ଜ୍ୱଳ ଗିରି ଏହି ପରିଦର୍ଶକଙ୍କୁ ଓଡ଼ିଶାର ବିଭିନ୍ନ ସ୍ଥାନ ପରିଭ୍ରମଣରେ ସହାୟତା କରିଥିଲେ।



୧୦ ରାଷ୍ଟ୍ରର ୨୨ ଜଣ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ଓ ସୋସିଆଲ ମିଡିଆ କଣ୍ଟେଣ୍ଟ କ୍ରିଏଟର୍‌ମାନେ ସୂର୍ଯ୍ୟମନ୍ଦିର ପରିଦର୍ଶନ କରୁଛନ୍ତି ।

## ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

ଡେଲାଙ୍ଗ/ଗୋପ,(ରଶ୍ମିରଞ୍ଜନ ପ୍ରଧାନ/ଭାରତୀ ଭୂଷଣ ଉପାଧ୍ୟାୟ)

ଡେଲାଙ୍ଗ ହାଟ ବଜାରରେ ବିଜେଡି ପକ୍ଷରୁ ପ୍ରବାଦପୁରୁଷ ବିଜୁବାବୁଙ୍କ ତିରୋଧାନ ଦିବସ ପାଳନ କରାଯାଇଛି। ଜିଲାପରିଷଦ ସଭ୍ୟ ପ୍ରସନ୍ନ ସାହୁ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ନେତ୍ରୀ ବାସନ୍ତୀ ସାହୁ, ଗଡମୋଟରୀ ସମିତି ସଭ୍ୟ ଲଲାଟ କେଶରୀ ସାମନ୍ତରାୟ, ପୂର୍ବତନ ସରପଞ୍ଚ ନବଘନ ପ୍ରଧାନ, ବିପିନ ବିହାରୀ ନରେନ୍ଦ୍ର, ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଚିତ୍ରସେନ ନିଶଙ୍କ, ରବିନାରାୟଣ ତାଡ଼, ବିଜେଡି ବ୍ଲକ ସଭାପତି ବିପନ୍ନ ପଟ୍ଟନାୟକ ପ୍ରମୁଖଙ୍କ ସମେତ ବିଜେଡି ସମର୍ଥକମାନେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବିଜୁବାବୁଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଜନସାଧାରଣଙ୍କୁ ନେତୃବୃନ୍ଦ ଆହ୍ୱାନ ଦେଇଥିଲେ। ସେହିପରି ଗୋପ ବିଜୁ ଜନତା ଦଳ ପକ୍ଷରୁ ବିଜୁବାବୁଙ୍କ ତିରୋଧାନ ଦିବସ ପାଳନ ଅବସରରେ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଛି। ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଗୋପ ଆଖଣ୍ଡଳେଶ୍ୱର ପୀଠରେ ଆୟୋଜିତ ବୈଠକରେ ବିଜୁବାବୁଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପୂର୍ଣ୍ଣଚନ୍ଦ୍ର ଦାସ ଏବଂ ବିକ୍ରମ ନାୟକଙ୍କ ସମେତ ବହୁ ନେତା ଓ ସମର୍ଥକ ଉପସ୍ଥିତ ଥିଲେ।

## ମହିଳାଙ୍କ ବିକାଶରେ ବିଜୁବାବୁଙ୍କ ଅବଦାନ ଅତୁଳନୀୟ

ନିମାପଡ଼ା/ଚାରିଛକ, ୧୮।୪
(ବିଚିତ୍ରାନନ୍ଦ ସାହୁ/ ଶିଶିର କୁମାର ସ୍ୱାଇଁ)

ନିମାପଡ଼ା ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ସଭାରେ ଅତିଥି ଭାବେ ବିଜେଡି ସାଙ୍ଗଠନିକ ସମ୍ପାଦକ ସୁବ୍ରତ ଛାଟୋଇ, ବ୍ଲକ ସଭାପତି ଭାଗ୍ୟଧର ଖଟୋଇ, ନଗର ସଭାପତି ଧନୁର୍ଦ୍ଧର ଦାସ, ଜିଲା ମହିଳା ବିଜେଡି ସଭାନେତ୍ରୀ କସ୍ତୁରୀବାଳା ସ୍ୱାଇଁ, କୃପାସିନ୍ଧୁ ଦତ୍ତ, ସତ୍ୟବାଦୀ ମହାପାତ୍ର, ବିଜୟ ପଟ୍ଟନାୟକ, କୁଞ୍ଜଲତା ସାମଲ ଓ ସରିତା ମହାପାତ୍ର ପ୍ରମୁଖ ଯୋଗଦେଇ ରାଜ୍ୟର ମହିଳାଙ୍କ ବିକାଶ କ୍ଷେତ୍ରରେ ବିଜୁବାବୁଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ବାଇକ୍ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଦଳ ପକ୍ଷରୁ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ନିମାପଡ଼ା ମେଡିକାଲରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ସେହିପରି ଛଣିଜଙ୍ଗ ପଞ୍ଚାୟତରେ ଦିଲୀପ ନାୟକଙ୍କ ନେତୃତ୍ୱରେ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏଥିରେ ପଞ୍ଚାୟତ ସଭାପତି ବଳରାମ ନାୟକ ଅଧ୍ୟକ୍ଷତା କରିଥିଲେ। ନିମାପଡ଼ା ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ ଅଜୟ କୁମାର ଭୋଇ, ସରପଞ୍ଚ ତପନ କୁମାର ମଲ୍ଲିକ, ସମିତି ସଭ୍ୟା ଲକିବାଳା ନାୟକ, ମାନସ ପ୍ରଧାନ, ଦିଲୀପ ପାତ୍ର, ପବିତ୍ର ମୋହନ ମହାପାତ୍ର, ପ୍ରଦୀପ୍ତ ଦାସ, ଦ୍ୱିଜବର ପ୍ରଧାନ, ଚୈତନ୍ୟ ସେଠୀ, ଅକ୍ଷୟ ପଢ଼ିଆରୀ ପ୍ରମୁଖ ଯୋଗଦେଇ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବିଜୁବାବୁ ଥିଲେ ଝଡ଼ର ଇଗଲ ଏବଂ ସେ ଓଡ଼ିଶାର ବହୁବିଧ ବିକାଶ କରିଥିଲେ ବୋଲି ନେତୃବୃନ୍ଦ କହିଥିଲେ।

## ୨ ଗୁରୁତ୍ୱପୂର୍ଣ୍ଣ ମାମଲାରେ ଦୋଷୀ ଦଣ୍ଡିତ

ପୁରୀ,୧୮।୪(ଅଜିତ୍ କୁମାର ମହାନ୍ତି)

ଜିଲାରେ ଅପରାଧ ନିୟନ୍ତ୍ରଣ ଓ ନ୍ୟାୟ ପ୍ରଦାନ କ୍ଷେତ୍ରରେ ପୁନର୍ବାର ଏକ ସଫଳତା ହାସଲ ହୋଇଛି। ଏପ୍ରିଲ୍‌ରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ମାମଲାରେ ଦୋଷୀଙ୍କୁ ଦଣ୍ଡିତ କରାଯାଇଛି। ପ୍ରଥମ ମାମଲାରେ ଜେଏମ୍‌ଏଫ୍‌ସି କାକଟପୁର କୋର୍ଟରେ କେସ୍ ନଂ.୨୯୯/୨୫ର ଶୁଣାଣିକରି ଶନିବାର ଅଭିଯୁକ୍ତ ଗଗନ ବିହାରୀ ଛୁଆଲସିଂଙ୍କୁ ଦୋଷୀସାବ୍ୟସ୍ତ କରାଯାଇଛି। ତାଙ୍କୁ ଧାରା ୩୩୧(୪)/୩୦୫ ଅନୁଯାୟୀ ୨ ବର୍ଷ ୩ ମାସ କଠୋର କାରାଦଣ୍ଡ ସହ ୨୦୦୦ ଟଙ୍କା ଜରିମାନା ଦଣ୍ଡ ହୋଇଛି। ଏହି ମାମଲା କାକଟପୁର ଥାନା କେସ୍ ନଂ.୨୭୪/୨୦୨୫ ସହ ସମ୍ବନ୍ଧିତ। ଦ୍ୱିତୀୟ ମାମଲାରେ ଅତିରିକ୍ତ ସେସନ୍ସ ଜଜ୍ ପୁରୀ କୋର୍ଟରେ ମାମଲାର ଶୁଣାଣି କରି ଶନିବାର ଅଭିଯୁକ୍ତ ପ୍ରଦୀପ ମାଝୀଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ତାଙ୍କୁ ଧାରା ୩୫୪ ଏ ଅନୁଯାୟୀ ୩ ବର୍ଷ କଠୋର କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା (ଜରିମାନା ନ ଭରିଲେ ୧ ମାସ ଅତିରିକ୍ତ କାରାଦଣ୍ଡ) ଏବଂ ଧାରା ୩୭୬(୨) (ଆଇ) ଅନୁଯାୟୀ ୧୦ ବର୍ଷ କଠୋର ଦଣ୍ଡ ଓ ୨୦ ହଜାର ଜରିମାନା (ଜରିମାନା ନ ଭରିଲେ ୬ ମାସ ଅତିରିକ୍ତ କାରାଦଣ୍ଡ) କରାଯାଇଛି। ଏହି ମାମଲା ବ୍ରହ୍ମଗିରି ଥାନା କେସ୍ ନଂ.୩୭/୨୦୨୪ ସହ ସମ୍ବନ୍ଧିତ। ଏହି ଦୁଇଟି ମାମଲାରେ ସଫଳ ଦଣ୍ଡାଦେଶ ପାଇଁ ପୁରୀ ପୋଲିସ, ଜିଲା ଅଭିଯୋଜନ ନିର୍ଦ୍ଦେଶାଳୟ, ପବ୍ଲିକ ପ୍ରସିକ୍ୟୁଟର ଓ ସମସ୍ତ ତଦନ୍ତ କର୍ମୀଙ୍କ ସମନ୍ୱିତ ପ୍ରୟାସ ଗୁରୁତ୍ୱପୂର୍ଣ୍ଣ ରହିଛି। ଏସ୍‌ପି ପ୍ରତୀକ ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସୁଦୃଢ଼ ଟିମ୍ ୱାର୍କ ମାଧ୍ୟମରେ ଏହି ସଫଳତା ଲାଭ ହୋଇଛି। ପୁରୀ ପୋଲିସ ଭବିଷ୍ୟତରେ ମଧ୍ୟ ଏହିପରି ଅପରାଧ ଦମନ ଓ ନ୍ୟାୟ ପ୍ରଦାନରେ ଅତୁଟ ରହିବାକୁ ପ୍ରତିବଦ୍ଧ ବୋଲି ଏସ୍‌ପି ସିଂ ସୂଚନା ଦେଇଛନ୍ତି।

## ବେଳାଭୂମି ସଫେଇ, ପ୍ଲାଷ୍ଟିକ୍ ସଚେତନତା

କୋଣାର୍କ,୧୮।୪(ଜ୍ୟୋତିରାଜ ମହାନ୍ତି)

ସାମାଜିକ ଅନୁଷ୍ଠାନ 'ପ୍ରୋଜେକ୍ଟ ପଏଣ୍ଟ ଓଡ଼ିଶା' ପକ୍ଷରୁ ଶନିବାର କୋଣାର୍କ ଚନ୍ଦ୍ରଭାଗାରେ ଯୁବ ଦୁଃସାହସିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ୧୦୦ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେମାନେ ଚନ୍ଦ୍ରଭାଗା ବେଳାଭୂମି ସଫା କରିବା ସହ ଏକ ସଚେତନତା ଅଭିଯାନ ଆରମ୍ଭ କରିଥିଲେ। ପରେ ଏହି ବାର୍ତ୍ତା ନେଇ ସମୁଦ୍ରତଟରେ ଟ୍ରେକିଂ କରିଥିଲେ। ଏହାଦ୍ୱାରା ପର୍ଯ୍ୟଟକଙ୍କ ମଧ୍ୟରେ ଏକ ନୂଆ ଆଗ୍ରହ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ ସହିତ ପ୍ଲାଷ୍ଟିକ ସଚେତନତାକୁ ଗୁରୁତ୍ୱ ଦିଆଯାଇଥିଲା। କୋଣାର୍କ ଆବାସିକ ଉଚ୍ଚ ବିଦ୍ୟାଳୟରେ



'ପ୍ରୋଜେକ୍ଟ ପଏଣ୍ଟ ଓଡ଼ିଶା' ପକ୍ଷରୁ ଶନିବାର କୋଣାର୍କ ଚନ୍ଦ୍ରଭାଗାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମ ।

ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ନିହାର ପ୍ରସାଦ ଲେଙ୍କା ମୁଖ୍ୟ ଅତିଥି, ପ୍ରତିଷ୍ଠାତା ସଦସ୍ୟ ରାମକୃଷ୍ଣ ମହାନ୍ତି, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ସନ୍ଦୀପ କୁମାର ରାଉତ, ସମୂହ ଡ. ସଚ୍ଚିଦାନନ୍ଦ ପ୍ରଧାନ ଏବଂ ସତ୍ୟ ସୁନ୍ଦର ମିଶ୍ର ସମ୍ମାନିତ ଅତିଥି ରୂପେ ଯୋଗଦେଇ ପ୍ଲାଷ୍ଟିକ ଓ ପଲିଥିନ୍ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶା ସରକାରଙ୍କ ଓଡ଼ିଆ ସଂସ୍କୃତି ବିଭାଗ ସହଯୋଗରେ ସମ୍ବଲପୁରୀ ନୃତ୍ୟ ଓ ଆଦିବାସୀ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂସ୍ଥାର ଭାଗିରଥି ପାଇକରାୟ, ବିକ୍ରମ କେଶରୀ ସାମନ୍ତରାୟ, ଅନିଶେକ୍ ସିଂ, ଆଭାସ ମୁଦୁଲି, ବର୍ଷା ନାୟକ ଓ ସ୍ୱପ୍ନା ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜାଣନ୍ତୁ ଦୁନିଆ

# ଯେଉଁ ଗାଁରେ ମଣିଷଠୁ କଣ୍ଢେଇ ସଂଖ୍ୟା ଅଧିକ

**କେହି କେହି ପିଲାବେଳେ କଣ୍ଢେଇରେ ଖେଳିବାକୁ ଭଲପାଆନ୍ତି ତ ଆଉ କେହି କେହି ସଉକ ପାଇଁ ଅବା ଘର ସଜାଇବାକୁ କଣ୍ଢେଇ ରଖନ୍ତି। ହେଲେ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ଜାପାନରେ ନାଗୋରୋ ନାମକ ଏମିତି ଏକ ଗାଁ ଅଛି, ଯେଉଁଠି ମଣିଷ ତୁଳନାରେ କଣ୍ଢେଇଙ୍କ ସଂଖ୍ୟା ଖୁବ୍ ଅଧିକ। ତେବେ ଏପରି କାହିଁକି ଜାଣନ୍ତୁ ସେ ସମ୍ପର୍କରେ...**

➔ ଟେକ୍ନୋଲୋଜି କ୍ଷେତ୍ରରେ ଜାପାନ ଏକ ଅଗ୍ରଣୀ ଦେଶ। ହେଲେ ଏଠାରେ ନାଗୋରୋ ନାମକ ଏକ ଗାଁ ଅଛି, ଯାହା ଧୀରେ ଧୀରେ ଜନଶୂନ୍ୟ ହେବାରେ ଲାଗିଛି। ତଥ୍ୟ ଅନୁଯାୟୀ ଏହି ଗ୍ରାମରେ ଗତ ୧୮-୨୦ ବର୍ଷ ମଧ୍ୟରେ କୌଣସି ଶିଶୁ ଜନ୍ମ ହୋଇ ନାହାନ୍ତି। ଏଠାରେ ପ୍ରଥମେ ଜନସଂଖ୍ୟା ପ୍ରାୟ ୩୦୦ ଥିବାବେଳେ ୨୦୧୫ରେ ମାତ୍ର ୩୫, ୨୦୧୬ରେ ୩୦ ଏବଂ ୨୦୧୯ରେ ୨୭ ଥିଲା। ବର୍ତ୍ତମାନ ଏଠାରେ ଖୁବ୍ କମ୍ ଲୋକ ରହୁଥିବା ବେଳେ ଗଳି, ରାସ୍ତାଘାଟ, ସ୍କୁଲଠୁ ଆରମ୍ଭ କରି ସବୁଠି କଣ୍ଢେଇ ଦେଖିବାକୁ ମିଳନ୍ତି।

➔ଏହି କଣ୍ଢେଇଗୁଡ଼ିକୁ ଜାପାନୀ ଭାଷାରେ ବିଜୁକା ବୋଲି କୁହାଯାଇଥାଏ, ଯାହାକୁ ତିଆରି କରିଛନ୍ତି ଉକ୍ତ ଗାଁର ମହିଳା ଅୟାନୋ ସୁକିମୀ। ସେ ୨୦୦୨-୨୦୦୩ରେ ନିଜ ଅସୁସ୍ଥ ବାପାଙ୍କ ଯତ୍ନ ନେବା ଲାଗି ଗାଁକୁ ଫେରିଥିଲେ। ସେ ପ୍ରଥମେ ବାପାଙ୍କୁ ଖୁସି କରିବା ଲାଗି ପକ୍ଷୀଙ୍କ କବଳରୁ ନିଜ ବଗିଚାକୁ ରକ୍ଷା କରିବା ଲାଗି ଏକ ପାଳଭୂତ ପ୍ରସ୍ତୁତ କରିଥିଲେ। ଏହା ପରେ ଧୀରେ ଧୀରେ ସେ ବିଭିନ୍ନ ପ୍ରକାରର କଣ୍ଢେଇ ପ୍ରସ୍ତୁତ କରିବା ଆରମ୍ଭ କଲେ।

➔୨୦୧୨ ପରଠୁ ଗ୍ରାମରେ ପିଲା ନ ଥିବାରୁ ସ୍କୁଲ୍ ଖାଲି ଖାଲି ଲାଗୁଥିଲା। ତେଣୁ ଅନେକ କଣ୍ଢେଇ ପ୍ରସ୍ତୁତ କରି ସ୍କୁଲ୍‌ରେ ପିଲାଙ୍କ ସ୍ଥାନରେ ଏବଂ ଶିକ୍ଷକଙ୍କ ସ୍ଥାନରେ ରଖିଲେ, ଯାହାକି ବର୍ତ୍ତମାନ ଏକ ମ୍ୟୁଜିୟମ ପାଲଟିଛି। ସେହିପରି ଧୀରେ ଧୀରେ ଗାଁରୁ ବାହାରକୁ ଚାଲି ଯାଉଥିବା ଅବା ମରିଯାଉଥିବା ଲୋକଙ୍କୁ ସ୍ମରଣ କରିବା ଲାଗି ସେ କାଠ, ଖବରକାଗଜ, ପ୍ଲାଷ୍ଟିକ୍ ଏବଂ କପଡ଼ା ଭଳି ବିଭିନ୍ନ ସାମଗ୍ରୀ ବ୍ୟବହାର କରି ବହୁ ସଂଖ୍ୟାରେ କଣ୍ଢେଇ ପ୍ରସ୍ତୁତ କଲେ ଏବଂ ଅବିକଳ ମଣିଷଙ୍କ ଭଳି ମେକ୍‌ଅପ୍ ଦେଇ ଗାଁ ଭିତରେ ବିଭିନ୍ନ ସ୍ଥାନରେ ରଖିଲେ।





➔୨୦୧୪ରେ ଜର୍ମାନ ଫିଲ୍ମ ମେକର ଫ୍ରିଟଜ୍ ସୁମନ ଏହି ଗାଁ ଉପରେ ଏକ ଡକ୍ୟୁମେଣ୍ଟାରୀ ଫିଲ୍ମ ନିର୍ମାଣ କରିଥିଲେ। ସେବେଠୁ ଏହାକୁ କଣ୍ଢେଇର ଗାଁ ବୋଲି କୁହାଯାଉଛି। ଏହି ଗ୍ରାମ ବର୍ତ୍ତମାନ ଏକ ପର୍ଯ୍ୟଟନସ୍ଥଳ ପାଲଟିଛି।

➔ ଏଠାରେ ଅକ୍ଟୋବର ପ୍ରଥମ ରବିବାରରେ ଆୟୋଜିତ ହେଉଥିବା କଣ୍ଢେଇ ଉତ୍ସବ ଦେଖିବା ପାଇଁ ବହୁସଂଖ୍ୟାରେ ଜନସମାଗମ ହୋଇଥାଏ।

# ସଷ୍ଟେନେବଲ୍ ଫ୍ୟାଶନ୍ ଟ୍ରେଣ୍ଡ

**ଭଳିକି ଭଳି ଡିଜାଇନ୍, କଲର ଏବଂ ମ୍ୟାଟେରିଆଲ୍ ପ୍ରସ୍ତୁତ ଟ୍ରେଣ୍ଡି ଫ୍ୟାଶନେବଲ୍ ଆଉଟ୍‌ଫିଟ୍ ଯୁବପିଢ଼ିଙ୍କର ସବୁବେଳେ ପସନ୍ଦ। ହେଲେ ପରିବେଶକୁ ନେଇ ସଜାଗ ଆଜିର ଯୁବପିଢ଼ି ଆଉଟ୍‌ଫିଟ୍ କିଣିବା ବେଳେ କେବଳ ଷ୍ଟାଇଲ୍ ନୁହେଁ, ବରଂ ପରିବେଶ ସୁରକ୍ଷାକୁ ନେଇ ଅଧିକ ଯତ୍ନଶୀଳ ହେଉଛନ୍ତି। ତେଣୁ ଦିନକୁ ଦିନ ବିଭିନ୍ନ ଇକୋଫ୍ରେଣ୍ଡଲି ସଷ୍ଟେନେବଲ୍ ଆଉଟ୍‌ଫିଟ୍‌ର ଡିମାଣ୍ଡ ବଢ଼ିବାରେ ଲାଗିଛି...**




ପରିବେଶ ସୁରକ୍ଷାକୁ ନେଇ ବଢ଼ୁଥିବା ସଚେତନତା ଏବଂ ସୋସିଆଲ୍ ମିଡିଆ ପ୍ରଭାବରେ ସଷ୍ଟେନେବଲ୍ ଆଉଟ୍‌ଫିଟ୍‌ର ଚାହିଦା ବଢ଼ିବାରେ ଲାଗିଛି, ଯାହାକି ବର୍ତ୍ତମାନ ନା କେବଳ ଫ୍ୟାଶନ୍‌କୁ ନେଇ ସଭିଙ୍କ ଚିନ୍ତାଧାରାରେ ଏକ ପରିବର୍ତ୍ତନ ଆଣିପାରିଛି, ବରଂ ପରିବେଶ ସୁରକ୍ଷାକୁ ନେଇ ଏକ ଦାୟିତ୍ୱବୋଧ ସୃଷ୍ଟି କରିଛି। ଏହାଦ୍ୱାରା ଅନେକ ବିଭିନ୍ନ ଦିଗରୁ ଉପକୃତ ମଧ୍ୟ ହେଉଛନ୍ତି ..

**ପାଲଟିଛି ଆବଶ୍ୟକତା:** ଫ୍ୟାଶନ୍ ଇଣ୍ଡଷ୍ଟ୍ରିରୁ ବାହାରୁଥିବା ବର୍ଜ୍ୟ ପଦାର୍ଥ, ଅଧିକ ବ୍ୟବହୃତ ସିନ୍ଥେଟିକ୍ ପୋଷାକ ଆଦି ପରିବେଶ ପ୍ରଦୂଷଣ ପାଇଁ ଅନେକାଂଶରେ ଦାୟୀ। ଯେଉଁଥିପାଇଁ ସଷ୍ଟେନେବଲ୍ ଫ୍ୟାଶନ୍ ବର୍ତ୍ତମାନ କେବଳ ଏକ ଟ୍ରେଣ୍ଡ ନୁହେଁ, ବରଂ ଆବଶ୍ୟକତା ପାଲଟିଛି। ତେଣୁ ବର୍ତ୍ତମାନ ଛୋଟ ହେଉ କି ବଡ଼, ଅଧିକାଂଶ ଫ୍ୟାଶନ୍ ବ୍ରାଣ୍ଡ ମଧ୍ୟ ଏଭଳି ଡ୍ରେସ୍ ପ୍ରସ୍ତୁତ କରୁଛନ୍ତି ; ଯାହା ପରିବେଶ ଅନୁକୂଳ ହେବା ସହ ଦୀର୍ଘ ଦିନ ପର୍ଯ୍ୟନ୍ତ ବ୍ୟବହାର କରାଯାଇପାରିବ।

**ପରିବେଶ ଉପଯୋଗୀ:** ଏଥିରେ ଅର୍ଗାନିକ୍ କଟନ୍, ବାଉଁଶ ଭଳି ଫେବ୍ରିକ୍ ସହ ରିସାଇକଲ୍ଡ ବା ପୁନଃ ବ୍ୟବହାର ଉପଯୋଗୀ ସାମଗ୍ରୀ, କେମିକାଲ୍ ଫ୍ରି ରଙ୍ଗ ଆଦି ବ୍ୟବହାର କରାଯାଇଥାଏ ; ଯଦ୍ୱାରା ନଦୀ, ମାଟି, ବାୟୁ ଆଦିରେ ପ୍ରଦୂଷଣ କମ୍ ହୋଇଥାଏ। ଫଳରେ ପରିବେଶରେ ସନ୍ତୁଳନ ରକ୍ଷା ହୋଇଥାଏ।

**ଦୀର୍ଘ ସ୍ଥାୟୀ ହୋଇଥାଏ:** ଅଧିକାଂଶ ଯୁବପିଢ଼ି ସବୁବେଳେ କମ୍ ଟଙ୍କାରେ ଅଧିକ ନୂଆ ନୂଆ ଆଉଟ୍‌ଫିଟ୍ କିଣିବାକୁ ପସନ୍ଦ କରନ୍ତି। ହେଲେ ଏହି ଫାଷ୍ଟ ଫ୍ୟାଶନ ଆଳରେ ଅଧିକ ପୋଷାକ ଯୋଗୁ ହେଉଥିବା ଆବର୍ଜନା ଏବଂ ପ୍ରଦୂଷଣ ବଢ଼ୁଛି ଏବଂ ଅଯଥା ଖର୍ଚ୍ଚ ମଧ୍ୟ ବୃଦ୍ଧି ପାଉଛି। ତେଣୁ ବର୍ତ୍ତମାନ ଅନେକ ଯୁବତୀଯୁବକ ଏ ଦିଗରେ ସଚେତନ ହେବା ସହ ଅଧିକ ଦିନ ବ୍ୟବହାର ହୋଇପାରୁଥିବା ବିଭିନ୍ନ ହସ୍ତତନ୍ତ ବା ହ୍ୟାଣ୍ଡଲୁମ୍ ପୋଷାକ ବାଛୁଛନ୍ତି।

**ସ୍ୱାସ୍ଥ୍ୟ ପାଇଁ ଉପକାରୀ:** ସଷ୍ଟେନେବଲ୍ ଡ୍ରେସ୍‌ରେ କୌଣସି ପ୍ରକାରର ସିନ୍ଥେଟିକ୍ କପଡ଼ା ଏବଂ କେମିକାଲ୍‌ଯୁକ୍ତ ରଙ୍ଗ ଆଦି ବ୍ୟବହାର କରାଯାଇ ନ ଥାଏ। ତେଣୁ ଏହା ସ୍କିନ୍ ଫ୍ରେଣ୍ଡଲି ହୋଇଥିବାରୁ ସେନ୍‌ସିଟିଭ୍ ସ୍କିନ୍‌ରେ ବି କୁଣ୍ଡେଇ ହେବା, ଲାଲ୍ ହୋଇ ଫଳିଯିବା କିମ୍ବା ଅନ୍ୟ କୌଣସି ଆଲର୍ଜି ସମସ୍ୟା ଆଦୌ ଦେଖାଯାଇ ନ ଥାଏ। ତେଣୁ ଏହା ଉଭୟ ସ୍ୱାସ୍ଥ୍ୟ ଏବଂ ପରିବେଶ ପାଇଁ ଉପକାରୀ।



**ବଢ଼ୁଛି ଥ୍ରିଫ୍ଟିଙ୍ଗ୍ ଓ ରି ୟୁଜ୍:** ନ ପିନ୍ଧୁଥିବା କିମ୍ବା ଥରେ ବ୍ୟବହାର କଲା ପରେ ଆଉଥରେ ରିପିଟ୍ ନ କରିବା ଲାଗି ଅନେକେ ଭଲ ଭଲ ପୁରୁଣା ପୋଷାକ ଫିଙ୍ଗିଦିଅନ୍ତି, ଯଦ୍ୱାରା ଆବର୍ଜନା ଓ ପ୍ରଦୂଷଣ ବଢ଼ିଥାଏ। ହେଲେ ବର୍ତ୍ତମାନ ଏହାକୁ ନେଇ ସଚେତନତା ବଢ଼ିଛି। ତେଣୁ ଏପରି ପୋଷାକ, ଶାଢ଼ି ଆଦିକୁ ବିକ୍ରି କରାଯାଉଛି (ଥ୍ରିଫ୍ଟିଙ୍ଗ) ଏବଂ ଅନେକେ ଏହି ସେକେଣ୍ଡ ହ୍ୟାଣ୍ଡ୍ ପୋଷାକ କିଣି ବ୍ୟବହାର କରୁଛନ୍ତି। ଏମିତିକି ଏହାକୁ ନେଇ ଅନେକେ ପୁନଃ ବ୍ୟବହାର କରି ନୂଆ ନୂଆ ଡିଜାଇନ୍‌ରେ ଆଉଟ୍‌ଫିଟ୍ ମଧ୍ୟ ପ୍ରସ୍ତୁତ କରୁଛନ୍ତି।

**ବଢ଼ୁଛି ସ୍ଥାନୀୟ ହସ୍ତତନ୍ତର ଡିମାଣ୍ଡ:** ସମସ୍ତେ ଏଭଳି ଖଦି, ହ୍ୟାଣ୍ଡଲୁମ୍ ଭଳି ଆଉଟ୍‌ଫିଟ୍‌କୁ ଅଧିକ ପସନ୍ଦ କରୁଥିବାରୁ ଏହି ଫ୍ୟାଶନ୍ ଇଣ୍ଡଷ୍ଟ୍ରି ବୃଦ୍ଧିପାଉଛି। ଧୀରେ ଧୀରେ କେବଳ ଲୋକାଲ୍ ନୁହେଁ, ଗ୍ଲୋବାଲ୍ ମାର୍କେଟ୍‌ରେ ବି ଏହାର ଚାହିଦା ବଢ଼ୁଛି। ଫଳରେ ଲୋକାଲ୍ କାରିଗରମାନଙ୍କ ପାଇଁ ରୋଜଗାର ମଧ୍ୟ ବଢ଼ୁଥିବା ଦେଖିବାକୁ ମିଳୁଛି। ଏହାକୁ ଲୋକେ ଦୀର୍ଘଦିନ ପର୍ଯ୍ୟନ୍ତ ବ୍ୟବହାର କରିପାରୁଛନ୍ତି।

**ରେଣ୍ଟାଲ୍ ଫ୍ୟାଶନ୍:** ବିବାହ କିମ୍ବା କୌଣସି ବଡ଼ ବଡ଼ ଫଙ୍କ୍‌ସନ୍ ନିମନ୍ତେ ଆଉଟ୍‌ଫିଟ୍ କିଣିବାରେ ବହୁତ ଟଙ୍କା ଖର୍ଚ୍ଚ ହୋଇଥାଏ। ହେଲେ ସେଭଳି ଆଉଟ୍‌ଫିଟ୍ ମଧ୍ୟରୁ ଖୁବ୍ କମ୍ ପୁନର୍ବାର ବ୍ୟବହାର ହେଉଥିବା ବେଳେ ବାକିସବୁ ବର୍ଷ ବର୍ଷ ଧରି ସାଇତା ହୋଇ ରହିଥାଏ। ସେହିପରି ହଳଦୀ, ମେହେନ୍ଦୀ, ବରଯାତ୍ରୀ ଆଦିରେ ଏକାଭଳି ପୋଷାକ ପିନ୍ଧିବା ଲାଗି କିଣାଯାଉଥିବା ଡ୍ରେସ୍ ପରେ ଆଉ ବ୍ୟବହାର ହେଉ ନ ଥିବାରୁ ଟଙ୍କା ନଷ୍ଟ ସହ ଆବର୍ଜନା ବଢ଼ାଇ ପରିବେଶ ପ୍ରଦୂଷଣର କାରଣ ସାଜୁଛି। ଏମିତିରେ ବର୍ତ୍ତମାନ ଅନେକ ସଂସ୍ଥା ପକ୍ଷରୁ ରେଣ୍ଟାଲ୍ ଆଉଟଫିଟ୍ ଉପଲବ୍ଧ ହେଉଛି, ଯଦ୍ୱାରା ଅଯଥା ଟଙ୍କା ଏବଂ ପୋଷାକ ନଷ୍ଟ ସମସ୍ୟା ବି କମିପାରିଛି।

ସଷ୍ଟେନେବଲ୍ ଫ୍ୟାଶନ୍ ଟ୍ରେଣ୍ଡ ବର୍ତ୍ତମାନ ଯୁବପିଢ଼ିଙ୍କ ପାଇଁ ପରିବେଶ ସୁରକ୍ଷା ଦିଗରେ ଏକ ଆହ୍ୱାନ ପାଲଟିଛି। ଫଳରେ ସେମାନେ ଭ୍ୟାଲୁ ବେସ୍‌ଡ ପର୍ଚ୍ଚେଜିଂ ବା ମୂଲ୍ୟ ଆଧାରିତ କ୍ରୟ ଦିଗରେ ମଧ୍ୟ ସଚେତନ ହେଉଛନ୍ତି।





## କ'ଣ କୁହନ୍ତି ଏମାନେ...



**ମାଧବ ସାହୁ** (ସଫ୍ଟୱେର ଡେଭେଲପର, ଭୁବନେଶ୍ୱର)- ପେସାରେ ଯଦିଓ ଜଣେ ଇଞ୍ଜିନିୟର, ହେଲେ ନିଶା ଆକ୍ଟିଂ ଏବଂ ମଡେଲିଂ। ତେଣୁ ସବୁବେଳେ ଡିଫରେଣ୍ଟ ଏବଂ ଫ୍ୟାଶନେବଲ୍ ଆଉଟ୍‌ଫିଟ୍ ପିନ୍ଧିବାକୁ ହୋଇଥାଏ। ଏମିତିରେ ଯଥାସମ୍ଭବ ଇକୋଫ୍ରେଣ୍ଡଲି ଆଉଟ୍‌ଫିଟ୍ କ୍ୟାରି କରିବାକୁ ଚେଷ୍ଟା କରେ। ଏମିତିକି ବଡ଼ ବଡ଼ ଫାବ୍ରିକ୍ ବ୍ରାଣ୍ଡର ବିଭିନ୍ନ ହ୍ୟାଣ୍ଡଲୁମ୍ ଆଉଟ୍‌ଫିଟ୍ ପିନ୍ଧି ଫ୍ୟାଶନ୍ ଶୋ'ରେ ବ୍ରାଣ୍ଡ ପ୍ରମୋଶନ ସହ ଆମ କଲ୍ଚରକୁ ବି ରିପ୍ରେଜେଣ୍ଟ କରେ। ଏଭଳି ଆଉଟ୍‌ଫିଟ୍ ସ୍କିନ୍ ଫ୍ରେଣ୍ଡଲି ହେବା ସହ ପରିବେଶ ପାଇଁ ମଧ୍ୟ ଭଲ। ତା'ଛଡ଼ା ଏହାକୁ ପ୍ରସ୍ତୁତ କରିବା ଲାଗି ମେଶିନ୍ ବ୍ୟବହାର ହେଉ ନ ଥିବାରୁ ଲୋକାଲ୍ କାରିଗରଙ୍କ ପାଇଁ ମଧ୍ୟ ରୋଜଗାର ସୁଯୋଗ ବଢ଼ୁଛି। ତେଣୁ ସଷ୍ଟେନେବଲ୍ ଫ୍ୟାଶନ୍ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ହେଲେ ମୋ ମତରେ, ଯଦି ଫାବ୍ରିକ୍ କମ୍ପାନୀଗୁଡ଼ିକ ଏହି ହ୍ୟାଣ୍ଡଲୁମ୍ ମ୍ୟାଟେରିଆଲ୍‌ରେ କେବଳ ପୂଜାପର୍ବ କିମ୍ବା କୌଣସି ବିଶେଷ ଅବସର ପାଇଁ ନୁହେଁ ବରଂ ପ୍ରତିଦିନ ବ୍ୟବହାର କରି ହେବା ଭଳି ସିମ୍ପଲ୍ ଏବଂ ଜେଣ୍ଟଲ୍ ଡିଜାଇନ୍ ଆଉଟ୍‌ଫିଟ୍ ପ୍ରସ୍ତୁତ କରିବେ, ତେବେ ଏହା ଆହୁରି ଅଧିକ ଆଦୃତ ହୋଇପାରିବ ଏବଂ ରେଗୁଲାର ଅଫିସ୍ ୱେର୍ ପାଇଁ ମଧ୍ୟ ଯୁବପିଢ଼ି ଏହାକୁ ବହୁମାତ୍ରାରେ ବ୍ୟବହାର କରିପାରିବେ।



**ଆନ୍‌ଭୀ ସମ୍ପଦା**(ଛାତ୍ରୀ, ଭୁବନେଶ୍ୱର)- କେବଳ ଫ୍ୟାଶନ୍ ପାଇଁ ଅନାବଶ୍ୟକ ଅଧିକ ଡ୍ରେସ୍ କିଣିବା ଅପେକ୍ଷା ମଝିରେ ମଝିରେ ହ୍ୟାଣ୍ଡଲୁମ୍ ଡ୍ରେସ୍ କିଣିବା ମୋ ମତରେ ଭଲ। କାରଣ ଏଭଳି ସଷ୍ଟେନେବଲ୍ ଆଉଟ୍‌ଫିଟ୍ ବହୁ ଦିନ ବ୍ୟବହାର କରିହୁଏ ଏବଂ କେବେବି ଫ୍ୟାଶନ୍ ଟ୍ରେଣ୍ଡରୁ ଆଉଟ୍‌ଡେଟେଡ୍ ହୁଏ ନାହିଁ। ତା'ଛଡା ଏହା ଉଭୟ ସ୍କିନ୍‌ଫ୍ରେଣ୍ଡଲୀ ଏବଂ ଇକୋଫ୍ରେଣ୍ଡଲୀ ମଧ୍ୟ। ବର୍ତ୍ତମାନ ସରକାରୀସ୍ତରରେ ମଧ୍ୟ ଏଭଳି ପୋଷାକ ପିନ୍ଧିବାକୁ ଜନସାଧାରଣଙ୍କୁ ସଚେତନ କରାଯିବା ସହ ଏହାକୁ ଆଧିକ ଲୋକାଦୃତ କରିବା ଲାଗି ହ୍ୟାଣ୍ଡଲୁମ୍ ମେଳା, ଫ୍ୟାଶନ୍ ଶୋ', ବଡ ବଡ ସେଲିବ୍ରେଟୀମାନଙ୍କୁ ନେଇ ପ୍ରମୋଶନ୍ ଆଦି କାର୍ଯ୍ୟକ୍ରମମାନ କରାଯାଉଛି। ତେଣୁ ସମସ୍ତେ ଏ ଦିଗରେ ସଚେତନ ହେବା ଆବଶ୍ୟକ।

## ୟୁଥ୍ ଆଲର୍ଟ

# ଖରାବେଳେ ଥଣ୍ଡା ଖାଦ୍ୟପେୟ...

**ଖରା ଆଉ ଅସହ୍ୟ ଗରମରେ ବାହାରକୁ ଯାଉଥିବା ଅଧିକାଂଶ ଯୁବତୀଯୁବକ ଆଇସ୍‌କ୍ରିମ୍, ଚୁସ୍କି, କୋଲ୍ଡ ଡ୍ରିଙ୍କ୍ସ ଭଳି ଥଣ୍ଡା ଖାଦ୍ୟ ଓ ପାନୀୟ ପିଇବାକୁ ଭଲପାଆନ୍ତି। ଏହା ସେହି ସମୟରେ ଖୁବ୍ ଆନନ୍ଦ ମଧ୍ୟ ଦେଇଥାଏ। ହେଲେ ଖରାରେ ଏଭଳି ଖାଦ୍ୟପେୟ ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହୋଇପାରେ...**

➤ ଖରାବେଳେ ବାହାରକୁ ଯାଇଥିଲେ ପରିବେଶ ସହ ଶରୀରର ତାପମାତ୍ରା ମଧ୍ୟ ଅଧିକ ଥାଏ। ଏହି ସମୟରେ ଆଇସ୍‌କ୍ରିମ୍ କିମ୍ବା ଅନ୍ୟ କୌଣସି ଥଣ୍ଡା ଖାଦ୍ୟ ଖାଇଲେ ବିଶେଷକରି ଥଣ୍ଡା ପାନୀୟ ପିଇଲେ ହଠାତ୍ ଶରୀରର ତାପମାତ୍ରା ଅସନ୍ତୁଳିତ ହେବା ଦ୍ୱାରା ହୃତ୍‌ସ୍ପନ୍ଦନ ଧୀର ହୋଇଥାଏ। ଏକ ଗବେଷଣା ରିପୋର୍ଟ ମୁତାବକ ଏଥିପାଇଁ ମୃତ୍ୟୁ ଆଶଙ୍କାକୁ ବି ଏଡ଼ାଇ ଦିଆଯାଇ ନ ପାରେ।

➤ ଖରାରେ ଥଣ୍ଡା ଖାଦ୍ୟପେୟ ଅନେକଙ୍କଠାରେ ଥଣ୍ଡା, କାଶ, ଥ୍ରୋଟ୍ ବା ଗଳା ଇନ୍‌ଫେକ୍ସନ୍ ଭଳି ସମସ୍ୟା ବି ଉପୁଜାଇଥାଏ।



➤ ଖରାରେ ଥଣ୍ଡା ଖାଦ୍ୟପେୟ ଶରୀରରେ ଥିବା ଶିରାଗୁଡ଼ିକ ସଂକୁଚିତ କରିଦିଏ। ଫଳରେ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହୋଇଥାଏ। ଯଦ୍ୱାରା ପାକସ୍ଥଳୀ ଏବଂ ଅନ୍ୟ ସ୍ଥାନରେ ଠିକ୍ ଭାବେ ରକ୍ତ ପହଞ୍ଚି ନ ପାରିବାରୁ ହଜମକ୍ରିୟା ମଧ୍ୟ ପ୍ରଭାବିତ ହୋଇଥାଏ। ଫଳରେ ପେଟରେ ଯନ୍ତ୍ରଣା, କୋଷ୍ଠକାଠିନ୍ୟ, ପୋଷକତତ୍ତ୍ୱର ଅଭାବ ଦେଖାଦେଇଥାଏ। ତା'ଛଡ଼ା ଥଣ୍ଡା ପାଣି ପିଇବା ଦ୍ୱାରା ଡିହାଇଡ୍ରେଶନ୍ ସମସ୍ୟା ଦେଖାଦେବାର ଆଶଙ୍କା ବି ରହିଛି।

➤ ଅନେକ ଯୁବତୀଯୁବକଙ୍କର ପାଣିରେ ବରଫ ପକାଇ ପିଇବାର ବଦଭ୍ୟାସ ରହିଛି। ଯଦିଓ ଏହାଦ୍ୱାରା ଆରାମ ଲାଗିଥାଏ, ହେଲେ ଏଥିପାଇଁ ପରେ ଗଳା ଦରଜ, ଫୁଲିବା ଏବଂ ଥଣ୍ଡାରେ ନାକ ବନ୍ଦ ହେବା ଭଳି ସମସ୍ୟା ଦେଖାଦେଇପାରେ। ବିଶେଷକରି ଖାଇବା ପରେ ଥଣ୍ଡା ପାଣି ପିଇଲେ ଶ୍ୱାସନଳୀରେ ମ୍ୟୁକସ୍ ଜମା ହୁଏ ଏବଂ କେବେକେବେ ଇନ୍‌ଫେକ୍ସନ ହୋଇ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରିଥାଏ।

➤ ଖରାଦିନେ ଖାଇବା ପରେ ଯଦି କୋଲ୍ଡଡ୍ରିଙ୍କ୍ସ କିମ୍ବା ଆଇସ୍‌କ୍ରିମ୍ ଖାଆନ୍ତି, ତେବେ ପୂର୍ବରୁ ଖାଇଥିବା ଖାଦ୍ୟରେ ଫ୍ୟାଟ୍‌ଜାତୀୟ ଖାଦ୍ୟ କଠିନ ହୋଇଯିବା ଫଳରେ ହଜମ ହୋଇ ନ ପାରି ଶରୀରରେ ଜମା ହୋଇ ରୁହେ, ଯାହାକି ପରବର୍ତ୍ତୀ ସମୟରେ ମେଦବହୁଳତାର କାରଣ ସାଜିଥାଏ।

## ଏ ସପ୍ତାହର ପ୍ରଶ୍ନ ?

୧- ଗଙ୍ଗୋତ୍ରୀ ନ୍ୟାଶନାଲ ପାର୍କ .......... ରାଜ୍ୟରେ ଅବସ୍ଥିତ ?
୨- ନମୋ ଡ୍ରୋନ୍ ଦିଦି ଯୋଜନାରେ ସର୍ବାଧିକ ସଂଖ୍ୟକ ଏସ୍‌ଏଚ୍‌ଜି ମହିଳାଙ୍କୁ ଡ୍ରୋନ୍ ପାଇଲଟ୍ ଟ୍ରେନିଂ ଦିଆଯାଇଥିବା ରାଜ୍ୟ ............ ?
୩- ଜୁଆଙ୍ଗ ଜନଜାତି ମୁଖ୍ୟତଃ ........... ରାଜ୍ୟରେ ବସବାସ କରନ୍ତି ?
୪- ଚାଣକ୍ୟ .......... ନାମରେ ବି ପରିଚିତ ?
୫- ୨୦୧୯ କ୍ରିକେଟ୍ ୱାର୍ଲ୍ଡ କପ୍‌ରେ ସର୍ବାଧିକ ରନ୍ କରିଥିବା ଖେଳାଳି ....... ?

## ଗତ ଥରର ଉତ୍ତର

୧ ଆସାମ

୨ ଜଙ୍ଗଲୀ ଅସରପା

୩ ୧୧୬

୪ ଶିଗେଲା ବ୍ୟାକ୍ଟେରିଆ

୫ ବାନୁ ମୁସ୍ତାକ୍

## ଉତ୍ତରଦାତା



ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର



ଅନ୍ନପୂର୍ଣ୍ଣା ମହାନ୍ତି, କଟକ

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
ଇ-ମେଲ୍ ଠିକଣା: dharitriagamiasha@gmail.com

## ଟପ୍ ଟେନ୍ ୧୦

### ପୃଥିବୀର ସର୍ବାଧିକ ମାଛ ଉତ୍ପାଦନକାରୀ ଦେଶ



୧........ ଚାଇନା
୨........ ଇଣ୍ଡୋନେସିଆ
୩........ ଭାରତ
୪........ ଭିଏତ୍‌ନାମ
୫........ ପେରୁ
୬........ ରୁଷିଆ
୭........ ଆମେରିକା
୮........ ବାଂଲାଦେଶ
୯........ ନରୱେ
୧୦........ ଫିଲିପାଇନ୍ସ

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ Business queries: <advt@dharitri.com>